# ଧରିତ୍ରୀ
DHARITRI

50 Years

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୧/୨୦୨୪ (୧୬ ପୃଷ୍ଠା) | Bhubaneswar, Tuesday, June 11/2024 | Page 16 | ₹ 7.00 | BERHAMPUR

୫୦ଶ ଭାଗ ୧୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 197 | ମୂଲ୍ୟ ₹୭/-




**ସିନର ନମ୍ବର ୱାନ୍**


ଇଟାଲୀର ଜାନିକ୍ ସିନର ପ୍ରଥମଥର ଏଟିପି ର୍‍ୟାଙ୍କିଂ ତାଲିକାରେ ନମ୍ବର-୧ ସ୍ଥାନ ଅଧିକାର କରିଛନ୍ତି।

୧୬

୧୩

**୨୩ରେ ସୋନାକ୍ଷୀ-ଜାହିର ବିବାହ**

ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଆସନ୍ତା ୨୩ରେ ନିଜ ପ୍ରେମିକ ଜାହିର ଇକ୍‌ବାଲଙ୍କୁ ବିବାହ କରିବା ନେଇ ଜାତୀୟ ଗଣମାଧମରେ ରିପୋର୍ଟ ପ୍ରକାଶ ପାଇଛି।



# ଅଧିକାଂଶଙ୍କୁ ପୂର୍ବ ଦାୟିତ୍ୱ

## ଶାହାଙ୍କୁ ସ୍ୱରାଷ୍ଟ୍ର, ରାଜନାଥଙ୍କୁ ପ୍ରତିରକ୍ଷା, ଅଶ୍ୱିନୀଙ୍କୁ ରେଳ, ସୂଚନା ଓ ପ୍ରସାରଣ, ଧର୍ମେନ୍ଦ୍ରଙ୍କୁ ଶିକ୍ଷା, ଜୁଏଲଙ୍କୁ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ

**ଦେଶରେ ୩ୟ ଥର ପାଇଁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଗଠନ ହୋଇଛି। ରବିବାର କେନ୍ଦ୍ର ମନ୍ତ୍ରିମଣ୍ଡଳ ଶପଥ ନେବା ପରେ ସୋମବାର ଦାୟିତ୍ୱ ବଣ୍ଟନ କରାଯାଇଛି। ତେବେ ଏହି ମନ୍ତ୍ରିମଣ୍ଡଳରେ ଅଧିକାଂଶଙ୍କୁ ପୂର୍ବ ମନ୍ତ୍ରଣାଳୟର ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ଦେଖିବାକୁ ମିଳିଛି। ଭାଜପା ସହଯୋଗୀ ଦଳଙ୍କୁ ନେଇ ମନ୍ତ୍ରିମଣ୍ଡଳ ଗଠନ କରିଥିଲେ ମଧ୍ୟ ସ୍ୱରାଷ୍ଟ୍ର, ପ୍ରତିରକ୍ଷା, ଅର୍ଥ, ବହିର୍ବ୍ୟାପାର, ରେଳ, ଶିକ୍ଷା, ସ୍ୱାସ୍ଥ୍ୟ, ସୂଚନା ଓ ପ୍ରସାରଣ ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟକୁ ନିଜ ପାଖରେ ରଖିଛି।**

ନୂଆଦିଲ୍ଲୀ,୧୦।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳି ସରକାର ଶପଥ ନେବାର ଦିନକ ପରେ ମନ୍ତ୍ରୀମାନଙ୍କୁ ବିଭାଗ ବଣ୍ଟନ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକ ଭାଜପା ମନ୍ତ୍ରୀମାନଙ୍କ ହାତରେ ନ୍ୟସ୍ତ କରାଯାଇଛି। ଅଧିକାଂଶ ଭାଜପା ମନ୍ତ୍ରୀ ସେମାନଙ୍କ ପୂର୍ବ ମନ୍ତ୍ରଣାଳୟ ବଜାୟ ରଖିବାରେ ସକ୍ଷମ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନିଜ ପାଖରେ କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ, ଆଣବିକ ଶକ୍ତି ଓ ମହାକାଶ ବିଭାଗ ରଖିଛନ୍ତି। ଗାନ୍ଧୀନଗର ଏମ୍‌ପି ଅମିତ୍ ଶାହା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବଜାୟ ରଖିଥିବାବେଳେ ଲକ୍ଷ୍ନୌ ଏମ୍‌ପି ରାଜନାଥ ସିଂଙ୍କ ହାତରେ ପୂର୍ବଭଳି ପ୍ରତିରକ୍ଷା ରହିଛି। ବରିଷ୍ଠ ଭାଜପା ନେତା ତଥା ନାଗପୁର ଏମ୍‌ପି ନୀତିନ ଗଡ଼କରୀ ପୂର୍ବଭଳି ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପାଇଥିବାବେଳେ ଏସ୍. ଜୟଶଙ୍କରଙ୍କ ହାତରେ ଦ୍ୱିତୀୟ ଥର ପାଇଁ ବହିର୍ବ୍ୟାପାର ମନ୍ତ୍ରଣାଳୟ ରହିଛି। ନିର୍ମଳା ସୀତାରାମନ୍ ପୂର୍ବଭଳି ଅର୍ଥ ମନ୍ତ୍ରଣାଳୟ ପାଇଥିବାବେଳେ ପୀୟୂଷ ଗୋୟଲ ବାଣିଜ୍ୟ, ଅଶ୍ୱିନୀ ବୈଷ୍ଣବ ରେଳ ମନ୍ତ୍ରଣାଳୟ ସହ ସୂଚନା ପ୍ରସାରଣ ପାଇଛନ୍ତି। ପୂର୍ବ ସରକାରରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅନୁରାଗ ଠାକୁରଙ୍କ ହାତରେ ଥିଲା।

ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ନୂତନ ଭାବେ କୃଷି ସହ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ଦିଆଯାଇଛି। ସେହିପରି ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟରଙ୍କୁ ଶକ୍ତି ସହ ଗୃହନିର୍ମାଣ ଓ ସହରାଞ୍ଚଳ ମନ୍ତ୍ରଣାଳୟ ଦାୟିତ୍ୱ ମିଳିଛି। ବରିଷ୍ଠ ଭାଜପା ନେତା ସି.ଆର୍. ପାଟିଲ ଜଳଶକ୍ତି ଏବଂ ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷା ବିଭାଗ ପାଇଥିବାବେଳେ ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ମୁଖ୍ୟ ଚିରାଗ ପାଶ୍ୱାନଙ୍କୁ




**ନରେନ୍ଦ୍ର ମୋଦି**
କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍, ଆଣବିକ ଶକ୍ତି ଓ ମହାକାଶ

ନୂତନ ଭାବେ ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରଣାଳୟ ଦିଆଯାଇଛି। ଜେଡିଏସ୍ ନେତା ତଥା କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଇସ୍ପାତ ଓ ଭାରୀ ଶିଳ୍ପ ପାଇଥିବାବେଳେ ତେଲୁଗୁ ଦେଶମ ପାର୍ଟି (ଟିଡିପି)ର କିଞ୍ଜରାପୁ ରାମମୋହନ ନାଇଡୁଙ୍କୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କରାଯାଇଛି। ପୂର୍ବରୁ ଏହି ମନ୍ତ୍ରଣାଳୟ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ହାତରେ ଥିଲା। ରଭନୀତ ସିଂ ବିଟ୍ଟୁ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ହୋଇଛନ୍ତି। ପୂର୍ବରୁ ଭୂବିଜ୍ଞାନ ମନ୍ତ୍ରୀ ଥିବା କିରେନ ରିଜିଜୁ ସଂସଦୀୟ ବ୍ୟାପାର ପାଇଛନ୍ତି। ଗଜେନ୍ଦ୍ର ଶେଖାୱତ୍ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରଣାଳୟ ପାଇଥିବାବେଳେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ସ୍ୱାସ୍ଥ୍ୟ ସହ ରାସାୟନିକ ଓ ସାର ମନ୍ତ୍ରଣାଳୟ ଦାୟିତ୍ୱ ସମ୍ଭାଳିବେ। ଅନ୍ନପୂର୍ଣ୍ଣା ଦେବୀ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ହୋଇଥିବାବେଳେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ମୁଖ୍ୟ ଜିତନରାମ ମାଞ୍ଝି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ମନ୍ତ୍ରଣାଳୟ ପାଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଜେଡିୟୁ ନେତା ରାଜୀବ ରଞ୍ଜନ ସିଂ ଓରଫ ଲଲନ ସିଂଙ୍କୁ ପଞ୍ଚାୟତିରାଜ ସହ ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଦୁଗ୍ଧ ମନ୍ତ୍ରଣାଳୟ ଦାୟିତ୍ୱ ଦିଆଯାଇଥିବାବେଳେ ସର୍ବାନନ୍ଦ ସୋନୋୱାଲଙ୍କୁ ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ, ବୀରେନ୍ଦ୍ର କୁମାରଙ୍କୁ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ, ପ୍ରହ୍ଲାଦ ଯୋଶୀଙ୍କୁ ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ସହ ନୂତନ ତଥା ନବୀକରଣଯୋଗ୍ୟ ଶକ୍ତି ବିଭାଗ ମିଳିଛି। ଜୁଏଲ୍ ଓରାମ ଆଦିବାସୀ ବ୍ୟାପାର ବିଭାଗ ପାଇଥିବାବେଳେ ଗିରିରାଜ ସିଂଙ୍କୁ ବୟନଶିଳ୍ପ, ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଯୋଗାଯୋଗ ଓ ଉତ୍ତରପୂର୍ବାଞ୍ଚଳ ବିକାଶ ମନ୍ତ୍ରଣାଳୟ ଦିଆଯାଇଛି। ସେହିପରି ଭୂପେନ୍ଦ୍ର ଯାଦବ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ହୋଇଥିବାବେଳେ ହରଦୀପ ସିଂ ପୁରୀଙ୍କୁ ପେଟ୍ରୋଲିୟମ ଓ ପ୍ରାକୃତିକ ମନ୍ତ୍ରଣାଳୟ ଦାୟିତ୍ୱ ଦିଆଯାଇଛି। ମନସୁଖ ମାଣ୍ଡବ୍ୟ ଏଥର ଶ୍ରମ ଓ ନିୟୋଜନ ଏବଂ ଯୁବ ବ୍ୟାପାର ତଥା କ୍ରୀଡ଼ା ମନ୍ତ୍ରଣାଳୟ ପାଇଛନ୍ତି। ପୂର୍ବରୁ ତାଙ୍କ ହାତରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଥିଲା। ଜି. କିରେନ ରେଡ୍ଡୀଙ୍କ ହାତରେ କୋଇଲା ଓ ଖଣି ମନ୍ତ୍ରଣାଳୟ ରହିଛି।

ସେହିପରି ସ୍ୱାଧୀନ ଦାୟିତ୍ୱରେ ଥିବା ରାଷ୍ଟ୍ରମନ୍ତ୍ରୀଙ୍କ ମଧ୍ୟରେ ରାଓ ଇନ୍ଦ୍ରଜିତ ସିଂ ପରିସଂଖ୍ୟାନ ଓ ଯୋଜନା ରୂପାୟନ ସହ ଯୋଜନା ଓ ସଂସ୍କୃତି ମନ୍ତ୍ରଣାଳୟ ପାଇଛନ୍ତି। ଜିତେନ୍ଦ୍ର ସିଂଙ୍କୁ ପୂର୍ବଭଳି ବିଜ୍ଞାନ ଓ ପ୍ରଯୁକ୍ତି ସହ ଭୂବିଜ୍ଞାନ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ, ଆଣବିକ ଶକ୍ତି ଓ ମହାକାଶ ବିଭାଗ ଦାୟିତ୍ୱ ମିଳିଛି। ଅର୍ଜୁନ ରାମ ମେଘୱାଲ ଆଇନ ଓ ନ୍ୟାୟ ସହ ସଂସଦୀୟ ବ୍ୟାପାର ବିଭାଗ ପାଇଛନ୍ତି। ଯାଦବ ପ୍ରତାପରାଓ ଗଣପତରାଓଙ୍କୁ ଆୟୁଷ ସହ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦାୟିତ୍ୱ ମିଳିଛି। ସେହିପରି ଜୟନ୍ତ ଚୌଧରୀଙ୍କୁ ଦକ୍ଷତା ବିକାଶ, ଔଦ୍ୟୋଗିକ ଏବଂ ଶିକ୍ଷା ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ସ୍ୱାଧୀନ ଦାୟିତ୍ୱ ଦିଆଯାଇଛି।

## କ୍ୟାବିନେଟ ମନ୍ତ୍ରୀ
## କାହାକୁ କେଉଁ ମନ୍ତ୍ରଣାଳୟ



**ରାଜନାଥ ସିଂ**
ପ୍ରତିରକ୍ଷା



**ଅମିତ ଶାହା**
ସ୍ୱରାଷ୍ଟ୍ର, ସମବାୟ



**ନୀତିନ ଗଡ଼କରୀ**
ସଡ଼କ ପରିବହନ ଓ ଜାତୀୟ ରାଜପଥ



**ଜେ.ପି. ନଡ୍ଡା**
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାର ଓ ରସାୟନ




**ଶିବରାଜ ସିଂ ଚୌହାନ**
କୃଷି ଓ କୃଷକ କଲ୍ୟାଣ, ଗ୍ରାମ୍ୟ ଉନ୍ନୟନ



**ନିର୍ମଳା ସୀତାରାମନ**
ଅର୍ଥ, କର୍ପୋରେଟ ବ୍ୟାପାର



**ଏସ୍. ଜୟଶଙ୍କର**
ବହିର୍ବ୍ୟାପାର



**ମନୋହରଲାଲ ଖଟ୍ଟର**
ଶକ୍ତି, ସହରାଞ୍ଚଳ ବିକାଶ ଏବଂ ଗୃହ ନିର୍ମାଣ




**ଏଚ୍.ଡି. କୁମାରସ୍ୱାମୀ**
ଇସ୍ପାତ, ଭାରି ଶିଳ୍ପ



**ପୀୟୂଷ ଗୋୟଲ**
ବାଣିଜ୍ୟ ଓ ଶିଳ୍ପ



**ଧର୍ମେନ୍ଦ୍ର ପ୍ରଧାନ**
ଶିକ୍ଷା




**ଜିତନରାମ ମାଞ୍ଝି**
ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ



**ରାଜୀବ ରଞ୍ଜନ ସିଂ**
ପଞ୍ଚାୟତିରାଜ, ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ



**ସର୍ବାନନ୍ଦ ସୋନୋୱାଲ**
ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ



**ଡ. ବୀରେନ୍ଦ୍ର କୁମାର**
ସାମାଜିକ ନ୍ୟାୟ ଓ ସଶକ୍ତୀକରଣ



**କେ. ରାମ ମୋହନ ନାଇଡୁ**
ବେସାମରିକ ବିମାନ ଚଳାଚଳ



**ପ୍ରହ୍ଲାଦ ଜୋଷୀ**
ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ, ନୂତନ ଓ ନବୀକରଣୀୟ ଶକ୍ତି



**ଜୁଏଲ ଓରାମ**
ଆଦିବାସୀ ବ୍ୟାପାର



**ଗିରିରାଜ ସିଂ**
ବୟନ ଶିଳ୍ପ



**ଅଶ୍ୱିନୀ ବୈଷ୍ଣବ**
ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି



**ଜ୍ୟୋତିରାଦିତ୍ୟ ସିନ୍ଧିଆ**
ଉତ୍ତର ପୂର୍ବାଞ୍ଚଳ ବିକାଶ, ସଞ୍ଚାର



**ଭୂପେନ୍ଦ୍ର ଯାଦବ**
ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ



**ଗଜେନ୍ଦ୍ର ସିଂ ଶେଖାୱତ୍**
ସଂସ୍କୃତି, ପର୍ଯ୍ୟଟନ



**ଅନ୍ନପୂର୍ଣ୍ଣା ଦେବୀ**
ମହିଳା ଓ ଶିଶୁ ବିକାଶ



**କିରେନ୍ ରିଜିଜୁ**
ସଂସଦୀୟ ବ୍ୟାପାର, ସଂଖ୍ୟାଲଘୁ ବ୍ୟାପାର



**ହରଦୀପ ସିଂ ପୁରୀ**
ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ



**ଡ. ମନସୁଖ ମାଣ୍ଡବ୍ୟ**
ଶ୍ରମ ଓ ନିଯୁକ୍ତି, ଯୁବ ବ୍ୟାପାର ଓ କ୍ରୀଡ଼ା



**ଜି. କିଷନ ରେଡ୍ଡୀ**
କୋଇଲା ଓ ଖଣି



**ଚିରାଗ ପାଶ୍ୱାନ**
ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ



**ସି.ଆର୍. ପାଟିଲ**
ଜଳ ଶକ୍ତି


# ଆଜି ବିଧାୟକ ଦଳ ବୈଠକ, ଚୟନ ହେବେ ନୂଆ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୬(ସୁନିତ୍ ମିଶ୍ର)

- ରାଜନାଥ, ଭୂପେନ୍ଦ୍ରଙ୍କ ଉପସ୍ଥିତିରେ ହେବ ନିଷ୍ପତ୍ତି
- ବୁଧବାର ୪ଟା ୪୫ରେ ଶପଥ ଉତ୍ସବ, ୨ଟା ୩୦ରେ ପହଞ୍ଚିବେ ମୋଦି

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ବିଧାୟକ ଦଳ ବୈଠକ ୪ଟା ୩୦ ମିନିଟ୍‌ରେ ଅନୁଷ୍ଠିତ ହେବ। ଏହି ବୈଠକରେ ପର୍ଯ୍ୟବେକ୍ଷକ ଭାବେ କେନ୍ଦ୍ରରୁ ଦାୟିତ୍ୱ ପାଇଥିବା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଏବଂ ଭୂପେନ୍ଦ୍ର ଯାଦବ ଉପସ୍ଥିତ ରହିବେ। ଏହାପରେ ରାଜ୍ୟପାଳଙ୍କୁ ଦାବି ଉପସ୍ଥାପନ ପାଇଁ ସମସ୍ତ ନୂତନ ବିଧାୟକ ଯିବେ। ବୁଧବାର ଜନତା ମଇଦାନଠାରେ ଭାଜପାର ପ୍ରଥମ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିବ। ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ଉପସ୍ଥିତ ରହିବେ। ପ୍ରଧାନମନ୍ତ୍ରୀ ୨ଟା ୩୦ରେ ଭୁବନେଶ୍ୱରରେ ପହଞ୍ଚି ରାଜଭବନ ଯିବେ। ସେଠାରୁ ଅପରାହ୍ନ ୪ଟାରେ ବାହାରି ଜୟଦେବ ବିହାରରୁ ଜନତା ମଇଦାନ ପର୍ଯ୍ୟନ୍ତ ରୋଡ୍ ଶୋ' କରିବେ। ଏହାପରେ ୪ଟା ୪୫ରେ ଜନତା ମଇଦାନଠାରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ ବୋଲି ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରତାପ ☞ପୃଷ୍ଠା-୪

# ଘରେ ନ ପଶୁଣୁ ବାଜିଲାଣି ଚାଳ



ପ୍ରଫୁଲ୍ଲ ପଟେଲ



ସୁରେଶ ଗୋପୀ

- ମନ୍ତ୍ରି ପଦକୁ ନେଇ ଏନ୍‌ସିପି, ଶିବସେନା ଅସନ୍ତୁଷ୍ଟ
- କେରଳ ଭାଜପା ଏମ୍‌ପିଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚା

ମୁମ୍ବାଇ/ଥିରୁଭାନନ୍ତପୁରମ୍,୧୦।୬

କେନ୍ଦ୍ରରେ ଭାରତୀୟ ଜନତା ପାର୍ଟି (ଭାଜପା) ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ତୃତୀୟ ଥର ପାଇଁ କ୍ଷମତାକୁ ଆସିଛି। ପୂର୍ବ ସରକାର ଭଳି ସଂଖ୍ୟାଗରିଷ୍ଠତା ହାସଲ କରିପାରି ନ ଥିବାରୁ ସହଯୋଗୀ ଦଳଗୁଡ଼ିକର ପରାମର୍ଶ ନେଇ ଭାଜପାକୁ ଆଗକୁ ବଢ଼ିବାକୁ ପଡ଼ିବ ବୋଲି କ୍ଷମତାଧାରଣର ପ୍ରଥମ ଦିନରୁ ଜଣାପଡ଼ିଗଲାଣି। ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ୭୨ ଜଣିଆ ମନ୍ତ୍ରିମଣ୍ଡଳ ଶପଥ ନେଇଛି। ହେଲେ ସରକାରକୁ 'ଘରେ ନ ପଶୁଣୁ ବାଜିଲାଣି ଚାଳ' ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଛି। କେନ୍ଦ୍ର ମନ୍ତ୍ରିମଣ୍ଡଳରେ ୨ ସହଯୋଗୀ ଦଳ ଅଜିତ ପାୱାରଙ୍କ ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ ଏକନାଥ ଶିନ୍ଦେଙ୍କ ଶିବସେନା ମନ୍ତ୍ରୀପଦକୁ ନେଇ ପ୍ରଥମରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନୁରୂପ ଭାବେ କେରଳର ଏକମାତ୍ର ଭାଜପା ଏମ୍‌ପି ସୁରେଶ ଗୋପୀ ମନ୍ତ୍ରୀ ପଦ ଚାହାନ୍ତି ନାହିଁ ବୋଲି କହିଥିବା ଖବର ପ୍ରକାଶ ପାଇବା ଓ ସେ ତାହାକୁ ଖଣ୍ଡନ କରିବା ଆଦି ବିଷୟକୁ ଦେଖିଲେ ଆଗକୁ ସହଯୋଗୀଙ୍କ ବ୍ୟବହାର କିଭଳି ରହିବ, ତାହାକୁ ନେଇ ଆଲୋଚନା ଆରମ୍ଭ ହୋଇଗଲାଣି।

ମହାରାଷ୍ଟ୍ରର ଅନ୍ୟତମ ଏନ୍‌ଡିଏ ସହଯୋଗୀ ଏନ୍‌ସିପିକୁ ରାଷ୍ଟ୍ରମନ୍ତ୍ରୀ ପଦ ଯଚାଯାଇଥିଲା। କିନ୍ତୁ ତାହାକୁ ନେଇ ଦଳ ଅସନ୍ତୋଷ ବ୍ୟକ୍ତ କରିବା ସହ ପ୍ରତ୍ୟାଖ୍ୟାନ କରିଛି। ପୂର୍ବରୁ କ୍ୟାବିନେଟ ମନ୍ତ୍ରୀ ଥିବା ଏନ୍‌ସିପି ନେତା ତଥା ରାଜ୍ୟ ସଭା ସଦସ୍ୟ ପ୍ରଫୁଲ୍ଲ ପଟେଲ ରାଷ୍ଟ୍ରମନ୍ତ୍ରୀ ପଦ ଗ୍ରହଣ କରିବା ପଦାବନତି ବୋଲି କହି ଏହାକୁ ଅଗ୍ରାହ୍ୟ କରିଛନ୍ତି। ଏନ୍‌ସିପି କିଛିଦିନ ଅପେକ୍ଷା କରିବାକୁ ପ୍ରସ୍ତୁତ ଅଛି, କିନ୍ତୁ କ୍ୟାବିନେଟ ପୋଷ୍ଟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଖେଳରେ ନିବେଶ

## ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା: ଆଜିଠୁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ

ଭୁବନେଶ୍ୱର,୧୦।୬(ଅସମାପିକା ସାହୁ)

ଚଳିତବର୍ଷ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାର ଇନ୍‌ଷ୍ଟାଣ୍ଟ ପରୀକ୍ଷା ପାଇଁ ମଙ୍ଗଳବାରଠାରୁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଆରମ୍ଭ ହେବ। ଆସନ୍ତା ୧୨ ତାରିଖରେ ଆବେଦନ ଶେଷ ହେବାକୁ ଥିବାବେଳେ ୧୩ ତାରିଖ ସୁଦ୍ଧା ଆବେଦନକାରୀ ସେମାନଙ୍କର ଡକ୍ୟୁମେଣ୍ଟ ଅପ୍‌ଲୋଡ୍ କରିବେ। ୨୦ ତାରିଖରେ ଆଡମିଟ୍ କାର୍ଡ ମିଳିବ। ଆସନ୍ତା ୨୮ ତାରିଖରେ ପରୀକ୍ଷା ଅନୁଷ୍ଠିତ ହେବ ଓ ଜୁଲାଇ ୧୫ରେ ଫଳ ପ୍ରକାଶ କରାଯିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ସୂଚନା ମିଳିଛି। ଚଳିତବର୍ଷ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷା ଇନ୍‌ଷ୍ଟାଣ୍ଟ ☞ପୃଷ୍ଠା-୪

# ଆଗକୁ ବଢ଼ୁନି ମୌସୁମୀ, ଆହୁରି ବଢ଼ିବ ତାତି

ଭୁବନେଶ୍ୱର,୧୦।୬(ଅସମାପିକା ସାହୁ)

**୪୦ ଡିଗ୍ରୀ ଉପରେ ୨୦ସହର**

ମୌସୁମୀ ପ୍ରବେଶ ସତ୍ତ୍ୱେ ରାଜ୍ୟରେ ବର୍ଷା ନାହିଁ। ଅସହ୍ୟ ତାତି ସହ ଗୁଳୁଗୁଳି ଲାଗିରହିଛି। ସୋମବାର ୨୦ ସହରର ତାପମାତ୍ରା ୪୦ ଡିଗ୍ରୀ ଓ ଏହାଠାରୁ ଅଧିକ ରହିଥିବାବେଳେ ନୂଆପଡ଼ାରେ ସର୍ବାଧିକ ୪୪ ଡିଗ୍ରୀ ରେକର୍ଡ କରାଯାଇଥିଲା। ଏ ସମ୍ପର୍କରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗକୁ ଅଗ୍ରସର ହେବା ପାଇଁ ଅନୁକୂଳ ସ୍ଥିତି ନାହିଁ। ଆଗାମୀ ୩ରୁ ୪ ଦିନ ପର୍ଯ୍ୟନ୍ତ ବି ମୌସୁମୀ ଆଗକୁ ବଢ଼ି ନ ପାରେ। ଏବେ ଉତ୍ତର ପଶ୍ଚିମ ଦିଗରୁ ପବନ ବହୁଛି। ତେଣୁ ଗ୍ରୀଷ୍ମ ପ୍ରବାହ ସହିତ ଗୁଳୁଗୁଳି ଅନୁଭୂତି ହେଉଛି। ଆଉ ୫ଦିନ ଯାଏ ଉତ୍ତର ସହ ଉପକୂଳ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଲାଗି ରହିବ। ୨ ଦିନ ଭିତରେ ତାପମାତ୍ରା ୨ରୁ ୪ ଡିଗ୍ରୀ ବଢ଼ିପାରେ। ଉପକୂଳ ଓଡ଼ିଶାରେ ଗୁଳୁଗୁଳି ଅନୁଭୂତ ହେବ ଓ ବାଲେଶ୍ୱର, ନୟାଗଡ଼, ଜଗତ୍‌ସିଂହପୁର, ଖୋର୍ଦ୍ଧା ଜିଲାରେ ଗ୍ରୀଷ୍ମ ପ୍ରବାହ ଲାଗିରହିବ। ସେହିପରି ଆଭ୍ୟନ୍ତରୀଣ ଓଡ଼ିଶାର ନୂଆପଡ଼ା, ବଲାଙ୍ଗୀର, ଗଜପତି, ଗଞ୍ଜାମ ଜିଲାରେ ଗ୍ରୀଷ୍ମ ପ୍ରବାହର ସମ୍ଭାବନା ରହିଥିବା ମନୋରମା କହିଛନ୍ତି। ବିଭାଗର ସୂଚନାନୁସାରେ, ସୋମବାର ନୂଆପଡ଼ା ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଏହା ତଳକୁ ବୌଦ୍ଧରେ ସର୍ବାଧିକ ତାପମାତ୍ରା ୪୨.୮ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ପାରଳାଖେମୁଣ୍ଡି ☞ପୃଷ୍ଠା-୪

## ଅଂଶୁଘାତରେ ଗଲାଣି ୪୧ ଜୀବନ

ଭୁବନେଶ୍ୱର,୧୦।୬(ଅସମାପିକା ସାହୁ)

ରାଜ୍ୟରେ ଅଂଶୁଘାତରେ ଗଲାଣି ୪୧ ଜଣଙ୍କ ଜୀବନ। ଏ ନେଇ ସୋମବାର ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ, ଗତ ୫ ତାରିଖ ପର୍ଯ୍ୟନ୍ତ ୧୫୧ଟି ଅଂଶୁଘାତଜନିତ ମୃତ୍ୟୁ ଅଭିଯୋଗ ଆସିଥିଲା। ସେହିଭଳି ଗତ ୭୨ ଘଣ୍ଟାରେ ଆଉ ୮ଟି ଅଭିଯୋଗ ଆସିଛି। ଏହାକୁ ମିଶାଇ ରାଜ୍ୟରେ ଏପର୍ଯ୍ୟନ୍ତ ମୋଟ ୧୫୯ଟି ଅଂଶୁଘାତଜନିତ ମୃତ୍ୟୁ ଅଭିଯୋଗ ଆସିଥିବାବେଳେ ଏମାନଙ୍କ ମଧ୍ୟରୁ ୪୧ ଜଣଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। ସେହିଭଳି ୪୫ ଜଣଙ୍କର ଅନ୍ୟ କାରଣରୁ ମୃତ୍ୟୁ ହୋଇଥିବା କୁହାଯାଇଛି। ତେବେ ବାକି ୭୩ଟି ଅଂଶୁଘାତଜନିତ ମୃତ୍ୟୁ ଅଭିଯୋଗର ଜିଲାସ୍ତରୀୟ ତଦନ୍ତ ଚାଲିଥିବା ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ଚଳିତ ବର୍ଷ ଏଯାଏ ୨,୨୬୯ ଜଣ ଅଂଶୁଘାତରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇଛନ୍ତି। ରବିବାର ୧୬ ଅଂଶୁଘାତ ରୋଗୀ ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ଆଡ଼ମିଶନ ହୋଇଛନ୍ତି। ଏବେ ବି ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ଲୋକମାନେ ସତର୍କ ରହିବା ପାଇଁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ରେଆସି ଆକ୍ରମଣରେ ୩ ବିଦେଶୀ ଆତଙ୍କବାଦୀ ସମ୍ପୃକ୍ତ

ନୂଆଦିଲ୍ଲୀ,୧୦।୬

ଜମ୍ମୁ-କଶ୍ମୀରର ରେଆସିରେ ରବିବାର ସନ୍ଧ୍ୟାରେ ଏକ ତୀର୍ଥଯାତ୍ରୀ ବସ୍ ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିବାରୁ ୯ ଜଣଙ୍କ ମୃତ୍ୟୁ ଘଟିବା ସହ ୩୩ ଜଣ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ରାଜସ୍ଥାନର ଗୋଟିଏ ପରିବାରର ୪ ଜଣ ରହିଛନ୍ତି। ଏହି ଆକ୍ରମଣରେ ୩ ଜଣ ବିଦେଶୀ ଆତଙ୍କବାଦୀ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସେମାନଙ୍କୁ ଧରିବା ପାଇଁ ସୁରକ୍ଷା ବଳ ପକ୍ଷରୁ ତଲାସି ଅଭିଯାନକୁ ଜୋର୍‌ଦାର କରାଯାଇଛି। ତେବେ ସେମାନଙ୍କ ମଧ୍ୟରୁ ଅନ୍ୟୁନ ୨ ଜଣ ଘଞ୍ଚ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବାରୁ ସେମାନଙ୍କୁ ଖୋଜି ବାହାର କରିବା କଷ୍ଟକର ହୋଇପଡ଼ିଛି। ଆତଙ୍କବାଦୀମାନେ ଆମେରିକା ପ୍ରସ୍ତୁତ ଆସଲ୍ଟ ରାଇଫଲ୍ ଏମ୍୪ କାର୍ବାଇନ୍ ବ୍ୟବହାର କରିଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଆତଙ୍କବାଦୀମାନେ ଡ୍ରାଇଭରଙ୍କୁ ଗୁଳି କରିବାରୁ ବସ୍‌ଟି ଖାତକୁ ଖସିପଡ଼ିଥିଲା। ସେଥିରେ ରାଜସ୍ଥାନ ସମେତ ଉତ୍ତରପ୍ରଦେଶ ଓ ଦିଲ୍ଲୀର ତୀର୍ଥଯାତ୍ରୀମାନେ ଥିଲେ। ପାକିସ୍ତାନ ସମର୍ଥିତ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍‌ଏଫ୍) ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ପର୍ଯ୍ୟଟକ ଓ ବାହାର ଲୋକଙ୍କ ଉପରେ ଏଭଳି ଆକ୍ରମଣ ଜାରି ରହିବ ବୋଲି ଏହି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

### କାନାଡାରେ ଭାରତୀୟଙ୍କୁ ଗୁଳିକରି ହତ୍ୟା



ଯୁବରାଜ ଗୋୟଲ

ସରେ, ୧୦।୬

କାନାଡାର ବ୍ରିଟିଶ୍ କଲମ୍ବିଆ ପ୍ରଦେଶର ସରେ ସହରରେ ଯୁବରାଜ ଗୋୟଲ ନାମକ ଜଣେ ୨୮ ବର୍ଷୀୟ ଭାରତୀୟ ବଂଶୋଦ୍ଭବଙ୍କୁ ସୋମବାର ଗୁଳିକରି ହତ୍ୟା କରାଯାଇଛି। ଘଟଣାର ସୂଚନା ମିଳିବା ପରେ ପୋଲିସ ଯୁବରାଜଙ୍କ ମୃତଦେହକୁ ଉଦ୍ଧାର କରିବା ସହ ଏହି ହତ୍ୟା ମାମଲାରେ ୪ ଜଣଙ୍କୁ ଗିରଫ କରିଛି। ପ୍ରାଥମିକ ତଦନ୍ତରୁ ଏହା ଏକ ଟାର୍ଗେଟେଡ୍ କିଲିଂ ହୋଇଥିବା ପୋଲିସ ଅନୁମାନ କରୁଛି। ପଞ୍ଜାବର ଲୁଧିଆନା ନିବାସୀ ଯୁବରାଜ ୨୦୧୯ରେ ଛାତ୍ର ଭିଜା ନେଇ କାନାଡା ସ୍ଥାନାନ୍ତରିତ ହୋଇଥିଲେ। ସେ ସରେସ୍ଥିତ ଏକ କାର୍ ଡିଲରଶିପ୍‌ରେ ସେଲ୍ସ ଏକ୍‌ଜିକ୍ୟୁଟିଭ୍ ଭାବେ କାର୍ଯ୍ୟ କରୁଥିଲେ। ନିକଟରେ ତାଙ୍କୁ କାନାଡାର ସ୍ଥାୟୀ ବାସିନ୍ଦା ଭାବେ ମାନ୍ୟତା ଦିଆଯାଇଥିଲା।

### ଅଭିନେତ୍ରୀ ନୂର ମାଳବିକା ଦାସଙ୍କ ଆତ୍ମହତ୍ୟା



ମୁମ୍ବାଇ, ୧୦।୬

ଅଭିନେତ୍ରୀ ନୂର ମାଳବିକା ଦାସ(୩୨) ମୁମ୍ବାଇର ଲୋଖଣ୍ଡୱାଲା ସ୍ଥିତ ନିଜ ବାସଭବନରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ନୂରଙ୍କ ଘର ମଧ୍ୟରୁ ସୋମବାର ଦୁର୍ଗନ୍ଧ ବାହାରିବାରୁ ଏନେଇ ତାଙ୍କ ପଡ଼ୋଶୀ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ନୂରଙ୍କ ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣାକୁ ନେଇ ପୋଲିସ ନୂରଙ୍କ ପରିବାର ସହ ସମ୍ପର୍କ କରି ତଦନ୍ତ ଚଳାଇଛି। ଅନେକ ଫିଲ୍ମ ଓ ୱେବ୍ ସିରିଜରେ କାର୍ଯ୍ୟ କରିଥିବା ନୂର ନିକଟରେ 'ଦି ଟ୍ରାଏଲ' ସିରିଜରେ ଅଭିନେତ୍ରୀ କାଜୋଲଙ୍କ ସହ ନଜର ଆସିଥିଲେ। ଏହାସହ ସେ 'ସିସ୍‌କିୟାଁ', 'ୱାକ୍‌ମ୍ୟାନ', 'ତୀକ୍ଷି ଚଟ୍‌ନି', 'ଚରମ୍‌ସୁଖ୍', 'ଦେଖି ଅନଦେଖି', 'ଜଘନ୍ୟ ଉପାୟ' ପରି କେତେକ ଫିଲ୍ମ ଓ ୱେବ୍ ସିରିଜରେ କାର୍ଯ୍ୟ କରିଥିଲେ।



ଏନ୍‌ଡିଏର ତୃତୀୟ ପାଳି ସରକାରର ପ୍ରଥମ କ୍ୟାବିନେଟ ବୈଠକରେ (ବାମରୁ) ଶିବରାଜ ସିଂ ଚୌହାନ, ନୀତିନ ଗଡ଼କରୀ, ରାଜନାଥ ସିଂ, ନରେନ୍ଦ୍ର ମୋଦି, ଅମିତ୍ ଶାହା, ଜେ.ପି. ନଡ୍ଡା ଏବଂ ନିର୍ମଳା ସୀତାରାମନ୍।

# ପିଏମ୍‌ଏୱାଇରେ ୩ କୋଟି ଘରକୁ ମଞ୍ଜୁରୀ

ନୂଆଦିଲ୍ଲୀ,୧୦।୬

### ପ୍ରଥମ କ୍ୟାବିନେଟ ବୈଠକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳି ସରକାରର ପ୍ରଥମ କ୍ୟାବିନେଟ ବୈଠକ ସୋମବାର ଅପରାହ୍ନରେ ତାଙ୍କ ନୂଆଦିଲ୍ଲୀ ବାସଭବନରେ ଅନୁଷ୍ଠିତ ହୋଇଛି। କ୍ୟାବିନେଟର ପ୍ରଥମ ନିଷ୍ପତ୍ତି ଭାବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଗରିବଙ୍କ ପାଇଁ ୩ କୋଟି ଗୃହ ନିର୍ମାଣ ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ତାଙ୍କ କାର୍ଯ୍ୟାଳୟରେ ଦାୟିତ୍ୱ ନେବା ସହ ପିଏମ୍ କିଷାନ ନିଧି ଯୋଜନାରେ ୯.୩କୋଟି କୃଷକଙ୍କ ପାଖକୁ ୧୭ତମ ସହାୟତା କିସ୍ତି ପଠାଇବା ଫାଇଲରେ ସ୍ୱାକ୍ଷର କରିଥିଲେ। ରବିବାର ସନ୍ଧ୍ୟାରେ ରାଷ୍ଟ୍ରପତି ଭବନରେ ପ୍ରଧାନମନ୍ତ୍ରୀଙ୍କ ନୂଆ କ୍ୟାବିନେଟ ଶପଥ ଗ୍ରହଣ କରିଥିଲା। ସହଯୋଗୀ ଏକନାଥ ଶିନ୍ଦେଙ୍କ ଶିବସେନା, ଅଜିତ ପାୱାରଙ୍କ ଏନ୍‌ସିପି, ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ ପାର୍ଟି ଏବଂ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ ପକ୍ଷରୁ ବିଭିନ୍ନ ଦାବି ଓ ଅଭିଯୋଗ ମଧ୍ୟରେ ସୋମବାର ପ୍ରଥମ କ୍ୟାବିନେଟ ବୈଠକ ବସିଥିଲା। ଶିବସେନା ଅଧିକ କ୍ୟାବିନେଟ ପାହ୍ୟା ଚାହୁଁଥିବାବେଳେ ଅଜିତ ପାୱାରଙ୍କ ଦଳ ରାଷ୍ଟ୍ରପାହ୍ୟାକୁ ନେଇ ଅସନ୍ତୁଷ୍ଟ ଅଛି।

### ପିଏମ୍ କିଷାନ ନିଧି ଯୋଜନାରେ ସ୍ୱାକ୍ଷର କଲେ ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟ ଶପଥ ନେବାର ଦିନକ ପରେ ତୃତୀୟ ପାଳି ସରକାର ସୋମବାର କାର୍ଯ୍ୟ ଆରମ୍ଭ କରିଛି। ପ୍ରଧାନମନ୍ତ୍ରୀ ମୋଦି ଦକ୍ଷିଣ ବ୍ଲକ୍‌ସ୍ଥିତ ପିଏମ୍‌ଓରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିବା ପରେ ପିଏମ୍ କିଷାନ ନିଧି ଯୋଜନାର ୧୭ତମ କିସ୍ତି ଟଙ୍କା ଛାଡ଼ିବା ପାଇଁ ପ୍ରଥମ ଫାଇଲ୍‌ରେ ସ୍ୱାକ୍ଷର କରିଛନ୍ତି। କୃଷକମାନଙ୍କ କଲ୍ୟାଣ ପାଇଁ ଆମ ସରକାର ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ସେଥିପାଇଁ କୃଷକ କଲ୍ୟାଣ ସମ୍ପର୍କିତ ପ୍ରଥମ ଫାଇଲରେ ସ୍ୱାକ୍ଷର କଲେ ବୋଲି ମୋଦି କହିଛନ୍ତି। ଆଗାମୀ ୫ ବର୍ଷ ତାଙ୍କ ସରକାର କୃଷକ ଓ କୃଷି କ୍ଷେତ୍ର ସହ ଅଧିକ ଜଡ଼ିତ ହୋଇ କାର୍ଯ୍ୟ କରିବାକୁ ଚାହେଁ। ପିଏମ୍ କିଷାନ ନିଧି ଯୋଜନାରେ ୯.୩ କୋଟିରୁ ଅଧିକ କୃଷକ ହିତାଧିକାରୀଙ୍କୁ ବର୍ଷକୁ ୩ କିସ୍ତିରେ ୬ ହଜାର ଟଙ୍କା ମିଳୁଛି। ମୋଦି ପିଏମ୍‌ଓରେ ପହଞ୍ଚିବା ପରେ ସେଠାରେ ଅଫିସର ଓ କର୍ମଚାରୀମାନେ କରତାଳି ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ମୋଦିଙ୍କ ସହ ଏନ୍‌ଏସ୍‌ଏ ଅଜିତ ଡୋଭାଲ ଏବଂ ପ୍ରମୁଖ ସଚିବ ଉପସ୍ଥିତ ଥିଲେ।

## ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ)

| | |
|---|---|
| ରାଓ ଇନ୍ଦରଜିତ ସିଂ | ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ, ଯୋଜନା, ସଂସ୍କୃତି |
| ଡ. ଜିତେନ୍ଦ୍ର ସିଂ | ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଭୂବିଜ୍ଞାନ, ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ |
| ଅର୍ଜୁନରାମ ମେଘୱାଲ | ଆଇନ, ସଂସଦୀୟ ବ୍ୟାପାର |
| ପ୍ରତାପ ରାଓ ଗଣପତରାଓ ଯାଦବ | ଆୟୁଷ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |
| ଜୟନ୍ତ ଚୌଧୁରୀ | ଦକ୍ଷତା ବିକାଶ, ଶିକ୍ଷା |

## ରାଷ୍ଟ୍ରମନ୍ତ୍ରୀ

| | |
|---|---|
| ଜିତିନ ପ୍ରସାଦ | ବାଣିଜ୍ୟ ଓ ଶିଳ୍ପ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା |
| ଶ୍ରୀପଦ ୟେସୋ ନାଏକ | ଶକ୍ତି |
| ପଙ୍କଜ ଚୌଧରୀ | ଅର୍ଥ |
| କ୍ରିଷନ୍ ପାଲ୍ ଗୁର୍ଜର | ସହଯୋଗ |
| ରାମଦାସ ଅଠାୱଲେ | ସାମାଜିକ ନ୍ୟାୟ, ସଶକ୍ତୀକରଣ |
| ରାମନାଥ ଠାକୁର | କୃଷି ଓ କୃଷକ କଲ୍ୟାଣ |
| ନିତ୍ୟାନନ୍ଦ ରାଏ | ସ୍ୱରାଷ୍ଟ୍ର |
| ଅନୁପ୍ରିୟା ପଟେଲ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାର ଓ ରସାୟନ |
| ଭି. ସୋମନ୍ନା | ଜଳଶକ୍ତି, ରେଳମନ୍ତ୍ରୀ |
| ଚନ୍ଦ୍ରଶେଖର ପ୍ରେମ୍ମାସାନି | ଗ୍ରାମାଞ୍ଚଳ ବିକାଶ,ଯୋଗାଯୋଗ |
| ସତ୍ୟପାଲ ସିଂ ବଘେଲ | ମତ୍ସ୍ୟଚାଷ,ଦୁଗ୍ଧ ଓ ପଶୁପାଳନ, ପଞ୍ଚାୟତିରାଜ |
| ଶୋଭା କରାନ୍ଦଲାଜେ | ଶ୍ରମ ଓ ରୋଜଗାର, ଏମ୍‌ଏସ୍‌ଏମ୍‌ଇ |
| କୀର୍ତ୍ତି ବର୍ଦ୍ଧନ ସିଂ | ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ବହିର୍ବ୍ୟାପାର |
| ବି.ଏଲ୍. ବର୍ମା | ଖାଉଟି ବ୍ୟାପାର, ସାମାଜିକ ନ୍ୟାୟ ଓ ଖାଉଟି ବ୍ୟାପାର |
| ସାନ୍ତନୁ ଠାକୁର | ବନ୍ଦର, ପରିବହନ, ଜଳମାର୍ଗ |
| ସୁରେଶ ଗୋପୀ | ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍, ପର୍ଯ୍ୟଟନ |
| ଏଲ୍. ମୁରୁଗାନ୍ | ସୂଚନା ଏବଂ ପ୍ରସାରଣ, ସଂସଦୀୟ ବ୍ୟାପାର |
| ଅଜୟ ଟମ୍‌ଟା | ସଡ଼କ ପରିବହନ ଓ ରାଜପଥ |
| ବନ୍ଦି ସଞ୍ଜୟ କୁମାର | ସ୍ୱରାଷ୍ଟ୍ର |
| କମଲେଶ ପାଶ୍ୱାନ | ଗ୍ରାମୀଣ ବିକାଶ |
| ଭଗୀରଥ ଚୌଧରୀ | କୃଷି ଓ କୃଷକ କଲ୍ୟାଣ |
| ସତୀଶ ଚନ୍ଦ୍ର ଦୁବେ | କୋଇଲା ଓ ଖଣି |
| ସଞ୍ଜୟ ସେଠ | ପ୍ରତିରକ୍ଷା |
| ରବନୀତ ସିଂ ବିଟ୍ଟୁ | ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, ରେଳ |
| ଦୁର୍ଗା ଦାସ ଉଇକେ | ଆଦିବାସୀ ବ୍ୟାପାର |
| ରକ୍ଷା ଖଡ୍‌ସେ | କ୍ରୀଡ଼ା ଓ ଯୁବ ବ୍ୟାପାର |
| ସୁକାନ୍ତ ମଜୁମଦାର | ଶିକ୍ଷା, ଉତ୍ତର ପୂର୍ବାଞ୍ଚଳ ବିକାଶ |
| ସାବିତ୍ରୀ ଠାକୁର | ମହିଳା ଓ ଶିଶୁବିକାଶ |
| ତୋଖାନ୍ ସାହୁ | ନଗର ଉନ୍ନୟନ |
| ରାଜଭୂଷଣ ଚୌଧରୀ | ଜଳଶକ୍ତି |
| ଭୂପତିରାଜୁ ଶ୍ରୀନିବାସ ବର୍ମା | ଇସ୍ପାତ, ଭାରୀଶିଳ୍ପ |
| ହର୍ଷ ମାଲହୋତ୍ରା | କର୍ପୋରେଟ ବ୍ୟାପାର, ସଡ଼କ ପରିବହନ ଏବଂ ରାଜପଥ |
| ନିମୁବେନ୍ ଜୟନ୍ତୀଭାଇ ବମ୍ଭାନିୟା | ଖାଦ୍ୟ ଯୋଗାଣ, ଖାଉଟି ବ୍ୟାପାର |
| ମୁରଲୀଧର ମହୋଲ | ବେସାମରିକ ବିମାନ ଚଳାଚଳ |
| ଜର୍ଜ କୁରିଏନ୍ | ସଂଖ୍ୟାଲଘୁ ବ୍ୟାପାର, ମତ୍ସ୍ୟଚାଷ, ଦୁଗ୍ଧ ଓ ପଶୁପାଳନ |
| ପବିତ୍ର ମାର୍ଗାରିଥା | ବହିର୍ବ୍ୟାପାର, ବୟନଶିଳ୍ପ |

## ସିକିମ୍ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ପ୍ରେମ ସିଂ

ଗାଙ୍ଗଟକ୍,୧୦।୬

ସିକିମ୍ କ୍ରାନ୍ତିକାରୀ ମୋର୍ଚ୍ଚା (ଏସ୍‌କେଏମ୍)ର ଅଧ୍ୟକ୍ଷ ପ୍ରେମ ସିଂ ତାମଙ୍ଗ ଦ୍ୱିତୀୟ ଥର ପାଇଁ ସିକିମ୍ ମୁଖ୍ୟମନ୍ତ୍ରୀ ଭାବେ ସୋମବାର ଶପଥ ଗ୍ରହଣ କରିଛନ୍ତି। ପାଲ୍‌ଜୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ଭାବେ ପ୍ରେମ ସିଂଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ତାଙ୍କ ସହ ମନ୍ତ୍ରୀ ପରିଷଦର ସଦସ୍ୟମାନେ ମଧ୍ୟ ଶପଥ ନେଇଛନ୍ତି। ସଦ୍ୟସମାପ୍ତ ସିକିମ ବିଧାନସଭା ନିର୍ବାଚନରେ ଏସ୍‌କେଏମ୍ ୩୨ ଆସନରୁ ୩୧ଟିରେ ବିଜୟୀ ହୋଇ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ବିରୋଧୀ ଦଳ ସିକିମ୍ ଡେମୋକ୍ରାଟିକ୍ ଫ୍ରଣ୍ଟ



(ଏସ୍‌ଡିଏଫ୍)କୁ ମାତ୍ର ଗୋଟିଏ ଆସନ ମିଳିଥିଲା। ନିର୍ବାଚନ ବେଳେ ଯେଉଁସବୁ ପ୍ରତିଶ୍ରୁତି ଦିଆଯାଇଛି, ୫ ବର୍ଷରେ ସବୁ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, ଗତ ଏପ୍ରିଲ ୧୯ରେ ପ୍ରଥମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ସହ ସିକିମ୍‌ର ୩୨ ବିଧାନସଭା ଆସନ ଲାଗି ମତଦାନ ଅନୁଷ୍ଠିତ ହୋଇଥିଲା। ପ୍ରେମ ସିଂ ରେନୋକ୍ ଆସନରୁ ଏସ୍‌ଡିଏଫ୍ ପ୍ରାର୍ଥୀ ସୋମନାଥ ପୌଡ୍ୟାଲଙ୍କୁ ୭,୩୯୬ ଭୋଟ ବ୍ୟବଧାନରେ ହରାଇ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୯ ନିର୍ବାଚନରେ ଏସ୍‌କେଏମ୍ ୧୭ ଆସନ ଜିତି ସରକାର ଗଢ଼ିଥିବାବେଳେ ଏସ୍‌ଡିଏଫ୍‌କୁ ୧୫ ଆସନ ମିଳିଥିଲା।

## ମୋଦିଙ୍କ ଶପଥ ଉତ୍ସବବେଳେ ଅନ୍ଧାରରେ ଥିଲେ ମମତା

ନୂଆଦିଲ୍ଲୀ,୧୦।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳି ସରକାରଙ୍କ ଶପଥ ଗ୍ରହଣ ଉତ୍ସବ ବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ବାସଭବନର ସମସ୍ତ ଲାଇଟ୍ ବନ୍ଦ କରି ଅନ୍ଧକାରରେ ବସି ରହିଥିଲେ। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ରାଜ୍ୟ ସଭା ସଦସ୍ୟ ସାଗରିକା ଘୋଷ ସୋମବାର ଏହା କହିଛନ୍ତି। ନିର୍ବାଚନରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହୋଇଥିବାରୁ ଭାଜପା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଦଳରେ ନୂଆ ନେତା ନିର୍ବାଚନ କରିବା ଆବଶ୍ୟକ ବୋଲି ସାଗରିକା ଦାବି କରିଛନ୍ତି। କାରଣ ଭାଜପା କେବଳ ମୋଦିଙ୍କ ନାଁରେ ହିଁ ନିର୍ବାଚନ ଲଢୁଥିଲା। ମୋଦିଙ୍କ ଶପଥ ଉତ୍ସବକୁ ସମସ୍ତେ ପାଳୁଥିବାବେଳେ ଭାରତର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ମମତା ଘରର ଆଲୋକ ବନ୍ଦ କରି ଅନ୍ଧାରରେ ରହି ପ୍ରତିବାଦର ବାର୍ତ୍ତା ଦେଇଛନ୍ତି। ମୋଦି ଜନାଦେଶ ହରାଇଛନ୍ତି, ଲୋକେ ତାଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଉତ୍ତରପ୍ରଦେଶର ବହୁ ଗୁରୁତ୍ୱପୂର୍ଣ୍ଣ ଆସନ ଭାଜପା ହରାଇଛି। ମୋଦିଙ୍କ ନାଁରେ ଜୋର୍‌ଦାର ପ୍ରଚାର ସତ୍ତ୍ୱେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରିପାରି ନ ଥିବା ଟିଏମ୍‌ସି ନେତ୍ରୀ କହିଛନ୍ତି।

## ୭ ରାଜ୍ୟର ୧୩ ବିଧାନସଭା ଆସନରେ ଜୁଲାଇ ୧୦ରେ ଉପନିର୍ବାଚନ

ନୂଆଦିଲ୍ଲୀ,୧୦।୬


### ଜୁଲାଇ ୧୩ରେ ଫଳାଫଳ

୭ ରାଜ୍ୟର ୧୩ଟି ବିଧାନସଭା ଆସନରେ ଜୁଲାଇ ୧୦ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଭାରତର ନିର୍ବାଚନ କମିଶନ (ଇସିଆଇ) ସୋମବାର ଏହା ଘୋଷଣା କରିଛନ୍ତି। ବିହାର, ତାମିଲନାଡୁ, ମଧ୍ୟପ୍ରଦେଶର ଗୋଟିଏ ଲେଖାଏ ଆସନରେ ଭୋଟ ହେବାକୁ ଥିବାବେଳେ ପଶ୍ଚିମବଙ୍ଗର ୪ ଏବଂ ଉତ୍ତରାଖଣ୍ଡ, ପଞ୍ଜାବ ଓ ହିମାଚଳପ୍ରଦେଶର ୨ଟି ଲେଖାଏ ଆସନରେ ଉପନିର୍ବାଚନ ହେବାକୁ ଯାଉଛି। ଜୁଲାଇ ୧୩ରେ ଭୋଟଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ। ସମ୍ପୃକ୍ତ ଆସନଗୁଡ଼ିକରେ ବିଧାୟକଙ୍କ ମୃତ୍ୟୁ କିମ୍ବା ଇସ୍ତଫା କାରଣରୁ ତାହା ଖାଲି ପଡ଼ିଥିବାରୁ ଉପନିର୍ବାଚନର ଆବଶ୍ୟକ ଥିଲା। ଏଥିପାଇଁ ଜୁନ୍ ୧୪ରେ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବାବେଳେ ଜୁନ୍ ୨୧ ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି। କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର କରିବାକୁ ଚାହିଁଲେ ଜୁନ୍ ୨୬ ସୁଦ୍ଧା ତାହା କରିପାରିବେ।

## ମଣିପୁର ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଟିମ୍‌କୁ ଆକ୍ରମଣ, ୨ ଆହତ

ଇମ୍ଫାଲ, ୧୦।୬

ମଣିପୁରର ହିଂସା ପ୍ରଭାବିତ ଜିରିବାମ ଜିଲାକୁ ସୁରକ୍ଷା ତଦାରଖ ପାଇଁ ଯାଉଥିବା, ମୁଖ୍ୟମନ୍ତ୍ରୀ ଏନ୍. ବିରେନ୍ ସିଂଙ୍କ ସୁରକ୍ଷା ଟିମ୍ ଉପରକୁ କେତେଜଣ ଉଗ୍ରବାଦୀ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ୨ ଜଣ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି। ଉଗ୍ରବାଦୀମାନେ କାଙ୍ଗପୋକପି ଜିଲାର ସିନମ୍ ଗ୍ରାମ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଟିମ୍ ଉପରକୁ ଗୁଳିମାଡ଼ କରିଥିଲେ। ଘଟଣା ପରେ ମଣିପୁର ପୋଲିସ କମାଣ୍ଡୋ ଏବଂ ଆସାମ ରାଇଫଲ୍ସର ମିଳିତ ଟିମ୍ ଅଭିଯୁକ୍ତ ଉଗ୍ରବାଦୀମାନଙ୍କୁ ଧରିବା ପାଇଁ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେଶନ ଚଳାଇଛି। ମଙ୍ଗଳବାର ହିଂସା ପ୍ରଭାବିତ ଜିରିବାମ ଜିଲାକୁ ମୁଖ୍ୟମନ୍ତ୍ରୀ ଏନ୍. ବିରେନ୍ ସିଂ ଗସ୍ତ କରିବାର ଯୋଜନା ରହିଥିଲା। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଅଗ୍ରିମ ସୁରକ୍ଷା ଟିମ୍ ସୋମବାର ଜିରିବାମ ଜିଲାରେ ସୁରକ୍ଷା ବ୍ୟବସ୍ଥା ତଦାରଖ



ଏନ୍. ବିରେନ୍ ସିଂ

କରିବାକୁ ଯାଉଥିବା ବେଳେ ସେମାନଙ୍କ ଉପରେ ଉଗ୍ରବାଦୀ ଆକ୍ରମଣ କରିଥିଲେ। ସୂଚନାଯୋଗ୍ୟ, ଶନିବାର ମଣିପୁରର ଜିରିବାମ ଜିଲାରେ କେତେଜଣ ଉଗ୍ରବାଦୀ ଗୋଟିଏ ପୋଲିସ ଆଉଟ୍‌ପୋଷ୍ଟ ଓ ୭୦ରୁ ଅଧିକ ଘରେ ନିଆଁ ଲଗାଇ ଦେଇଥିଲେ।

## ଶପଥ ଉତ୍ସବ ବେଳେ ରାଷ୍ଟ୍ରପତି ଭବନରେ ବାଘ ଚର୍ଚ୍ଚା

### ଭିଡିଓ ଭାଇରାଲ ପରେ ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ

ନୂଆଦିଲ୍ଲୀ,୧୦।୬

ରାଷ୍ଟ୍ରପତି ଭବନରେ ରବିବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟ୍‌ର ମନ୍ତ୍ରୀମାନେ ଶପଥ ନେଉଥିବାବେଳେ କଲରାପତରିଆ ବାଘ ଭଳି ଦେଖାଯାଉଥିବା ଏକ ଜନ୍ତୁ ସେଠାରେ ପ୍ରବେଶ କରିଥିବା ଦେଖିବାକୁ ମିଳିଛି। ଭାଜପା ଏମ୍‌ପି ଦୁର୍ଗା ଦାସ ଶପଥ ଗ୍ରହଣ ମଞ୍ଚ ଉପରେ ଥିବାବେଳେ ଏହି ଜନ୍ତୁଟି ତାଙ୍କ ପଛ ପାର୍ଶ୍ୱ କରିଡରରେ ଯାଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମୋଦିଙ୍କ ତୃତୀୟ ପାଳି ସରକାରର ଶପଥ ଗ୍ରହଣ ଉତ୍ସବ ପାଇଁ ରାଷ୍ଟ୍ରପତି ଭବନରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବିଭିନ୍ନ ଦେଶର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିଳ୍ପପତି, ଚଳଚ୍ଚିତ୍ର ତାରକାଙ୍କ ସମେତ ୮,୦୦୦ରୁ ଊର୍ଦ୍ଧ୍ୱ ଅତିଥି ଉତ୍ସବ ସ୍ଥଳରେ ଉପସ୍ଥିତ ଥିଲେ। ସେମାନଙ୍କ ଆଗମନ ପାଇଁ ଦିଲ୍ଲୀରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏହା ସତ୍ତ୍ୱେ ରାଷ୍ଟ୍ରପତି ଭବନରେ କଲରାପତରିଆ ପ୍ରବେଶ କରିବା ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା କଲରାପତରିଆ ନା ବିଲେଇ କିମ୍ବା କୁକୁର ଏନେଇ ଅନେକ ସୋସିଆଲ ମିଡିଆ ୟୁଜର ପ୍ରଶ୍ନ କରିଛନ୍ତି। ଯଦି ବିଲେଇ ହୋଇଥାଏ ତେବେ ଚିନ୍ତା କରିବାର କିଛି ନାହିଁ। ଯଦି କଲରାପତରିଆ ହୋଇଥାଏ, ତେବେ ସେଠାରେ ମୁତୟନ ଥିବା ସୁରକ୍ଷା କର୍ମଚାରୀମାନେ କ'ଣ କରୁଥିଲେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ରାଷ୍ଟ୍ରପତି ଭବନରେ ଏଭଳି ସୁରକ୍ଷାଗତ ତ୍ରୁଟିକୁ ନେଇ ସୋସିଆଲ ମିଡିଆ ବ୍ୟବହାରକାରୀମାନେ ବିସ୍ମୟ ପ୍ରକଟ କରିଛନ୍ତି।



ରାଷ୍ଟ୍ରପତି ଭବନରେ ଶପଥ ଗ୍ରହଣ ଉତ୍ସବ ସମୟରେ ଭାଜପା ଏମ୍‌ପି ଦୁର୍ଗା ଦାସ ମଞ୍ଚରେ ଥିବାବେଳେ ପଛପଟ କରିଡରରେ କଲରାପତରିଆ ଭଳି ଏକ ଜନ୍ତୁ (ବୃତ୍ତ ଚିହ୍ନିତ) ବୁଲୁଥିବା ଦେଖାଯାଉଛି।




# ବ୍ୟାପିଲାଣି ଡେଙ୍ଗୁ

- ରାଜ୍ୟରେ ଚିହ୍ନଟ ହେଲେଣି ୨୩୫ ରୋଗୀ
- ସତର୍କ ରହିବାକୁ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୦।୬(ଅସମାପିକା ସାହୁ)**

ରାଜ୍ୟରେ ଏଯାଏ ମୌସୁମୀ ବର୍ଷା ଆରମ୍ଭ ହୋଇନାହିଁ। ହେଲେ ଏବେଠୁ କାୟା ମେଲାଇଲାଣି ଡେଙ୍ଗୁ। ଗତବର୍ଷ ଏହି ସମୟ ସୁଦ୍ଧା ରାଜ୍ୟରେ ୧୦୭ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। କିନ୍ତୁ ଚଳିତବର୍ଷ ୨୩୫ ଜଣ ରୋଗୀ ଚିହ୍ନଟ ହେଲେଣି। ଏହାକୁ ନେଇ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ିଛି। ବର୍ଷା ଆସିଲେ ଆହୁରି ଅଧିକ ସଂଖ୍ୟକ ରୋଗୀ ଚିହ୍ନଟ ହେବେ। ଏବେଠାରୁ ସତର୍କ ନ ରହିଲେ ଆଗକୁ ସ୍ଥିତି ଭୟଙ୍କର ହେବାର ସମ୍ଭାବନା ରହିଛି। ତେଣୁ ଏହାକୁ ନେଇ ସତର୍କ ରହିବା ସହ ସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କୁ ନିର୍ଦ୍ଦେଶ ଦେଇଛି। ଡେଙ୍ଗୁକୁ ନେଇ ସଚେତନତା ସୃଷ୍ଟି ସହ ଚିକିତ୍ସା ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି।

ସ୍ୱାସ୍ଥ୍ୟ ବିଭାଗର ସୂଚନାନୁସାରେ, ରବିବାର ମଧ୍ୟ ୩ଟି ଡେଙ୍ଗୁ କେସ ଆସିଛି। ପୁରୀରୁ ୨ ଜଣ ଓ ଭୁବନେଶ୍ୱରରୁ ଜଣେ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଏବେ ମୋଟ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୨୩୫ରେ ପହଞ୍ଚିଛି। ଖୋର୍ଦ୍ଧାରୁ ସର୍ବାଧିକ ୬୫ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ କଟକରୁ ୧୯, ମାଲକାନଗିରିରୁ ୧୭, ପୁରୀରୁ ୧୩ଜଣ ଡେଙ୍ଗୁ ଆକ୍ରାନ୍ତ ରହିଛନ୍ତି। ସୋମବାର ଏ ସମ୍ପର୍କରେ ସୂଚନା ଦେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ସବୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ଜିଲାକୁ ଆଲର୍ଟ କରାଯାଇଛି। ପ୍ଲେଟ୍‌ଲେଟ୍ ଉପଲବ୍ଧ କରିବାକୁ କୁହାଯାଇଛି। ଏ ନେଇ ହସ୍ପିଟାଲଗୁଡ଼ିକୁ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଛି। ସହରରେ ଡେଙ୍ଗୁ ଅଧିକ ହେଉଥିବାରୁ ସ୍ୱତନ୍ତ୍ର ଡ୍ରାଇଭ୍ କରାଯାଉଛି। ତେବେ ଚଳିତବର୍ଷ ଏଯାଏ କୌଣସି ଡେଙ୍ଗୁ ମୃତ୍ୟୁ ହୋଇ ନ ଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

ଅପରପକ୍ଷେ ଆନ୍ଥ୍ରାକ୍ସ ସ୍ଥିତି ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ରାଜ୍ୟରେ ଏ ପର୍ଯ୍ୟନ୍ତ ୧୧ ଆନ୍ଥ୍ରାକ୍ସ କେସ୍ ଆସିଥିଲା। ସେଥିମଧ୍ୟରୁ ୨ଟି ଆନ୍ଥ୍ରାକ୍ସ ରୋଗୀ ଚିହ୍ନଟ ହୋଇଛନ୍ତି। ବାକି ନମୁନାର ରିପୋର୍ଟ ଆସିନି। ଗତ ମେ’ ୨୨ ଓ ୩୦ରେ କୋରାପୁଟ ଜିଲା ଲକ୍ଷ୍ମୀପୁର ଓ ଯଶବନ୍ତପୁର ଗାଁରେ କେତେଜଣ ଲୋକ ଆନ୍ଥ୍ରାକ୍ସରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହୋଇଥିଲା। ରାପିଡ୍ ଆକ୍ସନ ଟିମ୍ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ। ଆନ୍ଥ୍ରାକ୍ସରେ ଆକ୍ରାନ୍ତ ଜନ୍ତୁକୁ ଗାଁ ଲୋକେ ମାରି ଖାଇବାରୁ ଏହି ରୋଗ ବ୍ୟାପିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

# ଜଳେଶ୍ୱରରୁ ଶିଶୁପୁତ୍ର ଉଦ୍ଧାର, ମହିଳା ଗିରଫ

## ଜିଲା ମୁଖ୍ୟ ଚିକିତ୍ସାଳୟରୁ ଚୋରି ଘଟଣା

**ବାଲେଶ୍ୱର, ୧୦।୬(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରୁ ଚୋରି ନବଜାତ ଶିଶୁପୁତ୍ରକୁ ପୋଲିସ ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନ ଶାନ୍ତିଆ ଗ୍ରାମରେ ଥିବା ବ୍ଲକ କଲୋନୀରୁ ଉଦ୍ଧାର କରିଛି। ସିସିଟିଭି ଫୁଟେଜ ତଥା ଗୋଇନ୍ଦା ସୂଚନା ଆଧାରରେ ପୋଲିସ ଚଢ଼ାଉ କରିଥିଲା। ୧୨ ଘଣ୍ଟା ପରେ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଥିବା ସୋମବାର ମଧ୍ୟାହ୍ନରେ ଏସ୍‌ପିଙ୍କ ଅଫିସ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି।

ଗତ ଶନିବାର ଜନ୍ମ ହେବାର ୮ଘଣ୍ଟା ପରେ ଏହି ଶିଶୁ ଚୋରି ହୋଇଥିବା ନେଇ ଟାଉନ ଥାନାରେ ଶିଶୁପୁତ୍ରଙ୍କ ଜେଜେମା’ ମିନତି ଦଣ୍ଡପାଟ ଲିଖିତ ଅଭିଯୋଗ କରିଥିଲେ। ଏନେଇ ମାମଲା (ନଂ. ୨୧୦/୨୪) ରୁଜୁ ହେବା ପରେ ବାଲେଶ୍ୱର ପୋଲିସ ତଦନ୍ତ ଆରମ୍ଭ କରିଥିଲା। ମହିଳାଜଣକ ଜଳେଶ୍ୱର ଅଞ୍ଚଳର ବୋଲି ପ୍ରମାଣ ମିଳିଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଏହି ସମ୍ବେଦନଶୀଳ ଘଟଣାକୁ ମନିଟରିଂ କରୁଥିଲେ। ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେଉରା ଓ ଖନ୍ତାପଡ଼ା ଥାନାଧିକାରୀ ବିରଞ୍ଚି ସାହୁଙ୍କ ତତ୍ତ୍ୱାବଧାନରେ ଦୁଇଟି ଟିମ୍ ଗଠନ କରାଯାଇ ଅଟୋ ଡ୍ରାଇଭର ଓ ଟ୍ରାଫିକ ପୋଲିସ ସହାୟତାରେ ତଦନ୍ତ ଆରମ୍ଭ ହୋଇଥିଲା। ଜଳେଶ୍ୱର ପୋଲିସ ସହାୟତାରେ ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନ ଶାନ୍ତିଆ ଗ୍ରାମରେ ଥିବା ବ୍ଲକ କଲୋନୀ ସନ୍ନିକଟ ଏକ ଘରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ସନ୍ଧ୍ୟା ପାତ୍ର ଓରଫ ଝୁମ୍ପଡ଼ି (୪୦)ନାମ୍ନୀ ମହିଳା ଶିଶୁଙ୍କୁ ନିଜ କୋଳରେ ଧରି ଶୋଇଥିବା ବେଳେ ପୋଲିସ ଉଦ୍ଧାର କରିଥିଲା। ସନ୍ଧ୍ୟାଙ୍କୁ ପୋଲିସ ଗିରଫ କରିଥିଲା। ସନ୍ଧ୍ୟା ପୂର୍ବରୁ ହାଇଦ୍ରାବାଦରେ ରହୁଥିଲେ। ହାଇଦ୍ରାବାଦର ଜଣେ ବ୍ୟକ୍ତିଙ୍କୁ ସେ ଚୋରି କରିଥିବା ଶିଶୁକୁ ବିକ୍ରି କରିଥାନ୍ତେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି।



ଶିଶୁପୁତ୍ରକୁ ଚୋରି କରିଥିବା ମହିଳା।

ଉଲ୍ଲେଖଯୋଗ୍ୟ ଯେ, ବାଲିଆପାଳ ଥାନା କୋହ୍ଲାଚଡ଼ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦଣ୍ଡପାଟଙ୍କ ସ୍ତ୍ରୀ ଅନିତା ଗତ ୮ତାରିଖରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଏହାର ମାତ୍ର ୮ ଘଣ୍ଟା ପରେ ଅର୍ଥାତ୍ ୯ ତାରିଖ ସକାଳେ ଶିଶୁଟି ଚୋରି ହୋଇଯାଇଥିଲା। ଘଟଣାରେ ଜଣେ ଅପରିଚିତ ମହିଳାଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବା ସହ ହସ୍‌ପିଟାଲ, ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନର ଫୁଟେଜ ଯାଞ୍ଚ କରିଥିଲା। ଏହି ଘଟଣାରେ ଆଶାକର୍ମୀ କିମ୍ବା ଚିକିତ୍ସାଳୟର ସୁରକ୍ଷାକର୍ମୀଙ୍କ ସମ୍ପୃକ୍ତି ଅଛି କି ନାହିଁ ତଦନ୍ତ ଜାରି ରହିଥିବା ଏସ୍‌ପି ପ୍ରକାଶ କରିଛନ୍ତି।

# କେରଳରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ଭବାନୀପାଟଣା, ୧୦।୬ (ଉତ୍ତମ କୁମାର ଦାଶ)**

କେରଳ ରାଜ୍ୟର କୋଟାୟାନକୁ କାମ କରିବାକୁ ଯାଇଥିବା କଳାହାଣ୍ଡି ଜିଲାର ଜଣେ ଦାଦନ ଶ୍ରମିକଙ୍କ ଅକାଳ ମୃତ୍ୟୁ ହୋଇଛି। ସେ ହେଲେ ଭବାନୀପାଟଣା ସଦର ବ୍ଲକ ଶଗଡା ପଞ୍ଚାୟତ ଉପର ରାତୁଗୁଡା ଗ୍ରାମର ତରୁଣ ବେନୁଆ (୧୯)। ମିଳିଥିବା ସୂଚନା ଅନୁଯାୟୀ, ତରୁଣ ଗତ ୬ମାସ ତଳେ ଦାଦନ ଖଟିବାକୁ କେରଳର କୋଟାୟାନକୁ ଯାଇଥିଲେ। ସେଠାରେ ସେ ଏକ କୋଠା କାମରେ ନିୟୋଜିତ ହୋଇଥିଲେ। ରବିବାର ହଠାତ୍ ତାଙ୍କୁ ଜ୍ୱର ହେବାରୁ ସେ ଗୁରୁତର ହୋଇପଡିଥିଲେ। ସାଙ୍ଗରେ ଥିବା ସହକର୍ମୀମାନେ ତାଙ୍କୁ ସ୍ଥାନୀୟ ସରକାରୀ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ରୋଜଗାରକ୍ଷମ ପୁଅକୁ ହରାଇ ବାପା ସୁରୁବାବୁ ବେନୁଆ ଓ ତାଙ୍କ ପରିବାର ଦୁଃଖରେ ଭାଙ୍ଗିପଡିଛନ୍ତି। ପୁଅର ମୃତଦେହ ଆଣିବା ପାଇଁ ଅର୍ଥ ବାଧକ ସାଜିଥିବାରୁ ସୋମବାର ଜିଲା ଶ୍ରମ ଅଧିକାରୀଙ୍କୁ ସୁରୁବାବୁ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ମୃତ ଯୁବକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।



ତରୁଣ ବେନୁଆ

# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କର: ହାଇକୋର୍ଟ

## ବେଆଇନ ନାଲିବତୀ ଗାଡ଼ି ବ୍ୟବହାର ମାମଲା

**କଟକ, ୧୦।୬ (କାର୍ତ୍ତିକ ସାହୁ)**

ବେଆଇନ ଭାବେ ଗାଡ଼ିରେ ନାଲିବତୀ ବ୍ୟବହାରକୁ ବିରୋଧ କରି ରୁଜୁ ଜନହିତ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ମୁଖ୍ୟ ଶାସନ ସଚିବ, ବାଣିଜ୍ୟ ପରିବହନ ବିଭାଗ ସଚିବଙ୍କୁ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ, କେନ୍ଦ୍ର ସରକାର ମୋଟରଯାନ ନିୟମାବଳୀ ୧୯୮୯କୁ ପରିବର୍ତ୍ତନ କରି ୨୦୧୭ ମସିହାରେ ନିୟମ ୧୦୮ର ସଂଶୋଧନ କରିଛନ୍ତି। ଏଥିସହ ସୁପ୍ରିମକୋର୍ଟଙ୍କ ଆଦେଶ ମୁତାବକ କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତିରେ କୌଣସି ବିପର୍ଯ୍ୟୟ ସମୟରେ ଜରୁରିକାଳୀନ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ କେଉଁ ପଦାଧିକାରୀ ନାଲିବତୀ ଗାଡ଼ି ବ୍ୟବହାର କରିବେ ତାହା ରାଜ୍ୟ ସରକାର ସ୍ଥିର କରିବେ ବୋଲି ଦର୍ଶାଯାଇଛି। ତେବେ ଏପରି ଆଦେଶନାମାକୁ ବେଖାତିର କରି ବିପର୍ଯ୍ୟୟ ସମୟ ବାଦ୍ ସବୁ ସମୟରେ ରାଜ୍ୟର ଅଧିକାଂଶ ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ବିଡିଓ, ତହସିଲଦାର, ପୋଲିସ ଅଧିକାରୀ, ରାଜସ୍ୱ କମିଶନର, ମହାନଗର ନିଗମ କମିଶନର, ମ୍ୟୁନିସିପାଲିଟି ଅଧିକାରୀଙ୍କ ସମେତ ବିଜ୍ଞାପିତ ଅଞ୍ଚଳ ଅଧିକାରୀମାନେ ନାଲିବତୀ ଗାଡ଼ି ବ୍ୟବହାର କରୁଛନ୍ତି। ଆବେଦନକାରୀ ଏହା ବିରୋଧରେ ରାଜ୍ୟ ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ହେଲେ ରାଜ୍ୟ ସରକାର ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ଫଳରେ ପରିଷଦ ପକ୍ଷରୁ ହାଇକୋର୍ଟରେ ଜନହିତ ମାମଲା ରୁଜୁ କରାଯାଇଥିଲା। ଏଥିରେ ମୁଖ୍ୟ ଶାସନ ସଚିବ, ପରିବହନ ଓ ବାଣିଜ୍ୟକର ବିଭାଗର ପ୍ରମୁଖ ଶାସନ ସଚିବ, ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଥିଲେ।

# ଖରା ସହ ଗୁଳୁଗୁଳି: ସତର୍କ କଲେ ଏସ୍‌ଆର୍‌ସି

**ଭୁବନେଶ୍ୱର, ୧୦।୬(ଅସମାପିକା ସାହୁ)**

ରାଜ୍ୟରେ ପ୍ରଚଣ୍ଡ ତାତିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ପଶ୍ଚିମ ଓଡ଼ିଶାର ୮ ଜିଲାକୁ ସତର୍କ କରିବା ସହ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏ ନେଇ ସମ୍ପୃକ୍ତ ଜିଲାର ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଏହି ଜିଲାଗୁଡ଼ିକ ହେଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ସୋନପୁର, ବଲାଙ୍ଗୀର, ବୌଦ୍ଧ ଓ ନୂଆପଡ଼ା। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଲୋକଙ୍କୁ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ଏହି ସମୟ ମଧ୍ୟରେ ଆବଶ୍ୟକ ସତର୍କତା ଅବଲମ୍ବନ ପୂର୍ବକ ହାଲୁକା, ଧଳା ଓ ସୂତା ବସ୍ତ୍ର ପରିଧାନ କରିବାକୁ କୁହାଯାଇଛି। ବାହାରକୁ ବାହାରିବା ସମୟରେ ମୁଣ୍ଡକୁ ଘୋଡ଼ାଇ ରଖିବା, ଓଦା କପଡ଼ା, ଛତା ଓ ଟୋପି ପିନ୍ଧିବା, ପ୍ରଚୁର ପାଣି, ଓଆର୍‌ଏସ୍, ଲସି, ଆଖୁରସ, ଲେମ୍ବୁପାଣି ପିଇବାକୁ ପରାମର୍ଶ ଦିଆଯାଇଛି। ବିଶେଷକରି ଗର୍ଭବତୀ ଓ ମେଡିକାଲରେ କାର୍ଯ୍ୟରତ କର୍ମଚାରୀଙ୍କ ପ୍ରତି ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି। ସେହିଭଳି ଗୁଳୁଗୁଳି ପାଇଁ ବିଭିନ୍ନ ଜିଲାକୁ ପାଣିପାଗ କେନ୍ଦ୍ର ସତର୍କ କରିଥିବାରୁ ଏସ୍‌ଆର୍‌ସି ଆଉ ଏକ ଚିଠି କରି ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଏଥିପ୍ରତି ସଜାଗ ରହିବା ପାଇଁ ପରାମର୍ଶ ଦେଇଛନ୍ତି।




ଏନ୍‌ଇଇଟି(ୟୁଜି)-୨୦୨୪ ପରୀକ୍ଷା ଫଳ ପ୍ରକାଶନରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରି ଏହାର ତଦନ୍ତ ସହ ପରୀକ୍ଷାକୁ ପୁଣି ଥରେ କରିବା ଦାବିରେ ଜବାହାରଲାଲ ନେହେରୁ ୟୁନିଭର୍ସିଟି ଛାତ୍ର ସଂସଦ ପକ୍ଷରୁ ସୋମବାର ଶିକ୍ଷା ମନ୍ତ୍ରଣାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ଚମନ ଗୌତମ)

# ବିଦ୍ୟୁତ୍ ଆଘାତରେ ୨ ଶ୍ରମିକ ଗୁରୁତର

**କାମାକ୍ଷାନଗର, ୧୦।୬(ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଆଲୁଅଝରଣଠାରେ ସୋମବାର ଏକ ଘର ନିର୍ମାଣ କାମରେ ନିୟୋଜିତ ଶ୍ରମିକମାନଙ୍କ ମଧ୍ୟରୁ ୨ ଜଣ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଛନ୍ତି। ଗୁରୁତର ଶ୍ରମିକ ହେଲେ ଜଗା ମଲ୍ଲିକ(୩୭) ଏବଂ ବାବୁଲି ମଲ୍ଲିକ(୩୦)।

ଆଲୁଅଝରଣଠାରେ ଏକ ଘର ନିର୍ମାଣ କାମରେ ୮ ରୁ ୧୦ ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ସମସ୍ତ ଶ୍ରମିକ ଲୁହା ରଡ୍ ଭିଡ଼ା କାର୍ଯ୍ୟ କରୁଥିଲେ। ତେବେ ଜଗା ଓ ବାବୁଲି ଧରିଥିବା ଲୁହା ରଡ୍ ଘର ଆଗ ଦେଇ ଯାଇଥିବା ୩୩ କେ.ଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲା। ଉଭୟେ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ଦୁହିଁଙ୍କୁ ପ୍ରଥମେ କାମାକ୍ଷାନଗର ମେଡିକାଲ ଓ ପରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସ୍ୱାମୀ ମୃତ, ସ୍ତ୍ରୀଙ୍କ ସହ ୨ ଝିଅ ଗୁରୁତର

**ପାପଡ଼ାହାଣ୍ଡି, ୧୦।୬ (ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସଦର ପଞ୍ଚାୟତ ଦିଶାରିଗୁଡ଼ା ଗ୍ରାମରେ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏଥିରେ ତାଙ୍କ ସ୍ତ୍ରୀ ଓ ୨ ଝିଅ ଗୁରୁତର ଅଛନ୍ତି। ମୃତକ ହେଲେ ଦିଶାରିଗୁଡ଼ାର ମୋତିରାମ ଶିରା (୪୮)।

ସୂଚନାନୁଯାୟୀ, ଏକ ବିଦ୍ୟୁତ୍ ତାର ଛିଣ୍ଡି ଘର ଟିଣ ଉପରେ ପଡ଼ିବାରୁ ସେଥିରେ କରେଣ୍ଟ ପ୍ରବାହ ହେଉଥିଲା। ମୋତିରାମଙ୍କ ବଡ଼ ଝିଅ ଯମୁନା ଘର ସଫା କରିବାବେଳେ ଉକ୍ତ ଟିଣ ସଂସ୍ପର୍ଶରେ ଆସିଯାଇଥିଲେ। ତାଙ୍କ ପାଟି ଶୁଣି ମୋତିରାମ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିବାବେଳେ ସେ ମଧ୍ୟ କରେଣ୍ଟ ସଂସ୍ପର୍ଶରେ ଆସିଯାଇଥିଲେ। ଉଭୟଙ୍କୁ ବଞ୍ଚାଇବାକୁ ଯାଇ ସ୍ତ୍ରୀ ସନ୍ମତି ଓ ପରେ ସାନ ଝିଅ ଚଞ୍ଚଳା ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ସେମାନଙ୍କ ପାଟି ଶୁଣି ଗାଁର ବୈଦୁ ଭତ୍ରା ଏକ ଠେଙ୍ଗାରେ ବିଦ୍ୟୁତ୍ ତାର ହଟାଇଥିଲେ। ଏହାପରେ ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ମୋତିରାମଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୩ଜଣଙ୍କ ଚିକିତ୍ସା ଚାଲିଛି। ଚଞ୍ଚଳା ଓ ସନ୍ମତିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପାପଡ଼ାହାଣ୍ଡି ଥାନା ପୋଲିସ କେସ୍ ନଂ. ୭/୨୪ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଏଏସ୍‌ଆଇ ହରିହର ଭତରା ସୂଚନା ଦେଇଛନ୍ତି।

# ଶୀତଳଷଷ୍ଠୀର ଶୁଭେଚ୍ଛା ଜଣାଇଲେ, ଆସି ନ ପାରିବାରୁ କ୍ଷମା ମାଗିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୦।୬(ସୁନିତ୍ ମିଶ୍ର)**

ସମ୍ବଲପୁର ଲୋକ ସଭା ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଏକ ଭିଡିଓ ଜାରିକରି ସମ୍ବଲପୁରୀ ଭାଷାରେ ଶୀତଳଷଷ୍ଠୀର ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନଠାରୁ ଶୀତଳଷଷ୍ଠୀ ପର୍ବ ଆରମ୍ଭ ହେବା ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସର ବିଷୟ। ଶୀତଳଷଷ୍ଠୀ ହେଉଛି ଓଡ଼ିଶାର ଅନନ୍ୟ ସାଂସ୍କୃତିକ ଐତିହ୍ୟର ଭବ୍ୟ ସ୍ୱରୂପ। ଦେବଦମ୍ପତି ପ୍ରଭୁ ଶିବ ଆଉ ମା’ ପାର୍ବତୀଙ୍କ ବିବାହ ଲୋକ-ପରମ୍ପରା ଅନୁସାରେ କରିବା ପରେ ଭଗବାନଙ୍କ ଆଶୀର୍ବାଦ ନେବାର ମହାନ ପର୍ବ ହେଉଛି ଶୀତଳଷଷ୍ଠୀ। ଏହା ଲୋକସଂସ୍କୃତି ଓ ଭାଇଚାରାକୁ ବ୍ୟାପକ କରିବାର ପର୍ବ। ଶୀତଳଷଷ୍ଠୀ ହେଉଛି ବର୍ଷା ପାଇଁ ଭଗବାନଙ୍କ ପାଖରେ ଆଶୀର୍ବାଦ ଭିକ୍ଷା କରିବାର ପବିତ୍ର ଅବସର। ଶୀତଳଷଷ୍ଠୀ ବେଳେ ସମସ୍ତେ ମିଳିମିଶି ଆମ ସମାଜରେ ଭାଇଚାରା ବଢ଼ାଇବା ଏବଂ ଭଲ ବର୍ଷା ପାଇଁ ଦେବଦମ୍ପତି ପ୍ରଭୁ ଶିବ ଓ ମାତା ପାର୍ବତୀଙ୍କ ନିକଟରେ ଗୁହାରି କରିବା। ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କ ଆଶୀର୍ବାଦ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ପ୍ରଗତି ଆଣିଦେବା ନେଇ କେନ୍ଦ୍ରମନ୍ତ୍ରୀ କାମନା କରିଛନ୍ତି। ଏହାବ୍ୟତୀତ ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ସରକାରର ୩ୟ ପାଳିର ପ୍ରଥମ କ୍ୟାବିନେଟ୍ ଅନୁଷ୍ଠିତ ହେଉଛି। ମହାପ୍ରଭୁ ଓ ମା’ ସମଲେଇଙ୍କ ଆଶୀର୍ବାଦରୁ ପ୍ରଧାନମନ୍ତ୍ରୀ ତାଙ୍କୁ କ୍ୟାବିନେଟରେ ସ୍ଥାନ ଦେଇଛନ୍ତି। ପ୍ରଥମ କ୍ୟାବିନେଟ୍ ଅନୁଷ୍ଠିତ ହେଉଥିବା ଯୋଗୁ ସମ୍ବଲପୁରର ଶୀତଳଷଷ୍ଠୀ ଯାତ୍ରାରେ ସାମିଲ ହୋଇପାରୁନାହାନ୍ତି। ଏଥିପାଇଁ ସମ୍ବଲପୁରବାସୀଙ୍କ ପାଖରେ ସେ କ୍ଷମା ପ୍ରାର୍ଥନା କରିଥିବା କହିଛନ୍ତି।

# ୪୭ ବ୍ଲକର ଭୂତଳ ଜଳ ସ୍ଥିତି ଜଟିଳ

## ଭୂତଳ ଜଳ ଭରଣା ମାଷ୍ଟର ପ୍ଲାନ ବିଫଳ

**ଯାଜପୁର, ୧୦।୬(ହର୍ଷବର୍ଦ୍ଧନ ବେହେରା)**

ଅଣମୌସୁମୀ ଋତୁରେ ନଦୀରେ ଜଳ ପ୍ରବାହ ହ୍ରାସ ଯୋଗୁ ତଟବର୍ତ୍ତୀ ଅଞ୍ଚଳର ଭୂତଳ ଜଳ ପରିମାଣ ହ୍ରାସ ପାଇଛି। ଜଳ ସମ୍ପଦ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ରାଜ୍ୟର ୪୭ ବ୍ଲକର ଭୂତଳ ଜଳର ସ୍ଥିତି ଖରାପ ଆଡ଼କୁ ଗତିକରୁଛି। ୯ ବ୍ଲକ ଯଥା କୋରେଇ, ତାଳଚେର, ବାଲିଆପାଳ, ଝାରସୁଗୁଡ଼ା, ଭୁବନେଶ୍ୱର, ଖୋର୍ଦ୍ଧା, ବୋଲଗଡ଼, ନୟାଗଡ଼ ଓ ନୂଆପଡ଼ା ଖରାପ ସ୍ଥିତିରେ ରହିଛି। ଏରସମା, ଚାନ୍ଦବାଲି, ମହାକାଳପଡ଼ା, ମାର୍ଶାଘାଇ, ରାଜନଗର, ରାଜକନିକା ବ୍ଲକ ଅଞ୍ଚଳର ଭୂତଳ ଜଳ ପରିମାଣ ଅତ୍ୟନ୍ତ ଖରାପ ସ୍ଥିତିରେ ରହିଛି। ତେଣୁ ଏହି ଅଞ୍ଚଳବାସୀ ପାନୀୟ ଜଳ ପାଇଁ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। କେନ୍ଦ୍ରୀୟ ଭୂତଳ ଜଳ ସଂସ୍ଥାନ ଦ୍ୱାରା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଭୂତଳ ଜଳ ଭରଣା କରାଯିବା ପାଇଁ ୨୦୨୦ରୁ ୫ ବର୍ଷ ନିମନ୍ତେ କରିଥିବା ମାଷ୍ଟର ପ୍ଲାନ ବିଫଳ ହୋଇଥିବା ମନେହେଉଛି।

ମୌସୁମୀ ପରବର୍ତ୍ତୀ ଭୂତଳ ଜଳସ୍ତର ଧାରା ଅନୁଧ୍ୟାନ ରିପୋର୍ଟ ଅନୁସାରେ ରାଜ୍ୟରେ ଗତ ୧୦ ବର୍ଷରେ ଭୂମିଠାରୁ ୫ ମିଟର ତଳେ ୧୦ ସେମିରୁ ଊର୍ଦ୍ଧ୍ୱ ଜଳସ୍ତର ହ୍ରାସ ପାଉଥିବା ଅଞ୍ଚଳ ଚିହ୍ନଟ ହୋଇଛି। ମାଷ୍ଟର ପ୍ଲାନ ଅନୁସାରେ ବଲାଙ୍ଗୀର, ଅନୁଗୋଳ, ବରଗଡ଼, ଢେଙ୍କାନାଳ, ଗଜପତି, ଝାରସୁଗୁଡ଼ା, କନ୍ଧମାଳ, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ଓ ନୂଆପଡ଼ା ଜିଲାରେ ସବ୍-ସର୍ଫେସ ଡାଇକ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତିର ୪ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ନିର୍ମାଣ କାର୍ଯ୍ୟ ଅଗ୍ରଗତି ନୈରାଶ୍ୟଜନକ ରହିଛି। ଭୂତଳଜଳ ଉନ୍ନୟନ ନିର୍ଦ୍ଦେଶାଳୟ, ଓଡ଼ିଶା ଅଧୀନରେ କେବଳ ନୂଆପଡ଼ା ଜିଲା ସିଲଦା ନାଳରେ ୪ଟି ସବ୍-ସର୍ଫେସ ଡାଇକ ନିର୍ମାଣ ହୋଇଥିବା ସୂଚନା ମିଳିଛି। ଜଳ ସଂରକ୍ଷଣ ପାଇଁ ଜଳ ସମ୍ପଦ ବିଭାଗ ଦ୍ୱାରା ଆନ୍ତଃନଦୀ ଜଳାଶୟ ପ୍ରକଳ୍ପ(ଇନ୍‌ଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକ୍ଚର ପ୍ରୋଜେକ୍ଟ) ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି କାର୍ଯ୍ୟ ୬ ବର୍ଷ ତଥା ୨୦୧୯-୨୦ରୁ ୨୦୨୪-୨୫ ମଧ୍ୟରେ ସାରିବାକୁ ଧାର୍ଯ୍ୟ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ନଦୀରେ ପ୍ରଥମ ପର୍ଯ୍ୟାୟରେ ୩୦ଟି ଆନ୍ତଃନଦୀ ଜଳାଶୟ ପ୍ରକଳ୍ପ ରହିଛି। ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ ନଦୀର ଯାଜପୁର ସପ୍ତମାତୃକା ନିକଟରେ ୧୭୨ କୋଟି ଟଙ୍କା ଅଟକଳରେ ଉକ୍ତ ପ୍ରକଳ୍ପ ନିର୍ମାଣ ହେଉଛି। ଉକ୍ତ ପ୍ରକଳ୍ପ ୩୧।୩।୨୦୨୪ ସୁଦ୍ଧା ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ଏଯାଏ ୫୦% କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୨-୨୩ରୁ ୧୬ଟି ପ୍ରକଳ୍ପ ହାତକୁ ନିଆଯାଇଛି। ଏଥିରେ ବୈତରଣୀ ନଦୀ ଆଖୁଆପଦାଠାରେ ୪୮୦ କୋଟି ଟଙ୍କା ଅଟକଳରେ ପ୍ରକଳ୍ପ ନିର୍ମାଣ ନିଷ୍ପତ୍ତି ହୋଇଛି। ହେଲେ ଏହି ପ୍ରକଳ୍ପ କାର୍ଯ୍ୟ ଏଯାଏ ଠିକ୍ ଭାବେ ଆରମ୍ଭ ହୋଇ ପାରିନାହିଁ। ଏହାବାଦ ବ୍ରାହ୍ମଣୀ ନଦୀର ଜେନାପୁରଠାରେ ୭୩୭.୪୦ କୋଟି ଟଙ୍କା ଏବଂ ବ୍ରାହ୍ମଣୀର ଶାଖା ଖରସୁଆଁ ନଦୀର ଯୋକଡିଆଠାରେ ୨୭୧.୧୭ କୋଟି ଟଙ୍କା ବ୍ୟୟରେ ଆନ୍ତଃନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ କେବଳ ନିଷ୍ପତ୍ତିରେ ଅଟକି ରହିଥିବା ଅଭିଯୋଗ ହେଉଛି। ଏହାର ୩ୟ ପର୍ଯ୍ୟାୟ ୨୦୨୩-୨୪ରେ ୨୬ଟି ପ୍ରକଳ୍ପ ହାତକୁ ନିଆଯାଇଛି। କିନ୍ତୁ ଏହିସବୁ ପ୍ରକଳ୍ପର ଅଗ୍ରଗତି ନୈରାଶ୍ୟଜନକ ରହିଥିବାରୁ ସରକାରଙ୍କ ବାସ୍ତବ ଲକ୍ଷ୍ୟ ପରାହତ ହୋଇଥିବା ମତପ୍ରକାଶ ପାଇଛି। ଆବଶ୍ୟକ ନଦୀଜଳ ଅଭାବରୁ ବ୍ରାହ୍ମଣୀରେ ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏକାଧିକ ମେଗା ଉଠାଜଳସେଚନ ପ୍ରକଳ୍ପ ଚାଷୀଙ୍କ କାମରେ ଲାଗି ପାରିନାହିଁ। ଦିନକୁ ଦିନ ଭୂତଳ ଜଳସ୍ତର କମିବାରେ ଲାଗିଛି। ଖରାଦିନେ ଚାରିଆଡେ ପାଣି ପାଇଁ ହାହାକାର ହେଉଛନ୍ତି। ଏପରି ସ୍ଥିତିରେ ଜଳାଶୟ କିସମ ଜମି ମଧ୍ୟ କମିବାରେ ଲାଗିଛି। ପୋଖରୀ ପୁନରୁଦ୍ଧାର କିମ୍ବା ଖୋଳାଯିବା ପରିବର୍ତ୍ତେ ପୁରାତନ ପୋଖରୀକୁ ପୋତା ଚାଲିଛି। ଏହାବାଦ ବିଭିନ୍ନ ଶିଳ୍ପ କାରଖାନାକୁ ଆଖିବୁଜା ଭୂତଳ ଜଳ ବ୍ୟବହାର ପାଇଁ ଅନୁମତି ଦିଆଯାଉଛି, ଯାହାକି ଗୁରୁତର ଜଳ ସଙ୍କଟ ହେବାକୁ ଯାଉଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାମନ୍ତ ଚନ୍ଦ୍ରଶେଖର(ପଠାଣିସାମନ୍ତ)ଙ୍କ ୧୨୦ତମ ପୁଣ୍ୟତିଥି, ସ୍ଥାନ: ପଠାଣିସମାନ୍ତ ପ୍ଲାନେଟୋରିୟମସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସମୟ: ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆଦିଗୁରୁ ପଙ୍କଜ ଚରଣ ଦାସଙ୍କ ୨୧ତମ ପୁଣ୍ୟତିଥି, ସ୍ଥାନ: ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସମୟ: ସକାଳ ୮ଟା ୩୦।
- ଗାଁ ସାଥୀ (ମେଟ୍) ସଂଘ ପକ୍ଷରୁ ମୁଣ୍ଡନ କାର୍ଯ୍ୟକ୍ରମ, ସ୍ଥାନ: ରାମମନ୍ଦିର ପରିସର ବାହାରେ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ମହିଳା ମେଟ୍ରୋନ୍ ମହାସଂଘର ପଞ୍ଚମ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନୂଆଗାଁ ଗ୍ରାମୀଣ ବିକାଶ ମଞ୍ଚ ପକ୍ଷରୁ ରାଜ୍ୟସ୍ତରୀୟ ରଜ ମହୋତ୍ସବ ପାଳନ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଲନ ଭାଇ ସେବା ଭବନ, କଂଗ୍ରେସ ଭବନ ପାଖ, ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନିଖିଳ ଓଡ଼ିଶା ଠିକାଦାର କଲ୍ୟାଣ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଇଡ୍କୋ ଅଫିସ ସମ୍ମୁଖ, ଶହୀଦନଗର, ସମୟ: ମଧ୍ୟାହ୍ନ ୧୨ଟା।
- ଚୌଧୁରୀ ବିଷ୍ଣୁ ପ୍ରସାଦ ନନ୍ଦଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତାଙ୍କ ରଚିତ ପୁସ୍ତକର ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ରାମକୃଷ୍ଣ ମଠର ମହନ୍ତ ମହାରାଜ ମଠ ପରିସର, ସମୟ: ଅପରାହ୍ନ ୫ଟା।
- ଶରତ ସ୍ମୃତି ସନ୍ଧ୍ୟା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ଆଦିଗୁରୁ ପଙ୍କଜ ଚରଣ ଦାସଙ୍କ ୨୧ତମ ପୁଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।
- ପୁସ୍ତକ ଉନ୍ମୋଚନ ସମାରୋହ, ସ୍ଥାନ: ହୋଟେଲ ଲାଲକିଲା, ପଟିଆ ପେଟ୍ରୋଲ ପମ୍ପ ନିକଟ, ସମୟ: ସନ୍ଧ୍ୟା ୬ଟା ୩୦।
- ୧୪ତମ ମାର୍ଗି ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ଶୀତଳେଶ୍ୱରୀ ପ୍ରକାଶନୀ ପକ୍ଷରୁ 'ଡକ୍ୟୁମେଣ୍ଟ ଖୋଜା ଚାଲିଛି' ନାଟକ ପରିବେଷଣ, ସ୍ଥାନ: କଟକ ମଧୁପାଟଣାସ୍ଥିତ ଓସ୍‌ମେ ହଲ୍, ସମୟ: ସନ୍ଧ୍ୟା ୬ଟା

## ପୁରୀ

- ଶ୍ରଟେନିସ ଚାମ୍ପିୟନଶିପ୍ ପ୍ରତିଯୋଗିତା, ସ୍ଥାନ: ପୁରୀ ରୋଟାରୀ କ୍ଲବ ପରିସର, ସମୟ: ସକାଳ ୭ଟା।
- ଜାତୀୟସ୍ତରୀୟ କଳା ପ୍ରଦର୍ଶନୀ, ସ୍ଥାନ: ରିଜିଓନାଲ ଆର୍ଟ ଗ୍ୟାଲେରୀ, ପୁରୀ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପୁରୀରେ ନୂତନ ସିନେମା ହଲ ନିର୍ମାଣ ସମ୍ପର୍କିତ ବୈଠକ, ସ୍ଥାନ: ଭକ୍ତ ସାଲବେଗ ପୀଠ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଶିବ ବିବାହ ଶୀତଳଷଷ୍ଠୀ, ସ୍ଥାନ : ସାକ୍ଷୀଗୋପାଳ ଶ୍ରୀରାମଚନ୍ଦ୍ରପୁର ଶାସନ, ସମୟ : ଅପରାହ୍ନ ୧ଟା।
- ସିନିୟର୍ ଜାତୀୟ ହାମରବଲ୍ ପ୍ରତିଯୋଗିତା, ସ୍ଥାନ: ଶ୍ରୀଜଗନ୍ନାଥ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ଶିବ ବିବାହ, ସ୍ଥାନ: ସାକ୍ଷୀଗୋପାଳସ୍ଥିତ ଶ୍ରୀରାମମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ମା'ଡୁମୁଣି ମନ୍ଦିରର ଦଶମ ବାର୍ଷିକ ଉତ୍ସବ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଗାନ୍ଧୀନଗର, ତୃତୀୟାପଡ଼ା, ବୋଲଗଡ଼, ସମୟ: ସକାଳ ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ଦେବଙ୍କ ପୀଠ, ଗୋବିନ୍ଦପୁର, ବେଗୁନିଆ, ସମୟ: ସକାଳ ୭ଟା।
- କୁଣ୍ଡଳେଶ୍ୱର ଦେବଙ୍କ ୨୦ତମ ବାର୍ଷିକ ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଷଣ୍ଢପୁର ଗ୍ରାମ, ଜଟଣୀ, ସମୟ: ଅପରାହ୍ନ ୨ଟା।
- ତୃତୀୟ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ଭାଗବତ ଦେବ ପୀଠ, ରୋଳସିଂ, ବୋଲଗଡ଼, ସମୟ: ଅପରାହ୍ନ ୫ଟା।
- ଶୀତଳ ଷଷ୍ଠୀ ମହୋତ୍ସବ, ସ୍ଥାନ: ଗୋବିନ୍ଦପୁର ମହୋତ୍ସବ ପଡିଆ, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।
- ମା'ଭଗବତୀଙ୍କ ବାର୍ଷିକ ସାହିଯାତ୍ରା ଉଦ୍‌ଯାପନୀ, ସ୍ଥାନ:ଟ୍ରାଫିକ କଲୋନୀ, ଜଟଣୀ, ସମୟ: ସନ୍ଧ୍ୟା ୭ଟା।
- ଶୀତଳ ଷଷ୍ଠୀ ଉତ୍ସବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୁଶପଲ୍ଲା, ବେଗୁନିଆ, ସନ୍ଧ୍ୟା ୭ଟା।

## ଭଦ୍ରକ

- ତାରିଣୀ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଶ୍ରୀବନ୍ତପୁର, ବନ୍ତ, ସମୟ: ସକାଳ ୯ଟା।
- ଶିବପାର୍ବତୀଙ୍କ ବିବାହ ଉପଲକ୍ଷେ ବରଧରା, ସ୍ଥାନ: ଆରଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଆଖଣ୍ଡଳମଣିଙ୍କ ରାଜରାଜେଶ୍ୱର ବେଶ, ସ୍ଥାନ: ଆରଡ଼ି, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ମାତା ପାର୍ବତୀଙ୍କ ରାଜରାଜେଶ୍ୱରୀ ବେଶ, ସ୍ଥାନ: ଆରଡ଼ି, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଶିବପାର୍ବତୀଙ୍କ ବିବାହ ଉପଲକ୍ଷେ ଦିଅଁ ମଙ୍ଗୁଳା, ସ୍ଥାନ: ଆରଡ଼ି, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଶିବପାର୍ବତୀଙ୍କ ବିବାହ ଉତ୍ସବ, ସ୍ଥାନ: ଆରଡ଼ି ଆଖଣ୍ଡଳମଣି ପୀଠ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।
- ବାବା ସ୍ୱପ୍ନେଶ୍ୱର ଓ ମାତା ପାର୍ବତୀଙ୍କ ବିବାହ, ସ୍ଥାନ: ଦଧିବାମନ ମନ୍ଦିର, ତିହିଡ଼ି, ସମୟ: ରାତି ୧୨ଟା।

## କେନ୍ଦୁଝର

- ମା' ମଙ୍ଗଳାଙ୍କ ମନ୍ଦିରରେ ପୂଜା ଉତ୍ସବ, ସ୍ଥାନ:ଶାଳକଣିଆଁ, ଭୂଇଁପୁର, ହାଟଡିହୀ, ସମୟ: ସକାଳ ୬ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ ଶୁଭ ଅଧିବାସ, ସ୍ଥାନ: ଜଳକଳଙ୍ଗ, ହାଟଡିହୀ,ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ୬୭ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପଞ୍ଚମ ଦିବସ,ସ୍ଥାନ: ଷ୍ଟାଡିୟମ ପଡ଼ିଆ, ରାସଗୋବିନ୍ଦପୁର, ସମୟ: ସକାଳ ୯ଟା।
- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱରତାଲ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ନିଚୁଆପଦା ପଡ଼ିଆ,ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ରାମଚରିତ ମାନସ ପାରାୟଣ, ପ୍ରବଚନ ଚତୁର୍ଥ ଦିବସ, ସ୍ଥାନ: ନୂଆଗାଁ ମାନସ ପଡ଼ିଆ, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୭ଟା।
- ମା' ନାରାୟଣୀଙ୍କ ଯାତ୍ରା ଉପଲକ୍ଷେ ମେଲୋଡି, ସ୍ଥାନ: କରୋନେଶନ ପଡିଆ,ଫୁଲବାଣୀ, ସମୟ : ସନ୍ଧ୍ୟା ୭ଟା।
- ଅପେରା ପରିବେଷଣ, ସ୍ଥାନ: କନ୍ଧମାଳ ଷ୍ଟାଡିୟମ, ସମୟ:ରାତି ୧୧ଟା।

## ରାୟଗଡ଼ା

- ଚାଷୀଙ୍କୁ ଦେଶୀ ଧାନ ବିହନ ବଣ୍ଟନ, ସ୍ଥାନ: ରାଉଳି, ଉପର ସିପିଲି, ଡୁମୁରି ଝୋଡ଼ି, ସାନ ଡ଼ଙ୍ଗାସିଲ ଗ୍ରାମ, କାଶୀପୁର ବ୍ଲକ୍, ସମୟ: ସକାଳ ୯ ଟା।
- ଦେବ ଦମ୍ପତ୍ତି ଶିବ ପାର୍ବତୀଙ୍କ ବିବାହ ଉତ୍ସବ, ସ୍ଥାନ: ପ୍ରେମ ପାହାଡ଼ରେ ଥିବା ଓଁକାରେଶ୍ୱର ମନ୍ଦିର, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ରୁ ଆରମ୍ଭ।
- ବିଜେଡି ନେତା ଡମ୍ବରୁଧର ଚୌଧୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବଡ଼ ଗତିଗୁଡା, ବିଷମ କଟକ, ସମୟ: ପୂର୍ବାହ୍ନ ୧୦ ଟା।

## କୋରାପୁଟ

- ଶିବ ବିବାହ, ସ୍ଥାନ: ଜୟପୁର ରାଜୁସାହି ସ୍ଥିତ ପଞ୍ଚାନନ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ମଙ୍ଗଳ ବିଭାଗ ଦ୍ୱାରା ଟେଣ୍ଡର ଆହ୍ୱାନ ପରେ କମିଟି ଉପସ୍ଥିତିରେ ସମ୍ବଲପୁରୀ ବସ୍ତ୍ରାଳୟ, ହସ୍ତତନ୍ତ ସମବାୟ ସମିତିର ପକ୍ଷରୁ ଯୋଗାଇ ଦିଆଯାଇଥିବା ସାମଗ୍ରୀର ଗୁଣବତ୍ତା ଯାଞ୍ଚ, ସ୍ଥାନ: ନବରଙ୍ଗପୁରସ୍ଥିତ ଦକ୍ଷତା ବିକାଶ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଶିବ ବିବାହ, ସ୍ଥାନ: ଜୟପୁର ରାଜୁସାହି ସ୍ଥିତ ପଞ୍ଚାନନ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ମାଲକାନଗିରି

- ଜିଲା କୃଷି କମିଟି ବୈଠକ, ସ୍ଥାନ:ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୭ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ ନକ ଆଉଟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଶ୍ରୀଶ୍ରୀବମବରାଡ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା, ସ୍ଥାନ: ନନ୍ଦପଡା, ସମୟ: ରାତି ୧୧ଟା।
- ଶ୍ରୀଶ୍ରୀ ଲୋକନାଥ ବାବା ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା, ସ୍ଥାନ: ଝାଡୁଆପଡା, ସମୟ: ରାତି ୧୨ଟା।
- ଶ୍ରୀଶ୍ରୀ ଜାଗେଶ୍ୱର ବାବା ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା, ସ୍ଥାନ: ମୁଦିପଡା, ସମୟ: ରାତି ୧୨ଟା।
- ଶ୍ରୀଶ୍ରୀଶିତଲେଶ୍ୱର ବାବା ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା, ସ୍ଥାନ: ବଡବଜାର, ସମୟ: ରାତି ୧୨ଟା।
- ଶ୍ରୀଶ୍ରୀଗୁପ୍ତେଶ୍ୱର ବାବା ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା, ସ୍ଥାନ: ଠାକୁରପଡା, ସମୟ : ରାତି ୧୨ଟା।
- ବୁଢ଼ାରଜା ମହାଦେବ ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା, ସ୍ଥାନ: ବୁଢ଼ାରଜା, ସମୟ: ରାତି ୧୨ଟା।

## ବଲାଙ୍ଗୀର

- ଗ୍ରୀଷ୍ମକାଳୀନ ଖୋଖୋ ତାଲିମ ଶିବିର, ସ୍ଥାନ: ଟାଉନ୍ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ଟ୍ରାଇ ପକ୍ଷରୁ ଟେଲିକମ୍ ଉପଭୋକ୍ତା ଓ ସାଇବର ନିରାପତ୍ତା ଶିବିର, ସ୍ଥାନ: ସାମ୍ବାଦିକ ଭବନ,ସମୟ: ପୂର୍ବାହ୍ନ ୧୦ଟା।
- ଏବିଏସ୍ଏସ୍ ଶୀତଳଷଷ୍ଠୀ ଯାତ୍ରାର ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା, ସ୍ଥାନ: ଏବିଏସ୍ଏସ୍ ରୋଡ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ପୂଜା କମିଟିର ଶୀତଳଷଷ୍ଠୀ ମହୋତ୍ସବ, ସ୍ଥାନ: ସାଗରପଡା, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁର ଶୀତଳଷଷ୍ଠୀ ମହୋତ୍ସବ ଅବସରରେ ଶିବପାର୍ବତୀଙ୍କ ଯୁଗଳ ମୂର୍ତ୍ତି ଦର୍ଶନ, ସ୍ଥାନ: ରାମକୃଷ୍ଣ ନଗର, ସମୟ: ସକାଳ ୮ଟା।
- ଶୀତଳ ଷଷ୍ଠୀରେ ଶିବ ପାର୍ବତୀ ବିବାହ, ସ୍ଥାନ: କୋଟସମଲାଇ, ଉଲୁଣ୍ଡା ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- ନୀଳକଣ୍ଠେଶ୍ୱର ଶୀତଳଷଷ୍ଠୀ ଉତ୍ସବ ଅବସରରେ ଶିବପାର୍ବତୀଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ, ସ୍ଥାନ: ତରଭା ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ରାତି ୮ଟା।

## ବରଗଡ଼

- ଶୀତଳଷଷ୍ଠୀ ମହୋତ୍ସବ, ଶ୍ରୀଶ୍ରୀ ନଟରାଜ ଶିବଙ୍କ ଶତଆରତୀ, ପ୍ରାର୍ଥନା, ସ୍ଥାନ: ବରପାଲି, ସମୟ: ସକାଳ ୬ଟା।
- ଧାନବିକ୍ରି ସମସ୍ୟା ନେଇ କୃଷକ ସଙ୍ଗଠନର ମଣ୍ଡି ଚାଲ ଅଭିଯାନ, ସ୍ଥାନ: ଭେଡ଼େନ, ସମୟ: ସକାଳ ୮ଟା।
- ବିଦ୍ୟୁତ୍ ବିଲ୍ ସମସ୍ୟା ନେଇ ଟିପିଡବ୍ଲୁଓଡିଏଲର ଅଭିଯୋଗ ପ୍ରତିବିଧାନ ପୀଠ, ସ୍ଥାନ: ସେକ୍ସନ ଅଫିସ୍, ଥୁଆପାଲି, ଭେଡ଼େନ, ସମୟ: ପୂର୍ବାହ୍ନ ୧୦ଟା।
- ଶୀତଳଷଷ୍ଠୀ ମହୋତ୍ସବରେ ଶିବ-ପାର୍ବତୀଙ୍କ ପାଣିଗ୍ରହଣ, ସ୍ଥାନ: ବରପାଲି, ସମୟ: ମଧ୍ୟାହ୍ନ ୧୨ଟା ୪୦।
- ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ଅନ୍ନପ୍ରସାଦ ବଣ୍ଟନ, ସ୍ଥାନ: ରାଜବାଟୀ ସମ୍ମୁଖ, ବରପାଲି, ସମୟ: ଅପରାହ୍ନ ୫ଟା।
- ଶୀତଳଷଷ୍ଠୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବରପାଲି, ସମୟ: ରାତି ୧୦ଟା।

## ରାଉରକେଲା

- ଆଖଣ୍ଡଳମଣି ମନ୍ଦିରରେ ଶିବପାର୍ବତୀ ବିବାହ, ସ୍ଥାନ: ସେକ୍ଟର-୧୯, ସମୟ: ସକାଳ ୮ଟା।
- ଶିଶୁ ଶ୍ରମିକ ସଚେତନତା ରଥ ଉଦ୍‌ଘାଟନ,ସ୍ଥାନ: ଏଡିଏମ୍ କାର୍ଯ୍ୟାଳୟ, ଉଦିତନଗର, ସମୟ: ସକାଳ ୯ଟା।
- ବାଟ ମା' ମଙ୍ଗଳା ମନ୍ଦିର ମହିଳା ସମିତି ପକ୍ଷରୁ ବୈଠକ, ସ୍ଥାନ: ଜଗଦା, ସମୟ: ପୂର୍ବାହ୍ନ ୧୦ଟା।
- ଶକ୍ତିକ୍ଲବ ଓ ସୋସିଆଲ ହୋମ୍ ପକ୍ଷରୁ ରଜପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଶକ୍ତିନଗର, ସମୟ: ଅପରାହ୍ନ ୫ଟା।
- କବିତା ପାଠୋତ୍ସବ, ସ୍ଥାନ: ଗୋପବନ୍ଧୁ ପାଠାଗାର, ସ୍ଥାନ: ସନ୍ଧ୍ୟା ୭ଟା।

## ଦେବଗଡ଼

- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର ଓ ହନୁମାନ ବାଟିକା, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶୀତଳଷଷ୍ଠୀ ଅବସରରେ ଦେବ ଦମ୍ପତିଙ୍କ ନଗର ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ରାତି ୧୦ଟା।

## କଳାହାଣ୍ଡି

- ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱରଙ୍କ ଶୁଭ ବିବାହ ଉପଲକ୍ଷେ ଦେବଦମ୍ପତିଙ୍କ ନଗର ପରିକ୍ରମା, ସ୍ଥାନ: ଭବାନୀପାଟଣା ପୁରୁଣାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଶୀତଳଷଷ୍ଠୀ ଅବସରରେ କାଳଶ୍ୱେର ବାବାଙ୍କ ବିବାହ ଉତ୍ସବ, ସ୍ଥାନ: କୋମନା ବ୍ଲକ ଶୁକ୍ଲିମୁଣ୍ଡି ନାଗବାଚାଗୁଡ଼ି, ସମୟ: ସକାଳ ୮ଟା।

## ବୌଦ୍ଧ

- ଡମ୍ବରୁଗାଡ଼ ସିଦ୍ଧ ତପୋବନ ଆଶ୍ରମରେ ବିଶ୍ୱଶାନ୍ତି ଧର୍ମ ମହାଯଜ୍ଞ ନେଇ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ଡମ୍ବରୁଗାଡ଼ ସିଦ୍ଧ ତପୋବନ ଆଶ୍ରମ, ବୌଦ୍ଧ, ସମୟ: ସକାଳ ୯ଟା।
- ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ:ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଢେଙ୍କାନାଳ

- ଶ୍ରୀ ଶ୍ରୀ ଭୋଲେଶ୍ୱରଜୀଉଙ୍କ ବର ବାହୁଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନ: ଭୋଜଦେଇପୁର ଗ୍ରାମ, ସମୟ: ରାତି ୮ଟା।

## ଜଗତ୍‌ସିଂହପୁର

- ବନ୍ଧୁତ୍ୱପୂର୍ଣ୍ଣ ଆମନ୍ତ୍ରଣୀୟ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।
- ଗ୍ରୀଷ୍ମକାଳୀନ ବ୍ଲାଇଣ୍ଡ ଆଣ୍ଡ ପାରା ଜୁଡୋ କ୍ୟାମ୍ପର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ଶିବ ବିବାହ କାର୍ଯ୍ୟକ୍ରମ, ସ୍ଥାନ: ଶାରଳା ମନ୍ଦିର ପରିସର, ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀ ବିନୋଦବିହାରୀ ମନ୍ଦିର ପରିସର, ଆୟତପୁର, ମାର୍ଶାଘାଇ, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ବାର୍ଷିକ ଏନ୍‌ସିସି ପ୍ରଶିକ୍ଷଣ ଶିବିର, ସ୍ଥାନ: ବାବା ଭୈରବାନନ୍ଦ ସ୍ୱୟଂଶାସିତ କଲେଜ ପରିସର,ସମୟ: ସକାଳ ୯ଟା।
- ବନ୍ଦେ ବ୍ୟାସନଗର ମଞ୍ଚ ପକ୍ଷରୁ ଗ୍ରୀଷ୍ମକାଳୀନ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଯାଜପୁର ରୋଡ ରାଜୀବ ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ବିଶ୍ୱଶାନ୍ତି ମହାଯଜ୍ଞର ଉଦ୍‌ଯାପିତ ଉତ୍ସବ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ ବଳରାମପ୍ରସାଦ ଜଗନ୍ନାଥଙ୍କ ଦାରୁ ସ୍ଥଳ, ସମୟ:ସକାଳ ୭ଟା ୩୦।
- ଓଡ଼ଗାଁ ରଘୁନାଥ ଆଥ୍ଲେଟିକ୍ ଆସୋସିଏଶନ ପକ୍ଷରୁ କ୍ରିକେଟ ଲିଗ୍ ଉଦ୍‌ଘାଟନ, ସ୍ଥାନ:ଓଡ଼ଗାଁ ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଶିବ ବିବାହ ପର୍ବ ଅବସରରେ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ୧୬ ଶମ୍ଭୁ ମେଳଣ, ସ୍ଥାନ:ଶରଣକୁଳ ଲଡୁବାବା ମନ୍ଦିର, ସମୟ:ରାତି ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅନୁକୂଳ ଗ୍ରହସ୍ଥିତିରୁ ସୁସ୍ଥ ମାନସିକତା, ପାରିବାରିକ ଶାନ୍ତି , ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମ୍ମାନିତ ହେବେ। ଆନୁଷ୍ଠାନିକ କାମ, ଧାର୍ମିକ ଅନୁଷ୍ଠାନ ପ୍ରତି ଅନୁରାଗୀ ହେବେ। ସମସ୍ୟା ସମାଧାନ ସହ ଆର୍ଥିକ ଅଭିବୃଦ୍ଧି ଦିନଟିକୁ ସରସ କରାଇବ। ସଭାସମିତିକୁ ଆହୂତହେବା ସହ ଦୂରେଇଯାଇଥିବା ବନ୍ଧୁମାନେ ପାଖେଇଆସିବେ।

**ବୃଷ**
ଏକାଧିକ ଗ୍ରହଙ୍କ ସମାବେଶରେ ରାଜଯୋଗ ପ୍ରଭାବରୁ କାର୍ଯ୍ୟସିଦ୍ଧି ସହ ସାମାଜିକ ପ୍ରତିଷ୍ଠାର୍ଜନ କରିବେ। ଋଣ ପରିଶୋଧ, ବ୍ୟବସାୟରେ ଅର୍ଥ ଲଗାଣ କିମ୍ବା ବିବାଦୀୟ ଘଟଣାରେ ଖର୍ଚ୍ଚାନ୍ତ ହୋଇପାରନ୍ତି। ଜଣେ ବନ୍ଧୁଙ୍କ ପ୍ରରୋଚନାରେ ପଡ଼ି ଭୁଲ୍ ନିଷ୍ପତ୍ତି ଗ୍ରହଣ କରି ଅନୁତାପକରିବେ। ଗୁଡ଼ାଏ କାମ ହାତକୁ ନେଇ ବ୍ୟସ୍ତତା ବୃଦ୍ଧି ପାଇବ।

**ମିଥୁନ**
ଭୂମିପୁତ୍ର ମଙ୍ଗଳଙ୍କ ସୁପ୍ରଭାବରୁ ଜମିଜମା କ୍ରୟ, ନୂତନ ଗୃହାଦି ସଜ୍ଜୀକରଣ ପାଇଁ ମନ ବଳାଇବେ। ସ୍ଥଗିତକାମକୁ ଶେଷକରିବା ସକାଶେ ବ୍ୟସ୍ତହୋଇ ପଡ଼ିପାରନ୍ତି। ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ଆଶଙ୍କାକୁ ଏଡ଼ିହେବ ନାହିଁ। ଅପରାହ୍ନରେ ପରିସ୍ଥିତି ବଦଳିଯିବ ଓ କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଆସ୍ଥାଭାଜନ ହୋଇପାରନ୍ତି।

**କର୍କଟ**
ସ୍ୱଗୃହୀ ଚନ୍ଦ୍ର ହେତୁ ପାରିବାରିକ ସୌଖ୍ୟ, ଦୈହିକ ସୁସ୍ଥତା, ଯାତ୍ରା ଯୋଜନା, ବ୍ୟବସାୟ ପାଇଁ ଦିନଟି ଅନୁକୂଳ ରହିବ। ଅଫିସିଆଲି କାମ, ପ୍ରଶାସନିକ କ୍ଷେତ୍ର ତଥା ପାରିପାର୍ଶ୍ୱିକ ପରିସ୍ଥିତି ମନ୍ଦ ହେବନି। ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଜମିଜମା ଓ ମାଲିମକଦ୍ଦମାରେ ଆଶାନୁରୂପ ଫଳ ପାଇବେ। ସନ୍ତାନହେତୁକ ଅପ୍ରୀତିକର ପରିସ୍ଥିତି ସୃଷ୍ଟିହୋଇପାରେ।

**ସିଂହ**
କର୍ମଭାବସ୍ଥ ଗ୍ରହ ପ୍ରଭାବରୁ ପରିବର୍ତ୍ତିତ ପରିସ୍ଥିତିକୁ ନେଇ କର୍ମତତ୍ପର ରହିବେ। ପରିବାର ସମ୍ବନ୍ଧୀୟ ଦୁଶ୍ଚିନ୍ତା, ଋଣ ପରିଶୋଧ ଚିନ୍ତା, ଆତ୍ମୀୟଙ୍କ ବେଖାତିର ମନୋଭାବ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟିକରିବ। ସନ୍ତାନଙ୍କ ପରସ୍ପର ବିରୋଧ ଭାବାତ୍ମକ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇପାରନ୍ତି।

**କନ୍ୟା**
ରାଶିରେ କେତୁ ଓ ବୃହସ୍ପତିଙ୍କ ସ୍ଥିତିଜନିତ ପାରିବାରିକ କ୍ଷେତ୍ରରେ ଅଶାନ୍ତିକର ପରିସ୍ଥିତି ଉପୁଜିପାରେ। ଦିନଟିରେ ଖର୍ଚ୍ଚାନ୍ତ ହେଲେ ମଧ୍ୟ ଅଭିଳଷିତ କାମ ସମ୍ପନ୍ନ କରିବାରେ ବିହିତ ପଦକ୍ଷେପ ନେବେ। ପାରିବାରିକ ସ୍ଥିତି, ଆର୍ଥିକ ପରିସ୍ଥିତି ଓ ବ୍ୟବସାୟ, ବାଣିଜ୍ୟ ପୂର୍ବଭଳି ଅକ୍ଷୁଣ୍ଣ ରହିବ।

**ତୁଳା**
ଦୁଃସ୍ଥାନସ୍ଥ ଗ୍ରହଜନିତ ବିଭିନ୍ନ ସମସ୍ୟା ସାମ୍ନା କରିବାକୁ ପଡ଼ିପାରେ। ଶାରୀରିକ ସୁସ୍ଥତା, ବ୍ୟବସାୟିକ ଉତ୍କର୍ଷ, ବନ୍ଧୁଙ୍କ ସହ ସୁସମ୍ପର୍କ ମନକୁ ଉଚ୍ଛାଟକରି ରଖିବ। ଯେତେ ଭଲ କଥା କହିଲେ ମଧ୍ୟ ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିବିଶେଷ ଓଲଟା ବୁଝିବେ। ବନ୍ଧୁଙ୍କ ଗହଣରେ ପ୍ରବଚନ, ସତ୍‌ସଙ୍ଗ ଓ ମନୋରଞ୍ଜନ କାମରୁ ପ୍ରଶଂସିତ ହେବେ।

**ବିଛା**
କେନ୍ଦ୍ରସ୍ଥ ରାଜଯୋଗ ହେତୁ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଆର୍ଥିକ ଅଭିବୃଦ୍ଧି ଘଟିବ। ଆଜି ଯେଉଁ କାମରେ ହାତ ଦେବେ ତାହା ସମ୍ପନ୍ନ ନ ହୋଇ ରହିବ ନାହିଁ। ଅନୁରାଧା ସକାଶେ ପାରିପାର୍ଶ୍ୱିକ ସ୍ଥିତି ସେତେଟା ଭଲ ନ ଥିବାରୁ ଅସଫଳତାର କାରଣ ଖୋଜିବାକୁ ଯାଇ ଅନ୍ୟମାନଙ୍କୁ ସନ୍ଦେହ କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ।

**ଧନୁ**
କର୍ମକ୍ଷେତ୍ରରେ କେତେକ ନୂତନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପ୍ରତ୍ୟେକ କାମରେ ସମୟ ଗଡ଼ି ଗଡ଼ି ଯାଉଥିବାରୁ ମନରେ ବିରକ୍ତିଭାବ ଜାଗ୍ରତ ହେବ। ଭଲ ସମ୍ପର୍କ ରହିଥିବା ବାନ୍ଧବୀଟି ସାଧାରଣ କଥାରେ ମୁହଁ ଫେରାଇନେଇପାରନ୍ତି। ଗବେଷଣା,ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ମକର**
ଚତୁର୍ଥଭାବର ଶୁଭତ୍ୱ କାରଣରୁ ପାରିବାରିକ ସ୍ଥିତି ଭଲ ରହିବ। କିନ୍ତୁ ଉତ୍ତରାଷାଢ଼ା ନକ୍ଷତ୍ରର ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଦ୍ୱନ୍ଦ୍ୱ ମନକୁ ବିଚଳିତ କରାଇପାରେ। ଆପଣଙ୍କ ସକାଶେ କର୍ମକ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଖୁବ୍ ଆଶାବାଦୀ ହେବେ ଓ କାମଗୁଡ଼ିକ ସୁବିଧାରେ ହୋଇଯିବ

**କୁମ୍ଭ**
କର୍ମସ୍ଥାନକୁ ଏକାଧିକ ଗ୍ରହଙ୍କ ଦୃଷ୍ଟି ପ୍ରଭାବରୁ ଘରୋଇ ସମସ୍ୟା,ଆର୍ଥିକ ଦୁଃସ୍ଥିତି,କାର୍ଯ୍ୟରେ ବିଳମ୍ବ ଘଟିପାରେ। ଶିଳ୍ପ,ବାଣିଜ୍ୟ,ପରିବହନ, ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବା ସୂଚନା ରହିଛି। ସଭାସମିତି, କଳା, ସାହିତ୍ୟ ପ୍ରଭୃତିରେ ଭାଗନେଲେ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ନିୟନ୍ତ୍ରଣ ମଧ୍ୟରେ ରହିବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

**ମୀନ**
ଗ୍ରହ ସ୍ଥିତି ଅନୁକୂଳ ରହିଥିବାରୁ ଲକ୍ଷ୍ୟ ସାଧନ ଦିଗରେ ଅଗ୍ରଗତି ବାଧାପ୍ରାପ୍ତ ହେବନାହିଁ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିବିଶେଷ ଦେଖେଇ ଶିଖେଇ ବାରକଥା କହି ମନକୁ ବିଚଳିତ କରାଇପାରନ୍ତି। ମୂଲ୍ୟବାନ୍ ଜିନିଷ କ୍ରୟକରିବାଜନିତ ଅର୍ଥ ସଙ୍କଟ ଦେଖାଦେଇପାରେ। ରାଜନୀତି, ମାଲିମକଦ୍ଦମା ତଥା ଆନୁଷ୍ଠାନିକ କାମରେ ଖଟଣି ବଢ଼ିଯିବ।

ଆଜି ଜୁନ୍ ୧୧ ତାରିଖ, ଜ୍ୟେଷ୍ଠ ଶୁକ୍ଳପକ୍ଷର ୫ମୀଯୁକ୍ତ ଶୀତଳଷଷ୍ଠୀ ମଙ୍ଗଳବାର, ଶ୍ରୀମନ୍ଦିରରେ ଶିବବିବାହ ପର୍ବ। ରାଶିନକ୍ଷତ୍ର- ଅଶ୍ଳେଷା/କର୍କଟ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୧ ଗତେ, ଘ.୦୬।୪୯ ମଧ୍ୟେ, ଘ.୦୯।୩୪ ଗତେ, ଘ.୧୨।୧୨ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୩।୦୪ ଗତେ, ଘ.୦୪।୪୩ ମଧ୍ୟେ ରାହୁକାଳ ।

## ପ୍ରଥମ ପୃଷ୍ଠାରୁ...

### ଆଜି ବିଧାୟକ ଦଳ...

କହିଛନ୍ତି, ଓଡ଼ିଶାରେ ପ୍ରଥମ କରି ଭାଜପା ସରକାର ଗଠନ କରିବାକୁ ଯାଉଛି। ରାଜ୍ୟରେ ଭ୍ରଷ୍ଟାଚାର, ଅତ୍ୟାଚାରର କଳାକାରନାମା ଚଳାଇଥିବା ବିଜେଡି ସରକାରର ପତନ ଘଟିଛି। ପାର୍ଲାମେଣ୍ଟ ଏବେ ବିଜେଡି ମୁକ୍ତ ହୋଇଛି ଓ ଭାଜପା ପୂର୍ଣ୍ଣ ବହୁମତରେ ସରକାର ପ୍ରତିଷ୍ଠା କରିଛି। ଓଡ଼ିଶାରେ 'ଡବଲ ଇଞ୍ଜିନ ସରକାର ଗଠନ' ହେଉଛି। ଏଥିପାଇଁ ପ୍ରତ୍ୟେକ ଓଡ଼ିଶାବାସୀ ନିଜ ଘରେ, ମନ୍ଦିରଗୁଡ଼ିକରେ ଦୁଇଟି ଲେଖାଏଁ ଦୀପ ଜାଳି ସରକାର ପରିବର୍ତ୍ତନର ଖୁସି ମନାନ୍ତୁ। ସେଥିରୁ ଗୋଟିଏ କେନ୍ଦ୍ରରେ ୩ୟ ଥର ମୋଦି ସରକାର ଏବଂ ରାଜ୍ୟରେ ପ୍ରଥମ କରି ଭାଜପା ସରକାର ଗଠନ ପାଇଁ ଜଳାନ୍ତୁ ବୋଲି ସେ କହିଛନ୍ତି।

ଅନ୍ୟପଟେ ଭାଜପାରୁ ଏମ୍‌ପି ଭାବେ ବିଜୟୀ ହୋଇଥିବା କୌଣସି ନେତାଙ୍କୁ ଦଳ ମୁଖ୍ୟମନ୍ତ୍ରୀ କରିବ ନାହିଁ ବୋଲି ଯାହା ଆକଳନ କରାଯାଉଥିଲା ତାହା ଏକପ୍ରକାର ସ୍ପଷ୍ଟ ହୋଇଛି। ରାଜ୍ୟରେ ଭାଜପା ଟିକେଟରେ ବିଜୟୀ ହୋଇଥିବା ବିଧାୟକମାନଙ୍କ ମଧ୍ୟରୁ ହିଁ ଜଣେ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି ବୋଲି ଯାହା ଅନୁମାନ କରାଯାଉଥିଲା ସେନେଇ ଦଳୀୟ ନେତା ମଧ୍ୟ ମତ ରଖିସାରିଲେଣି। କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ଦିଲ୍ଲୀରୁ ଫେରିବା ପରେ ଜଣେ ବିଧାୟକ ହିଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ସ୍ପଷ୍ଟ କରିଛନ୍ତି। ଅନ୍ୟପଟେ ସୁରେଶ ପୂଜାରୀ ମଧ୍ୟ ଦିଲ୍ଲୀରୁ ଫେରିବା ପରେ ଗଣମାଧ୍ୟମକୁ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ କିଏ ହେବେ ଘୋଷଣାକୁ ଅପେକ୍ଷା କରନ୍ତୁ। ଦଳୀୟ ନିଷ୍ପତ୍ତି ପରେ ଜଣାପଡ଼ିବ। ଏନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ। ପର୍ଯ୍ୟବେକ୍ଷକ ଭାବେ ରାଜନାଥ ସିଂ, ଭୂପେନ୍ଦ୍ର ଯାଦବ ଆସିବେ। ବିଧାୟକ ଦଳ ବୈଠକରେ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ସୁରେଶ କହିଛନ୍ତି। ଅନ୍ୟପଟେ ଭାଜପାର ଶପଥ ଉତ୍ସବ କାର୍ଯ୍ୟକ୍ରମ ଲାଗି ଜନତାମଇଦାନଠାରେ ପ୍ରସ୍ତୁତି ଏକପ୍ରକାର ଶେଷ ହୋଇସାରିଛି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ରାଜ୍ୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ମଧ୍ୟ ନିମନ୍ତ୍ରଣ ପତ୍ର ପଠାଯାଇଥିବା ଜଣାପଡ଼ିଛି।

### ଘରେ ନ ପଶୁଣୁ...

ଚାହେଁ ବୋଲି ପ୍ରଫୁଲ କହିଛନ୍ତି। ସୂଚନା ଦିଆଯାଇପାରେ ଯେ, ପୂର୍ବରୁ ମନମୋହନ ସିଂଙ୍କ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ୟୁପିଏ) ସରକାର ସମୟରେ କ୍ୟାବିନେଟ ମନ୍ତ୍ରୀ ହୋଇସାରିଥିବାରୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ଗ୍ରହଣ କରିବାକୁ ପ୍ରଫୁଲ୍ଲ ମନା କରିଦେଇଛନ୍ତି। ସଦ୍ୟ ସମାପ୍ତ ନିର୍ବାଚନରେ ମହାରାଷ୍ଟ୍ର ଏନ୍‌ସିପି ସଭାପତି ସୁନୀଲ ଟାଟକାରେ ରାଇଗଡ଼ ଲୋକ ସଭା ଆସନରୁ ଏକମାତ୍ର ଦଳୀୟ ପ୍ରାର୍ଥୀ ଭାବେ ବିଜୟଲାଭ କରିଛନ୍ତି। ସେହିପରି ଏକନାଥ ଶିନ୍ଦେଙ୍କ ଦଳର ମୁଖ୍ୟ ହ୍ୱିପ୍ ଶ୍ରୀରଙ୍ଗ ବର୍ନେ କହିଛନ୍ତି, ସେମାନେ କେନ୍ଦ୍ର କ୍ୟାବିନେଟ ବର୍ଥ ଆଶା କରିଥିଲେ। ଚିରାଗ ପାଶ୍ୱାନଙ୍କ ଦଳ ୫ଟି ଆସନ ଜିତିଥିବାବେଳେ ଜିତନରାମ ମାଞ୍ଝିଙ୍କ ଦଳ ଗୋଟିଏ ଏବଂ ଜେଡିଏସ୍ ୨ଟିଆସନ ଜିତିଛନ୍ତି। ଏହା ସତ୍ତ୍ୱେ ସେମାନେ ଗୋଟିଏ ଲେଖାଏ କ୍ୟାବିନେଟ ମନ୍ତ୍ରୀ ପଦ ପାଇଛନ୍ତି। ଶିବସେନା ୭ଟି ଆସନ ଜିତି କେବଳ ଗୋଟିଏ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) କାହିଁକି ପାଇବ ବୋଲି ବର୍ନେ ପ୍ରଶ୍ନ କରିବା ସହ ଅନ୍ତତଃ ଗୋଟିଏ କ୍ୟାବିନେଟ ପାହ୍ୟା ପାଇବା ଆବଶ୍ୟକ ଥିଲା ବୋଲି କହିଛନ୍ତି।

ଅନ୍ୟପକ୍ଷରେ ରବିବାର ମନ୍ତ୍ରୀ ଭାବେ ଶପଥ ନେଇଥିବା କେରଳର ଏକମାତ୍ର ଭାଜପା ଏମ୍‌ପି ସୁରେଶ ଗୋପୀ ମନ୍ତ୍ରୀ ପଦ ଚାହାନ୍ତି ନାହିଁ ବୋଲି କହିଥିବା ଖବର ପ୍ରକାଶ ପାଇଥିଲା। ଅଭିନେତାରୁ ନେତା ହୋଇଥିବା ଗୋପୀ କେବଳ ଏମ୍‌ପି ଭାବେ ରହିବାକୁ ଚାହାନ୍ତି। କାରଣ ସେ କେତେଗୁଡ଼ିଏ ଚଳଚ୍ଚିତ୍ର ପାଇଁ ଚୁକ୍ତି କରିଥିବାରୁ ସେଗୁଡ଼ିକ ପାଇଁ ତାଙ୍କୁ କାମ କରିବାକୁ ପଡ଼ିବ। ସେଥିପାଇଁ ସେ ମନ୍ତ୍ରୀପଦ ଛାଡ଼ିବାକୁ ଚାହାନ୍ତି ବୋଲି ରବିବାର ରାତିରେ କହିଥିଲେ। ଗଣମାଧ୍ୟମରେ ଏହି ରିପୋର୍ଟ ପ୍ରକାଶ ପାଇବା ପରେ ସୋମବାର ଗୋପୀ ଏହାକୁ ଖଣ୍ଡନ କରିଛନ୍ତି। ପ୍ରକାଶିତ ରିପୋର୍ଟ ସମ୍ପୂର୍ଣ୍ଣ ଭୁଲ୍ ବୋଲି ସେ କହିଛନ୍ତି। ମୋଦି ସରକାରର ମନ୍ତ୍ରୀ ପରିଷଦରେ ସାମିଲ ହେବା ଓ କେରଳ ଜନସାଧାରଣଙ୍କ ପ୍ରତିନିଧିତ୍ୱ କରିବା ତାଙ୍କ ପାଇଁ ଗର୍ବର ବିଷୟ ବୋଲି ଗୋପୀ ଏକ ଫେସ୍‌ବୁକ୍ ପୋଷ୍ଟରେ ଲେଖିଛନ୍ତି।

### ଆଗକୁ ବଢୁନି...

୪୨.୪, ବଲାଙ୍ଗୀର ୪୨.୨, ବାରିପଦା ୪୨, ନୟାଗଡ଼ ୪୧.୭, ଝାରସୁଗୁଡ଼ା, ତାଳଚେର ଓ ସମ୍ବଲପୁରରେ ୪୧.୬, ବରଗଡ଼ ଓ ଢେଙ୍କାନାଳରେ ୪୧.୨, ଅନୁଗୋଳ ୪୧.୧, ଟିଟିଲାଗଡ଼, ଖୋର୍ଦ୍ଧା ଓ ରାଉରକେଲାରେ ୪୧, ସୋନପୁର ୪୦.୬, ବାଲେଶ୍ୱର ୪୦.୫, ହୀରାକୁଦ ୪୦.୧, ଭବାନୀପାଟଣା ଓ ସୁନ୍ଦରଗଡ଼ରେ ୪୦ ଡିଗ୍ରୀ ରହିଥିଲା। ସୂଚନାଯୋଗ୍ୟ, ନିର୍ଦ୍ଧାରିତ ସମୟ ପୂର୍ବରୁ ରାଜ୍ୟକୁ ଗତ ୮ ତାରିଖରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଛୁଇଁଥିଲା। ମାଲକାନଗିରି ଜିଲାରେ ମୌସୁମୀ ପ୍ରବେଶ କରିସାରିଥିବାବେଳେ ପର୍ଯ୍ୟାୟକ୍ରମେ ରାଜ୍ୟର ଅନ୍ୟ ଅଞ୍ଚଳରେ ଏହା ସକ୍ରିୟ ରହିବ ବୋଲି ପୂର୍ବରୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଥିଲା। କିନ୍ତୁ ଏବେ ରାଜ୍ୟରେ ମୌସୁମୀ ଆଗକୁ ଅଗ୍ରସର ହେଉନାହିଁ। ତେଣୁ ୧୫ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାକୁ ଗ୍ରୀଷ୍ମ ପ୍ରବାହ ନେଇ ସତର୍କ ରହିବା ପାଇଁ କୁହାଯାଇଛି। ମଙ୍ଗଳବାର ବାଲେଶ୍ୱର, ଜଗତ୍‌ସିଂହପୁର, ନୟାଗଡ଼, ଖୋର୍ଦ୍ଧା, ନୂଆପଡ଼ା, ବଲାଙ୍ଗୀର, ଗଜପତି, ଗଞ୍ଜାମ, ବୌଦ୍ଧ, ଝାରସୁଗୁଡ଼ା ଜିଲାକୁ ଗ୍ରୀଷ୍ମ ପ୍ରବାହ ଏବଂ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ପୁରୀ ଜିଲାକୁ ଉଷ୍ମ ଆର୍ଦ୍ର ପାଣିପାଗ ବା ଗୁଳୁଗୁଳି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

### ଯୁକ୍ତ୨ ଇନ୍‌ଷ୍ଟାଣ୍ଟ:...

ପରୀକ୍ଷାରେ ପ୍ରାୟ ୧୫ଶହ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। ଏହି ପରୀକ୍ଷା ପାଇଁ ପ୍ରଥମ ପର୍ଯ୍ୟାୟ ଫର୍ମପୂରଣ ଗତ ୧ରୁ ଆରମ୍ଭ ହୋଇ ୫ ତାରିଖରେ ଶେଷ ହୋଇଥିବାବେଳେ ପରିଷଦ ଦ୍ୱିତୀୟ ସୁଯୋଗ ଦେଇଥିଲା। ଯେଉଁ ଛାତ୍ରୀଛାତ୍ର ଏଗ୍ରିଗେଟ୍ ମାର୍କ ରଖି ସମସ୍ତ ବିଷୟରେ ପାସ୍ ହୋଇ କେବଳ ଗୋଟିଏ ବିଷୟରେ ଫେଲ୍ ହୋଇଥିବେ ସେମାନେ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେବେ।

## ୧୨ରେ ସରକାରୀ କାର୍ଯ୍ୟାଳୟ ଅଧାଦିନ ଛୁଟି

ଭୁବନେଶ୍ୱର,୧୦।୬(ଅସମାପିକା ସାହୁ)

ରାଜ୍ୟରେ ଆସନ୍ତା ୧୨ ତାରିଖରେ ନୂଆ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଧୀନରେ ଥିବା ସମସ୍ତ ସରକାରୀ ଅଫିସକୁ ବୁଧବାର ଅଧାଦିନ ଛୁଟି ଘୋଷଣା କରିଛନ୍ତି। ଅପରାହ୍ନ ୧ଟାରୁ ସମସ୍ତ ସରକାରୀ କାର୍ଯ୍ୟାଳୟ ସହିତ କୋର୍ଟ ମଧ୍ୟ ବନ୍ଦ ରହିବ। ଏ ନେଇ ସୋମବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପେ ରୋପିଲା ତାଳ
ପୁଅ ମୁଣ୍ଡକୁ କାଳ।**

କରାଯାଇଥିବା ଋଣ ଯଦି ଠିକ ସମୟରେ ପଇଠ କରା ନ ଯାଏ ତେବେ ତାହାର ସୁଧମୂଳ ବହୁପରିମାଣରେ ବଢ଼ିଯାଇଥାଏ, ଯାହାକୁ ଶୁଝିବା ଅତ୍ୟନ୍ତ କଷ୍ଟକର ହୋଇପଡ଼େ। ସେହିପରି ଜଣେ ଯଦି ଋଣ କରି ନିଜ ଜୀବଦଶାରେ ଶୁଝି ନ ପାରନ୍ତି ତେବେ ତା'ର ପୁଅ ଋଣ ଶୁଝିବାକୁ ବାଧ୍ୟ ହୋଇଥାନ୍ତି। ବାପ କରିଥିବା ଋଣ ବଢ଼ିଯାଇ ପୁଅକୁ ବିପଦରେ ପକାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବତିଶା କଦଳୀ ଗଛ
ଛତିଶା ପବନ ଭାଙ୍ଗି ପକେଇଲା
ଭଣ୍ଡା ନବ କିଏ ଆସ।**

କିଛି ବ୍ୟକ୍ତି ଆବଶ୍ୟକତା ଠୁଁ ଅଧିକ କଞ୍ଜୁସ ସ୍ୱଭାବର ହୋଇଥାନ୍ତି। ଭଲରେ ମନ୍ଦରେ କାହାକୁ କିଛି ଦେଇ ନ ଥାନ୍ତି। ତେବେ ପରିସ୍ଥିତିରେ ପଡି ଦେବାର ଆବଶ୍ୟକତା ଦେଖାଦେଲେ ସେଥିରୁ କିଛି ଦେଇ ନିଜ ଦାତାପଣିଆ ଦେଖେଇ ହେବାରେ ହେଳା କରି ନ ଥାନ୍ତି। ନଷ୍ଟ ହୋଇଯାଉଥିବା ଜିନିଷରୁ କିଞ୍ଚିତ ଦାନକରି ଆତ୍ମସନ୍ତୋଷ ଲାଭ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ମୌସୁମୀ ଅପେକ୍ଷାରେ ଇନ୍ଦ୍ରାବତୀ

■ ବର୍ଷା ନ ହେଲେ ବିଦ୍ୟୁତ୍ ଉତ୍ପାଦନ ପ୍ରଭାବିତ ହେବ
■ ଜଳପତନ ହ୍ରାସକୁ ନେଇ ଆଶଙ୍କାରେ ଚାଷୀ

ଭବାନୀପାଟଣା,୧୦।୬ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ଲାଇଫଲାଇନ ତଥା ଅନ୍ନଦାତ୍ରୀ ମା' ଭାବେ ପରିଚିତ ଉପର ଇନ୍ଦ୍ରାବତୀ ବିଦ୍ୟୁତ୍ ପ୍ରକଳ୍ପ। ଏହି ପ୍ରକଳ୍ପ ହେବା ଦ୍ୱାରା ଶହ ଶହ ହେକ୍ଟର ଚାଷଜମି ଜଳସେଚନ ହେବା ସହ ୬୦୦ ମେଗାୱାଟ ପର୍ଯ୍ୟନ୍ତ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେଉଛି। ଚଳିତବର୍ଷ ପ୍ରବଳ ଖରା ଯୋଗୁ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଯଦି ଆଗାମୀ ଦିନରେ ପର୍ଯ୍ୟାପ୍ତ ବର୍ଷା ନ ହୁଏ ତା'ହେଲେ ସ୍ଥିତି ବିଗିଡିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

୫ଟି ନଦୀକୁ ନେଇ ଇନ୍ଦ୍ରାବତୀ ଜଳଭଣ୍ଡାର ସୃଷ୍ଟି ହୋଇଛି। ଏହାର କ୍ୟାଚ୍‌ମେଣ୍ଟ ଏରିଆ ୨୬୩୦ବର୍ଗ କି.ମି. ଥିବାବେଳେ ଜଳଧାରଣ କ୍ଷମତା ୬୪୨ମିଟର ରହିଛି। ଜଳଭଣ୍ଡାର ଇନ୍‌ଟେକ ୱେଲ ପାଖରେ ପଙ୍କ ଜମା ହେବା ଫଳରେ ଜଳଧାରଣ କ୍ଷମତା ହ୍ରାସ ପାଉଥିଲା। ପରବର୍ତ୍ତୀ ସମୟରେ ପଙ୍କ ଉଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଥିଲା। ସାଧାରଣତଃ ଜୁଲାଇ ମାସରେ ରବି ଫସଲ ପାଇଁ କେନାଲ ଦ୍ୱାରା ପାଣି ଛଡ଼ାଯାଏ। ବର୍ତ୍ତମାନ ଜଳପତନ ମାତ୍ର ୬୨୭.୮୮ ରହିଛି। ଜଳପତନ ସର୍ବନିମ୍ନ ସ୍ତର ୬୨୫ମିଟର। ଏହି ସମୟରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ୧୦୦ମେଗାୱାଟ ରହିଛି। ଓଏଚ୍‌ପିସି ପକ୍ଷରୁ କୁହାଯାଇଛି ଯେ, ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ନ ହେଲେ ପାୱାର ଜେନେରେଶନ ପ୍ରଭାବିତ ହେବ। ବର୍ତ୍ତମାନ ୬ଶହ ମେଗାୱାଟ ସ୍ଥଳେ ମାତ୍ର ୯୮.୦୬ ମେଗାୱାଟ ପାୱାର ଜେନେରେଶନ ହେଉଛି। ଜଳ ଭଣ୍ଡାର ଇନ୍‌ଟେକ ୱେଲ ନିକଟରେ ପଟୁ ମାଟି ଜମା ହେଉଥିବାରୁ ଜଳଧାରଣ କ୍ଷମତା କମିବାରେ ଲାଗିଛି। ଇନ୍ଦ୍ରାବତୀ ବିଭାଗୀୟ ଅଧିକାରୀ ସେଥିପ୍ରତି ଅଧିକ ଧ୍ୟାନ ଦେବାର ସମୟ ଆସିଛି। ପ୍ରତିବର୍ଷ ଉଚିତ ରକ୍ଷଣାବେକ୍ଷଣ ଓ ମରାମତି କଲେ ଜଳଧାରଣ କ୍ଷମତା ବଢ଼ିବା ନିଶ୍ଚିତ। ଇନ୍ଦ୍ରାବତୀ ନଦୀ ଅବବାହିକରେ ଜଙ୍ଗଲ ନଷ୍ଟ ହେବା ସହ ମୃତ୍ତିକା ଅବକ୍ଷୟ ହେତୁ ଜଳ ଭଣ୍ଡାର ଧୀରେ ଧୀରେ ପୋତି ହେଉଛି। ଇନ୍ଦ୍ରାବତୀରେ ଅନେକ ନଦୀ, ଶତାଧିକ ନାଳ, ଝରଣା ତଥା ଜଳ ଭଣ୍ଡାରରେ ବୁଡିଥିବା ଅନେକ ଛୋଟ ଛୋଟ ପାହାଡ଼ ରହିଛି। ତେବେ ଏହି ନଦୀ, ନାଳ, ଝରଣା ଅବବାହିକାରେ ଜଙ୍ଗଲ ବିଭାଗ ପକ୍ଷରୁ ବୃକ୍ଷ ରୋପଣ ସହ ପାହାଡ଼ ଚତୁଃପାର୍ଶ୍ୱରେ ପଥର ପ୍ୟାକିଂ କରାଯିବା ଉଚିତ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ପାହାଡ଼ଗୁଡିକ ପାଣିର ପ୍ରଖର ସ୍ରୋତରେ କ୍ଷୟ ହୋଇ ଜଳଭଣ୍ଡାରରେ ଲୀନ ହୋଇଥିବା ଜଣାପଡିଛି। ବୃକ୍ଷ ରୋପଣରେ ଅନିୟମିତତା ଓ ପାହାଡ଼ ଗୁଡିକର ସୁରକ୍ଷା ଅଭାବ ଯୋଗୁ ବର୍ଷା ପାଣିରେ ପଙ୍କ ଇନ୍‌ଟେକ ବେଲ ମୁହାଁ ହେଉଛି। ଜଳଭଣ୍ଡାରର ସୁରକ୍ଷା ବ୍ୟବସ୍ଥା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଦେଶ ତଥା ଦେଶ ବାହାର ବୈଷୟିକ ଜ୍ଞାନକୌଶଳରେ ନିର୍ମାଣ ହୋଇଥିବା ଇନ୍ଦ୍ରାବତୀ ପ୍ରକଳ୍ପ ଆଜି ଚାଷୀ ମୁହଁରେ ହସ ଫୁଟାଇଛି। ଏହି ଜଳ ଭଣ୍ଡାର ପରିଚାଳନା ଦାୟିତ୍ୱରେ ଖଡିଗୁଡା ଇନ୍ଦ୍ରାବତୀ ପ୍ରକଳ୍ପ ଡିଭିଜନ ରହିଛି। ବିଗତ ବର୍ଷରେ ମଧ୍ୟ ବୁଡାଳୀଙ୍କୁ ନେଇ ପଙ୍କ ଉଦ୍ଧାର କରାଯାଇଥିଲା। ବର୍ଷା ହେଲେ ଜଳସ୍ତର ବୃଦ୍ଧିପାଇବ। କିନ୍ତୁ ଜଳଧାରଣ କ୍ଷମତା ବୃଦ୍ଧି ପ୍ରତି ଦୃଷ୍ଟିଦେବା ଜରୁରୀ ହୋଇପଡିଛି। ଦକ୍ଷିଣ ମୁଖ୍ୟ କେନାଲରେ ଲାଇନିଂ ଓ ପୁନରୁଦ୍ଧାର କାର୍ଯ୍ୟ କରାଯିବା ସହିତ ଇନ୍ଦ୍ରାବତୀ ବୃହତ୍ ଉଠାଜଳସେଚନ ପ୍ରକଳ୍ପ ହେବା ଫଳରେ ଅଣଜଳସେଚିତ ଅଞ୍ଚଳ ଓ ଆଦୌ ପାଣି ମାଡୁ ନ ଥିବା ଜମିରେ ପାଣି ପହଞ୍ଚିପାରିଛି ବୋଲି ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ ୧,୧୮,୯୯୨ ହେକ୍ଟର ଜମିକୁ ଜଳ ଯୋଗାଇବାରେ ସମର୍ଥ ହୋଇଛି। ଓଡିଶାକୁ ମୌସୁମୀ ଛୁଇଁଛି। ମାଲକାନଗିରି ଜିଲାରେ ବର୍ଷାର ଆଭାସ ମିଳିଛି। କିନ୍ତୁ ଇନ୍ଦ୍ରାବତୀ ଜଳ ଭଣ୍ଡାରର ଜଳପତନ ବୃଦ୍ଧି ପାଇଁ କଳାହାଣ୍ଡିରେ ବର୍ଷା କେତେ ସହାୟକ ହେଉଛି ତାହା ଦେଖିବା କଥା। ନଚେତ ପାୱାର ଜେନେରେଶନ କ୍ଷେତ୍ର ଓ ଜମିକୁ ଜଳସେଚନ ବ୍ୟବସ୍ଥା ବିଗିଡିବା ସୁନିଶ୍ଚିତ ବୋଲି ଆକଳନ କରାଯିବା ସ୍ୱାଭାବିକ।


ଇନ୍ଦ୍ରାବତୀ ଜଳଭଣ୍ଡାର।

# ଝାଡ଼ାବାନ୍ତିରେ ଜଣେ ମୃତ, ୪ ଆକ୍ରାନ୍ତ

ବିଷମକଟକ,୧୦।୬(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ଡାଲିଆକୁଜି ପଞ୍ଚାୟତର ଗଇଲକଣା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪ଜଣ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମୃତକ ଜଣକ ହେଲେ ଗୋପାଳ କାଣ୍ଡାମାକା (୨୮)। ଗ୍ରାମର କାଦୁଲୁ କାଣ୍ଡାମାକା (୪୦)ଙ୍କ ମୁନିଗୁଡ଼ା ସରକାରୀ ମେଡିକାଲ ଚିକିତ୍ସା ଚାଲିଛି। ଅନ୍ୟ ୩ଜଣ କୁମାରୀ ମାଣ୍ଡିକା (୪୦), ମିଳନ ମାଣ୍ଡିକା (୧୮), କବିତା ଶବର (୧୨) ବିଷମକଟକ ଖ୍ରୀଷ୍ଟିଆନ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ଗ୍ରାମର ଗୋପାଳ କାଣ୍ଡାମାକାଙ୍କୁ ରବିବାର ଝାଡ଼ାବାନ୍ତି ହେବାରୁ ପରିବାର ଲୋକେ ମୁନିଗୁଡ଼ା ସରକାରୀ ମେଡିକାଲକୁ ନେଇଥିଲେ। ସେ ଗୁରୁତର ହେବାରୁ ତାଙ୍କୁ ରାୟଗଡ଼ା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଗୋପାଳ କାଣ୍ଡାମାକାଙ୍କ ମୃତ୍ୟୁ ଘଟିଛି। ଗ୍ରାମବାସୀ ବିଷମକଟକ ବିଡିଓ ଓ ରାୟଗଡ଼ା ଜିଲାପାଳଙ୍କୁ ଯୋଗାଯୋଗ କରିବାରୁ ବିଷମକଟକ, ମୁନିଗୁଡ଼ା ଓ ରାୟଗଡ଼ା ମେଡିକାଲ ଟିମ୍ ଗାଁରେ ପହଞ୍ଚି ଲୋକଙ୍କୁ ମେଡିସିନ ଏବଂ ଓଆର୍‌ଏସ୍ ବଣ୍ଟନ କରିଛନ୍ତି। ବିଷମକଟକ ଜନସ୍ୱାସ୍ଥ୍ୟ ବିଭାଗ ଜେଇ ରାଜେଶ୍ୱରୀ ପାତ୍ର ଓ ଜିତେନ୍ଦ୍ର ପାତ୍ର ପହଞ୍ଚି ଗ୍ରାମରେ ବ୍ଲିଚିଂ ପାଉଡର ପକାଇ ସମସ୍ତ ନଳକୂପ ସଫା କରିଥିଲେ। ଗ୍ରାମରେ ଝାଡ଼ାବାନ୍ତି କିପରି ବ୍ୟାପିଲା ସେ ନେଇ ତଦନ୍ତ ଚାଲିଥିବା ବିଷମକଟକ ବିଡିଓ ସଦାଶିବ ନାୟକ ସୂଚନା ଦେଇଛନ୍ତି। ବିଷମକଟକ ମେଡିକାଲ ବିପିଏମ୍ ପ୍ରଭାକର ଧଳ କହିଛନ୍ତି, ଏବେ ଆଉ କେହି ଆକ୍ରାନ୍ତ ନାହାନ୍ତି। ପାଣି ଟେଷ୍ଟିଂ ପାଇଁ ପଠାଯାଇଛି। ୨୪ ଘଣ୍ଟା ପରେ ରିପୋର୍ଟ ଆସିଲେ ଝାଡ଼ାବାନ୍ତିର କାରଣ ସମ୍ପର୍କରେ ଜଣାପଡ଼ିବ ବୋଲି ସେ ସୂଚନା ଦେଇଛନ୍ତି। ଝାଡ଼ାବାନ୍ତି ବ୍ୟାପିବା ସମ୍ପର୍କରେ ଖବର ପାଇ ବିଷମକଟକ ବିଧାୟକ ନୀଳମାଧବ ହିକ୍କା ଗଇଲକଣା ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବିଧାୟକଙ୍କ ସହ ଅରକ୍ଷିତ ହିକ୍କା, ଚନ୍ଦ୍ରଶେଖର କୁସୁଲିଆ, ରାମଦାସ ଟାକ୍ରି, ମିଟୁ ପଣ୍ଡା, ନିଖିଲ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ବିଷମକଟକ ବିଧାୟକ ନୀଳମାଧବ ହିକକା ଡାକ୍ତରୀ ଟିମ୍‌ଙ୍କ ସହ ଆଲୋଚନା କରୁଛନ୍ତି।

# ପୋଖରୀରୁ ମିଳିଲା ପ୍ରାଚୀନ ମନ୍ଦିର ଭଗ୍ନାବଶେଷ

## ମହାଦେବ ଭାବି ପୂଜାର୍ଚ୍ଚନା ପାଇଁ ଲୋକଙ୍କ ଗହଳି

ନୂଆପଡ଼ା,୧୦।୬ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନାର ବହୁ ପୁରାତନ ଦେଉଳବନ୍ଧ ପୋଖରୀରୁ ପଙ୍କ ଉଦ୍ଧାର ବେଳେ ପ୍ରାଚୀନ ମନ୍ଦିର ଆକୃତିର ଭଗ୍ନାବଶେଷ ମିଳିଛି। ଏହି ଖବର ପ୍ରଚାରିତ ହେବା ପରେ ଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଲାଗିଛି। ଏହା କୌଣସି ପ୍ରାଚୀନ କୀର୍ତ୍ତି କିମ୍ବା ଖୋଦ ମହାଦେବ ପ୍ରକଟ ହୋଇଥିବା ଭାବି ଲୋକେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି।

ପ୍ରାପ୍ତ ସୂଚନା ଅନୁଯାୟୀ କୋମନା ସହରର ଐତିହାସିକ ପୋଖରୀ ହେଉଛି ଦେଉଳବନ୍ଧ। ପୋଖରୀ ହୁଡ଼ାରେ ମହାଦେବ ମନ୍ଦିର ରହିଛି। ପ୍ରତ୍ୟେକ ସୋମବାର ମହାଦେବ ମନ୍ଦିରରେ ପାଣି ଢାଳିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥାଏ। ଚଳିତ ବର୍ଷ ପୋଖରୀର ପଙ୍କ ଉଦ୍ଧାର କାର୍ଯ୍ୟ ଚାଲିଥିଲା। ଜେସିବିରେ ପଙ୍କ ବାହାର କରିବା ସମୟରେ ଇଟା ଖଣ୍ଡ ବାହାରିବାରୁ ଜେସିବି ଚାଳକ ପାଖରେ ଥିବା ଲୋକଙ୍କୁ ଡାକି ଦେଖାଇଥିଲେ। ଉପସ୍ଥିତ ଲୋକେ କ'ଣ ସବୁ ଅଛି ଜାଣିବା ପାଇଁ ଜେସିବି ଡ୍ରାଇଭରଙ୍କୁ ପୁଣି ଖୋଳିବା ପାଇଁ କହିଥିଲେ। ୫ ଫୁଟରୁ ଊର୍ଦ୍ଧ୍ୱ ଖୋଳିବା ପରେ ଇଟାରେ ତିଆରି ମନ୍ଦିର ସଦୃଶ ଦେଖାଯିବା ସହ ଖଣ୍ଡା, ତ୍ରିଶୂଳ, ଭଙ୍ଗା ମାଠିଆ, ବଡ଼ ବଡ଼ ପଥର ଖଣ୍ଡ ଆଦି ସାମଗ୍ରୀ ବାହାରିଥିଲା। ବ୍ଲକ ପ୍ରଶାସନକୁ ଖବର ଦିଆଯିବା ପରେ କୋମନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିତାଂଶୁ ଶେଖର ସାମଲ ଓ ଅନ୍ୟ ଅଧିକାରୀଙ୍କ ସମେତ ବ୍ଲକ ଅଧ୍ୟକ୍ଷା ଅନସୂୟା କୁମ୍ଭାର ସେଠାରେ ପହଞ୍ଚିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଶତାଧିକ ସଂଖ୍ୟାରେ ଲୋକ ରୁଣ୍ଡ ହୋଇଥିଲେ। କେତେଜଣ ଏହା ରାଜାରାଜୁଡା ସମୟର ପ୍ରାଚୀନ କୀର୍ତ୍ତି କହୁଥିବା ବେଳେ ଆଉ କେତେକେ ଏହି ପୋଖରୀ ଭିତରେ ସୁଡ଼ଙ୍ଗ ରହିଥିଲା ଓ ଏହାକୁ ପଥର ଖଣ୍ଡ ଦେଇ ପୋତାଯାଇଛି ବୋଲି କହୁଛନ୍ତି। ସେହିପରି ଅନ୍ୟ କେତେଜଣ ଖୋଦ ମହାଦେବ ପ୍ରକଟ ହୋଇଥିବା କହି ପୂଜାର୍ଚ୍ଚନା କରିବାରେ ଲାଗିଛନ୍ତି। ପ୍ରକାଶଥାଉ କି ରାଜାରାଜୁଡା ସମୟରେ ଚୌହାନ ବଂଶର ରାଜା କୋମନାରେ ରହି ରାଜୁତି କରୁଥିଲେ। ସେଥିପାଇଁ କୋମନାକୁ କୋମନା ଗଡ ବୋଲି କୁହନ୍ତି। ରାଜାଙ୍କ ଆରାଧ୍ୟ ଇଷ୍ଟଦେବୀ ସମଲେଶ୍ୱରୀଙ୍କ ଗଡ ଦେଉଳବନ୍ଧ ପାଖରେ ରହିଛି। ତେଣୁ ରାଜା ଶାସନ ସମୟରେ ନିର୍ମାଣ ହୋଇଥିବା ମନ୍ଦିର ପୋତି ହୋଇ ଯାଇଥାଇପାରେ ବୋଲି ବୟୋଜ୍ୟେଷ୍ଠମାନେ ମତ ଦେଉଛନ୍ତି। ଏହି ଭଗ୍ନାବଶେଷ କେଉଁ କାଳର ଓ କିଏ ନିର୍ମାଣ କରିଥିଲେ ପ୍ରତ୍ନତତ୍ତ୍ୱବିତ ଆସି ଗବେଷଣା କରିବା ପରେ ଜଣାପଡିବ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।


ପୋଖରୀରୁ ମିଳିଥିବା ଭଗ୍ନାବଶେଷ।

# ସଡ଼କ ଦୁର୍ଘଟଣାରେ ଚାଲିଗଲା ୨ ଜୀବନ

ବାଲିଶଙ୍କରା,୧୦।୬(ହୃଦାନନ୍ଦ ବାରିକ)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ୍ କିଞ୍ଜିରିକେଲା ଥାନା ଅନ୍ତର୍ଗତ ଦେଓଭୁବନପୁର ଛକରେ ରବିବାର ରାତିରେ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁତୁରୁମା ଗ୍ରାମ ଗମାରଡିହିର ପ୍ରଦୀପ ଠାକୁର(୩୮) ଓ ଚନ୍ଦ୍ରମଣି କାଲୋ(୩୫)। ଦୁର୍ଘଟଣା ଘଟାଇଥିବା ଗାଡ଼ି ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ସୋମବାର କିଞ୍ଜିରିକେଲା ଥାନାରେ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଆଇଆଇସି ଅଜୟ ଜେନା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ରବିବାର ରାତିରେ ପ୍ରଦୀପ ଓ ଚନ୍ଦ୍ରମଣି ବ୍ରାହ୍ମଣମରାରେ ନିର୍ବନ୍ଧ ସାରି ବାଇକ୍ ଯୋଗେ ଗମାରଡିହିକୁ ଫେରୁଥିଲେ। ଦେଓଭୁବନପୁର ଛକରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବିଏଡ୍, ବିଏଚ୍‌ଏଡ୍, ଏମ୍‌ଏଡ୍ ନାମଲେଖା ଆବେଦନ ସରିଲା

ଭୁବନେଶ୍ୱର, ୧୦।୬ (ଅସମାପିକା ସାହୁ)

ଶିକ୍ଷାବର୍ଷ ୨୦୨୪-୨୫ରେ ବିଏଡ୍, ବିଏଚ୍‌ଏଡ୍ ଏବଂ ଏମ୍‌ଏଡ୍ ନାମଲେଖା ପାଇଁ ସୋମବାର ଆବେଦନ ପ୍ରକ୍ରିୟା ଶେଷ ହୋଇଛି। ଆବେଦନ ପତ୍ର ବା କମନ୍ ଆପ୍ଲିକେଶନ୍ ଫର୍ମରେ ତ୍ରୁଟି ଥିଲେ ମଙ୍ଗଳବାର ସଂଶୋଧନ କରିପାରିବେ। ଜୁଲାଇ ୧୫ରେ ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍‌ଏସ୍‌ବି) ୱେବ୍‌ସାଇଟ୍ https://ssbodisha.sc.in ଏବଂ ସାମ୍ସ ପୋର୍ଟାଲରେ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହେବ। ଜୁନ୍ ୨୪ରେ ବିଏଡ୍ ଓ ବିଏଚ୍‌ଏଡ୍ ଏବଂ ୨୫ତାରିଖରେ ଏମ୍‌ଏଡ୍ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ।

ରାଜ୍ୟର ମୋଟ ୩୧ଟି ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ୨୭୫୦ ସିଟ୍ ଉପଲବ୍ଧ ରହିଛି। ଏଥିରେ ନାମଲେଖା ପାଇଁ ଏଥର ୯୦ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆବେଦନ କରିଛନ୍ତି। ସୋମବାର ରାତି ୯ଟା ସୁଦ୍ଧା ୯୧,୬୬୨ଜଣ ପ୍ରବେଶିକା ପରୀକ୍ଷା ଦେବାକୁ ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରେ ୩୧,୮୬୧ଜଣ ଛାତ୍ରୀ ଏବଂ ୫୯,୭୯୩ଜଣ ଛାତ୍ର ରହିଛନ୍ତି। ବିଏଡ୍ ପାଇଁ ସମୁଦାୟ ୮୮,୭୦୭ ଜଣ ପଞ୍ଜୀକରଣ କରିଥିବାବେଳେ ବିଏଚ୍‌ଏଡ୍ ପାଇଁ ୧,୮୨୧ ଓ ଏମ୍‌ଏଡ୍ ପାଇଁ ୧,୧୩୫ ଜଣ ପଞ୍ଜୀକରଣ କରିଛନ୍ତି। ପରୀକ୍ଷା ସରିବା ପରେ ଜୁଲାଇ ୧୫ରୁ ୨୨ ତାରିଖ ମଧ୍ୟରେ ଛାତ୍ରୀଛାତ୍ର ସେମାନଙ୍କ ସ୍ନାତକ ବା ତତ୍ତୁଲ୍ୟ ମାର୍କ ଅପଡେଟ୍ କରିବେ। ତା'ପରେ ରେଜଲ୍ଟ ପ୍ରକାଶ ପାଇବା ସହ ସିଟ୍ ଆବଣ୍ଟନ କରାଯିବ। ପରବର୍ତ୍ତୀ ସମୟରେ ସିଟ୍ ଆବଣ୍ଟନର ତାରିଖ ପ୍ରକାଶ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜ୍ୟ ଆମ୍ବ ମହୋତ୍ସବ ଆରମ୍ଭ


ନୟାପଲ୍ଲୀସ୍ଥିତ ନାବାର୍ଡ ପରିସରରେ ସୋମବାର ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ଆମ୍ବ ପ୍ରଦର୍ଶନୀକୁ ଆର୍‌ବିଆଇର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର, ୧୦।୬ (ବନ୍ଦନା ସେଠୀ)

ନାବାର୍ଡ ପକ୍ଷରୁ ନୟାପଲ୍ଲୀସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ସୋମବାରଠାରୁ ୩ୟ ରାଜ୍ୟସ୍ତରୀୟ ଆମ୍ବ ମହୋତ୍ସବ ସହ ପ୍ରଦର୍ଶନୀ ଆରମ୍ଭ ହୋଇଛି। ୩ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବକୁ ଭାରତୀୟ ରିଜର୍ଭ ବ୍ୟାଙ୍କର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି ଉଦ୍‌ଘାଟନ କରିଛନ୍ତି। ପ୍ରଦର୍ଶନୀରେ ଆମ୍ରପଲ୍ଲୀ, ଦଶେରୀ, ଲେଙ୍ଗଡ଼ା, ମଲ୍ଲିକା, ଆଖୁରସ, ବାଇଗନପଲ୍ଲୀ ଭଳି ବିଭିନ୍ନ ପ୍ରଜାତିର ଆମ୍ବ ପ୍ରଦର୍ଶିତ ହେବା ସହ ବିକ୍ରି କରାଯାଉଥିବା ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଡ. ସୁଧାଂଶୁ କେ.କେ ମିଶ୍ର କହିଛନ୍ତି। ଏଥିସହ ପ୍ରଦର୍ଶନୀରେ ଚାଷୀଙ୍କ ଦ୍ୱାରା ଅଣାଯାଇଥିବା ଆମ୍ରପାଲି, ବାଇଗନପଲ୍ଲୀ, ତୋତାପୁରୀ, ଲେଙ୍ଗଡା, ଦଶେରୀ, ସୁନ୍ଦରୀ, ସୁବର୍ଣ୍ଣରେଖା, ହିମସାଗର, ମଲ୍ଲିକା ଭଳି ତାଜା ଆମ୍ବର ଲୋକପ୍ରିୟ ପ୍ରଜାତି ତଥା ସପୁରି, ପଣସ ଆଦି ଫଳ ମଧ୍ୟ ବିକ୍ରି ପାଇଁ ପ୍ରଦର୍ଶିତ ହେଉଛି। କାର୍ଯ୍ୟକ୍ରମରେ କ୍ରେତା-ବିକ୍ରେତା ସମ୍ପର୍କକୁ ପ୍ରୋତ୍ସାହିତ କରିବାକୁ ପ୍ରୟାସ କରାଯାଉଛି। ଏଥିସହ ହୋଲସେଲରମାନଙ୍କୁ କୃଷକ ଗୋଷ୍ଠୀ ସହିତ ଆଲୋଚନା କରିବା ଏବଂ ଗ୍ରାମୀଣ ଓଡ଼ିଶାରେ ଉଦ୍ୟାନ କୃଷିଭିତ୍ତିକ ଚାଷ ପ୍ରଣାଳୀରେ ଷ୍ଟାର୍ଟଅପ୍‌ର ସମ୍ଭାବନା ଅନୁସନ୍ଧାନ କରିବାକୁ ଆମନ୍ତ୍ରଣ କରାଯାଇଥିବା ସୂଚନା ଦିଆଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍ ଅଧ୍ୟକ୍ଷ ଋଷି ସିଂହ, ବାଣିଜ୍ୟିକ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଓମ୍‌ଫେଡର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଅଲଚିକି ଭାଷାରେ ପରୀକ୍ଷା ଦେଲେ ୧୩୮

ଜଳେଶ୍ୱର,୧୦।୬ (ରବିନାରାୟଣ ପାତ୍ର)

ଅଲଚିକି ଭାଷାର ପ୍ରଚାର ଓ ପ୍ରସାର ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଜଳେଶ୍ୱର ବ୍ଲକର ରାଇବଣିଆ ଅଞ୍ଚଳରେ ଥିବା ୨ଟି ବିଦ୍ୟାଳୟରେ ୧୩୮ଜଣ ଅଲଚିକି ଭାଷାରେ ପରୀକ୍ଷା ଦେଇଥିବା ଜଣାଯାଇଛି। ବରହିଆ ପଞ୍ଚାୟତର ଲୁହାପଡା ୟୁଜିୟୁପି ବିଦ୍ୟାଳୟରେ ୭୦ଜଣ, ପ୍ରସାଦଶୋଳର ଜଳନ୍ଧର ହାଇସ୍କୁଲରେ ୬୮ଜଣ ପରୀକ୍ଷା ଦେଇଛନ୍ତି। ଜୁନ ୭, ୮ ଓ ୯ ତାରିଖ ୩ଦିନ ଧରି ସକାଳ ୧୦ଟାରୁ ଅପରାହ୍ନ ୪ଟା ମଧ୍ୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ରବିବାର ଅପରାହ୍ନରେ ସେମାନଙ୍କ ପ୍ରାକ୍ଟିକାଲ ପରୀକ୍ଷା ହେବା ସହିତ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମହାନ୍ତି ଓ ରାଇବଣିଆ ମଣ୍ଡଳ ଓଷ୍ଟା ସମ୍ପାଦକ ହରମୋହନ ମହାନ୍ତ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜୀବ ମୁର୍ମୁ, କନିକା ମୁର୍ମୁ, ଶ୍ୟାମ ଟୁଡୁ, ଦାଶରଥି ମୁର୍ମୁ ଓ ମୋହନ ଟୁଡୁ ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ।


# ସାମାଜିକ କର୍ମୀ ମିନତି ମହାନ୍ତିଙ୍କ ପରଲୋକ

କଟକ,୧୦।୬ (କାର୍ତ୍ତିକ ସାହୁ)



ଓଡ଼ିଶା ନାରୀ ସେବା ସଂଘର ଆଜୀବନ ସଦସ୍ୟା ତଥା ବିଶିଷ୍ଟ ସାମାଜିକ କର୍ମୀ ମିନତି ମହାନ୍ତି(୯୭)ଙ୍କର ସୋମବାର ସକାଳ ପ୍ରାୟ ସାଢ଼େ ୫ଟାରେ ପରଲୋକ ହୋଇଯାଇଛି। ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି କଟକ ମିଶନ୍‌ରୋଡ୍‌ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଗତ ଜାନୁଆରୀରେ ଶ୍ୱାସକ୍ରିୟା ସମସ୍ୟା ହେବାରୁ ସେ ମେଡିକାଲରେ ଭର୍ତ୍ତି ହୋଇ ମାସେ କାଳ ଚିକିତ୍ସିତ ହୋଇଥିଲେ। ତା'ପରେ ତାଙ୍କୁ ଘରେ ରଖି ନିୟମିତ ଭାବେ ଅକ୍ସିଜେନ୍ ଦିଆଯାଇ ଚିକିତ୍ସା କରାଯାଉଥିଲା। ସକାଳେ ସେ ନିସ୍ତେଜ ହେବା ଦେଖି ଡାକ୍ତରଙ୍କୁ ଡକାଯାଇଥିଲା। ତେବେ ଡାକ୍ତର ତାଙ୍କ ଶରୀରକୁ ପରୀକ୍ଷା କରିବା ପରେ ମୃତ ଘୋଷଣା କରିଥିଲେ। କଟକ ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ସୁବ୍ରତ ମହାନ୍ତି ମୁଖାଗ୍ନି ଦେଇଥିଲେ। ତାଙ୍କର ସାନ ପୁଅ ଦେବବ୍ରତ, କନ୍ୟା କିଶୋରୀ ପଟ୍ଟନାୟକ, ଟିଟା ପଟ୍ଟନାୟକ ଓ ସୁସ୍ମିତା ପଟ୍ଟନାୟକ ଅଛନ୍ତି। ସେ ହେଉଛନ୍ତି ପୂର୍ତ୍ତ ବିଭାଗର ଚିଫ୍ ଇଞ୍ଜିନିୟର ସ୍ୱର୍ଗତ ଆର୍ତ୍ତବନ୍ଧୁ ମହାନ୍ତିଙ୍କ ଧର୍ମପତ୍ନୀ। ସେ ମଧ୍ୟ ଇନରହୁଇଲ୍ କ୍ଲବର ସଭାନେତ୍ରୀ ଭାବେ କାର୍ଯ୍ୟ କରିଛନ୍ତି।

କଟକ ବାଙ୍କାବଜାରର ଦେବେନ୍ଦ୍ର କିଶୋର ଦାସ ଓ ସୁରପ୍ରିୟା ଦେଇଙ୍କ କନ୍ୟା ଭାବେ ମିନତି ୧୯୨୭ ଡିସେମ୍ବର ୩୧ରେ ଜନ୍ମଗ୍ରହଣ କରିଥିଲେ। ରେଭେନ୍‌ଶା ବାଳିକା ବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ମହିଳାଙ୍କୁ ସ୍ୱାବଲମ୍ବୀ କରିବା, ଶିଶୁଙ୍କୁ ଶିକ୍ଷାଦାନ, ସାମାଜିକ, ସାଂସ୍କୃତିକ ବିକାଶ ତଥା ପ୍ରଦୂଷଣମୁକ୍ତ ପ୍ରାକୃତିକ ପରିବେଶ ଦିଗରେ ସେ କାର୍ଯ୍ୟ କରି ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପ୍ରଶଂସିତ ହୋଇଛନ୍ତି। ମିନତି ଦୁଃସ୍ଥ, ଅସହାୟଙ୍କୁ ସେବା, ସହାୟତା ଯୋଗାଇ ଦେବାରେ ସର୍ବଦା ବ୍ୟସ୍ତ ଥାନ୍ତି। ତାଙ୍କର ସମ୍ପର୍କୀୟ ପିଉସୀ ମା' ରମାଦେବୀ ଚୌଧୁରୀଙ୍କ ସହ ଅବିବାହିତ ସମୟରେ ବହୁ ସେବା କାର୍ଯ୍ୟ କରିଛନ୍ତି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୩ ବର୍ଷରେ ମଲେଣି ୨୨ହାତୀ

## ବିଳମ୍ବରେ ଜାଣୁଛି ବନ ବିଭାଗ

ଯୋଡା, ୧୦।୬(ମାନସ ମହାନ୍ତି)

କେନ୍ଦୁଝର ଜିଲାରେ ଗତ ୩ବର୍ଷ ମଧ୍ୟରେ ୨୨ ହାତୀଙ୍କ ମୃତ୍ୟୁ ଘଟିଛି। ବିଦ୍ୟୁତ୍ ସଂସ୍ପର୍ଶ, ସଡ଼କ ଓ ରେଳ ଦୁର୍ଘଟଣା ଯୋଗୁ ହାତୀଙ୍କ ଜୀବନ ବିପନ୍ନ ହୋଇପଡୁଛି। ରେଳ ପଥରେ ଆଲୋକୀକରଣ, ଅଣ୍ଡର ପାସ୍, ରେଳ ଲୋକୋ ପାଇଲଟଙ୍କୁ ହାତୀ ସୁରକ୍ଷା ପାଇଁ ଟ୍ରେନିଂ ଦିଆଯିବା, ବିଦ୍ୟୁତ୍ ବିଭାଗର ଝୁଲନ୍ତା ତାରକୁ ୨୦୦ କି.ମି. ଭୂମି ତଳେ ନିଆଯିବା ସତ୍ତ୍ୱେ ଆହୁରି ଅନେକ ବାକି ଅଛି ବୋଲି ଡିଏଫ୍‌ଓ ଏଚ୍‌ଡି ଧନରାଜ କହିଛନ୍ତି। ବନ ବିଭାଗ ନିକଟରେ ଗଜସାଥୀ, ଜିପିଏସ୍ ଭଳି ଯନ୍ତ୍ର ଥାଇ ମଧ୍ୟ ହାତୀ ମୃତ୍ୟୁ ସମ୍ପର୍କରେ ବିଭାଗ ବିଳମ୍ବରେ ଜାଣିବା ସହିତ ମୃତ୍ୟୁକୁ ରୋକିବାରେ ବିଫଳ ହେଉଛି ବୋଲି ବିଶିଷ୍ଟ ପରିବେଶବିତ୍ ନୀଳାଦ୍ରି ବିହାରୀ ମିଶ୍ର କହିଛନ୍ତି।

ବନାଞ୍ଚଳରେ ଥିବା ବିଶାଳ ଖଣି କ୍ଷେତ୍ରରେ ୱାଇଲ୍ଡ ଲାଇଫ ପ୍ଲାନ କରାଯାଉଛି। ଅବାଧ ଶିକାରକୁ ରୋକିବା ପାଇଁ ରାଜ୍ୟ ଏନଫୋର୍ସ ମେଣ୍ଟ ସ୍କ୍ୱାଡ୍‌ର ସାହାଯ୍ୟ ନିଆଯାଇଛି। ଗଜ ସାଥୀ ମଧ୍ୟ ନିୟୋଜିତ କରାଯାଉଛି। ତେବେ ହାତୀ ମୃତ୍ୟୁ ଏବଂ ଦଶନ୍ଧି ତଳେ ଥିବା ବିଭିନ୍ନ ବିରଳ ଜନ୍ତୁଙ୍କ ବିଲୁପ୍ତ ହେବା ଉପରେ ପରିବେଶବିତ୍ ମିଶ୍ର କହିଛନ୍ତି ଯେ, ଖଣିମାନଙ୍କରେ ହେଉଥିବା ୱାଇଲ୍ଡ ଲାଇଫ୍ ପ୍ଲାନ ଜରିଆରେ ବନ୍ୟଜନ୍ତୁଙ୍କ ପାଇଁ ଅର୍ଥ ଆବଣ୍ଟନ ହେଉଛି। ହେଲେ ଏହାର ସୁବିନିଯୋଗ କରା ନ ଯାଇ ଅନ୍ୟତ୍ର ଖର୍ଚ୍ଚ କରାଯାଉଛି। ବ୍ୟାଘ୍ର ସଂରକ୍ଷଣ ପରି ଜିଲାରେ ଏକ ହାତୀ ସଂରକ୍ଷଣ ଜଙ୍ଗଲ କରାଯାଉନାହିଁ। ବୈତରଣୀ ହାତୀ କରିଡରକୁ ଚିହ୍ନଟ କରାଯାଇଥିଲେ ହେଁ ଏପର୍ଯ୍ୟନ୍ତ ମାନ୍ୟତା ଦିଆଯାଇନାହିଁ। କେନ୍ଦୁଝର ଜିଲାରେ ଥିବା ଜଙ୍ଗଲଗୁଡ଼ିକ ବିଷୁବ ମଣ୍ଡଳୀୟ ପର୍ଣ୍ଣମୋଚି ଜଙ୍ଗଲ। ଏହି ଜଙ୍ଗଲରେ ପୂର୍ବରୁ ଦେଖାଯାଉଥିବା ବେଲାରି ମୂଷା, କଳା ଗୁଣ୍ଡୁଚି, ଉଡ଼ନ୍ତା ବିଲେଇ, ଉଡ଼ନ୍ତା ସାପ, ହରିଣ, କୁଟାରି, ଡାହାଳ କୁକୁର, ଝିଙ୍କ ଆଦି ଆହୁରି ଅନେକ ଲୋପ ପାଇ ସାରିଲେଣି। ବିଶ୍ୱର ବିରାଟକାୟ ଜୀବ ହାତୀ ଏବେ ବାସହରା, ଖାଦ୍ୟ ହରା ହୋଇ ଇତସ୍ତତଃ। ଅତୀତରେ ଏହି ହାତୀ ପଲ ସରଣ୍ଡା ସଂରକ୍ଷିତ ଜଙ୍ଗଲରୁ ଶିମିଳିପାଳ, ସାତକୋଶିଆ ଅଭୟାରଣ୍ୟକୁ ଚଳପ୍ରଚଳ କରୁଥିଲେ। କେନ୍ଦୁଝର ଜିଲାରେ ସଂରକ୍ଷିତ ଜଙ୍ଗଲ ରହିଥିଲେ ହେଁ ଅଭୟାରଣ୍ୟ ସୃଷ୍ଟି ହୋଇନାହିଁ। ସୂଚନାଯୋଗ୍ୟ, ହାତୀ ଛୁଆ ଜନ୍ମ ହେବାର ୧୪ବର୍ଷ ପରେ ପରିପକ୍ୱ ହୁଏ ଏବଂ ୧୮ରୁ ୨୨ମାସ ଗର୍ଭଧାରଣ ପରେ ପ୍ରସବ କରିଥାଏ। ତେଣୁ ହାତୀ ମୃତ୍ୟୁ ଏକ ଗଭୀର ଉଦ୍‌ବେଗର ବିଷୟ ବୋଲି ପରିବେଶବିତ୍ ମିଶ୍ର କହିଛନ୍ତି। ଡିଏଫ୍‌ଓ ଧନରାଜଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ଜିଲାରେ ଏବେ ମୋଟ ୧୩୫ଟି ହାତୀ ଅଛନ୍ତି। ଏଥିମଧ୍ୟରେ ଦନ୍ତା ୨୮, ମାଇ ୫୮, ଛୁଆ ୪୭, ମଧ୍ୟ ବୟସ୍କ ହାତୀ ୨ଟି ରହିଛନ୍ତି। ଚମ୍ପୁଆ ରେଞ୍ଜରେ ୫୨ଟି ହାତୀ ଅଛନ୍ତି।

ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ– ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହିଁ– ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ। –ଶ୍ରୀମା



# ଖେଳରେ ନିବେଶ

ନିକଟରେ ଖୋର୍ଦ୍ଧା ସହରରେ ଆବଶ୍ୟକ କ୍ରୀଡ଼ା ଭିତ୍ତିଭୂମିର ଅଭାବ ସମ୍ପର୍କିତ ପ୍ରକାଶିତ ଏକ ଖବର ବାସ୍ତବିକ ଚିନ୍ତାଜନକ। ଏଠାକାର ବିଜେବି ସ୍କୁଲ ନିକଟରେ ଥିବା ଜିଲାସ୍ତରୀୟ ଷ୍ଟାଡିୟମର ଦୁରବସ୍ଥା ଓ ଷ୍ଟାଡିୟମକୁ ଲାଗି ରହିଥିବା ଇଣ୍ଡୋର ଗେମ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଅଧାପନ୍ତରିଆ ସ୍ଥିତି, ବିଜେବି ସ୍କୁଲର ନିଜସ୍ୱ ପଡ଼ିଆ ଜବରଦଖଲ ତଥା ପିଏନ୍ କଲେଜ ପରିସରରେ ଥିବା ଇଣ୍ଡୋର ଷ୍ଟାଡିୟମ ଓ ଖେଳପଡ଼ିଆର ବିପର୍ଯ୍ୟସ୍ତ ଅବସ୍ଥା କ୍ରୀଡ଼ାର ଦୁର୍ବଳ ଭିତ୍ତିଭୂମିକୁ ଦର୍ଶାଉଛି। ଏହା ବ୍ୟତୀତ ସହରରେ ଆବଶ୍ୟକ ସଂଖ୍ୟକ ଖେଳପଡ଼ିଆ ନ ଥିବା ଛାତ୍ରୀଛାତ୍ର ଓ ଯୁବକମାନଙ୍କୁ ନିରାଶ କରୁଥିବା ଖବରର ବାସ୍ତବତା କ୍ରୀଡ଼ା ବିକାଶରେ ସରକାରୀ ଆନ୍ତରିକତାର ଅଭାବକୁ ସୂଚିତ କରୁଛି। କେବଳ ଖୋର୍ଦ୍ଧା ସହର ନୁହେଁ, ରାଜ୍ୟର ପ୍ରତିଟି ସହରରେ ଜନସଂଖ୍ୟା ତୁଳନାରେ ଖେଳପଡ଼ିଆର ଅଭାବ ରହିଛି। ଯଦି ଭୁବନେଶ୍ୱରକୁ ଦେଖିବା ତେବେ ଏଠାରେ ହାତଗଣତି କେତୋଟି ଖେଳପଡ଼ିଆ ଅଛି, ଯେଉଁଠି ପିଲାମାନେ ଖେଳିବା ଲାଗି ସ୍ଥାନ ପାଉନାହାନ୍ତି। ଏଠାରେ ମନେରଖିବାକୁ ହେବ ଯେ, ସାଧାରଣ ଖେଳପଡ଼ିଆ, ଯାହାକୁ ସ୍ଥାନୀୟ ପିଲାମାନେ ବ୍ୟବହାର କରିପାରିବେ ଏବଂ ଷ୍ଟାଡିୟମ ମଧ୍ୟରେ ଅନେକ ତଫାତ୍ ରହିଛି। ବିଗତ ବର୍ଷମାନଙ୍କରେ ବଡ଼ ଧରଣର କ୍ରୀଡ଼ା ପ୍ରତିଯୋଗିତା ପାଇଁ ବିଭିନ୍ନ ସ୍ଥାନରେ ଷ୍ଟାଡିୟମ ନିର୍ମାଣ ହୋଇଥିଲେ ମଧ୍ୟ ସେଗୁଡ଼ିକ ଦ୍ୱାରା ସ୍ଥାନୀୟ ପିଲା ବିଶେଷ ଭାବେ ଉପକୃତ ହେବା ଲକ୍ଷ୍ୟ କରାଯାଉନାହିଁ।

ଉଲ୍ଲେଖନୀୟ ଯେ, ବଢୁଥିବା ଜନସଂଖ୍ୟାକୁ ଦେଖି ଚିକିତ୍ସା, ନିର୍ମାଣ, ଗମନାଗମନ ଭିତ୍ତିଭୂମି ବିକାଶକୁ ଯେତିକି ଗୁରୁତ୍ୱ ଦିଆଯାଉଛି ଖେଳକୁ ସେତିକି ଦିଆଯାଉନାହିଁ। ସହରରେ କେବଳ ପାର୍କ ନିର୍ମାଣରେ ଯୋଜନା ସୀମିତ ରହିଯାଉଛି। ପାର୍କରେ ସବୁ ଶିଶୁ ଖେଳିବା ସମ୍ଭବ ହେଉନାହିଁ। ଏହା ସହ ସହରଗୁଡ଼ିକରେ ଯେଉଁ କେତୋଟି ପଡ଼ିଆ ଅଛି ତାହା ସାମାନ୍ୟ ବର୍ଷାରେ ବୁଡ଼ି ଯାଉଛି। ବୁଝିବାକୁ ହେବ ଯେ, ବର୍ଷାଦିନେ ସେଠାରେ ଖେଳିବା ସମ୍ଭବ ହେବନାହିଁ। ଏହା ନିଶ୍ଚିତ ଯେ, କେବଳ ମିନି ଷ୍ଟାଡିୟମ କିମ୍ବା ଷ୍ଟାଡିୟମ ସାମଗ୍ରିକ ଭାବେ ପିଲାମାନଙ୍କ କ୍ରୀଡ଼ା ପାଇଁ ଆବଶ୍ୟକ ହେଉଥିବା ସ୍ଥାନର ଅଭାବକୁ ପୂରଣ କରିପାରିବ ନାହିଁ। ସହର ବ୍ୟତୀତ ଗ୍ରାମାଞ୍ଚଳର କ୍ରୀଡ଼ା ଭିତ୍ତିଭୂମି ବିକାଶକୁ ଦେଖାଯାଉ। ପ୍ରତିଟି ପଞ୍ଚାୟତ ଓ ବ୍ଲକ ସ୍ତରରେ ମିନି ଷ୍ଟାଡିୟମ ନିର୍ମାଣ କରାଯାଉଛି। ଏହିସବୁ ମିନି ଷ୍ଟାଡିୟମ ନିର୍ମାଣ ପରେ ଏହାର ରକ୍ଷଣାବେକ୍ଷଣ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଦେଖିବାକୁ ଗଲେ ସହରରେ ମିନି ଷ୍ଟାଡିୟମର ରକ୍ଷଣାବେକ୍ଷଣ ହୋଇପାରୁ ନ ଥିବାବେଳେ ଗ୍ରାମାଞ୍ଚଳରେ ଏସବୁର ଦୁରବସ୍ଥା ବୁଝିବା କଷ୍ଟକର ନୁହେଁ। ରକ୍ଷଣାବେକ୍ଷଣ ଦାୟିତ୍ୱ କାହା ଉପରେ ନ୍ୟସ୍ତ ତାହା ମଧ୍ୟ ଅସ୍ପଷ୍ଟ। ଏହି ଦାୟିତ୍ୱ କିଏ ନେବ ତାହା ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ଅଧିକ ଗୁରୁତ୍ୱ ଧାରଣ କରୁଛି। ବିଦା ହୋଇଥିବା ବିଜୁ ଜନତା ଦଳ ସରକାର ଅନ୍ତର୍ଜାତୀୟ ଖେଳ ଏବଂ ବିରାଟକାୟ ଷ୍ଟାଡିୟମ ପାଇଁ ମନ ବଳାଇଥିଲା। ନବ ନିର୍ବାଚିତ ସରକାର ସେହିସବୁ ଭିତ୍ତିଭୂମିକୁ କେତେ ଗୁରୁତ୍ୱ ଏବଂ ରକ୍ଷଣାବେକ୍ଷଣ ସହିତ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଅର୍ଥ ବରାଦ କରିବେ ତାହା ଦେଖିବାକୁ ଅଛି।

> ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ଆଗ୍ରହୀ ଥିବାବେଳେ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମି ନୈରାଶ୍ୟଜନକ। ସେଥିପାଇଁ ସବୁ ରାଜ୍ୟରେ ପଞ୍ଚାୟତ ଯୁବ କ୍ରୀଡ଼ା ଓ ଖେଳ ଅଭିଯାନ (ପାଇକା) ମାଧ୍ୟମରେ ଉତ୍ତମ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କଷ୍ଟକର ହୋଇଯାଉଛି।

ଏକ ସୁସ୍ଥ ଏବଂ ଟାଣୁଆ ଯୁବପିଢ଼ି ଗଠନରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିକ୍ଷା ସହିତ କ୍ରୀଡ଼ାର ଭିତ୍ତିଭୂମି ସ୍କୁଲ ଓ କଲେଜ ସ୍ତରରେ ମଜଭୁତ ହେଲେ ତାହାର ସକାରାତ୍ମକ ପରିଣାମ ନାଗରିକ ଜୀବନରେ ପ୍ରତିଫଳିତ ହୋଇଥାଏ। କହିବାକୁ ଗଲେ କ୍ରୀଡ଼ାର ମୂଳଦୁଆ ବିଦ୍ୟାଳୟ ସ୍ତରରୁ ଆରମ୍ଭ ହେବା କଥା। ସ୍କୁଲରେ ପିଲା ଖେଳିବା ପାଇଁ ଏକ ସୁସ୍ଥ ପରିବେଶ ଓ ଖେଳପଡ଼ିଆର ଆବଶ୍ୟକତା ରହିଛି। କିନ୍ତୁ ଓଡ଼ିଶାରେ ସେଭଳି କୌଣସି ସୁବିଧା ମିଳୁନାହିଁ। ରାଜ୍ୟ ଶିକ୍ଷା ବିଭାଗ ଓ ନ୍ୟାଶନାଲ ଇନ୍‌ଫରମେଟିକ୍ସ ସେଣ୍ଟର (ଏନ୍‌ଆଇସି)ର ତଥ୍ୟ ଅନୁଯାୟୀ, ଓଡ଼ିଶାରେ ପାଖାପାଖି ୭୫%ରୁ ଅଧିକ ପ୍ରାଇମେରି ଓ ଅପର ପ୍ରାଇମେରି ସ୍କୁଲରେ ଖେଳପଡ଼ିଆର ଅଭାବ ରହିଛି। ଏହା ବ୍ୟତୀତ ୨୦୧୬ରେ ସରକାର ବିଧାନସଭାରେ ତଥ୍ୟ ଉପସ୍ଥାପନ କରିଥିଲେ ଯେ, ରାଜ୍ୟରେ ୪୭% ହାଇସ୍କୁଲରେ ଖେଳପଡ଼ିଆ ନାହିଁ। ୟୁନିଫାଇଡ୍ ଡିଷ୍ଟ୍ରିକ୍ଟ ଇନଫର୍‌ମେଶନ ସିଷ୍ଟମ ଫର୍ ଏଜୁକେଶନ (ୟୁଡିଆଇଏସଇ) ସର୍ଭେ ଅନୁଯାୟୀ ଜାତୀୟ ସ୍ତରରେ ମଧ୍ୟ ୨୪ ପ୍ରତିଶତରୁ ଅଧିକ ସ୍କୁଲରେ ଖେଳପଡ଼ିଆ ନାହିଁ। ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ଆଗ୍ରହୀ ଥିବାବେଳେ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମି ନୈରାଶ୍ୟଜନକ। ସେଥିପାଇଁ ସବୁ ରାଜ୍ୟରେ ପଞ୍ଚାୟତ ଯୁବ କ୍ରୀଡ଼ା ଓ ଖେଳ ଅଭିଯାନ (ପାଇକା) ମାଧ୍ୟମରେ ଉତ୍ତମ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କଷ୍ଟକର ହୋଇଯାଉଛି। ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବ ପରିଲକ୍ଷିତ ହେଉଛି, ଯେଉଁଥିପାଇଁ ଅନ୍ୟ ରାଜ୍ୟ ତୁଳନାରେ ଅନ୍ତର୍ଜାତୀୟ ସ୍ତରର ଖେଳାଳି ବାହାର କରିବା ସମ୍ଭବ ହୋଇପାରୁନାହିଁ। ଉଲ୍ଲେଖନୀୟ ଯେ, କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ ବଜେଟ ପ୍ରାବଧାନ ଆଶାନୁରୂପ ହୋଇପାରିନାହିଁ। ଓଡ଼ିଶାର ୨୦୨୪ ବଜେଟରେ ଖେଳ ସକାଶେ ୧,୩୦୫ କୋଟି ରଖାଯାଇଥିଲେ ବି ଏହାର ସିଂହଭାଗ ଖେଳ ଆୟୋଜନ ପାଇଁ ଉଦ୍ଦିଷ୍ଟ। ସମୟ ଅଛି, କ୍ରୀଡ଼ାକୁ ଅଣଦେଖା ନ କରି ତୃଣମୂଳ ସ୍ତରରେ ଅଧିକ ନିବେଶ କରାଯାଉ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 6 | |
| | | | | 8 | 3 | | | |
| | | 7 | | 9 | | | | |
| 7 | | | | 1 | 5 | | | 2 |
| 8 | | | 2 | | | 3 | | |
| | | | | | | | 9 | 6 |
| 3 | 1 | | | | | | 8 | |
| | | 4 | 6 | | | 1 | | |
| | | | | | 8 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 1 | 4 | 9 | 8 | 2 | 5 | 3 |
| 3 | 4 | 9 | 1 | 2 | 5 | 6 | 8 | 7 |
| 8 | 5 | 2 | 3 | 7 | 6 | 9 | 4 | 1 |
| 4 | 2 | 5 | 8 | 1 | 3 | 7 | 6 | 9 |
| 9 | 8 | 6 | 7 | 5 | 2 | 1 | 3 | 4 |
| 1 | 7 | 3 | 9 | 6 | 4 | 5 | 2 | 8 |
| 2 | 3 | 7 | 5 | 4 | 9 | 8 | 1 | 6 |
| 6 | 9 | 8 | 2 | 3 | 1 | 4 | 7 | 5 |
| 5 | 1 | 4 | 6 | 8 | 7 | 3 | 9 | 2 |

ଗତକାଲିର ଉତ୍ତର

# ହାୱା ନ ଥିଲା, ଅସନ୍ତୋଷ ଥିଲା



ସୌଭାଗ୍ୟ ସୁନ୍ଦରରାୟ

୨୦୦୯ ମସିହାରେ କଂଗ୍ରେସ ନେତୃତ୍ୱାଧୀନ ମିଳିତ ସରକାରର ନେତୃତ୍ୱ ନେଉଥିବା ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂହ କହିଥିଲେ, ମିଳିତ ସରକାରରେ ସାଲିସ ଅପରିହାର୍ଯ୍ୟ। ଜଣେ ଦୁର୍ବଳ ପ୍ରଧାନମନ୍ତ୍ରୀ ବୋଲି ଭାରତୀୟ ଜନତା ପାର୍ଟି (ଭାଜପା) ଆକ୍ଷେପର ଉତ୍ତର ଦେବାକୁ ଯାଇ ସେ ଏହା କହିଥିଲେ। ୨୦୨୪ ଲୋକ ସଭା ନିର୍ବାଚନ ଫଳାଫଳ ଘୋଷଣା ପରେ ନରେନ୍ଦ୍ର ମୋଦିଙ୍କୁ ସମଦଶା ଭୋଗ କରିବା ସ୍ପଷ୍ଟ ହୋଇଯାଇଛି। ଚଳିତ ନିର୍ବାଚନରେ ଭାଜପା ସ୍ପଷ୍ଟ ବହୁମତ ପାଇପାରି ନାହିଁ। ଗତ ନିର୍ବାଚନରେ ଦଳ ୩୦୩ ଆସନରେ ବିଜୟୀ ହୋଇଥିବାବେଳେ ଚଳିତଥର ମ୍ୟାଜିକ ସଂଖ୍ୟା ୨୭୨ ଛୁଇଁପାରି ନାହିଁ। ଦଳକୁ ୨୪୦ ଆସନରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି। ଅନ୍ୟପକ୍ଷରେ କଂଗ୍ରେସ ଦଳ ବେଶ୍ ଭଲ ସଫଳତା ଲାଭ କରି ଆସନ ସଂଖ୍ୟା ୫୨ରୁ ୯୯କୁ ବୃଦ୍ଧି କରିପାରିଛି। ତେବେ ପୂର୍ବ ନିର୍ବାଚନ ତୁଳନାରେ ଚଳିତ ନିର୍ବାଚନ ଧାରାକୁ ଏକ ବ୍ୟତିକ୍ରମ ଭାବେ ଦେଖାଯାଇପାରେ। ସାଧାରଣତଃ ବିଭିନ୍ନ ନିର୍ବାଚନରେ କିଛି ପ୍ରସଙ୍ଗ ନିର୍ବାଚନୀ ହାୱାରେ ପରିଣତ ହୋଇଥାଏ, ଯାହା ଭୋଟରଙ୍କୁ ପ୍ରଭାବିତ କରିଥାଏ। କିନ୍ତୁ ଚଳିତ ନିର୍ବାଚନରେ ଭୋଟର ପ୍ରଭାବିତ ହେବା ଭଳି ନିର୍ବାଚନୀ ହାୱା ଥିବା ପରିଲକ୍ଷିତ ହୋଇନଥିଲା। ତେବେ କିଛି ପ୍ରସଙ୍ଗ ଥିଲା। ଏହି ପ୍ରସଙ୍ଗ ରାଜନୈତିକ ଦଳଗୁଡ଼ିକର ପ୍ରଚାରରେ ଭୋଟରଙ୍କ ମନରେ ସେଭଳି ଉତ୍ସାହ ଉଦ୍ରେକ କରିପାରିନଥିବା ଦେଖାଯାଇଥିଲା।

ନିର୍ବାଚନୀ ହାୱା ସମ୍ପର୍କରେ ଆଲୋଚନା କଲେ ଦେଖିବା ୨୦୧୯ ନିର୍ବାଚନ ପ୍ରଚାରରେ ଭାଜପାର 'ଘୁସ୍ କର ମାରୁଗାଁ' ବକ୍ତବ୍ୟରେ ଯୁବ ଭୋଟର ଅଧିକାଂଶରେ ପ୍ରଭାବିତ ହୋଇଥିଲେ। ଭାରତୀୟ ବାୟୁସେନାର ବାଲାକୋଟ ସର୍ଜିକାଲ ଷ୍ଟ୍ରାଇକ୍ ଦ୍ୱାରା ପାକିସ୍ତାନ ମାଟିରେ ସନ୍ତ୍ରାସବାଦୀ ଶିବିର ଧ୍ୱଂସ କରାଯିବା ଘଟଣା ଶାସକ ଭାରତୀୟ ଜନତା ପାର୍ଟି (ଭାଜପା)ର ନିର୍ବାଚନୀ ପ୍ରସଙ୍ଗ ହୋଇଥିଲା ଓ ଭୋଟର ପ୍ରଭାବିତ ହୋଇଥିଲେ। ଏହାଦ୍ୱାରା ଦେଶ ଭକ୍ତିର ହାୱା ନିର୍ବାଚନ ପ୍ରଚାରରେ ପ୍ରବାହିତ ହୋଇଥିଲା। ଫଳରେ ଭାଜପା ସପକ୍ଷରେ ଜନସାଧାରଣ ଭୋଟ ଦେଇଥିଲେ। ସେହିପରି ୨୦୧୪ ସାଧାରଣ ନିର୍ବାଚନରେ କଳାଧନ ପ୍ରସଙ୍ଗ ଭୋଟରଙ୍କୁ ବିଶେଷ ଭାବେ ପ୍ରଭାବିତ କରିଥିଲା। କଂଗ୍ରେସ ସରକାର ଅମଳରେ ବିଦେଶରେ ଗଚ୍ଛିତ ଥିବା କଳାଧନ ଦେଶକୁ ଫେରାଇ ଅଣାଯାଇ ଜନସାଧାରଣଙ୍କ ମଧ୍ୟରେ ବଣ୍ଟନ କରାଯିବା ନିର୍ବାଚନ ପ୍ରଚାରର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିଲା। ଏଥିରେ ପ୍ରଭାବିତ ହୋଇ ଜନସାଧାରଣ ଭାଜପାକୁ କ୍ଷମତାସୀନ କରାଇଥିଲେ। ଏହି ପ୍ରସଙ୍ଗ ପୂରଣ ହୋଇନଥିଲେ ମଧ୍ୟ ପରବର୍ତ୍ତୀ ନିର୍ବାଚନରେ ଦେଶଭକ୍ତିର ଭାବନା ପରି ଏକ ଭିନ୍ନ ପ୍ରସଙ୍ଗ ଦ୍ୱାରା ଜନସାଧାରଣ ଆକୃଷ୍ଟ ହୋଇ ପାରିଥିଲେ। ଅତୀତରେ ମଧ୍ୟ ବିଭିନ୍ନ ପ୍ରସଙ୍ଗ ନିର୍ବାଚନୀ ହାୱାରେ ରୂପାନ୍ତରିତ ହୋଇ ଭୋଟରଙ୍କୁ ପ୍ରଭାବିତ କରିଥିବା ଦେଖାଯାଇଛି।

୧୯୭୭ ନିର୍ବାଚନୀ ହାୱା ଥିଲା ପ୍ରଧାନମନ୍ତ୍ରୀ



ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଦେଶରେ ଜରୁରିକାଳୀନ ପରିସ୍ଥିତି ଜାରି ବିରୋଧରେ। ଜରୁରୀ ପରିସ୍ଥିତିରେ ବହୁ ନେତାଙ୍କୁ ଜେଲରେ ରଖାଗଲା ଓ ଜନସାଧାରଣଙ୍କ ବାକ୍ ସ୍ୱାଧୀନତା ସଙ୍କୁଚିତ କରିଦିଆଗଲା। ଏହାକୁ ୧୯୭୭ ନିର୍ବାଚନରେ ବିରୋଧୀ ଦଳ ନିର୍ବାଚନୀ ହାୱାରେ ପରିଣତ କରିପାରିଥିଲେ। ଫଳରେ ଜନମତ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ବିରୋଧରେ ଗଲା। ବିରୋଧୀ ଦଳ ସରକାର ଗଢ଼ିଲେ। ୧୯୭୭-୭୯ ମଧ୍ୟରେ ପ୍ରଧାନମନ୍ତ୍ରୀ ଭାବେ ପ୍ରଥମେ ମୋରାରଜୀ ଦେଶାଇ ଓ ପରେ ଚୌଧୁରୀ ଚରଣ ସିଂହ କ୍ଷମତାସୀନ ହେଲେ। କିନ୍ତୁ ସରକାର ତିଷ୍ଠି ପାରିଲା ନାହିଁ। ଫଳରେ ପରବର୍ତ୍ତୀ ନିର୍ବାଚନ ୧୯୮୦ରେ କରାଇବାକୁ ପଡ଼ିଥିଲା। ଏହି ନିର୍ବାଚନରେ ବିରୋଧୀଙ୍କ ବିରୋଧରେ ସରକାର ଚଳାଇବାର ଅପାରଗତାକୁ କଂଗ୍ରେସ ନିର୍ବାଚନୀ ପ୍ରସଙ୍ଗ କରିଥିଲା, ଯାହାକୁ ବିରୋଧୀ ପ୍ରତିହତ କରିପାରି ନଥିଲେ। ଏହି ହାୱା କଂଗ୍ରେସ ସପକ୍ଷରେ ଯାଇଥିଲା। ୧୯୮୪ ଅଷ୍ଟମ ଲୋକ ସଭା ନିର୍ବାଚନ ପ୍ରସଙ୍ଗ ଇନ୍ଦିରା ଗାନ୍ଧୀଙ୍କ ହତ୍ୟାଜନିତ ଅନୁକମ୍ପା ହାୱା ସୃଷ୍ଟି କରିଥିଲା। ଏହା କଂଗ୍ରେସ ଦଳ ସପକ୍ଷରେ ଯାଇଥିଲା। ଇନ୍ଦିରାଙ୍କ ସୁପୁତ୍ର ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହୋଇଥିଲେ। ଏହି ଥର ୪୧୪ ଆସନ ବା ୪୮.୧% ଭୋଟ ପାଇ କଂଗ୍ରେସ କ୍ଷମତାସୀନ ହୋଇଥିଲା। ତେବେ କଂଗ୍ରେସର ଏହି ଶାସନ କାଳରେ ବୋଫର୍ସ କମାଣ କିଣା ଦୁର୍ନୀତି ବିଷୟ ଲୋକଲୋଚନକୁ ଆସିଲା। ଦଳର ଲୋକପ୍ରିୟତା ଓ ବିଶ୍ୱସନୀୟତା ପ୍ରତି ଅଙ୍ଗୁଳି ଉଠିଲା। ବିରୋଧୀ ଦଳ ପରବର୍ତ୍ତୀ ନିର୍ବାଚନ ଅର୍ଥାତ୍ ୧୯୮୯ ନିର୍ବାଚନରେ ଏହାକୁ ଦୁର୍ନୀତି ପ୍ରସଙ୍ଗ କରି ନିର୍ବାଚନ ହାୱାରେ ପରିଣତ କରାଇ ପାରିଥିଲେ। ଭୋଟର ମଧ୍ୟ ଏଥିରେ ପ୍ରଭାବିତ ହୋଇଥିଲେ। ଫଳରେ କଂଗ୍ରେସ ସରକାରର ପତନ ଘଟିଥିଲା ଓ ଅଣକଂଗ୍ରେସ ସରକାର କ୍ଷମତାସୀନ ହୋଇଥିଲେ। ଅଣକଂଗ୍ରେସ ସରକାରର ପ୍ରଧାନମନ୍ତ୍ରୀ ହୋଇଥିଲେ ଭି.ପି. ସିଂହ। ପରବର୍ତ୍ତୀ ସମୟରେ ଚନ୍ଦ୍ରଶେଖର ପ୍ରଧାନମନ୍ତ୍ରୀ ହୋଇଥିଲେ। କିନ୍ତୁ ଏହି ସରକାର କାର୍ଯ୍ୟକାଳ ସଂପୂର୍ଣ୍ଣ କରିପାରିନଥିଲା। ସରକାର ଭାଙ୍ଗିଯିବାରୁ ୧୯୯୧ରେ ପୁନର୍ବାର ସାଧାରଣ ନିର୍ବାଚନ ହେଲା। ନିର୍ବାଚନ ପ୍ରଚାର ସମୟରେ ବୋମା ବିସ୍ଫୋରଣରେ ରାଜୀବ ଗାନ୍ଧୀ ନିହତ ହେଲେ। ଅନୁକମ୍ପା ହାୱା ଦେଶରେ ସୃଷ୍ଟି ହେଲା। ଫଳରେ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇ ସରକାର ଗଠନ କଲା। ପ୍ରଧାନମନ୍ତ୍ରୀ ହେଲେ ପି.ଭି. ନରସିଂହ ରାଓ। ସଫଳତାର ସହ ଏକ ମିଳିତ ସରକାରର ନେତୃତ୍ୱ ନେଇ କଂଗ୍ରେସ ଦଳ ନିଜ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିପାରିଥିଲା। ଏହି ସମୟରେ ଦେଶରେ ଉଦାରୀକରଣ ଅର୍ଥନୀତି ଆରମ୍ଭ ହୋଇଥିଲା।

୧୯୯୬ର ଏକାଦଶ ଓ ୧୯୯୮ର ଦ୍ୱାଦଶ ଲୋକ ସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ରାମମନ୍ଦିର ପ୍ରସଙ୍ଗ ନିର୍ବାଚନୀ ହାୱା ହୋଇଥିଲା, ଯାହା ହିନ୍ଦୁ ଭୋଟ ଧ୍ରୁବୀକରଣରେ ସହାୟକ ହୋଇଥିଲା। ଜନସାଧାରଣ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ। ଉଦାରୀକରଣ ଅର୍ଥନୀତି ବିଷୟରେ ଜନସାଧାରଣ ଭୁଲି ଯାଇଥିଲେ। ଭାରତୀୟ ଜନତା ପାର୍ଟି ଧର୍ମ ନାମରେ ଭୋଟଭିକ୍ଷା କରୁଥିବା ଏବଂ ଏକ ସାମ୍ପ୍ରଦାୟିକ ଦଳ ବୋଲି ବିରୋଧୀ ପକ୍ଷର ପ୍ରଚାର ମଧ୍ୟ ଜନସାଧାରଣଙ୍କୁ ସେତେଟା ଆକୃଷ୍ଟ କରିପାରିନଥିଲା। ଫଳରେ ଭାରତୀୟ ଜନତା ପାର୍ଟି ସପକ୍ଷରେ ଜନସାଧାରଣ ମତଦାନ କରିଥିଲେ। ତେବେ ଭାଜପା ନେତା ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ସରକାର ୧୯୯୬ରେ ମାତ୍ର ୧୩ ଦିନ ଓ ୧୯୯୮ରେ ୧୩ ମାସ କ୍ଷମତାରେ ରହିଥିଲେ। ଏହି ସମୟରେ ପୋଖରାନ୍ ଆଣବିକ ବିସ୍ଫୋରଣ ଓ କାର୍ଗିଲ ଯୁଦ୍ଧ ହୋଇଥିଲା। ପରବର୍ତ୍ତୀ ସମୟରେ ୧୯୯୯ରେ ଅନୁଷ୍ଠିତ ତ୍ରୟୋଦଶ ଲୋକ ସଭା ନିର୍ବାଚନରେ ଏହି ପ୍ରସଙ୍ଗ ଜନସାଧାରଣଙ୍କୁ ପ୍ରଭାବିତ କରିପାରିଥିବା ଦେଖାଯାଇଥିଲା। ଭାରତୀୟ ଜନତା ପାର୍ଟି ସପକ୍ଷରେ ଭୋଟ ଯାଇଥିଲା ଓ ଅଟଳ ବିହାରୀ ବାଜପେୟୀ ପୁନର୍ବାର ପ୍ରଧାନମନ୍ତ୍ରୀ ହୋଇଥିଲେ। ଏହି ସମୟରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଓ ସ୍ୱର୍ଣ୍ଣ ଚତୁର୍ଭୁଜ ରାଜପଥ ଯୋଜନା କାର୍ଯ୍ୟକାରୀ ହୋଇଥିଲା। ପରବର୍ତ୍ତୀ ସମୟରେ ୨୦୦୪ରେ ଅନୁଷ୍ଠିତ ଚତୁର୍ଦ୍ଦଶ ଲୋକ ସଭା ନିର୍ବାଚନରେ ଭାଜପା ଏହାକୁ ନିର୍ବାଚନୀ ହାୱାରେ ରୂପ ଦେବାକୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲା।

ଚଳିତ ନିର୍ବାଚନରେ ବିରୋଧୀ ଦଳ ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା, ଜାତିଭିତ୍ତିକ ଜନଗଣନା, ବେକାରି, ଦରଦାମ୍ ବୃଦ୍ଧିକୁ ପ୍ରସଙ୍ଗ କରିବାକୁ ଉଦ୍ୟମ କରିଥିବାବେଳେ ଭାରତୀୟ ଜନତା ପାର୍ଟି ହିନ୍ଦୁ ଭୋଟ ଆଣିବା ପାଇଁ ଉଦ୍ୟମ କରିଥିଲା। ତୃତୀୟ ପର୍ଯ୍ୟାୟ ନିର୍ବାଚନ ଶେଷ ପରେ ଭାଜପାର ନିର୍ବାଚନ ପ୍ରଚାର ଧାର୍ମିକ ଓ ସାମ୍ପ୍ରଦାୟିକ ଦିଗକୁ ମୋଡ଼ ନେଇଥିଲା। ତେବେ ଭୋଟର ଏସବୁ ପ୍ରସଙ୍ଗ ଦ୍ୱାରା ବିଶେଷ ପ୍ରଭାବିତ ହେଉନଥିବା ଜଣାପଡୁଥିଲା। ସାଧାରଣ ଜନତାଙ୍କ ମନରେ ବେକାରି ଓ ଦରଦାମ ବୃଦ୍ଧି ପ୍ରତିଧ୍ୱନିତ ହୋଇଥିଲା। ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ଶାସନଗତ ଅସଙ୍ଗତି ବିରୋଧରେ ଜନ ଅସନ୍ତୋଷ ରହିଥିଲା। ଅରୁଣାଚଳ ଓ ସିକିମ ପାର୍ବତ୍ୟାଞ୍ଚଳ ହୋଇଥିବାରୁ ଏହାର ଜନାଦେଶ ସମତଳ ଅଞ୍ଚଳ ସହ ତୁଳନା କରାଯାଇ ପାରିବ ନାହିଁ। ଏଥିସହ ଚଳିତବର୍ଷ ଦେଶରେ ସର୍ବାଧିକ ଦଳବଦଳ ଘଟଣା ଘଟିଛି। ଏହି ଦଳବଦଳ ସହ ନୀତି ନୈତିକତା ଜଡ଼ିତ ଥିବାରୁ ଭୋଟରଙ୍କ ମନରେ ଅନେକ ପ୍ରଶ୍ନ ଉଠିଥିବା ମନେହୁଏ। ଏଣୁ ଭୋଟରଙ୍କ ମଧ୍ୟରେ ଏକ ଚାପା ଅସନ୍ତୋଷ ଚଳିତ ନିର୍ବାଚନ ପ୍ରକ୍ରିୟା ମଧ୍ୟରେ ଦାନା ବାନ୍ଧିଥିଲା, ଯାହାର ପ୍ରତିଫଳନ ମତଦାନରେ ଦେଖିବାକୁ ମିଳିଥିବା ମନେହୁଏ।

ମୋ: ୯୪୩୭୨୨୯୨୩୩

# ଆଦର୍ଶ ଜୀବନ



ଡ. ଶରତ ଚନ୍ଦ୍ର ପରିଡ଼ା

ଆଦର୍ଶ କହିଲେ ଏକ ନିର୍ଦ୍ଦିଷ୍ଟ ଅବସ୍ଥାରେ ଯାହା ସର୍ବୋତ୍କୃଷ୍ଟ, ସର୍ବୋତ୍ତମ ବା ଶ୍ରେଷ୍ଠ। ଏହା ଦୋଷରହିତ ଓ ଅତୁଳନୀୟ। ଏହା ବ୍ୟକ୍ତି, ସ୍ଥାନ, ଦ୍ରବ୍ୟ, ଏକ ଭାବଜଗତ, ଏକ ପଦ୍ଧତି, ଏକ ଧାରଣା ବା ଏକ ନୀତି ହୋଇପାରେ। କେତେବେଳେ ସ୍ୱପ୍ନ ବା କାଳ୍ପନିକ ଅବସ୍ଥା ବି ହୋଇପାରେ। ଶ୍ରେଷ୍ଠତାର ଧାରଣରୁ ସେହିପରି ହେବାର ଏକ ଆଶା ବା ଆକାଂକ୍ଷା ମନରେ ଜନ୍ମ ନିଏ। ପରିଣାମରେ ଏହାକୁ ହାସଲ କରିବାକୁ ଚେଷ୍ଟା କରାଯାଇଥାଏ। ସୁତରାଂ ଏକ ଶ୍ରେଷ୍ଠ ବ୍ୟକ୍ତି ବା ବିଷୟକୁ ଅନୁକରଣ କରିବା ହେଉଛି ଆଦର୍ଶ। ଆଦର୍ଶର ମୌଳିକ ଅର୍ଥ ନ ବଦଳିଲେ ମଧ୍ୟ ପ୍ରସଙ୍ଗଭିତ୍ତିରେ ଆଦର୍ଶ ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରେ। ଏଇ ଯେମିତି ଆଦର୍ଶ ରାଷ୍ଟ୍ର, ଆଦର୍ଶ ସମାଜ, ଆଦର୍ଶ ବିଦ୍ୟାଳୟ– ଏ ସବୁ। ସମାଜର ବିଭିନ୍ନ କ୍ଷେତ୍ରରେ ଆଦର୍ଶସ୍ଥାନୀୟ ଓ ଅନୁକରଣୀୟ ବ୍ୟକ୍ତି ଅଛନ୍ତି। ସତ୍ୟବାଦିତା, କଷ୍ଟସହିଷ୍ଣୁତା, ବୀରତ୍ୱ ଆଦି ବିଭିନ୍ନ ଆଦର୍ଶ ଗୁଣର ଚମତ୍କାରତା ମଧ୍ୟ ରହିଛି। ରାମାୟଣ ଆଦର୍ଶ ଚରିତ୍ରର ଖଣି। ବିଜ୍ଞାନକ୍ଷେତ୍ରରେ ଆଦର୍ଶ ହେଉଛି ଏକ ମାନବିନ୍ଦୁ ଯାହା ସହିତ ବୈଜ୍ଞାନିକ ପରୀକ୍ଷାଗୁଡ଼ିକର ପରିମାପ କରାଯାଇଥାଏ। କଳା ଓ ଭାସ୍କର୍ଯ୍ୟରେ ଆଦର୍ଶ ରୂପ ଓ ସୌନ୍ଦର୍ଯ୍ୟର ଅସାମାନ୍ୟ ପରିପୂର୍ଣ୍ଣତା। ଆଦର୍ଶର ଗୋଟିଏ ଅର୍ଥ ଦର୍ପଣ ବା ଆଇନା। ଦର୍ପଣରେ ଆମେ ବାହ୍ୟ ରୂପ ଦେଖୁ। ସେହିପରି ଆମ ଆଦର୍ଶରେ ଆମେ ନିଜ ଭିତରେ ଥିବା ଚିନ୍ତା ଚେତନା, ଦର୍ଶନ, ଭାବ, ଭାବନା, ରୁଚି, ଅରୁଚି, ପସନ୍ଦ ଅପସନ୍ଦ– ସର୍ବୋପରି ଆମ ବ୍ୟକ୍ତିତ୍ୱର ଏକ ପ୍ରତିଫଳିତ ଛବି ଆମେ ଅବିକଳ ଦେଖିପାରୁ। ଏହି ଦୃଷ୍ଟିରୁ ଆମ ଆଦର୍ଶ ଆମ ସ୍ୱ–ପ୍ରକ୍ଷେପିତ ରୂପ। ଏହି ପ୍ରସଙ୍ଗରେ ଜେ. କୃଷ୍ଣମୂର୍ତ୍ତି କହନ୍ତି– ''ଆମେ ପ୍ରକୃତରେ ଯାହା ଆଦର୍ଶ ଆମଠାରୁ ପୂରାପୂରି ଅଲଗା ଧରଣର ନୁହେଁ। ଆଦର୍ଶ ନିଜ ଭାବନାରୁ ବାହାରି ଥାଏ। ଆଦର୍ଶ ଭାବନାର ଏକ ଅଂଶ। ଭାବନାର ବହିର୍ଭୂତ କୌଣସି ଜିନିଷ ନୁହେଁ; ଏହା ତ ହେଉଛି ଆପେ ଭାବନା।'' କରୁଥିବା କାର୍ଯ୍ୟଟି କିପରି ଠିକଣା ପଦ୍ଧତିରେ ହୋଇପାରିବ ସେଥିପାଇଁ ଆଖିଆଗରେ କିଛି ନମୁନା ରଖିବା ; ଯାହାକୁ ବିଶ୍ୱାସ ଓ ଅନୁସରଣ କରି ଜଣେ ନିଜକୁ ଗଢ଼ିବାକୁ ପ୍ରୟାସ କରିଥାଏ। ଆଦର୍ଶ ହିଁ ସଫଳତାର ପ୍ରାପକ। ଆଇନାରେ କିଛି ଅସଜଡ଼ା ଦେଖିଲେ ବ୍ୟକ୍ତି ନିଜକୁ ସଜାଡ଼ି ଦେଲା ପରି ଆଦର୍ଶପନ୍ଥୀ ନିଜ କ୍ରିୟାକଳାପରେ ତ୍ରୁଟିବିଚ୍ୟୁତି ହେଲେ ଆଦର୍ଶ ନକ୍ସା ଅନୁସାରେ ତାକୁ ସଂଶୋଧନ କରିନିଏ। ଅତଏବ ଆଦର୍ଶ ପଦେ



ପଦେ ରହି ନିରୀକ୍ଷଣ ଓ ମାର୍ଗ ଦର୍ଶନ କରୁଥାଏ। ଚିନ୍ତା ଓ କାର୍ଯ୍ୟ ହଲଚଲ ହେଲେ, ସ୍ଥିର କରାଇ ଦିଏ। ବୈଜ୍ଞାନିକ ଓ ଗବେଷକ ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ଏ.ପି.ଜେ ଅବଦୁଲ କଲାମ ଯାହାଙ୍କ ଆଦର୍ଶ ସେ ଗବେଷଣାରେ କେବେ ପଛଘୁଞ୍ଚା ଦିଅନ୍ତି ନାହିଁ। ଶ୍ରବଣକୁମାର ଯାହାଙ୍କ ଆଦର୍ଶ ସେ କେବେ ମାତାପିତାଙ୍କୁ ଅବହେଳା କରିପାରନ୍ତି ନାହିଁ। ମହାତ୍ମା ଗାନ୍ଧୀ ଯାହାଙ୍କ ଆଦର୍ଶ ସେ ସତ୍ୟବାଦିତାରୁ କେବେ ଓହରି ଯାଆନ୍ତି ନାହିଁ। ମଦର ଟେରେସା ଯାହାଙ୍କ ଆଦର୍ଶ ସେ ରୋଗୀସେବାରୁ କେବେ ପଛକୁ ହଟନ୍ତି ନାହିଁ। ଆଦର୍ଶ ଅପୂର୍ବ ଇଚ୍ଛାଶକ୍ତି, କ୍ରିୟାଶକ୍ତି ଭରି ଦେଇ ନିରନ୍ତର ସଫଳତା ଆଡ଼କୁ ବାଟ ଫିଟାଏ। କର୍ମ ପଛରେ ଥିବା ଆଦର୍ଶ ହିଁ ଆଦର୍ଶବାନ୍ ବ୍ୟକ୍ତିଙ୍କ ଜୀବନରେ ସଫଳ କରାଇଥାଏ।

ଆଦର୍ଶ ବିହୀନ ଜୀବନ ଜୀବନ ନୁହେଁ। ଆଦର୍ଶର ଛୁଆଁରେ ବ୍ୟକ୍ତି ଶୀର୍ଷସ୍ଥାନକୁ ଛୁଇଁପାରେ। ଆଦର୍ଶର ବାସ୍ନାରେ ବ୍ୟକ୍ତି ମହକି ଉଠେ। ଆଦର୍ଶରୁ ଝରେ ଅଦ୍ଭୁତ କର୍ମପ୍ରେରଣା। ବ୍ୟକ୍ତି ଭିତରେ ଏତେ ଶକ୍ତିର ଉତ୍ସ ଓ ସାମର୍ଥ୍ୟ ରହିଛି ବୋଲି ଆଦର୍ଶ ତାକୁ ଅନୁଭବ କରାଇ ଆତ୍ମସଚେତନ କରେ। ଯୋଗ୍ୟତାକୁ ଦକ୍ଷତାରେ ପରିଣତ କରେ। ବ୍ୟକ୍ତିକୁ ସକାରାତ୍ମକ ଓ ସୃଜନଶୀଳ କରାଏ। ଜୀବନକୁ ପରିଚାଳନା କରିବାରେ ଶ୍ରେଷ୍ଠତା ଲାଭ କରି ପାରିଥାଏ।

କେବଳ ଉଚ୍ଚ ଆଦର୍ଶରେ ଅନୁପ୍ରାଣିତ ହେଲେ ଚଳିବ ନାହିଁ। ଆଦର୍ଶ ପ୍ରତି ଅନୁରକ୍ତି ରହିବା ସହିତ କାର୍ଯ୍ୟପ୍ରୀତି ରହିବା ଦରକାର। ମନପ୍ରାଣ ସମର୍ପିତ ହୋଇ ଆଦର୍ଶକୁ ସୋପାନ ପରେ ସୋପାନ ଆଚରଣରେ ପରିଣତ କଲେ ଭିତରେ ଥିବା ପ୍ରତିଭାର ଉନ୍ମେଷ ଘଟେ। ଏହାର ଅନ୍ୟ ନାମ ସାଧନା। କର୍ମଠର ପ୍ରଗତି ସୁନିଶ୍ଚିତ। ଠିକ୍ ସମୟରେ, ଠିକ୍ ପଦ୍ଧତିରେ ଆଦର୍ଶକୁ କାର୍ଯ୍ୟରେ ପରିଣତ କଲେ କି ନାହିଁ ତାହା ଆମର ସିଦ୍ଧି ବା ସଫଳତା କହିଦିଏ। ବଡ଼ଲୋକମାନେ କିଛି ଭିନ୍ନ କାମ କରି ନ ଥା'ନ୍ତି, ସେମାନେ ଭିନ୍ନ ଢଙ୍ଗରେ କାର୍ଯ୍ୟଟି କରିଥାନ୍ତି। ଶାରୀରିକ, ମାନସିକ ଓ ନୈତିକ କ୍ଷେତ୍ରରେ ଥିବା ଆଦର୍ଶ ଗ୍ରହଣୀୟ କିନ୍ତୁ ମିଛ ଆଦର୍ଶ ବର୍ଜନୀୟ। ନିଜର ଶକ୍ତି, ସାମର୍ଥ୍ୟକୁ ଦେଖି ଆଦର୍ଶରେ ଦୀକ୍ଷିତ ହେବା ଉଚିତ। କେତେକ ଆଦର୍ଶ ଆମର ଆୟ ବାହାରେ; ସେପରି ମିଛ ଆଦର୍ଶକୁ ଆପଣେଇବା ବିପଜ୍ଜନକ। ଆଦର୍ଶ ଆମର ବିକାଶ ପାଇଁ ଉଦ୍ଦିଷ୍ଟ ବିନାଶ ଲାଗି ନୁହେଁ। ଆମେ ପ୍ରକୃତରେ ଯାହା, ତାହା ବୁଝିବା ଲୋଡ଼ା। ସବୁ ଚେଷ୍ଟା ସତ୍ତ୍ୱେ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସଫଳତା ନ ମିଳିଲେ ବିକଳ୍ପ ବରଣୀୟ। ପ୍ରାଣ ହରଣୀୟ ନୁହେଁ। ବାଟ ଅସୁମାରି। ପୃଥିବୀ ବିଶାଳ ଓ ଜୀବନ ଲମ୍ବ। ଅତଏବ ମିଛ ଆଦର୍ଶ ପଛରେ ନ ଗୋଡ଼ାଇବା ଶ୍ରେୟସ୍କର।

ମୋ–୭୦୦୮୪୭୫୪୪୨

## ଏଇ ଭାରତରେ

ତିନି ବନ୍ଧୁ ଗ୍ରାମୀଣ ଅଞ୍ଚଳର ରୋଗୀମାନଙ୍କୁ ମାତ୍ର ୧ ଟଙ୍କାରେ ଇ–କ୍ଲିନିକ ମାଧ୍ୟମରେ ଡାକ୍ତରଙ୍କ ପରାମର୍ଶ ନେବାର ବ୍ୟବସ୍ଥା କରିଛନ୍ତି। ଆଙ୍କାଶ ଟଣ୍ଡନ ଏବଂ ତାଙ୍କର ଦୁଇ ବନ୍ଧୁ ସକେତ ଆସତି ଓ ଅଙ୍କୁର ଚୌରାସିଆ ଡିଗିକ୍ୟୁରେ ଷ୍ଟାର୍ଟଅପ୍ ମାଧ୍ୟମରେ ଏହି ସେବା ଯୋଗାଇ ଦେଉଛନ୍ତି। ଉକ୍ତ ଷ୍ଟାର୍ଟଅପ୍‌କୁ ସେମାନେ ୨୦୨୦ରେ ପ୍ରତିଷ୍ଠା କରିଥିଲେ। ସେ ଟେଲିକନ୍‌ସଲଟେଶନ ମାଧ୍ୟମରେ ଡାକ୍ତରଙ୍କ ପରାମର୍ଶ ନେବାରେ ରୋଗୀମାନଙ୍କୁ ସାହାଯ୍ୟ କରୁଛନ୍ତି । ଏଥିପାଇଁ ଲୋକମାନଙ୍କୁ ସକ୍ଷମ କାର୍ଡ ଦିଆଯାଉଛି, ଯାହାଦ୍ୱାରା ସେମାନେ ଏହି ସେବା ପାଉଛନ୍ତି। ଏ ପର୍ଯ୍ୟନ୍ତ ତିନିବନ୍ଧୁ ମଧ୍ୟପ୍ରଦେଶର ୨୦,୦୦୦ ଲୋକଙ୍କୁ ଏହି ସେବା ଯୋଗାଇ ଦେଇସାରିଲେଣି। ସେମାନେ ଲୋକମାନଙ୍କୁ ବି ଡିଜିଟାଲ ପ୍ରେସ୍କ୍ରିପଶନ ଏବଂ ଲାବ୍ ଟେଷ୍ଟ ସର୍ଭିସ ମଧ୍ୟ ଯୋଗାଇ ଦେଉଛନ୍ତି। ଏପରି କି ଆବଶ୍ୟକ ପଡ଼ିଲେ ରୋଗୀଙ୍କୁ ତାଙ୍କ ସହଭାଗୀ ହସ୍ପିଟାଲକୁ ପଠାଇବାର ବ୍ୟବସ୍ଥା କରୁଛନ୍ତି । ୩୬୫ ଟଙ୍କା ଦେଲେ ଲୋକେ ବର୍ଷସାରା ଡାକ୍ତରଙ୍କ ପରାମର୍ଶ ନେବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଡିଗିକ୍ୟୁରେ ୧୦ ହସ୍ପିଟାଲର ୬୦ ଜଣ ଡାକ୍ତର ଯୋଡି ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ଜୁନ୍ ୧୯୭୫

- ଦଳବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ଅକାଳୀ ଦଳ ନେତା ଜୀବନ ସିଂହ ଦଳରୁ ୬ ବର୍ଷ ପାଇଁ ବହିଷ୍କୃତ।
- ବିଶ୍ୱବ୍ୟାଙ୍କ ପକ୍ଷରୁ ପୃଥିବୀର ଦରିଦ୍ରତମ ବ୍ୟକ୍ତିମାନଙ୍କୁ ସାହାଯ୍ୟ ପାଇଁ ୭୦୦୦ ନିୟୁତ ଡଲାର ଖର୍ଚ୍ଚ କରାଯିବାର ଯୋଜନା।

## ପାଠକ ଶ୍ରେଷ୍ଠ ବିଚାରକ

### ପଥଚାରୀଙ୍କ ପାଇଁ ନାହିଁ ସର୍ବନିମ୍ନ ସୁରକ୍ଷା

ମହାଶୟ,

କଟକ ସହରରେ ଗାଡ଼ି ମୋଟର ସଂଖ୍ୟା ବୃଦ୍ଧି ପାଉଛି। ସେହିଦୃଷ୍ଟିରୁ ଦେଖିବାକୁ ଗଲେ ସହରର ପ୍ରମୁଖ ଛଅଟି ଟ୍ରାଫିକ ଛକ ପଥଚାରୀଙ୍କ ଚଳାଚଳ ପାଇଁ ସମ୍ପୂର୍ଣ୍ଣ ଅସୁରକ୍ଷିତ ବୋଲି ସର୍ଭେରୁ ଜଣାପଡ଼ିଛି। ନିକଟରେ ଫୋରମ ଫର ପ୍ରିଭେନ୍‌ସନ ଅଫ ରୋଡ଼ ଆକ୍ସିଡେଣ୍ଟ ପକ୍ଷରୁ ବାଦାମବାଡ଼ି ଟ୍ରାଫିକ ଛକ, ଖାନ୍‌ନଗର ଟ୍ରାଫିକ ଛକ, ବେଲଭ୍ୟୁ ଟ୍ରାଫିକ ଛକ, ବଜ୍ରକବାଟି ଟ୍ରାଫିକ ଛକ, ରାଣୀହାଟ କଲେଜ ଛକ ଟ୍ରାଫିକ ଛକରେ ଏହି ସର୍ଭେ କରାଯାଇଥିଲା। ସର୍ଭେରୁ ଜଣାପଡ଼ିଛି , ଏହି ଟ୍ରାଫିକ ଛକଗୁଡ଼ିକରେ ପଥଚାରୀଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାରୁ ଅସୁରକ୍ଷିତ ଭାବେ ପଥଚାରୀ ରାସ୍ତା ଅତିକ୍ରମ କରୁଛନ୍ତି। ଏହି ଛକଗୁଡ଼ିକରେ ସ୍ପିଡ୍ ହମ୍ପ୍‌ସ କିମ୍ବା ରମ୍‌ଲର୍ସ ନାହିଁ। ବେଲଭ୍ୟୁ ଛକରେ ଫୁଟ୍‌ପାଥକୁ ଜବରଦଖଲ କରାଯାଇଛି। ବାଦାମବାଡ଼ିରେ ଫୁଟ୍‌ପାଥ ଉପରେ ଫଳ ବ୍ୟବସାୟୀ ଜବରଦଖଲ କରିଛନ୍ତି। ଖାନ୍‌ନଗର ଛକରେ ଗୋଟିଏ ଫାଳ ଫୁଟ୍‌ପାଥ ରହିଛି। କଲେଜ ଛକରେ ବି ସମାନ ସ୍ଥିତି। ବାଦାମବାଡ଼ି, ଲିଙ୍କ୍‌ରୋଡ଼ ଓ ସତୀଚଉରା ପରି ପୂର୍ବରୁ ଘୋଷିତ ହୋଇଥିବା ଜିରୋ ଟଲରେନ୍ସ ବ୍ୟବସ୍ଥା ଆଦୌ କାର୍ଯ୍ୟକାରୀ ହେଉନାହିଁ। କୌଣସି ସୂଚନା ଫଳକ ନାହିଁ କିମ୍ବା ଟ୍ରାଫିକ ବ୍ୟବସ୍ଥା ଏଯାବତ୍ ମଧ୍ୟ ସୁଦୃଢ଼ ହୋଇ ପାରିନାହିଁ। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହି ପ୍ରସଙ୍ଗକୁ ଗୁରୁତ୍ୱ ପ୍ରଦାନ କରନ୍ତୁ।

–ପୁଷ୍ପମିତ୍ର ମହାପାତ୍ର, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜାଣିନି କାହାକୁ ସେ ଆଗ ଆସି ଯିବ ଘେନି
ଜଣକୁ ଛାଡ଼ି ଜଣେ
କେବେ କ୍ଷଣେ ରହୁଁ ବେନି ?
କିଏ ସେ ଯିବ ଆଗ ନ ପାରଇଁ ବୁଝି ତିଳେ
ଛାଡ଼ି ଏ ସୁଖ ଘର
ମରଣର ଚିର ନୀଡ଼େ।
–(ମରଣ ପାଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ବଳାତ୍କାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୦।୬ (ସୁବାସ ଚନ୍ଦ୍ର ପାଢ଼ୀ): ନାବାଳିକା ବଳାତ୍କାର ଅଭିଯୋଗରେ ସଦର ଥାନା ପୋଲିସ ଅଭିଯୁକ୍ତ ମଣ୍ଟୁ ଗୌଡ଼ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ମଣ୍ଟୁ ୧୭ ବର୍ଷର ନାବାଳିକାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ତାଙ୍କୁ ବିଭିନ୍ନ ସ୍ଥାନକୁ ନେଇ ଫଟୋ ଉଠାଇବା ସହ ଭିଡ଼ିଓ କରିଥିଲେ। ନାବାଳିକା ଜଣକ ତାଙ୍କୁ ବିବାହ କରିବା ପାଇଁ ଅନୁରୋଧ କରିଥିଲେ। ହେଲେ ମଣ୍ଟୁ ତାଙ୍କୁ ଧମକ ଦେବା ସହ ବିବାହ କରିବେ ନାହିଁ ବୋଲି କହିଥିଲେ। ପ୍ରତାରଣାର ଶିକାର ହେବା ପରେ ପୀଡ଼ିତା ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

### ଆଇନଜୀବୀଙ୍କ ବିୟୋଗରେ କୋର୍ଟ କାର୍ଯ୍ୟ ବନ୍ଦ

ବ୍ରହ୍ମପୁର,୧୦।୬ (ସୁବାସ ଚନ୍ଦ୍ର ପାଢ଼ୀ): ଗଞ୍ଜାମ ଓକିଲ ସଂଘର ସଦସ୍ୟ ଅଶୋକ କୁମାର ସାହୁ(୬୩)ଙ୍କ ବିୟୋଗରେ ସୋମବାର ଓକିଲ ସଂଘ କାର୍ଯ୍ୟାଳୟରେ ଶୋକସଭା କରାଯାଇଥିଲା। ଏଥିସହ ଦୁଇ ଘଣ୍ଟା ପାଇଁ ଓକିଲ ସଂଘ ପକ୍ଷରୁ ଜିଲା ଜଜ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତଗୁଡ଼ିକରେ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଥିଲା। ଓକିଲ ସଂଘ ସଭାପତି ନୟନ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଶୋକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ତାଙ୍କ ପରିବାରକୁ ସଂଘ ପକ୍ଷରୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯିବାକୁ ନିଷ୍ପତ୍ତି ହୋଇଛି ବୋଲି ସଭାପତି କହିଛନ୍ତି। ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର, ଉପସଭାପତି ରାମ ପ୍ରସାଦ ପଣ୍ଡା, ଯୁଗ୍ମ ସମ୍ପାଦକ ଗିରିଜା ଶଙ୍କର ବେହେରା ସଭାରେ ମଞ୍ଚାସୀନ ଥିଲେ। ଆଇନଜୀବୀ ମୋହନ ସିଙ୍ଗାରୀ, କୃଷ୍ଣଚନ୍ଦ୍ର ଚୌଧୁରୀ, ତୁଷାରକାନ୍ତ ପଟ୍ଟନାୟକ, ଡି. ପ୍ରସାଦ ଦୋରା, ସୁଶୀଲ ତ୍ରିପାଠୀ, ବିଶ୍ୱଜିତ ସେଠୀ, ଅଶ୍ୱିନୀ ମହାପାତ୍ର, ବିରୂପାକ୍ଷ ପାତ୍ର, ଏମ. ସନ୍ତୋଷ ପ୍ରମୁଖ ଉପସ୍ଥିତ ଥିଲେ।

### ଯୌତୁକ ନିର୍ଯାତନା: ସ୍ୱାମୀ, ନଣନ୍ଦେଇ ଗିରଫ

ବ୍ରହ୍ମପୁର,୧୦।୬ (ସୁବାସ ଚନ୍ଦ୍ର ପାଢ଼ୀ): ଅଧିକ ଯୌତୁକ ଦାବିରେ ଜଣେ ନବ ବିବାହିତାଙ୍କୁ ନିର୍ଯାତନା ଦେବା ଘଟଣାରେ ମହିଳା ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅଭିଯୋଗକାରିଣୀଙ୍କ ସ୍ୱାମୀ ଜରଡା ଥାନା ସୁରଙ୍ଗୀର ପ୍ରଶାନ୍ତ ଜାନି ଓ ନଣନ୍ଦେଇ ଗଜପତି ଜିଲା ରାୟଗଡର ବାରିକ ବେହେରା। ବାରିକ ଗଜପତିରେ ଫରେଷ୍ଟ ଗାର୍ଡ ଭାବେ କାମ କରନ୍ତି ବୋଲି ପୋଲିସ କହିଛି। ଉଭୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଗଜପତି ଜିଲା ମୋହନା ଚାନ୍ଦିପୁଟର ମହିଳା ସୁଦେଷ୍ଣା ଜାନି ୨୦୨୨ରେ ସୁରଙ୍ଗିର ପ୍ରଶାନ୍ତଙ୍କୁ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଶାଶୂଘର ଲୋକେ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେବା ସହ ଭୟଭୀତ କରି ବାରମ୍ବାର ତାଙ୍କର ଗର୍ଭନଷ୍ଟ କରିଥିଲେ। ୨୦୨୩ ନଭେମ୍ବର ୧୯ରେ ସୁଦେଷ୍ଣା ଗର୍ଭବତୀ ଥିବାବେଳେ ଶାଶୂ ଘର ଲୋକେ ତାଙ୍କୁ ଆକ୍ରମଣ କରିବାରୁ ସେ ଅଚେତ ହୋଇପଡିଥିଲେ। ଏ ନେଇ ତାଙ୍କ ବାପା ମୋହନା ଥାନାରେ ଅଭିଯୋଗ କରିଥିଲେ। ପୋଲିସ କୌଣସି ପଦକ୍ଷେପ ନେଇ ନଥିଲା। ତେଣୁ ସୁଦେଷ୍ଣା ଗତ ମାର୍ଚ୍ଚରେ ବ୍ରହ୍ମପୁର ମହିଳା ଥାନାକୁ ଆସି ଅଭିଯୋଗ କରିଥିଲେ। ପୋଲିସ ସୁଦେଷ୍ଣାଙ୍କ ସ୍ୱାମୀଙ୍କ ସମେତ ମୋଟ ୭ ଜଣଙ୍କ ନାମରେ ମାମଲା ରୁଜୁ କରି ସ୍ୱାମୀ ଓ ନଣନ୍ଦେଇ ଗିରଫ କରିଛି।

### ବ୍ଲକ ଅଧ୍ୟକ୍ଷଙ୍କ ବିୟୋଗରେ କ୍ୟାଣ୍ଡେଲ ଶୋଭାଯାତ୍ରା

ବ୍ରହ୍ମପୁର,୧୦।୬(ଅଶୋକ କୁମାର ସାହୁ): କୁକୁଡାଖଣ୍ଡି ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ କାମାକ୍ଷା ପ୍ରସାଦ ପାତ୍ରଙ୍କ ଶନିବାର ପରଲୋକ ହୋଇଛି। ରବିବାର ସନ୍ଧ୍ୟାରେ ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଓ ଯୁବଗୋଷ୍ଠୀ ତାଙ୍କ ଆତ୍ମାର ସଦଗତି ନିମନ୍ତେ କ୍ୟାଣ୍ଡେଲ ଶୋଭାଯାତ୍ରା କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ଜିଲା ପରିଷଦ ସଭ୍ୟା ଶିବାନୀ ସେଠୀ, ମିଟୁ ବିଶ୍ୱାଳ, ନରସିଂହ ଗୌଡ଼, ସରପଞ୍ଚ ବନ୍ଦନା ସେଠି, କ୍ରାନ୍ତିକୁମାରୀ ଦେବି, ଚିଣ୍ଟୁ ପଟ୍ଟନାୟକ, ଯୁବନେତା କେ. ଅବିନାଶ, ଜିତେନ୍ଦ୍ର ମହାରଣା, ସାମାଜିକ କର୍ମୀ ଟୁକୁନା ସେଠୀଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ।

# ସରୀସୃପଙ୍କ ବାସସ୍ଥାନ ପାଲଟିଛି ଶିଶୁ ଉଦ୍ୟାନ

ବ୍ରହ୍ମପୁର,୧୦।୬(ସ୍ମୃତି ରଞ୍ଜନ ମହାଲିକ): ବ୍ରହ୍ମପୁର ମହାନଗର ନିଗମ (ବିଇଏମସି) ଖାଲି ପଡ଼ିଥିବା ନିଜସ୍ୱ ସ୍ଥାନଗୁଡ଼ିକରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରିଛି। ଏଭଳି ସ୍ଥାନଗୁଡ଼ିକରେ ପ୍ରାୟ ୧୦୦ଟି ଶିଶୁ ଉଦ୍ୟାନ ତଥା ଶିଶୁ ଖେଳପଡିଆ ନିର୍ମାଣ କରାଯାଇଛି। ଖେଳପଡିଆରେ ଶିଶୁଙ୍କ ନିମନ୍ତେ ବିଭିନ୍ନ ଖେଳନା ସାମଗ୍ରୀ, ଦୋଳି, ପେଭର ବ୍ଲକ ଚଲାପଥ, ଆଲୋକୀକରଣର ବ୍ୟବସ୍ଥା ଓ ସିମେଣ୍ଟ ଚେୟାର ମଧ୍ୟ ହୋଇଛି। ସହରର ବିଭିନ୍ନ ୱାର୍ଡରେ ଶିଶୁ ଖେଳପଡିଆ ନିର୍ମାଣ କରାଯାଇଛି। ଏଥିରେ କେବଳ ଶିଶୁ ନୁହେଁ, ସ୍ଥାନୀୟ ବାସିନ୍ଦାମାନେ ମଧ୍ୟ କିଛି ସମୟ ବିତାଇଥାନ୍ତି। ହେଲେ ବିଇଏମସିର ରକ୍ଷଣାବେକ୍ଷଣ ଅଭାବରୁ ଲକ୍ଷାଧିକ ଟଙ୍କାରେ ନିର୍ମିତ ପ୍ରକଳ୍ପ ଅବହେଳିତ ଅବସ୍ଥାରେ ପଡି ରହୁଥିବା ଦେଖାଯାଉଛି, ଯାହାର ଜ୍ୱଳନ୍ତ ଉଦାହରଣ ୨୭ ନଂ. ୱାର୍ଡ ଅନ୍ତର୍ଗତ ବଦ୍ରିରାଜ ନଗର ପ୍ରଥମ ଲେନରେ ଥିବା ଶିଶୁ ଖେଳପଡିଆ। ଏହା ବର୍ତ୍ତମାନ ବର୍ଷାକ୍ତ ସରୀସୃପଙ୍କ ବାସସ୍ଥଳୀ ପାଲଟିଛି।



ଖେଳପଡିଆ ଲଟାବୁଦାରେ ପରିପୂର୍ଣ୍ଣ ହୋଇଛି।

ବଦ୍ରିରାଜ ନଗର ଖେଳପଡିଆଟି ୨୦୧୪ରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା। ଖେଳପଡିଆର ଚତୁଃପାର୍ଶ୍ୱରେ ପାଚେରି ହୋଇଛି। ଭିତରରେ ପେଭର ବ୍ଲକରେ ଚଲାପଥ ନିର୍ମାଣ କରାଯାଇଛି। ଖେଳପଡିଆ ଉଦ୍‌ଘାଟନର କିଛିମାସ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରାଯାଉଥିଲା। ଫଳରେ ସ୍ଥାନୀୟ ଅଞ୍ଚଳର ଛୋଟ ଶିଶୁମାନେ ପଡ଼ିଆରେ ବିଭିନ୍ନ ଖେଳ ଖେଳୁଥିଲେ। ସ୍ଥାନୀୟ ବାସିନ୍ଦା ମଧ୍ୟ ପଡ଼ିଆରେ ପ୍ରାତଃଭ୍ରମଣ କରୁଥିଲେ। କିନ୍ତୁ କାଳକ୍ରମେ ବିଇଏମ୍ସି ପକ୍ଷରୁ ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦିଆଗଲା ନାହିଁ। ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ବାରୟାର ଦୃଷ୍ଟି ଆକର୍ଷଣ କରାଗଲା। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଫଳରେ ଏହି ପଡିଆଟି ବର୍ତ୍ତମାନ ଲଟାବୁଦାରେ ଭର୍ତ୍ତି ହେଲାଣି। ଶିଶୁଙ୍କ କ୍ରୀଡ଼ା ଉପକରଣଗୁଡିକରେ ମଧ୍ୟ ଲତା ମାଡିବାକୁ ବସିଲାଣି। ପେଭର ବ୍ଲକ ରାସ୍ତାକୁ ଘାସ ମାଡ଼ି ଆସିଲାଣି। ଖେଳପଡିଆ ମଧ୍ୟରେ ଏକ ଉଇହୁଙ୍କା ହୋଇଥିବା ବେଳେ ସେଥିରେ ବିଷଧର ସାପ ବସବାସ କରୁଥିବାରୁ ସ୍ଥାନୀୟ ବାସିନ୍ଦା ଭୟଭୀତ ହେଉଛନ୍ତି। ସେମାନେ ପିଲାଙ୍କୁ ବାହାରକୁ ଛାଡୁ ନ ଥିବା କହିଛନ୍ତି। ସେହିଭଳି ପଡିଆ ବାହାରେ ମଧ୍ୟ ଅନାବନା ଗଛ ଓ ଆବର୍ଜନା ଜମି ରହିଛି। ଏହାକୁ ସଫେଇ କରିବା ପାଇଁ ବିଇଏମ୍ସି କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଖେଳପଡିଆ ପରିସରରେ ବର୍ଷାଜଳ ସଂରକ୍ଷଣ ନେଇ ଏକ ଟାଙ୍କି ନିର୍ମାଣ କରାଯାଇଛି। ତାହା ମଧ୍ୟ ଅବ୍ୟବହୃତ ହୋଇ ପଡ଼ିରହିଛି। ଏଭଳି ଭାବେ ଗତ ୪ବର୍ଷ ଧରି ଖେଳପଡିଆର କୌଣସି ରକ୍ଷଣାବେକ୍ଷଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଉକ୍ତ ୱାର୍ଡର କର୍ପୋରେଟର ନୀଳକଣ୍ଠ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ପଡିଆଟିକୁ ସ୍ଥାନୀୟ ବାସିନ୍ଦା ବ୍ୟବହାର କରୁ ନ ଥିବାରୁ ତାହା ବନ୍ଦ ହୋଇ ପଡିରହିଛି। ତେଣୁ ଏହି ସ୍ଥାନରେ ଅନ୍ୟ ଏକ ପ୍ରକଳ୍ପ ପାଇଁ ଯୋଜନା କରାଯାଇଛି ବୋଲି ସେ କହିଛନ୍ତି। ସ୍ଥାନୀୟ କର୍ପୋରେଟର ଓ ନିଗମର ଦାୟିତ୍ୱହୀନତାରୁ ଖେଳପଡିଆରେ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ କରିଛନ୍ତି।

## ସୁନାଚେନ ଲୁଟ ଘଟଣାରେ ୪ ଗିରଫ

ବ୍ରହ୍ମପୁର,୧୦।୬(ସୁବାସ ଚନ୍ଦ୍ର ପାଢ଼ୀ): ବୈଦ୍ୟନାଥପୁର ଥାନା ଖୋଡ଼ାସିଙ୍ଗି ମୁଖ୍ୟ ରାସ୍ତାରେ ବେଲଗାଁ ତଳସାହିର ଶ୍ରୀରାମ ଦାସଙ୍କୁ ଆକ୍ରମଣ କରି ମୋବାଇଲ ଫୋନ୍ ଓ ସୁନା ଚେନ ଲୁଟ ନେଇ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ବେଲଗାଁର ସିପୁନ ଦାସ, ରାମ ଦାସ, କୈଳାଶ ଦାସ ଓ ପବିତ୍ର ଦାସଙ୍କୁ ଗିରଫ କରିଛି । ପୋଲିସ ମୁଖ୍ୟ ଅଭିଯୁକ୍ତ ସିପୁନଙ୍କଠାରୁ ଲୁଟ ମୋବାଇଲ ଫୋନ୍ ଜବତ କରିଛି। ସୋମବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ତଦନ୍ତ ବେଳେ ଗିରଫ ସିପୁନ ଅଭିଯୋଗକାରୀଙ୍କ ଶାଳକ ବୋଲି ଜଣାପଡିଛି। କୌଣସି ଏକ ଘରୋଇ କଳିକୁ କେନ୍ଦ୍ରକରି ଶାଳକ ନିଜ ସହଯୋଗୀଙ୍କ ସହାୟତାରେ ଭିଣୋଇ ଶ୍ରୀରାମଙ୍କୁ ଆକ୍ରମଣ କରିଥିଲେ। ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଗତ ୭ ତାରିଖରେ ଶ୍ରୀରାମ ନିଜ ସ୍ତ୍ରୀଙ୍କ ପାଇଁ ମେଡିସିନ ଆଣିବାକୁ ବ୍ରହ୍ମପୁର ଆସିଥିଲେ। ଖୋଡ଼ାସିଙ୍ଗି ମୁଖ୍ୟ ରାସ୍ତାରେ ସିପୁନ ଓ ଅନ୍ୟ ୫ଜଣ ଝଗଡା କରି ତାଙ୍କୁ ଆକ୍ରମଣ କରିଥିଲେ। ପରେ ତାଙ୍କର ମୋବାଇଲ ଓ ସୁନା ଚେନ ଛଡାଇ ନେଇଥିବା ଶ୍ରୀରାମ ଥାନାରେ ଅଭିଯୋଗ କରିଥିଲେ।

# ମହାଆଡ଼ମ୍ବରରେ ଶିବ ବିବାହ ସମ୍ପନ୍ନ

ବ୍ରହ୍ମପୁର,୧୦।୬(ସ୍ମୃତି ରଞ୍ଜନ ମହାଲିକ): ବ୍ରହ୍ମପୁର ସହରର ବିଭିନ୍ନ ଶୈବ ପୀଠରେ ଶୀତଳଷଷ୍ଠୀ ଉତ୍ସବ ସୋମବାର ମହାଆଡମ୍ବରରେ ପାଳିତ ହୋଇଯାଇଛି। ମହାଦେବଙ୍କ ବିବାହ ମା' ପାର୍ବତୀଙ୍କ ସହ ସମ୍ପନ୍ନ ହୋଇଛି। ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଶୈବ ମନ୍ଦିରଗୁଡିକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି। ସାନବଜାର ସ୍ଥିତ କପିଳେଶ୍ୱର ମନ୍ଦିର, ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଚନ୍ଦ୍ର ଚୂଡେଶ୍ୱର, କମାପଲ୍ଲୀ ବୈଦ୍ୟନାଥେଶ୍ୱର ଓ ଗୋସାଇଁ ନୂଆଗାଁ ଉତ୍ତରେଶ୍ୱର ମନ୍ଦିରରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ନୀତିକାନ୍ତି ପ୍ରକାରେ ସମ୍ପନ୍ନ ହୋଇଯାଇଛି। କପିଳେଶ୍ୱର ମନ୍ଦିରରେ ସନ୍ଧ୍ୟା ୭ଟା ୫ରେ ବାଟବରଣ ହୋଇଥିଲା। ରାତି ୮ଟା ୩୦ରେ ପାଣିଗ୍ରହଣ, ୯ଟା ୧୫ରେ ହସ୍ତଗଣ୍ଠି ଓ ରାତି ୧୦ଟାରେ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସେହିପରି ବୈଦ୍ୟନାଥେଶ୍ୱର ସମେତ ଅନ୍ୟାନ୍ୟ ମନ୍ଦିରରେ ମଧ୍ୟ ସନ୍ଧ୍ୟାରୁ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଆରମ୍ଭ ହୋଇଥିଲା। ଢୋଲ ବାଦ୍ୟ, ଶଙ୍ଖ, ହୁଳହୁଳିରେ ସାହି ଗୁଡିକରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମଙ୍ଗଳବାର ହର ପାର୍ବତୀଙ୍କ ପଟୁଆର ସହ ଗ୍ରାମ ଓ ସାହି ପରିକ୍ରମା ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଥିବା ମନ୍ଦିର କମିଟି ପକ୍ଷରୁ କୁହାଯାଇଛି।



# ଛାତ୍ରୀଙ୍କୁ ବଳାତ୍କାର ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୧୦।୬(ସୁବାସ ଚନ୍ଦ୍ର ପାଢ଼ୀ) ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଭାତ କୁମାର ରାଜଗୁରୁ ଏକ ବଳାତ୍କାର ମାମଲାର ଶୁଣାଣି କରି ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ସୋମବାର ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ ଲାଞ୍ଜିପଲ୍ଲୀ ଢିପସାହିର ସୁନୀଲ ବିଷୋୟୀ(୨୭)।

୨୦୧୭ରେ ସୁନୀଲ ଜଣେ କଲେଜ ଛାତ୍ରୀଙ୍କୁ ଏକତରଫା ପ୍ରେମ କରୁଥିଲେ। ସେହିବର୍ଷ ମାର୍ଚ୍ଚ ୭ ତାରିଖରେ ତାଙ୍କୁ ଅପହରଣ କରି ନେଇଥିଲେ। ଛାତ୍ରୀଙ୍କ ବାପା ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୬/୧୭ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଦୁଇବର୍ଷ ପରେ ଅର୍ଥାତ୍ ୨୦୧୯ ଜୁନ ୮ ତାରିଖରେ ଛାତ୍ରୀଙ୍କୁ ଉଦ୍ଧାର କରିଥିଲା। ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଛାତ୍ରୀଙ୍କୁ ସୁନୀଲ ପୁରୀରେ ଏକ ଭଡାଘରେ ନେଇ ରଖିଥିଲେ। ସେଠାରେ ଏକ ମନ୍ଦିରରେ ବିବାହ କରିଥିଲେ। ଅନିଚ୍ଛା ସତ୍ତ୍ୱେ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିଥିବା ପୀଡିତା ଥାନାରେ ବୟାନ ଦେଇଥିଲେ। ପୋଲିସ ସୁନୀଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିଛିମାସ ପରେ ସେ ଜାମିନରେ ମୁକୁଳିଥିଲେ। ମାମଲାର ବିଚାର ବେଳେ ୬ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ତେବେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ନ ମିଳିବାରୁ ସୁନୀଲଙ୍କୁ ଜଜ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଗୌରୀ ଶଙ୍କର ଦାସ, କୀରଣ କୁମାର ମଣ୍ଡଳ ଓ ଶିବ ପ୍ରସାଦ ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୧୦।୬(ସ୍ମୃତି ରଞ୍ଜନ ମହାଲିକ): ଗୋସାଇଁ ନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିକ୍ଷା ବିକାଶ ସମିତି ଓଡିଶା ଆନୁକୁଲ୍ୟରେ ବ୍ରହ୍ମପୁର ସଙ୍କୁଳ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ସୋମବାର ଉଦଯାପିତ ହୋଇଛି। ବ୍ରହ୍ମପୁର ସଙ୍କୁଳର ୯ ଶିଶୁ ବିଦ୍ୟାମନ୍ଦିରର ୩ୟରୁ ୮ମ ଶ୍ରେଣୀ ଶିକ୍ଷାଦାନ କରୁଥିବା ପ୍ରାୟ ୧୪୧ ଆଚାର୍ଯ୍ୟାଆଚାର୍ଯ୍ୟ ଯୋଗ ଦେଇଥିଲେ। ଶିକ୍ଷା ବିକାଶ ସମିତିର ପୂର୍ବତନ କାର୍ଯ୍ୟକର୍ତ୍ତା ଡ ବିନାୟକ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୁରୁକୁଳ ଆଶ୍ରମ, ଗୁରୁଶିଷ୍ୟ ସଂପର୍କ, ଗୁରୁ, ଶିକ୍ଷକ, ଉପାଧ୍ୟକ୍ଷ ଓ ଆଚାର୍ଯ୍ୟଙ୍କ ସମ୍ପର୍କରେ କହିଥିଲେ। ସ୍କୁଲ ସଭାପତି ପ୍ରଦୀପ କୁମାର ଦାଶ ଉପସ୍ଥିତ ଥିଲେ। ପ୍ରଧାନାଚାର୍ଯ୍ୟ ତଥା ବ୍ରହ୍ମପୁର ସଙ୍କୁଳ ସଂଯୋଜକ ନାରାୟଣ ପଣ୍ଡା ଅତିଥି ପରିଚୟ ଦେଇଥିଲେ। ସ୍କୁଲ ସଂପାଦକ ପ୍ରକାଶ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମର ଆବଶ୍ୟକତା କହିଥିଲେ। ଦକ୍ଷିଣ ପୂର୍ବ ସମ୍ଭାଗର ପ୍ରଭାରୀ ତଥା ପ୍ରାନ୍ତ ସଙ୍ଗୀତ ସଂଯୋଜକ ଜିତେନ୍ଦ୍ର କୁମାର ପଣ୍ଡା, ପରିଚାଳନା ସମିତିର ଉପସଭାପତି ପ୍ରଶାନ୍ତ କୁମାର ସାହୁ, ଯୁଗ୍ମ ସଂପାଦିକା ମନୋଜ ମଞ୍ଜରୀ ତ୍ରିପାଠୀ ଓ ସଦସ୍ୟ ଭଗବାନ ଚୌଧୁରୀ, ରବୀନ୍ଦ୍ର କୁମାର ସାହୁ, ଭାଗିରଥୀ ସାହୁ, ଶିଳ୍ପପତି ରବିନ୍ଦ୍ର ସାବତ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ର ବିଘ୍ନେଶ ମହାରଣା ବ୍ୟକ୍ତିଗତ ଓ ବିଦ୍ୟାଳୟର ଛାତ୍ରୀଛାତ୍ର ସାମୂହିକ ସଙ୍ଗୀତ ପରିବେଷଣ କରିଥିଲେ। ସୁଜାତା ରାଣୀ ଦାଶ ସହଯୋଗ କରିଥିଲେ।

# ଗଞ୍ଜାମ ମହିଳା ଦଳ ରନରଅପ୍, ପୁରୁଷ ଦଳ ତୃତୀୟ ସ୍ଥାନରେ

ବ୍ରହ୍ମପୁର,୧୦।୬(ଅଶୋକ କୁମାର ସାହୁ): କେନ୍ଦୁଝରଠାରେ ଚାଲିଥିବା ୩୭ତମ ପୁରୁଷ ଓ ମହିଳା ହ୍ୟାଣ୍ଡବଲ ଆନ୍ତଃ ଜିଲା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଗଞ୍ଜାମ ମହିଳା ଦଳ ସେମିରେ କେନ୍ଦୁଝର ଦଳକୁ ଏକପାଖିଆ ୧୬-୫ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ଯାଜପୁର ସହିତ ସଂଘର୍ଷପୂର୍ଣ୍ଣ ମୁକାବିଲା ହୋଇଥିଲା। ୧୦-୧୧ ଗୋଲରେ ଯାଜପୁର ବିଜୟୀ ହୋଇଥିବାବେଳେ ଗଞ୍ଜାମ ରନରଅପ୍ ହୋଇଥିଲା। ବିଗତବର୍ଷ ଗଞ୍ଜାମର ଏହି ମହିଳା ଦଳ ଜଗତ୍‌ସିଂହପୁରଠାରେ ହୋଇଥିବା ଆନ୍ତଃ ଜିଲା ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଗଞ୍ଜାମର ବର୍ଷାରାଣୀ ସେଠୀଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ରୂପେ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଖଲ୍ଲିକୋଟ କଲେଜ ପଡିଆରେ କୋଚ୍ ପ୍ରଶାନ୍ତ କୁମାର ରଥଙ୍କଠାରୁ ନିୟମିତ ବ୍ୟବଧାନରେ ତାଲିମ ନେଉଥିଲେ। ପୁରୁଷ ଦଳ ମଧ୍ୟ ସେମିଫାଇନାଲରେ କେନ୍ଦୁଝରଠାରୁ ପରାସ୍ତ ହୋଇ ଟୁର୍ନାମେଣ୍ଟର ତୃତୀୟ ସ୍ଥାନରେ ଥିଲେ। ଜିଲା ହ୍ୟାଣ୍ଡବଲ ସଂଗଠନର ସଭାପତି ବିକ୍ରମ କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳା, ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ଡା. ମନୋଜ କୁମାର ପାତ୍ର ଓ କୋଚ ପ୍ରଶାନ୍ତ କୁମାର ରଥ ଏହି ସଫଳତା ପାଇଁ ମହିଳା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।




# ସୁରକ୍ଷାକୁ ଟିପିଏସ୍‌ଓଡିଏଲ୍‌ର ପ୍ରାଥମିକତା



ବ୍ରହ୍ମପୁର,୧୦।୬(ସ୍ମୃତି ରଞ୍ଜନ ମହାଲିକ) ଟିପିଏସଓଡିଏଲ କାର୍ଯ୍ୟକ୍ଷେତ୍ର ଓ ଲୋକଙ୍କ ସୁରକ୍ଷା କ୍ଷେତ୍ରକୁ ପ୍ରାଥମିକତା ଦେଇଛି। ବିଜୁଳି ଭିତ୍ତିଭୂମି ଚତୁଃପାର୍ଶ୍ୱରେ ସୁରକ୍ଷା ପାଚେରୀ ନିର୍ମାଣ କରି ଦୁର୍ଘଟଣା ଆଶଙ୍କା ଦୂର କରିଛି। ବର୍ତ୍ତମାନ ସୁଦ୍ଧା ଦକ୍ଷିଣ ଓଡିଶାର ବିଭିନ୍ନ ସ୍ଥାନରେ ୧୮୦୫ ସୁରକ୍ଷା ପାଚେରୀ ନିର୍ମାଣ କରିଛି। ବିତରଣ ସବଷ୍ଟେସନ ଓ ବିତରଣ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ପାରମ୍ପରିକ ପାଚେରୀ ଓ ଫାଇବର ରେନଫୋର୍ସଡ ପଲିମର ପାଚେରୀ ନିର୍ମାଣ କରାଯାଉଛି। ଗତ ୪ ବର୍ଷ ହେଲା ଦକ୍ଷିଣ ଓଡିଶାର ପ୍ରମୁଖ ସହର ତଥା ଅନ୍ୟ ସ୍ଥାନରେ ୨୮୦୫ ସୁରକ୍ଷା ପାଚେରୀ ନିର୍ମାଣ କରିଛି। ସେଥି ମଧ୍ୟରୁ ସହରର ବିଭିନ୍ନ ସ୍ଥାନରେ ୩୮୪ ପାଚେରୀ ରହିଛି ବୋଲି ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି। ଦକ୍ଷିଣ ଓଡିଶାରେ ବିଜୁଳି ଓ କର୍ମଚାରୀଙ୍କ ସୁରକ୍ଷା କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟରେ କମ୍ପାନୀ ପ୍ରୟାସ ଜାରି ରଖିଛି। ଦକ୍ଷିଣ ଓଡିଶାର ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, କନ୍ଧମାଳ ଓ ବୌଦ୍ଧରେ ଏହି କାର୍ଯ୍ୟ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ବ୍ରହ୍ମପୁର ସର୍କଲରେ ୮୬୬, ଆସିକା ସର୍କଲରେ ୪୦୮, ଭଞ୍ଜନଗରରେ ୪୫୭, ରାୟଗଡାରେ ୩୬୧ ଓ ଜୟପୁରରେ ୩୨୯ ସୁରକ୍ଷା ପାଚେରୀ ନିର୍ମାଣ କରାଯାଇଛି।

# ଗାଁକୁ ମଦ ମୁକ୍ତ କରିବାକୁ ସରପଞ୍ଚଙ୍କ ପ୍ରୟାସ

ପୋଲସରା,୧୦।୬(ସୁବ୍ରତ ବେହେରା)

ପୋଲସରା ଥାନା ଅନ୍ତର୍ଗତ ମାଳତେନ୍ତୁଳିଆ ଗ୍ରାମର ଧନେଇ କେନାଲ ପାର୍ଶ୍ୱରେ ଥିବା ଏକ ମଦ ଦୋକାନକୁ ହଟାଇବା ସହିତ ଗ୍ରାମକୁ ମଦ ମୁକ୍ତ କରିବା ପାଇଁ ସରପଞ୍ଚ ଓ ଗ୍ରାମବାସୀ ପ୍ରୟାସ ଚଳାଇଛନ୍ତି। ଗ୍ରାମବାସୀ ବାଇକ୍ ରାଲି ଜରିଆରେ ସରପଞ୍ଚ ଅସ୍ୱତ୍ ରାଉତଙ୍କ ନେତୃତ୍ୱରେ ବର୍ଷକ ତଳେ ପୋଲସରା ବିଡିଓ, ତହସିଲଦାର, ଥାନାଧିକାରୀ ଏବଂ ଚିରିକିପଡ଼ା ଶାସନ ଗ୍ରାମର ମଦଭାଟି ମାଲିକଙ୍କୁ ଉକ୍ତ ଖୁଚୁରା ମଦ ଦୋକାନ ଉଠାଇବା ପାଇଁ ଏକ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ କୌଣସି ସ୍ତରରୁ ସୁଫଳ ନ ମିଳିବା ପରେ ୪ଦିନ ତଳେ ଗ୍ରାମରେ ଧେଣ୍ଡୁରା ବଜାଇ ଗତ ୮ ତାରିଖଠାରୁ ଉକ୍ତ ମଦ ଦୋକାନ ବନ୍ଦ କରି ଗ୍ରାମପଞ୍ଚାୟତର ସୀମାରୁ ଅନେକ ଦୂରକୁ ନେବା ପାଇଁ କହିଥିଲେ। କିନ୍ତୁ ସମ୍ପୃକ୍ତ ମଦ ଦୋକାନୀ ସୋମବାର ଧନେଇ କେନାଲ ପାର୍ଶ୍ୱରେ ଥିବା ସେହି ମଦ ଦୋକାନ ଜିଦ୍‌ରେ ଖୋଲିଛନ୍ତି। ଏହି ବିଷୟ ମାଳତେନ୍ତୁଳିଆ ଗ୍ରାମପଞ୍ଚାୟତର ସରପଞ୍ଚ ଅସ୍ୱତ ଜାଣିବା ପରେ ଗ୍ରାମର ଲୋକଙ୍କୁ ଏକତ୍ରିତ କରି ନୂଆଁ ତେନ୍ତୁଳିଆଠାରୁ ମାଳତେନ୍ତୁଳିଆ, ଖଇରଛଟା, ହଂସରାଳି ଗ୍ରାମଗୁଡ଼ିକରେ ପ୍ଲାକାର୍ଡ ଧରି ଏକ ସଚେତନତା ବାଇକ୍ ରାଲି କରିଥିଲେ। ସମସ୍ତ ଗ୍ରାମ ପରିକ୍ରମା କରିବା ପରେ ଧନେଇ କେନାଲ ପାର୍ଶ୍ୱରେ ଥିବା ଖୁଚୁରା ମଦ ଭାଟିରେ ପହଞ୍ଚି ମଦ ବ୍ୟବସାୟୀଙ୍କୁ ଦୋକାନ ବନ୍ଦ କରିବା ପାଇଁ ନିବେଦନ କରିଥିଲେ। କିନ୍ତୁ ବ୍ୟବସାୟୀ ଜଣକ ଉତ୍‌କ୍ଷିପ୍ତ ହୋଇ ସରପଞ୍ଚଙ୍କ ସହ ଗ୍ରାମବାସୀଙ୍କୁ ମାରିବାକୁ ଉଦ୍ୟମ କରିବା ସହିତ ମୋବାଇଲରେ ଫଟୋ ଉତ୍ତୋଳନ କରିବା ପାଇଁ ଚେଷ୍ଟା କରିଥିଲେ। ଏହାପରେ ଗ୍ରାମବାସୀ ଏକତ୍ରିତ ହୋଇ ତାଗିଦା କରି ଏଠାରୁ ମଦ ଦୋକାନ ଉଠେଇବା ପାଇଁ ପୁଣି ନିବେଦନ କରିଥିଲେ। ପରବର୍ତ୍ତୀ ସମୟରେ ବ୍ୟବସାୟୀ ଜଣକ ମଙ୍ଗଳବାର ଆଲୋଚନା କରି ସେଠାରୁ ମଦ ଦୋକାନ ଉଠାଇବା ପାଇଁ ସହମତି ଜଣାଇଥିଲେ। ସରପଞ୍ଚ ଅସ୍ୱତଙ୍କ ସହିତ ସନ୍ତୋଷ କୁମାର ସାହୁ, ସନ୍ତୋଷ ରାଉତ, ପୁରୁଷୋତ୍ତମ ନାହାକ, ବାଲାଜୀ ପ୍ରଧାନ, ସଞ୍ଜୟ ଗୌଡ଼, ଶଙ୍କର ସେଠୀ, ଦେବରାଜ ସାହୁ, ଭିକାରୀ ସେଠୀ, ଶିବରାମ ପ୍ରଧାନ, ପ୍ରକାଶ ଜେନା, ନୀଳାଚଳ ବେହେରା, ରସାନନ୍ଦ ପ୍ରଧାନ, ଲୋଚନ ସାହୁ, ଦେବରାଜ ରାଉତ, ପାଣ୍ଡବ ସାହୁ, ଯୋଗେନ୍ଦ୍ର ଗୌଡ଼, ରୁଦ୍ର ସେଠୀଙ୍କ ସହ ବହୁ ଗ୍ରାମବାସୀ ରାଲିରେ ସାମିଲ ହୋଇଥିଲେ।



ସଚେତନତା ରାଲି।

# ମହାଦେବଙ୍କୁ ହଳଦୀଲଗା ପରମ୍ପରା


ମୁଦିପଡ଼ା ଜାଗେଶ୍ୱର ପୀଠରେ ମହିଳାମାନେ ପରସ୍ପରକୁ ହଳଦୀ ଲଗାଉଛନ୍ତି ।


ଝାଡୁଆପଡ଼ାର ଲୋକନାଥ ବାବୁଙ୍କୁ ତୈଳାଭିଷେକ କରାଯାଉଛି ।


ମୁଦିପଡ଼ା ଜାଗେଶ୍ୱର ପୀଠରେ ଶୀତଳଷଷ୍ଠୀ ଅବସରରେ ମହାଦେବଙ୍କ ତୈଳାଭିଷେକ ନୀତି ।




ସମ୍ବଲପୁର,୧୦।୬ (ଭବାନୀ ଶଙ୍କର ଭୋଇ)

ଶୀତଳଷଷ୍ଠୀ ଯାତ୍ରାରେ ଲୌକିକ ପରମ୍ପରା ମୁଖ୍ୟ ଆକର୍ଷଣ। ସୋମବାର ରାତିରେ ବରବେଶରେ ସଜ୍ଜିତ ହୋଇ ମହାଦେବ ଶିବ ବରଯାତ୍ରୀଙ୍କ ସହ ବିବାହ ପାଇଁ ବାହାରିବେ। ଏଥିପୂର୍ବରୁ ଦିନବେଳା ଗଣଷଣ(ତୈଳାଭିଷେକ) କାର୍ଯ୍ୟକ୍ରମ ମୁଦିପଡ଼ା ଜାଗେଶ୍ୱର ବାବାଙ୍କ ମନ୍ଦିରରେ ଧୁମ୍‌ଧାମ୍‌ରେ ପାଳିତ ହୋଇଥିଲା। ସାତଜଣ ମହିଳା ନଗର ପରିକ୍ରମା ପୂର୍ବକ ଜଳାଶୟରୁ ପୂର୍ଣ୍ଣ ଜଳକଳସରେ ପାଣି ଧରି ମନ୍ଦିରକୁ ପ୍ରବେଶ କରିଥିଲେ। ଏହାପରେ ପୂଜକ ଗୋବିନ୍ଦ ପଣ୍ଡା ପ୍ରଥମେ ମହାଦେବଙ୍କୁ ଗଣଷଣ କରିଥିଲେ। ଏହି ସମୟରେ ଜୟ

## ସମ୍ପନ୍ନହେଲା ଜାଗେଶ୍ୱର ବାବା, ଲୋକନାଥ ବାବାଙ୍କ ଗଣଷଣ କାର୍ଯ୍ୟକ୍ରମ

ଜାଗେଶ୍ୱର ବାବା ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଉଠିଥିଲା। ପୂଜକଙ୍କ ପରେ ମହିଳାମାନେ ମଧ୍ୟ ଜାଗେଶ୍ୱର ବାବାଙ୍କୁ ଗଣଷଣ କରିଥିଲେ। ଦେବ ଗଣଷଣ ପରେ ମହିଳାମାନଙ୍କର ହଳଦୀଲଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ମହିଳାମାନେ ପରସ୍ପର ମଧ୍ୟରେ ହଳଦୀ ଲଗାଇ ଉତ୍ସବ ପାଳନ କରିଥିଲେ। ଏହି ଅବସରରେ ମହିଳାମାନେ କହିଛନ୍ତି, ବିବାହ ପୂର୍ବରୁ ହଳଦୀ ଲଗାଇବା ଦ୍ୱାରା ମୁହଁର ଆକର୍ଷଣ ବଢ଼ିଥାଏ। ସେଥିପାଇଁ ଜାଗେଶ୍ୱର ବାବା ବରବେଶରେ ସଜ୍ଜିତ ହେବା ପୂର୍ବରୁ ମୁହଁରେ ହଳଦୀ ଲଗାଇ ଆହୁରି ଆକର୍ଷିତ କରିବାକୁ ସେମାନେ ଚେଷ୍ଟା କରିଛନ୍ତି। ସେହିପରି ଝାଡୁଆପଡ଼ା ଶୀତଳଷଷ୍ଠୀ କମିଟି ପକ୍ଷରୁ ମଧ୍ୟ ଲୋକନାଥ ବାବାଙ୍କ ମନ୍ଦିର ପରିସରରେ ଗଣଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଡ଼ାର ମହିଳାମାନେ ମହାନଦୀର ଝାଡୁଆପଡ଼ା ଘାଟରୁ କଳସରେ ଜଳ ଆଣି ଲୋକନାଥ ବାବାଙ୍କ ଗଣଷଣ କରିଥିଲେ। ବହୁ ସଂଖ୍ୟାରେ ମହିଳା ବେଶ୍ ଉତ୍ସାହର ସହ ପାରମ୍ପରିକ ରୀତିନୀତିରେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


ସୋମବାର ସମ୍ବଲପୁର ଫାର୍ମରୋଡ ନିକଟସ୍ଥ ପଟେଲ ଗାର୍ଡେନଠାରେ ମାତା ପାର୍ବତୀଙ୍କ ତୈଳାଭିଷେକ ନୀତି ।




# ଲୌକିକ ରୀତିନୀତିର ଅନନ୍ୟ ପରମ୍ପରା


ସମ୍ବଲପୁର ଶୀତଳଷଷ୍ଠୀରେ ସ୍ୱର୍ଣ୍ଣ ଓ ରୌପ୍ୟରେ ସଜ୍ଜିତ ଦେବ ଦମ୍ପତି ।











ପ୍ରାୟ ୪ଶତ ବର୍ଷ ପୁରାତନ ଦେବ ବିବାହ ପରମ୍ପରା ସମ୍ବଲପୁରର ଶୀତଳଷଷ୍ଠୀ ଯାତ୍ରା ଲୌକିକ ରୀତିନୀତିର ଏକ ଅନନ୍ୟ ନିଦର୍ଶନ। ଏଥିରେ ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ଲୋକାଚାର ରୀତିରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ। ପ୍ରତିବର୍ଷ ଅକ୍ଷୟ ତୃତୀୟାରେ ଥାଳଉଠାରୁ ଆଦ୍ୟପର୍ବ ସ୍ୱରୂପ ଏହି ଲୌକିକ ବିବାହୋତ୍ସବ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଏହିଦିନ କନ୍ୟାପିତା ଚୟନଠାରୁ ଆରମ୍ଭ କରି ଗଣ୍ଠିଆଳ ଫିଟା ପର୍ଯ୍ୟନ୍ତ ବିଭିନ୍ନ ବିଧି ପାଳିତ ହୋଇଥାଏ। ପରମ୍ପରା ଅନୁସାରେ ପତରପେଁଡି(କନ୍ୟା ନିର୍ବନ୍ଧ), ନୃସିଂହ ଓ ହନୁମାନ ନିଉତା ଆଦି କାର୍ଯ୍ୟ ସମ୍ପାଦିତ ହୋଇଥାଏ। ଜ୍ୟେଷ୍ଠ ଶୁକ୍ଳପକ୍ଷ ଷଷ୍ଠୀତିଥିର ଧାର୍ଯ୍ୟ ଲଗ୍ନରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ। ବିବାହ ପରଦିନ ଦେବଦମ୍ପତିଙ୍କ ଭବ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥାନ୍ତି। ଭକ୍ତ ଓ ଶ୍ରଦ୍ଧାଳୁ ଠାକୁର ଦମ୍ପତିଙ୍କ ଯୁଗଳ ଦର୍ଶନ କରିଥାନ୍ତି। ରୋଶଣି, ଶଙ୍ଖ, ଘଣ୍ଟଘଣ୍ଟାର ତାଳେତାଳେ କିନ୍ନରଙ୍କ ନୃତ୍ୟ ସହିତ ବିଭିନ୍ନ ପ୍ରକାର ଲୋକକଳା, ସଙ୍ଗୀତ ଆଦିର ସମ୍ଭାର ୨୪ଘଣ୍ଟା ଧରି ଚାଲେ। ଶେଷରେ ଦେବଦମ୍ପତି ସ୍ୱସ୍ୱ ମନ୍ଦିରକୁ ପ୍ରବେଶ କରନ୍ତି। ଜଳାଭିଷେକ ଆଦି ପୂଜାବିଧି ସମ୍ପନ୍ନ ପରେ ଦେବଦମ୍ପତି ନିଜ ନିଜ ଆସ୍ଥାନରେ ବିରାଜମାନ ହେବାର ପରମ୍ପରା ରହିଛି। ଶୀତଳଷଷ୍ଠୀ ଯାତ୍ରା ଆୟୋଜନ ପାଇଁ ପଡ଼ାବାସୀ ସମ୍ବଲପୁରରେ ପିଢ଼ି ପରେ ପିଢ଼ି ଏହି ପରମ୍ପରାକୁ ଆଗକୁ ବଢ଼ାଇ ଚାଲିଛନ୍ତି। ସମ୍ବଲପୁରର ପ୍ରାୟ ସମସ୍ତ ଶିବ ମନ୍ଦିରରେ ଶୀତଳଷଷ୍ଠୀରେ ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହୋତ୍ସବ ଅନୁଷ୍ଠିତ ହୋଇଥାଏ।

ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାର ଅନ୍ୟ ଏକ ବିଶେଷତ୍ୱ ହେଲା କିନ୍ନରଙ୍କ ସମାଗମ। ଶିବ-ପାର୍ବତୀଙ୍କ ବିବାହରେ ସାମିଲ ହେଲେ କିନ୍ନର ଜନ୍ମରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଥିବାରୁ ଶୀତଳଷଷ୍ଠୀ ଯାତ୍ରାକୁ ଦେଶର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ କିନ୍ନରମାନେ ଆସିଥାନ୍ତି। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ କମିଟି ପକ୍ଷରୁ ଗତ କିଛି ବର୍ଷ ହେଲା ଆରମ୍ଭ ହୋଇଛି କିନ୍ନର ଫ୍ୟାଶନ ଶୋ'। ସମ୍ବଲପୁରରେ ଏକତ୍ରିତ ହୋଇଥିବା କିନ୍ନରମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥାଆନ୍ତି। ଏଥିସହିତ ବିଭିନ୍ନ ଲୋକକଳାର ପ୍ରଚାର ପ୍ରସାର ସାଙ୍ଗକୁ ଆଧୁନିକ ନୃତ୍ୟ, ରେକର୍ଡ ଡ୍ୟାନ୍ସ ଶୀତଳଷଷ୍ଠୀ ଯାତ୍ରାର ଅନ୍ୟତମ ଆକର୍ଷଣ। ଏହା ସାଙ୍ଗକୁ ରୋଜଗାରର ସୁଯୋଗ ସୃଷ୍ଟି କରିଛି ଶୀତଳଷଷ୍ଠୀ ଯାତ୍ରା। ସହରର ବିଭିନ୍ନ ସ୍ଥାନରେ ଭଳିକିଭଳି ଦୋକାନ ବଜାରର ପସରା। ମିନାବଜାରର ମଜା ଉଠାଉଛନ୍ତି ଲୋକେ। ଯାତ୍ରା ଦେଖିବା ପାଇଁ ସମ୍ବଲପୁରରେ ରାଜ୍ୟ ଓ ରାଜ୍ୟ ବାହାର ଲୋକଙ୍କ ସମାଗମ ଏହି ମହାନ କାର୍ଯ୍ୟକ୍ରମର ବିଶେଷତ୍ୱକୁ ଅଧିକ ବଢ଼ାଇ ଦେଇଛି।

ରିପୋର୍ଟ: ପ୍ରମୋଦ ବହିଦାର




# ବର ବେଶରେ ବାହାରିଲେ ମହାଦେବ

## ସାମିଲ ହେଲେ ଦେବଦେବୀ
## ମାହେନ୍ଦ୍ର ମୁହୂର୍ତ୍ତରେ ବିବାହ ସମ୍ପନ୍ନ

ସମ୍ବଲପୁର, ୧୦।୬ (ବି. ଶଙ୍କର)

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପରମ୍ପରା, ରୀତିନୀତି ଓ ଲୋକାଚାରରେ ହୋଇଥାଏ। ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ସୋମବାର ମଧ୍ୟରାତ୍ରିରେ ଦେବଦେବ ମହାଦେବ ଭକ୍ତମାନଙ୍କ କାନ୍ଧରେ ବରାତି(ବରଯାତ୍ରୀ)ରେ ନଗର ପରିକ୍ରମା କରି କନ୍ୟା ଘରେ ପହଞ୍ଚିଥିଲେ। ଧାର୍ଯ୍ୟ ଲଗ୍ନାନୁସାରେ ଷଷ୍ଠୀ ତିଥି (ମଙ୍ଗଳବାର)ର ମାହେନ୍ଦ୍ର ମୁହୂର୍ତ୍ତରେ ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଛି। ମା' ପାର୍ବତୀ ଓ ଶିବଙ୍କ ବିବାହ ସମ୍ପୂର୍ଣ୍ଣ ଲୋକାଚାର, ପରମ୍ପରା ଓ ରୀତିନୀତିରେ ହୋଇଥିଲା। ପଣ୍ଡିତଙ୍କ ମହାମନ୍ତ୍ର ପାଠ ସହ ବେଲପତ୍ର, କୁଶରଜ୍ଜୁ ଓ ପଦ୍ମମାଳରେ ଶିବପାର୍ବତୀଙ୍କ ହସ୍ତବନ୍ଧନ ହୋଇଥିଲା। ମାତା ପାର୍ବତୀଙ୍କୁ କନ୍ୟାରୂପେ ପାଇ ସୌଭାଗ୍ୟ ଅର୍ଜନ କରିଥିବା ମାତାପିତା ହସ୍ତବନ୍ଧନରେ ଜଳ ଢାଳି କନ୍ୟାଦାନ କରିଥିଲେ। ଏହିକ୍ରମରେ ସମ୍ବଲପୁରସ୍ଥିତ ସର୍ବପୁରାତନ ଶୈବପୀଠ ବାଲିବନ୍ଧା ସୋମନାଥ ବାବା, ନନ୍ଦପଡା ଶ୍ରୀଶ୍ରୀ ବମବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡା ଶ୍ରୀଶ୍ରୀ ଲୋକନାଥ ବାବା, ମୁଦିପଡ଼ା ଶ୍ରୀଶ୍ରୀ ଜାଗେଶ୍ୱର ବାବା ସ୍ୱମନ୍ଦିର ସମ୍ମୁଖରେ ସ୍ୱର୍ଣ୍ଣ, ରୌପ୍ୟ, ଅଳଙ୍କାରରେ ଆଭୂଷିତ ହୋଇ ବରବେଶରେ ସଜ୍ଜିତ ହୋଇଥିଲେ। ପଣ୍ଡିତମାନେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ୧୦୮ ମହାଆଳତି କରିଥିଲେ। ଶଙ୍ଖନାଦ, ହରିବୋଲ, ହୁଳହୁଳିରେ ଶୈବପୀଠ ଉଚ୍ଛୁଳି ପଡିଥିଲା। ବରାତିରେ ରଙ୍ଗିନ ଆତସବାଜି ଛଟାରେ ମୁକ୍ତାକାଶ ଚମକୁ ଥିଲା। ଦେବଦେବୀଙ୍କ ବେଶରେ ସଜ୍ଜିତ ହୋଇ ଭକ୍ତମାନେ ବରାତିରେ ସାମିଲ ହୋଇଥିଲେ। ସେହିପରି ଐତିହାସିକ ଶୈବପୀଠ ବୁଢ଼ାରଜା ମହାଦେବ, ବଡ଼ବଜାର ଶ୍ରୀଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡ଼ା ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବା, ଦୁର୍ଗାପାଲି ଶ୍ରୀଶ୍ରୀ ଗୁଡ଼େଶ୍ୱର ବାବା, ସାଲିହାବଗିଚା, ସାକ୍ଷୀପଡ଼ା, ଫାଟକ, ସହର ଉପକଣ୍ଠସ୍ଥ ମାନେଶ୍ୱର ମାନଧାତା ବାବା, ସିନ୍ଦୁରପଙ୍କ ତାରକେଶ୍ୱର ବାବା, ଶଙ୍କରମଠ ବାବା, ଚାରଭାଟି କଳ୍ପେଶ୍ୱର ବାବା, ଦଲେଇପଡ଼ାର ଗୁପ୍ତେଶ୍ୱର ବାବାଙ୍କ ସହିତ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଛି। ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତା ମାତା ପାର୍ବତୀ ବଧୂ ବେଶରେ ସଜାଇ ହୋଇ ଶିବଙ୍କୁ ଅପଲକ ନୟନରେ ଚାହିଁ ବସିଥିଲେ। ସେହିପରି କନ୍ୟାପକ୍ଷ ଓ ବନ୍ଧୁପରିଜନ ମଧ୍ୟ ରାତ୍ରି ଶେଷ ଭାଗରେ ମହାଦେବଙ୍କୁ ବାଟବରଣ କରି ବିବାହ ମଣ୍ଡପକୁ ପାଛୋଟି ନେଇଥିଲେ। ହୁଳହୁଳି, ହରିବୋଲ, ଘଣ୍ଟ, ଶଙ୍ଖନାଦରେ ଗୁଞ୍ଜରିତ ହେଉଥିଲା ବିବାହ ମଣ୍ଡପ। ବରାତିରେ ଢାକି ବାଜା, ଦୁଲ୍‌ଦୁଲି, ସଂପ୍ରଦା, ଝାଞ୍ଜ ଓ ଘୁମୁରା ବାଦ୍ୟ ସମେତ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା କଳାକାରମାନେ ସାମିଲ ହୋଇଥିଲେ। ପଶ୍ଚିମବଙ୍ଗ, ପଞ୍ଜାବ, ଆସାମ, ରାୟପୁର କଳାକାରମାନେ ଆଧୁନିକ ଓ ପାରମ୍ପରିକ ନୃତ୍ୟ କରିଥିଲେ। ମହାଦେବଙ୍କ ବରାତିରେ ସାମିଲ ହେବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତଙ୍କ ସମାଗମ ହୋଇଛି। ମଙ୍ଗଳବାର ମଧ୍ୟାହ୍ନରେ ପ୍ରସାଦ ସେବନ ହେବା ସହ ଗୋଧୂଳି ଲଗ୍ନରେ କନ୍ୟା ବିଦାୟ ନୀତି ରହିଛି ବୋଲି ଯାତ୍ରା କମିଟି କର୍ମକର୍ତ୍ତାମାନେ ସୂଚିତ କରିଛନ୍ତି।




ବର ବେଶରେ ବାହାରିଛନ୍ତି ସମ୍ବଲପୁର ବାଲିବନ୍ଧାର ସୋମନାଥ ବାବା।









ସୋମବାର ସକାଳେ ସମ୍ବଲପୁର ନନ୍ଦପଡା ବମବରାଡ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ଗଣ୍ଠାଳ ଫିଟାନୀତି କରାଯାଉଛି।




MAHESWARI GROUP OF INSTITUTIONS
MAHESWARI NURSING COLLEGE
*Free Summer Coaching For*
**B.Sc. (N) Entrance Examination 2024-25**
ବିଗତ Session-2023-24ରୁ INC ଏବଂ ONC Guidance ଦ୍ୱାରା ପରିଚାଳିତ ହୋଇଆସୁଥିବା Common Entrance Examination ମାଧ୍ୟମରେ +2 Science (PCBE) Candidates B.Sc. Nursing Admission ପାଇଁ Eligible ହୋଇ ଆସୁଅଛି। ଏହି Common Entrance Examinationରେ ପ୍ରାର୍ଥୀଙ୍କୁ 50% କରିବାକୁ ପଡ଼ିଥାଏ। +୨ ରେ ସେମାନେ (SC/ST-40% and General - 45% ମାର୍କ ରଖିଲେ Entrance ଦେଇପାରିବେ ଯଦ୍ୱାରା ପ୍ରାର୍ଥୀ B.Sc. Nursing ପାଇଁ ଯୋଗ୍ୟ ବିବେଚିତ ହୋଇଥାଆନ୍ତି। ଏହିସବୁ Criteriaକୁ ଆଖିଆଗରେ ରଖି Free B.Sc. Nursing Entrance Coaching ର ସୁବିଧା ଯୋଗାଇବା ପାଇଁ ଏହି ଚଳିତ ବର୍ଷ Summer Course ର ବ୍ୟବସ୍ଥା କରିଛି। ଏହି Summer Course ମାଧ୍ୟମରେ Experienced Teachersମାନଙ୍କ ଦ୍ୱାରା ଶିକ୍ଷାଦାନ ଯୋଗାଇ Entrance Examination ପାଇଁ ପ୍ରସ୍ତୁତ କରାଯିବ। ଇଚ୍ଛୁକ ଛାତ୍ରଛାତ୍ରୀମାନେ ଆସନ୍ତା ତା.୦୮.୦୬.୨୦୨୪ରୁ ୧୫.୦୬.୨୦୨୪ ପର୍ଯ୍ୟନ୍ତ ମାହେଶ୍ୱରୀ ନର୍ସିଂ କଲେଜର ମୁଖ୍ୟ ଅଫିସରେ ଯୋଗାଯୋଗ କରି ନିଜର ନାମ ପଞ୍ଜିକରଣ କରିପାରିବେ।
ଅଧିକ ଜାଣିବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ।
Bhatali Chowk, Dist - Bargarh, 8917414023, 8249448498
At - Sankara, Dist - Sundargarh, 9437158472, 8342927552



ADITYA BIRLA
HINDALCO
Aditya Aluminium
(A Unit of Hindalco Industries Ltd.)
*The Flagship Unit of Hindalco Industries Ltd., having its Smelter and Captive Power Plants in Odisha, the Land of the Sun Temple.*

*Aditya means Sun, the Primal source of Light and Energy*
**Registered Office**
One International Center, Tower 4, 21st Floor,
Senapati Bapat Marg, Prabhadevi, Mumbai 400013
Tel: (91-22) 66917000,Fax: (91-22) 66917001
Corporate ID No. L27020MH1958PLC011238
**Aditya Aluminium**
At/ Po.- Lapanga
Dist- Sambalpur
Odisha -768212
Tel.: 0663-2536247, Fax : 0663-2536499


# ମାନବୀୟ ଜଗତରେ ଅଲୌକିକ ଅନୁଭୂତି

ସମ୍ବଲପୁର ଶୀତଳଷଷ୍ଠୀର ବିଶେଷ ଆକର୍ଷଣ ଏହାର ଲୌକିକ ପରମ୍ପରା। ଅକ୍ଷୟ ତୃତୀୟାରେ ଚାଷୀ ଚାଷ ଆରମ୍ଭ କରିବା ସହ ଶୀତଳଷଷ୍ଠୀର ପ୍ରସ୍ତୁତି ଆରମ୍ଭ ହୋଇଯାଏ। ଚାଷୀ କ୍ଷେତରେ ଧାନ ବୁଣିବା ପରେ ଅପେକ୍ଷା କରିଥାଏ ବର୍ଷାକୁ। ପ୍ରକୃତି ମଧ୍ୟ ରୌଦ୍ରତାପ ଛାଡ଼ି ଶୀତଳତା ଆଡ଼କୁ ପରିବର୍ତ୍ତିତ ହୋଇଥାଏ। ପ୍ରକୃତିର ଏହି ମିଳନର ପର୍ବ ହିଁ ଶୀତଳଷଷ୍ଠୀ। ଶିବ ପାର୍ବତୀଙ୍କୁ ସାଧାରଣ ମଣିଷଭାବେ ଗ୍ରହଣ କରି ମହାମିଳନର ମୂକସାକ୍ଷୀ ହେବାର ସୁଯୋଗ ତିଆରି କରେ ଶୀତଳଷଷ୍ଠୀ। ଅକ୍ଷୟ ତୃତୀୟାରେ ମା'ପାର୍ବତୀଙ୍କୁ ଝିଅ ରୂପେ ଗ୍ରହଣ କରି କନ୍ୟାଦାନ କରିବାକୁ ସଂକଳ୍ପ ହୋଇଥାଏ। ଏହାପରେ ଗୋଟିଏ ମାସର ପ୍ରସ୍ତୁତି ଯେମିତି ସାଧାରଣ ବାହାଘରରେ ପରିବାର ଲୋକେ ଲାଗିପଡ଼ିଥାନ୍ତି। ପତରପେଁଡିରେ ପଡ଼ାର ମୁରବିମାନେ ସପ୍ତର୍ଷୀଙ୍କ ସହ କନ୍ୟା ଅନ୍ୱେଷଣରେ ବାହାରିଥାନ୍ତି। ଶୀତଳଷଷ୍ଠୀରେ କେତେବେଳେ ଅଭିନୟ ତ ଆଉ କେତେବେଳେ ଅନୁଭୂତି। ଗୋଟିଏପଟେ ପଡ଼ାର ସାତଜଣ ବରିଷ୍ଠ ବ୍ୟକ୍ତି ସାତଜଣ ଋଷିଙ୍କ ଦାୟିତ୍ୱରେ ରହିଥାନ୍ତି। ତେବେ କେହି ବେଶ ନ ହୋଇ କେବଳ ଋଷି ଭାବେ ଅନୁଭବ କରି ମହାଦେବଙ୍କ ବିବାହ କାର୍ଯ୍ୟରେ ନିଜକୁ ସାମିଲ କରିଥାନ୍ତି। ପୁଣି ପାର୍ବତୀଙ୍କୁ କନ୍ୟାଭାବେ ଗ୍ରହଣ କରିଥିବା ପରିବାର ମା'ଙ୍କୁ ବିବାହ ଦେବା ପାଇଁ ପ୍ରାରମ୍ଭିକ ସମ୍ମତି ଦେଇଥାନ୍ତି। ଏହି ସମୟରେ କନ୍ୟା ମାତାପିତାଙ୍କ ସହ ପରିବାରବର୍ଗଙ୍କ ଭିତରେ ଆସିଥାଏ ଅନନ୍ୟ ଅନୁଭୂତି। ଜ୍ଞାତି କୁଟୁମ୍ବଙ୍କୁ ନିମନ୍ତ୍ରଣ କରାଯାଏ। ମହାଦେବ ଶିବଙ୍କ ପକ୍ଷରୁ ନନ୍ଦପଡ଼ାରେ ନୃସିଂହ ମହାପ୍ରଭୁ ଏବଂ ଅନ୍ୟପଡ଼ାରେ ହନୁମାନ ସହରର ସମସ୍ତ ମନ୍ଦିରକୁ ଯାଇ ବିବାହ ଉତ୍ସବରେ ସାମିଲ ହେବାକୁ ନିମନ୍ତ୍ରଣ କରିଥାନ୍ତି। ଏହା ପରଦିନ ଗଣ୍ଠିଲିଫିଟା ଆଉ ଏକ ଆଧ୍ୟାତ୍ମିକ ଅନୁଭୂତି। ପୂର୍ବବର୍ଷର କନ୍ୟା ମାତାପିତା ପାର୍ବତୀଙ୍କ ସହ ସମ୍ପର୍କରୁ ମୁକ୍ତ ହୋଇଥାନ୍ତି। ଏହି ସମୟରେ ପୂର୍ବବର୍ଷର କନ୍ୟା ମାତାପିତାଙ୍କ ଭିତରେ କେଉଁଭଳି ଭାବନା ସୃଷ୍ଟି ହୋଇଥାଏ ତାହା ଜଣେ ନ ଦେଖିଲେ ଜାଣିପାରିବ ନାହିଁ। ପୁଣି ଚଳିତବର୍ଷର କନ୍ୟା ମାତାପିତା ପାର୍ବତୀଙ୍କୁ ନିଜ ଘରକୁ ନେଇ କନ୍ୟାଭାବେ ଗ୍ରହଣ କରିବାର ଅନୁଭୂତି ଅବର୍ଣ୍ଣନୀୟ। ମହାଦେବ ଶିବ ବରବେଶରେ ବରଯାତ୍ରୀଙ୍କୁ ନେଇ ପାର୍ବତୀଙ୍କ ଘରେ ପହଞ୍ଚିଥାନ୍ତି। ରାତିସାରା ଚାଲେ ବରଯାତ୍ରୀଙ୍କ ସାଂସ୍କୃତିକ ଶୋଭାଯାତ୍ରା। ବିଳମ୍ବିତ ରାତିରେ ଦେବ ଦମ୍ପତିଙ୍କ ବିବାହ ଲୌକିକ ରୀତିନୀତିରେ ଅନୁଷ୍ଠିତ ହୋଇଥାଏ । ପାର୍ବତୀ ଏଠି ଜଗତ୍‌ଜନନୀ ଅପେକ୍ଷା କାହାର ଝିଅ ତ କାହାର ଭଉଣୀ ପୁଣି ଆଉ କାହାର ନାତୁଣୀ ଭାବେ ପରିଗଣିତ ହୋଇଥାନ୍ତି। ଏହି ମାନବୀୟ ଜଗତରେ ଆଲୌକିକ ଅନୁଭୂତି ହିଁ ଶୀତଳଷଷ୍ଠୀ ଯାତ୍ରାର ପ୍ରକୃତ ମହତ୍ତ୍ୱ।

ରିପୋର୍ଟ:
ଭବାନୀ ଶଙ୍କର ଭୋଇ




ପବିତ୍ର ଶୀତଳ ଷଷ୍ଠୀ ଉପଲକ୍ଷେ
ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
JSW BPSL
An ISO 9001,14001 & OHSAS - 18001 Certified Company

Vill. Thelkoloi, P.O. Lapanga, Tehsil - Rengali - 768 212, Odisha
Phone: +91-663-2535000, 6636000, 6634000, 2535154, 2535281
Fax: +91-663-2562039, 2562011





## ସଂକ୍ଷେପରେ

### ଶିବ ପାର୍ବତୀଙ୍କ ବିବାହ ଉତ୍ସବ ପାଳିତ

ଛତ୍ରପୁର, ୧୦।୬ (ଦିଲ୍ଲୀପ ସାମଲ): ଦେବ ଦେବ ମହାଦେବ ଓ ମା' ପାର୍ବତୀଙ୍କ ବିବାହ ଉତ୍ସବ ପାଇଁ ଛତ୍ରପୁର ସହର ଏବଂ ଆଖପାଖ ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି। ସହରରେ ଥିବା ସମସ୍ତ ଶୈବ ପୀଠରେ ଦେବ ଦମ୍ପତ୍ତିଙ୍କ ବିବାହ ରିତୀନିତୀରେ ସମ୍ପନ୍ନ ହୋଇଛି । ସହରର ଆଗ୍ରାହରମ ସାହି ସ୍ଥିତ ଶ୍ରୀ ଶ୍ରୀ ଗୌରୀଶଙ୍କର ମନ୍ଦିର ପ୍ରାଙ୍ଗଣରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ବର ପକ୍ଷରୁ ଡି. ହରିରାମ ଓ ତାଙ୍କ ଧର୍ମପତ୍ନୀ ଏବଂ କନ୍ୟା ପକ୍ଷରୁ ଏସ. ରାମପ୍ରସାଦ ପଟ୍ଟନାୟକ ଓ ତାଙ୍କ ଧର୍ମପତ୍ନୀ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ବିବାହ ପୂର୍ବରୁ ମହାଦେବଙ୍କୁ ପାଲିଙ୍କିରେ ବସାଇ ବାଜାବାଦ୍ୟ, ଶଙ୍ଖମହୁରୀ, ହୁଳହୁଳିରେ ସହର ପରିକ୍ରମା କରିବା ପରେ ବିବାହ ମଣ୍ଡପରେ ପହଞ୍ଚିଥିଲେ । ସେଠାରେ ମାତା ପାର୍ବତୀଙ୍କ ସହ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ସେହିପରି ସହରରେ ଥିବା ବିରେଶ୍ୱର, ବିଶେଶ୍ୱର, ହରିଣେଶ୍ୱର, ଧବଳେଶ୍ୱର, ଚନ୍ଦ୍ରଶେଖର, ନୀଳକଣ୍ଠେଶ୍ୱର, କାଶୀ ବିଶ୍ୱନାଥ ଆଦି ପୀଠରେ ମଧ୍ୟ ଦେବ ଦମ୍ପତ୍ତିଙ୍କ ବିବାହ କାର୍ଯ୍ୟ ସୁରୁଖୁରରେ ସମ୍ପାଦନ ହୋଇଥିବା ଦେଖିବାକୁ ମିଳିଥିଲା।

### ପିଏନ୍‌ୟୁଏ କଲେଜ ସଭ୍ୟାଙ୍କ ବିୟୋଗରେ ଶୋକସଭା

ଛତ୍ରପୁର, ୧୦।୬ (ଦିଲ୍ଲୀପ ସାମଲ) ସ୍ଥାନୀୟ ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟା ଉର୍ମିଳା ମିଶ୍ରଙ୍କ ବିୟୋଗରେ ଏକ ଶୋକସଭା ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ରାଜେନ୍ଦ୍ର କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶୋକସଭାରେ ମହାବିଦ୍ୟାଳୟର ବହୁ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀଛାତ୍ର ଓ କର୍ମଚାରୀ ଯୋଗଦେଇ ସ୍ୱର୍ଗତ ଉର୍ମିଳା ମିଶ୍ରଙ୍କ ସ୍ମୃତି ଚାରଣ କରିବା ସହିତ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ।

### ରାମଚଣ୍ଡୀ ପୀଠରେ ସପ୍ତଶତୀ ଚଣ୍ଡୀ ପାରାୟଣ ପ୍ରସ୍ତୁତି

ଛତ୍ରପୁର, ୧୦।୬(ସନ୍ତୋଷ ପାଢ଼ୀ): ଆସନ୍ତା ଜୁଲାଇ ୨୧ ତାରିଖରେ ବ୍ୟାସ ଗୁରୁପୂର୍ଣ୍ଣିମା ଅବସରରେ ଛତ୍ରପୁର ନିକଟରେ ଥିବା ନିଳାଦ୍ରିପୁର ଶିଖରରେ ବାସିନୀ ଆଦ୍ୟାଶକ୍ତି ଜଗତଜନନୀ ଶ୍ରୀ ରାମଚଣ୍ଡୀଙ୍କ ପବିତ୍ର ପୀଠରେ ବିଶ୍ୱର ମଙ୍ଗଳ, ଭୟ ଏବଂ ପାପମୁକ୍ତ ସମାଜର ପ୍ରତିଷ୍ଠା ତଥା ସୌଭାଗ୍ୟ ଆରୋଗ୍ୟର ଅଭିଷ୍ଟ କାମନା କରି ରାମଚଣ୍ଡୀ ଟ୍ରଷ୍ଟ ଆନୁକୂଲ୍ୟରେ ପୂଜା କମିଟିର ସମ୍ପୂର୍ଣ୍ଣ ସହଯୋଗରେ ୧୦୮ବାର ଶ୍ରୀ ସପ୍ତଶତୀ ଚଣ୍ଡୀ ପାରାୟଣ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାମଚଣ୍ଡୀ ପୀଠର ସ୍ଥପତି ତଥା ପୁରୁଷୋତ୍ତମପୁରର ପଣ୍ଡିତ ବିଜୟ କୁମାର ତ୍ରିପାଠୀ, ଛତ୍ରପୁରର ଡଃ. ପଣ୍ଡିତ ସରୋଜ କୁମାର ଶତପଥୀ ଏବଂ ବ୍ରହ୍ମପୁରର ବେଦ ବିଭୂଷଣ ପଣ୍ଡିତ ରାମଶଙ୍କର ଶତପଥିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଞ୍ଜାମ ଜିଲା, ରାଜ୍ୟ ତଥା ଭାରତର ବିଭିନ୍ନ କ୍ଷେତ୍ରରୁ ନିମନ୍ତ୍ରିତ ହୋଇଥିବା ବିଜ୍ଞ ପ୍ରାଜ୍ଞ ବୈଦିକ ବ୍ରାହ୍ମଣ ବିଦ୍ୱାନମାନଙ୍କ ଦ୍ୱାରା ଅନୁଷ୍ଟୁପ ଛନ୍ଦରେ ଶ୍ରୀଚଣ୍ଡୀ ପାରାୟଣ, ଚଣ୍ଡୀ ହବନାଦି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଶାସ୍ତ୍ରୀୟ ଏବଂ ବୈଦିକ ରୀତିନୀତିରେ ଅନୁଷ୍ଠିତ ହେବ। ଏତଦ ବ୍ୟତୀତ ଗୋ ପୂଜନ, ବିପ୍ରାର୍ଚ୍ଚନ, ଶ୍ରୀରୁଦ୍ର ଚମକନମକାନୁଷ୍ଠାନ, ଅନ୍ନ ଯଜ୍ଞାଦି ମଧ୍ୟ ହେବ।

### ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ

ବୁଗୁଡା, ୧୦।୬(କାଳିଚରଣ ଦାଶ):

ବୁଗୁଡା ବ୍ଲକ ଖୋଲଖାଲି ପଞ୍ଚାୟତ ଅନ୍ତର୍ଗତ ବେଲପୁର ଗ୍ରାମର ଜନୈକ ଯୁବକଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବସନ୍ତ ଜେନାଙ୍କ ପୁଅ ଚନ୍ଦନ ଜେନା (୨୦)। ଚେନ୍ନାଇରେ କାମ କରୁଥିବା ଚନ୍ଦନ ଗତ ମାସରେ ନିଜ ଗାଁ ବେଲପୁରକୁ ଆସିଥିଲେ। ସୋମବାର ସକାଳେ ମାଣିବନ୍ଧ ଗାଁରେ ତାଙ୍କର ମାମୁଁ ଘରେ ପାଣି ପମ୍ପ ସଜାଡୁଥିବା ବେଳେ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ।

# କୂଳ ଖାଉଛି ସମୁଦ୍ର: ଆଶଙ୍କାରେ ୨ ହଜାର ପରିବାର


ସମୁଦ୍ର କୂଳ ଖାଇବାରେ ଲାଗିଛି।

ବ୍ରହ୍ମପୁର, ୧୦।୬(ଅଶୋକ କୁମାର ସାହୁ):

ଗଞ୍ଜାମ ଜିଲାର ଅନେକ ଉପକୂଳ ଅଞ୍ଚଳ ସମୁଦ୍ର ଗର୍ଭରେ ଲୀନ ହୋଇ ସାରିଛି। ତେଣୁ ସମୁଦ୍ର ଭୟ ଉପକୂଳବାସୀଙ୍କ ନିଦ ହଜାଇ ଦେଇଛି। ପ୍ରତିବର୍ଷ ସମୁଦ୍ର କୂଳ ଖାଉଥିବାରୁ ଛତ୍ରପୁର ବ୍ଲକର ବଡ ଆର୍ଯ୍ୟପଲ୍ଲୀ, ସାନ ଆର୍ଯ୍ୟପଲ୍ଲୀ, କଣ୍ଡରା ଆର୍ଯ୍ୟପଲ୍ଲୀ, କଡୁରୁ ଆଦି ଗାଁଗୁଡିକର ପ୍ରାୟ ୨ ହଜାର ପରିବାର ଭୟରେ କାଳାତିପାତ କରୁଛନ୍ତି। ପ୍ରତିକାର ପାଇଁ ଜିଲା ପ୍ରଶାସନ ନିକଟରେ ଗୁହାରି କଲେ ବି ସୁଫଳ ମିଳୁନଥିବା ଗ୍ରାମବାସୀ କହିଛନ୍ତି।

ଗଞ୍ଜାମ ଜିଲା ସାମୁଦ୍ରିକ ମତ୍ସ୍ୟଜୀବୀ ସଂଘର ପୂର୍ବତନ ସଭାପତି ତଥା ବର୍ତ୍ତମାନର ପରାମର୍ଶଦାତା ବି.ସୀମାଦ୍ରୀ କହିଛନ୍ତି, ଉକ୍ତ ଗ୍ରାମଗୁଡିକରେ ପ୍ରାୟ ୭ହଜାର ଭୋଟର ଅଛନ୍ତି। ସେଥିରୁ ୩୦ରୁ ୪୦ ପ୍ରତିଶତ ଗୋପାଳପୁର ବନ୍ଦରରେ ପଞ୍ଜିକୃତ କର୍ମଚାରୀଭାବେ କାମ କରୁଛନ୍ତି। ବଳକା ସମୁଦ୍ରରେ ମାଛ ମାରି ଜୀବିକା ନିର୍ବାହ କରୁଛନ୍ତି। ଯଦି ଏଠାରେ ମାଛର ଅଭାବ ହେଲେ ଦାଦନ ଖଟିବାକୁ ବି ଯାଉଛନ୍ତି। ଗ୍ରାମର ଅନତୀ ଦୂରରେ ରହିଛି ଗୋପାଳପୁର ବନ୍ଦର। ଉକ୍ତ ବନ୍ଦରର ଦକ୍ଷିଣ ପାର୍ଶ୍ୱରେ ପଥର ବନ୍ଧ ରହିଛି। କିନ୍ତୁ ଉତ୍ତର ପାର୍ଶ୍ୱରେ ପଥର ବନ୍ଧ ହୋଇପାରିନାହିଁ। ଫଳରେ ସମୁଦ୍ର କୂଳ ଖାଇବାରେ ଲାଗିଛି। ପ୍ରାୟ ୭ଶହରୁ ୮ଶହ ମିଟର କୂଳ ଖାଇସାରିଲାଣି। କେତେବେଳେ ଗାଁ ଭିତରକୁ ସମୁଦ୍ର ଚାଲି ଆସିବ ସେହି ଭୟରେ ପ୍ରତ୍ୟେକ ଦିନ କାଳାତିପାତ କରିବାକୁ ପଡୁଛି ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ସଂଘର ବର୍ତ୍ତମାନର ସଭାପତି ଏମ.ଗୁମାଲୀ ଓ ସମ୍ପାଦକ ଏମ.ଦିଲେଶ୍ୱରୀଙ୍କ ଅଭିଯୋଗ ହେଲା ପଥର ବନ୍ଧ ହୋଇନଥିବା ଯୋଗୁ ସମୁଦ୍ର ଜୁଆର ମାଡି ଆସି ରାସ୍ତାକୁ ଭସାଇ ନେଲା। ପ୍ରାୟ ସବୁବେଳେ ଜୁଆର ଆସୁଥିବାବେଳେ ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ସମୁଦ୍ରରେ ବଡ ଜୁଆର ଆସିଥାଏ। ତେଣୁ ଭୟରେ କାଳାତିପାତ କରୁଛୁ। ଏନେଇ ରାଜ୍ୟ ସରକାର, ଜିଲା ପ୍ରଶାସନ, ମତ୍ସ୍ୟ ବିଭାଗର ନିର୍ଦ୍ଦେଶକ ଓ ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷଙ୍କ ନିକଟରେ ଦୁଃଖ ଜଣାଇଛୁ। ପ୍ରଦୀପ ମହାରଥୀ ରାଜ୍ୟ ମତ୍ସ୍ୟ ସମ୍ପଦ ମନ୍ତ୍ରୀ ଥିବାବେଳେ ଏନେଇ ଏକ ବୈଠକ ହୋଇଥିଲା। ବଡ ବଡ ଅଧିକାରୀମାନେ ଉକ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ। ପଥର ବନ୍ଧ ନିର୍ମାଣ କରିବା ବନ୍ଦର କର୍ତ୍ତୃପକ୍ଷଙ୍କ ଦାୟିତ୍ୱ। ତେଣୁ ପଥର ବନ୍ଧ ନିର୍ମାଣ କିରବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏଯାଏଁ ବନ୍ଧ ନିର୍ମାଣ ହୋଇପାରିନାହିଁ। ଏନେଇ ଗୋପାଳପୁର ବନ୍ଦରର ଜନୈକ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ ଯେ, ପଥର ବନ୍ଧ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇ ସାରିଛି। ଏବେ କାମ ଆରମ୍ଭ କଲେ କୌଣସି ସୁଫଳ ମିଳିବ ନାହିଁ। କାରଣ ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ବଡ ବଡ ଜୁଆର ଆସିବାର ସମୟ। ତେଣୁ ସେପ୍ଟେମ୍ବର ପରେ କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଏନେଇ ଗ୍ରାମବାସୀ କହିଛନ୍ତି, ବନ୍ଦର ହେବା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଏହା ଦ୍ୱାରା ଅଞ୍ଚଳର ଅର୍ଥନୀତି ସୁଦୃଢ଼ ହୋଇପାରିଛି। କିନ୍ତୁ ଗାଁ ସୁରକ୍ଷା ହେବା ଦରକାର। ନଚେତ ୨୦୦୦ ପରିବାର ସହିତ ଭିଟାମାଟି କେତେବେଳେ ଯେ ସମୁଦ୍ରର ଆଁ ଭିତରକୁ ଚାଲିଯିବେ ତାହା କହିହେବ ନାହିଁ। ସରକାର ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଥରବନ୍ଧ ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି।

# ଶିବ ପାର୍ବତୀ ବିବାହ ଉତ୍ସବ


ବେଲେଶ୍ୱର ପୀଠରେ ଶିବ ପାର୍ବତୀ ବିବାହ ଉତ୍ସବ ଚାଲିଛି।

ଭଞ୍ଜନଗର, ୧୦।୬ (ବାବୁଲା ପ୍ରଧାନ):

ରାଜ୍ୟର ପ୍ରସିଦ୍ଧ ଭଞ୍ଜନଗର ବେଲେଶ୍ୱର ପୀଠରେ ସୋମବାର ସଂଧ୍ୟାରେ ପ୍ରଭୁ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବେଲେଶ୍ୱର ପୀଠରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଆସନ୍ତାକାଲି ଦେବୀଙ୍କ ନଗର ଭ୍ରମଣ କାର୍ଯ୍ୟକ୍ରମ ରହିଛି। ସେହିଭଳି ଛେଦାଭୂମି, ଲାଲସିଂ, ଭଞ୍ଜନଗର ସମେତ ବିଭିନ୍ନ ଗ୍ରାମରେ ଥିବା ଶୈବ ପୀଠଗୁଡ଼ିକରେ ଆଜି ଶୀତଳ ଷଷ୍ଠୀ ଯାତ୍ରା ଅବସରରେ ଶିବ ପାର୍ବତୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

# କନ୍ଧମାଳ ହଳଦୀ ଦର ବୃଦ୍ଧି, ଚାଷୀ ଉତ୍ସାହିତ



ରାଇକିଆ, ୧୦।୬(ପ୍ରଦୀପ ବେହେରା):

କନ୍ଧମାଳ ଜିଲାର ସବୁଠୁ ଅର୍ଥକାରୀ ଫସଲ ହଳଦୀ ଦର ଏବେ ଆକାଶ ଛୁଆଁ ହୋଇଛି। ଏବେ ହଳଦୀ ଦର କିଲୋ ପ୍ରତି ୧୩୦ ଟଙ୍କା ରହିଛି। ଶେଷଥର ପାଇଁ ୨୦୦୯/୧୦ରେ ହଳଦୀ ଦର ୧୫୦ ଛୁଇଁଥିଲା। ଏକଦା ଜିଲାରେ ସର୍ବାଧିକ ଚାଷ କରାଯାଉଥିବା ହଳଦୀ ଦର କ୍ରମାଗତ ହ୍ରାସ ଯୋଗୁଁ ଦିନକୁ ଦିନ ଏହିଚାଷରୁ ଚାଷୀ ମୁହଁ ଫେରାଇଥିଲେ। ସେମାନେ ହଳଦୀ ଛାଡ଼ି ବିଭିନ୍ନ ପନିପରିବା ଚାଷ ପ୍ରତି ଆକର୍ଷିତ ହୋଇଥିଲେ। ପରିସ୍ଥିତି ଏପରି ଉପୁଜିଥିଲା ଜିଆଇ ମାନ୍ୟତା ପ୍ରାପ୍ତ ପ୍ରସିଦ୍ଧ କନ୍ଧମାଳ ହଳଦୀର କିଲୋ ପ୍ରତି ଦର ୪୦କୁ ଖସି ଆସିଥିଲା। ଜୁନରୁ ମାର୍ଚ୍ଚ ପର୍ଯ୍ୟନ୍ତ କଠିନ ପରିଶ୍ରମ କରି ଉତ୍ପାଦନ ପରେ ବ୍ୟବସାୟୀଙ୍କ ପାଖରେ ପହଞ୍ଚିଲା ବେଳେ ବହୁତ କମ ଦରରେ ବିକ୍ରି କରୁଥିଲେ ଚାଷୀ। ଗତ ଦୁଇ ବର୍ଷ ହେଲା ହଳଦୀ ଦର ସାମାନ୍ୟ ଉପର ମୁହାଁ ହୋଇଥିଲା । ହଳଦୀ ପ୍ରଥମେ ୫୦ରୁ ୬୦ ଟଙ୍କାରେ ବିକ୍ରି ହୋଇଥିଲା । ପରବର୍ତ୍ତୀ ସମୟରେ ଦର ୭୦ରୁ ଉର୍ଦ୍ଧ୍ୱ ରହିଥିଲା। ଚଳିତ ବର୍ଷ ୧୩୦ ଟଙ୍କାରେ ପହଞ୍ଚିଛି ହଳଦୀ। ହେଲେ ୧୫ ବର୍ଷ ହେଲା ଉଚିତ ଦରରେ ବିକ୍ରି ନ ହେବା ଯୋଗୁଁ ଏହି ଚାଷରୁ ଦୂରେଇ ଯାଇଛନ୍ତି ଚାଷୀ। ମୁରୁଡିକୁପୁଡ଼ା ଅଞ୍ଚଳର ଚାଷୀ ବରଦତ ଦିଗାଲ କୁହନ୍ତି, ଆମେ ପୂର୍ବରୁ ହଳଦୀ ଚାଷ କରୁଥିଲୁ । କିନ୍ତୁ କିଛି ବର୍ଷ ହେଲା ଦର ହ୍ରାସ ଯୋଗୁ କ୍ଷତି ସହିଲୁ । ତେଣୁ ଏହି ଚାଷ ଛାଡ଼ିବାକୁ ବାଧ୍ୟ ହେଲୁ। ଏହାର ଚାଷ ଆରମ୍ଭରୁ ଅମଳ ପର୍ଯ୍ୟନ୍ତ ବର୍ଷତମାମ ପରିଶ୍ରମ କରିବାକୁ ପଡ଼ିଥାଏ । ସେହି ତୁଳନାରେ ହଳଦୀ ଦର ଖସିଥିଲା । ଏବେ ଭଲ ଦର ଅଛି । ଏପରି ଯଦି ଆଗକୁ ଦର ସ୍ଥିର ରହିବ ନିଶ୍ଚିତ ଭାବେ ଲୋକେ ଏହି ଚାଷ ପ୍ରତି ପୁଣି ମନ ବଳାଇବେ।

# ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକଙ୍କ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଅନୁଧ୍ୟାନ

ଛତ୍ରପୁର ୧୦।୬ (ସନ୍ତୋଷ ପାଢ଼ୀ)/ଦିଲୀପ ସାମଲ):

ସୂଚନା ଓ ଲୋକସମ୍ପର୍କ ବିଭାଗ ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକ ଲଲାଟେନ୍ଦୁ ମହାପାତ୍ର ଦିନିକିଆ ଗଞ୍ଜାମ ଜିଲା ଗସ୍ତରେ ଆସି ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ବିଭାଗୀୟ କାର୍ଯ୍ୟକ୍ରମ ଉପରେ ଅନୁଧ୍ୟାନ କରିଛନ୍ତି। ତାଙ୍କର ଏହି ଗସ୍ତ ସମୟରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ଉପସ୍ଥିତିରେ କାର୍ଯ୍ୟାଳୟର କାର୍ଯ୍ୟକାରିତା, କର୍ମଚାରୀ ବିବରଣୀ, କ୍ୟାସବୁକ, ଷ୍ଟକ ଏବଂ ଷ୍ଟୋର, ଦୃଶ୍ୟ ଶ୍ରାବ୍ୟ ଯନ୍ତ୍ରପାତି, ଗଣମାଧ୍ୟମ ପରିଚାଳନା ଆଦି ଅନୁଧ୍ୟାନ କରି ଏହାର ସଠିକ ପରିଚାଳନା ନେଇ ଆଲୋଚନା କରିଥିଲେ। ଏହା ବ୍ୟତୀତ କର୍ମଚାରୀମାନଙ୍କ ବ୍ୟକ୍ତିଗତ ସମସ୍ୟା ପଚାରି ବୁଝିବା ସହିତ ସମସ୍ତ କାର୍ଯ୍ୟକ୍ରମକୁ ମିଳିମିଶି ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ସେ ଦକ୍ଷିଣାଞ୍ଚଳ ଉପ ନିର୍ଦ୍ଦେଶକ ଭାବେ ଯୋଗଦାନ କରିବା ପରେ ଏହା ତାଙ୍କର ଗଞ୍ଜାମ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟକୁ ପ୍ରଥମ ଗସ୍ତ। ସୂଚନା କେନ୍ଦ୍ର ଓ ପାଠାଗାରରେ ମହଜୁଦ ଥିବା ବହିପତ୍ର, କସନ ମନି ରେଜିଷ୍ଟର, ଷ୍ଟକ ରେଜିଷ୍ଟର, କ୍ୟାଟାଲଗ, ପାଠକ ଉପସ୍ଥାନ ବିବରଣୀ, ପ୍ରେସ କଟିଂ ଆଦି ତନଖି କରିଥିଲେ। ବିଭାଗ ଦ୍ୱାରା ପ୍ରକାଶିତ ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁର ବିକ୍ରୟ ଓ ଟ୍ରେଜେରୀ ଚାଲାଣ ଆଦି ଦେଖିଥିଲେ। ଶେଷରେ ଉପ ନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟର ସମସ୍ତ ପ୍ରକୋଷ୍ଠ ବୁଲି ପରିଦର୍ଶନ କରିବା ସହ ଖୁସିବ୍ୟକ୍ତ କରିବା ସହ କୋଠାର ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଜିଲାରେ ରହିଥିବା ସମସ୍ତ ପାଠାଗାରଗୁଡିକର ସ୍ଥିତି, ପୁସ୍ତକଗୁଡିକର ରକ୍ଷଣାବେକ୍ଷଣ ଦିଗରେ ଆଲୋଚନା କରିବା ସହିତ ପାଠକମାନଙ୍କ ନିମନ୍ତେ ଆସୁଥିବା ଖବରକାଗଜର ଅନୁଦାନ ବୃଦ୍ଧି ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ମତ ରଖିଥିଲେ।


ଅଷ୍ଟମ ଦିନରେ ମା ' ବ୍ୟାଘ୍ରଦେବୀଙ୍କ ଯାତ୍ରା : ଭଣ୍ଡାରୀ ସାହିରେ ଭୋଗ ଗ୍ରହଣ କଲେ। (ଫଟୋ : ଦିଲୀପ ସାମଲ)

# ସ୍ୱର୍ଗତ ମୁକୁନ୍ଦ ପାଢୀଙ୍କ ୧୫୩ତମ ଜୟନ୍ତୀ

ପାରଳାଖେମୁଣ୍ଡି, ୧୦।୬ (ଗିରିଧାରୀ ପରିଚ୍ଛା):

ମୁକୁନ୍ଦ ପାଢୀ ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହ ଠାରେ ପ୍ରାଚୀନ ଗୀତିକବି ସ୍ୱର୍ଗତ ମୁକୁନ୍ଦ ପାଢୀଙ୍କ ୧୫୩ତମ ଜୟନ୍ତୀ ମହାସମାରୋହ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଭାରତ ଭୂଷଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ କାର୍ଯ୍ୟନିର୍ବାହୀ ଜିଲାପାଳ ବିରେନ୍ଦ୍ର କୁମାର ଦାସ ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିଲେ। ବିଶିଷ୍ଟ ଗବେଷକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, କବିଙ୍କ ପୌତ୍ର ତଥା ଜଟଣୀ ଶାଖା ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଇଂ.ଜଗନ୍ନାଥ ପାଢୀ, ସଂସଦର ସଂପାଦକ ଭାଗବତ ପାଢୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଆଶାଲତା ପାଣିଗ୍ରାହୀ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ଏହି ଅବସରରେ ତାଙ୍କର ଲିଖିତ ଗୀତଗୁଡ଼ିକୁ ଗଜପତି କଳା ପରିଷଦର କଳାକାରମାନେ ଗାନ କରିଥିଲେ। ଇତିଶ୍ରୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ଶଶୀଭୂଷଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିବ୍ୟ ଶକ୍ତି ସାଧନା ଶିବିର ଉଦ୍‌ଘାଟିତ


ଶିବିରରେ ଯୋଗ ଦେଇଥିବା ଯୁବ ପ୍ରତିଭାମାନେ।

**ଭଞ୍ଜନଗର, ୧୦।୬(ବାବୁଲା ପ୍ରଧାନ):**

ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ ପରିସରରେ ୩ ଦିନ ଧରି ହେବାକୁ ଥିବା ଦିବ୍ୟ ଶକ୍ତି ସାଧନା ଶିବିର ସୋମବାର ସଂଧ୍ୟାରେ ଉଦଘାଟିତ ହୋଇଯାଇଛି। ଶିବିରରେ ବ୍ରହ୍ମପୁର, ଆସିକା, ଫୁଲବାଣୀ, ବାଲିଗୁଡ଼ା, ବଲାଙ୍ଗୀର, ନୂଆଁପଡା, ସୋନପୁର ସମେତ ପ୍ରମୁଖ ଅଞ୍ଚଳର ଯୁବ ପ୍ରତିଭାମାନେ ଯୋଗଦେଇଛନ୍ତି। ଶିବିରର ମୂଳ ଲକ୍ଷ୍ୟ ହେଲା ଜୀବନର ପ୍ରକୃତ ଲକ୍ଷ୍ୟ ବିଷୟରେ ସଚେତନ ହେବା। ବଲାଙ୍ଗୀର ଜିଲା କୁମାରକାନି ଆଶ୍ରମର ସାଧକ ବ୍ରଜ ମୋହନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷା ଏବଂ ଜୀବନର ଲକ୍ଷ୍ୟ କଣ ହେବ ସେ ସଂପର୍କରେ କହିଥିଲେ। ଅମିତ କୁମାର ସାହୁ, ପାଣ୍ଡବ ରେଡ୍ଡୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ନିଜର ମତ ରଖିଥିଲେ। ସ୍ୱାଗତ ସଙ୍ଗୀତ ତପସିନୀ ପ୍ରିୟଦର୍ଶିନୀ ଗାନ କରିଥିଲେ। ଦୁର୍ଗାସ୍ତୋତ୍ର ମନିସା ପଟ୍ଟନାୟକ ପଠନ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଶ୍ରୀଅରବିନ୍ଦ ଶକ୍ତିପୀଠର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସଭା ପ୍ରାରମ୍ଭରେ ପତାକା ଉତ୍ତୋଳନ ସହ ପ୍ୟାରେଡ ଅନୁଷ୍ଠିତ ହୋଇଥିଲା।

# ରଜ ଉତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି

ଫୁଲବାଣୀ, ୧୦।୬(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ତରଫରୁ ଆସନ୍ତା ୧୩ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ରଜ ଉତ୍ସବ ଓ ସାଂସ୍କୃତିକ ମେଳା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏହି ଉତ୍ସବ ଚଳିତବର୍ଷ ମାଷ୍ଟରପଡା ସ୍ଥିତ ପାରିଜାତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହେବ । ପ୍ରତିଦିନ ଅପରାହ୍ନ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ମେଳା ଚାଲିବ । ଏଥିରେ ବିଭିନ୍ନ ବର୍ଗର ମହିଳା ମାନଙ୍କ ସମେତ କିଶୋର, କିଶୋରୀ ଏବଂ ଛୋଟ ପିଲାଙ୍କ ପାଇଁ ଓଡିଆ ସଂସ୍କୃତିଭିତ୍ତିକ ପାରମ୍ପରିକ କ୍ରୀଡା, ନୃତ୍ୟ, ଗୀତ, ମଞ୍ଚ ପ୍ରତିଯୋଗିତା ସହିତ ରଜପାନ, ପିଠା, ରଜଦୋଳି, କାଚ କଉଡି, ଲୁଡୁ, କାଞ୍ଚିଆ ପଟା, ଗଞ୍ଜାପା ଖେଳ ହେବ। ଏଥିସହ ମେଳା ପରିସରରେ ବିଭିନ୍ନ ପ୍ରକାର ବିପଣୀ ସାମଗ୍ରୀ, ଚଟପଟା ଖାଦ୍ୟର ବ୍ୟବସ୍ଥା କରାଯାଇଛି । ବହୁ ସାଂସ୍କୃତିକ ଦଳ ସେମାନଙ୍କ କାର୍ଯ୍ୟକ୍ରମ ପରିବେଷଣ କରିବେ । ପ୍ରତିଦିନ ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆଲୋଚନାରେ ଅଂଶଗ୍ରହଣ କରିବେ। ୧୬ ତାରିଖ ଅପରାହ୍ନ ୩ଟାରେ ଦ୍ୱିଭାଷି କବିସମ୍ମିଳନୀର ଆୟୋଜନ କରାଯାଇଛି। ଏଥିରେ ବହୁ ଓଡିଆ ଓ କୁଇ ଭାଷାର କବି ଅଂଶ ଗ୍ରହଣ କରିବେ। ଏହିଦିନ ଜିଲାର ବହୁ ପ୍ରତିଭାଧାରୀ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯିବ । ୫ ଦିନର ଏହି କାର୍ଯ୍ୟକ୍ରମରେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ପ୍ରସ୍ତୁତି ବୈଠକରେ ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରା, ଶରତଚନ୍ଦ୍ର ମହାନ୍ତି, ସୋମନାଥ ସାହୁ, କଳ୍ପନା ରାଣୀ ପାତ୍ର, ବିରାଜିନୀ ମହାପାତ୍ର, ସୁଶ୍ରୀ ମୁସ୍କାନ, ଶୁଭ୍ରାରାଣୀ ପଟ୍ଟନାୟକ, ସରସ୍ୱତୀ ସାହୁ, ବୈଜୟନ୍ତୀ ମାଳା ମହାପାତ୍ର, ଗୁପ୍ତିକା ତ୍ରିପାଠୀ ଯୋଗଦେଇ ଥିଲେ। ମୁଖ୍ୟ ସମ୍ପାଦକ ଡଃ କାହ୍ନୁ ଚରଣ ଶତପଥୀ ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ।

# ରାଜଦାଣ୍ଡ ରାସ୍ତା ନିର୍ମାଣ ନ ହେବାରୁ କ୍ଷୋଭ

ପାରଳାଖେମୁଣ୍ଡି, ୧୦।୬ (ଗିରିଧାରୀ ପରିଚ୍ଛା):

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୌର ପରିଷଦର ବଡଦାଣ୍ଡ ରାସ୍ତା ଶୋଚନୀୟ ହୋଇ ରହିଛି। ଆସନ୍ତା ଜୁଲାଇ ୭ ତାରିଖରେ ହେବାକୁ ଥିବା ପ୍ରସିଦ୍ଧ ରଥଯାତ୍ରା ପାଇଁ ବଡଦାଣ୍ଡ ରାସ୍ତା ନିର୍ମାଣ ହୋଇନଥିବାରୁ ଲୋକଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି ଯେ, ପାରଳାଖେମୁଣ୍ଡି ପୌର ପରିଷଦ ବିଜେଡି ଦଳ ଅକ୍ତିଆର କରି ନିର୍ବାଚିତ ହୋଇ ପାଖାପାଖି ତିନି ବର୍ଷ ହୋଇଯାଇଥିଲେ ମଧ୍ୟ ରଥଯାତ୍ରା ପାଳନ ପାଇଁ ରାଜଦାଣ୍ଡ ରାସ୍ତା ନିର୍ମାଣ କାର୍ଯ୍ୟ ହୋଇପାରିନାହିଁ। ପୂର୍ବରୁ ପ୍ରତ୍ୟେକ ବର୍ଷ



ରଥଯାତ୍ରା ସମୟରେ ରାଜଦାଣ୍ଡ ରାସ୍ତା ନିର୍ମାଣ ହେଉଥିଲା କିନ୍ତୁ ବିଜେଡି ଅଧ୍ୟକ୍ଷା ପଦ ହାସଲ କରିବା ପରେ ଆଉ ରାସ୍ତା ନିର୍ମାଣ ହୋଇପାରିନାହିଁ। ଦିନକୁ ଦିନ ରାଜଦାଣ୍ଡରେ ରାସ୍ତା ଅବରୋଧ ବଢି ଚାଲିଥିବା ବେଳେ ପୌ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦକ୍ଷେପ ନେବା କଥା। କିନ୍ତୁ ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆସି ପାଖାପାଖି ଚାରି ମାସରୁ ଉର୍ଦ୍ଧ୍ୱ ହେଲା କୌଣସି ଆଖି ଦୃଶିଆ ପଦକ୍ଷେପ ନେଉନଥିବା ଅଭିଯୋଗ କରିଛନ୍ତି। ଶ୍ରୀ ଜଗନ୍ନାଥଙ୍କ ଘୋଷ ଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇପାରିନାହିଁ। ଗତ ୨୦୧୯ରେ ଏହି ରାସ୍ତା ମରାମତି କରାଯାଇଥିବା ବେଳେ ପାଖାପାଖି ପାଞ୍ଚ ବର୍ଷ ହେଲା ଆଉ ଏହି ରାସ୍ତା ମରାମତି ହୋଇପାରିନାହିଁ। ରାସ୍ତାଟି ପୂରା ଖାଲଖମା ହୋଇ ରହିଛି। ବିଗତ ବର୍ଷ ରଥଯାତ୍ରା ସମୟରେ ରଥ ଝିକିବା ସମୟରେ ଲୋକେ ବହୁ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ଚଳିତ ବର୍ଷ ରାସ୍ତାର ଅବସ୍ଥା ଆହୁରି ଶୋଚନୀୟ ହୋଇପଡିଛି। ଯେଉଁ ରାସ୍ତା ନିର୍ମାଣ କରିବା ଆବଶ୍ୟକ ନାହିଁ ପୌର ପରିଷଦ ସେହି ରାସ୍ତାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ରାଜଦାଣ୍ଡ ରାସ୍ତାର ମରାମତି ହୋଇପାରିନାହିଁ। ତେଣୁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ପାଇଁ ପାରଳାବାସୀ ନିବେଦନ କରିଛନ୍ତି।

# ପିଇବା ପାଣି ପାଇଁ ରାସ୍ତାରୋକୋ

ଖଜୁରୀପଡ଼ା,୧୦।୬(ବିଦୁର ବେହେରା):

ତାତି ବଢ଼ିବା ବେଳେ ଧିରେ ଧିରେ କମୁଛି ଜଳସ୍ତର । କୂଅ ପୋଖରୀ ପାଣି କମିବା ପରେ ପିଇବା ପାଣି ଯୋଗାଣ ନ ହେବାରୁ ସୋମବାର ସକାଳୁ ଗୁଦାରୀ ଆରଆଇ ଅଫିସ୍ ନିକଟରେ ୧୫୭ ନଂ ଜାତୀୟ ରାଜପଥକୁ ଗ୍ରାମବାସୀ ଅବରୋଧ କରିଥିଲେ। ସହର ଠାରୁ ମାତ୍ର ୩ କିମି ଦୂରରେ ରହିଛି ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଗୁଦାରୀ ଗ୍ରାମ। ରୌଦ୍ରତାପରେ ଗୁଲୁ ଗୁଳି ସହିତ ତାତି ବଢ଼ିବା ସାଙ୍ଗକୁ ବଢ଼ୁଛି ଜଳକଷ୍ଟ। କୂଅ, ପୋଖରୀରେ ଶୁଖି ଗଲାଣି ଜଳ । କେଉଁଠି ପାଣି ଟାଙ୍କି ଅଚଳ ତ ଆଉ କେଉଁଠି ପାଣି ପାଇଁ ଲୋକଙ୍କୁ ଯିବାକୁ ପଡୁଛି ମାଇଲ ମାଇଲ ବାଟ। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ମେଘା ପ୍ରକଳ୍ପ ନିର୍ମାଣ କରାଯାଉଛି। ତଥାପି ଲୋକଙ୍କୁ ମିଳୁନି ପିଇବା ପାଣି । ଗ୍ରାମବାସୀ ପଞ୍ଚାୟତଠାରୁ ଆରମ୍ଭ କରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଦେଲାପରେ ବି କୌଣସି ସମାଧାନ ହେଉନି। ଫଳରେ ଗ୍ରାମବାସୀ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି । ତେଣୁ ଖୁବ ଶୀଘ୍ର ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ରାସ୍ତାରୋକ କରି ଲୋକେ ଦାବି କରିଛନ୍ତି। ଶତାଧିକ ପୁରୁଷ ଓ ମହିଳା ରାସ୍ତା ଉପରେ ଦୁଇ ଘଣ୍ଟା ହାଣ୍ଡି, ବାଲଟି ରଖି ବସିଥିଲେ। ଖବର ପାଇ ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ରାଜସ୍ୱ ନୀରିକ୍ଷକ, ତହସିଲଦାର ଏବଂ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ଉଦ୍‌ଘାଟନକୁ ୬ ମାସ, ସ୍ମାର୍ଟ ସ୍କୁଲ ନିର୍ମାଣ କାର୍ଯ୍ୟ ସରୁନି

ଫୁଲବାଣୀ, ୧୦।୬(ରାକେଶ କୁମାର ରାଉତ)



କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ ସରୁକୋଇ ଗାଁରେ ଥିବା ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲ ଭାବରେ ରୂପାନ୍ତରିତ କରାଯାଇଛି। ଚତୁର୍ଥ ପର୍ଯ୍ୟାୟରେ ଏହା ହୋଇଥିବା ବେଳେ ଗତ ଜାନୁୟାରୀରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ । ଇତିମଧ୍ୟରେ ୬ ମାସ ପୁରି ଗଲାଣି । ହେଲେ ନିର୍ମାଣ କାର୍ଯ୍ୟ ଏ ଯାଏ ଶେଷ ହୋଇପାରୁନି । ଏହାକୁ ନେଇ ଗ୍ରାମବାସୀ ଓ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ପୂର୍ବରୁ ଏସବୁ କାର୍ଯ୍ୟକୁ ନେଇ ଲୋକେ ବିରୋଧ କରିଥିଲେ । ବିଡ଼ିଓ ଅନୁପ ଅଭିଷେକ ବେହେରା, ସହକାରୀ ଯନ୍ତ୍ରୀ ଜୟ ପ୍ରକାଶ ଜେନା ସ୍କୁଲର ରୂପାନ୍ତରିତ କାମ ୧୫ ଦିନ ମାଧ୍ୟମରେ କାର୍ଯ୍ୟ ସମ୍ପୂର୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା କାର୍ଯ୍ୟରେ ପାଳନ ହେଲାନି । ବିଦ୍ୟାଳୟର ଫାଟକ କାମ ସରିପାରି ନ ଥିବା ବେଳେ ସାଇକେଲ ଷ୍ଟାଣ୍ଡ ସହ ଆହୁରି ଅନେକ କାମ ବାକି ରହିଛି। ସେହିପରି କାମ ଅତି ନିମ୍ନ ମାନର ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଆଉ ଅଳ୍ପ ଦିନ ମଧ୍ୟରେ ବିଦ୍ୟାଳୟ ଖୋଲିବ । ବାକି ରହିଥିବା ସମସ୍ତ କାମ ଶୀଘ୍ର ସାରିବା ପାଇଁ ସ୍ଥାନୀୟ ସରପଞ୍ଚ ବ୍ଲକ ପ୍ରଶାସନକୁ ନିବେଦନ କରିବା ସହ ସହକାରୀ ଯନ୍ତ୍ରୀଙ୍କ ଅବହେଳାକୁ ଦାୟୀ କରିଛନ୍ତି। ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନା ବିଦ୍ୟାଳୟର ଫାଟକ କାମ ଓ ସାଇକେଲ ଷ୍ଟାଣ୍ଡ କାମ ବାକି ଅଛି । କାମ କରିବା ପାଇଁ ଲୋକ ମିଳୁ ନାହାଁନ୍ତି ବୋଲି କହିଛନ୍ତି।

# ଜିଲା ବିଜେଡି ଉପ ସଭାପତି ପଦ ଛାଡ଼ିଲେ ରାଜ କୁମାର

ଭଞ୍ଜନଗର,୧୦।୬(ବାବୁଲା ପ୍ରଧାନ):



ଗଞ୍ଜାମ ଜିଲା ସମେତ ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ଗତ ସାଧାରଣ ନିର୍ବାଚନରେ ବିଜେଡ଼ିର ଶୋଚନୀୟ ପରାଜୟ ହୋଇଥିଲା। ତେଣୁ ନୈତିକତା ଦୃଷ୍ଟିରୁ ଜିଲା ବିଜେଡି ଉପ ସଭାପତି ରାଜ କୁମାର ସାହୁ ସୋମବାର ସନ୍ଧ୍ୟାରେ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଏନେଇ ସେ ଜିଲା ଏବଂ ରାଜ୍ୟ ସଭାପତିଙ୍କ ପାଖକୁ ତାଙ୍କର ଇସ୍ତଫା ପତ୍ର ପଠାଇ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ରାଜ କୁମାରଙ୍କ ପରିବାର ଦୀର୍ଘ ବର୍ଷ ଧରି ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ଭାଜପା ଏବଂ କଂଗ୍ରେସ ବିରୁଦ୍ଧରେ ଲଢେଇ କରି ଆସୁଛନ୍ତି । ସେ ଜଣେ ଟାଣୁଆ ନେତା ଭାବେ ଜିଲାରେ ପରିଚିତ। ବର୍ତ୍ତମାନ ତାଙ୍କ ସ୍ତ୍ରୀ ଭଞ୍ଜନଗର ବ୍ଲକ ଦୋମୁହାଣୀ ପଞ୍ଚାୟତ ସରପଞ୍ଚ ଅଛନ୍ତି। ରାଜ କୁମାର ମଧ୍ୟ ପୂର୍ବରୁ ବହୁ ପଦ ପଦବୀରେ ଥିଲେ। ରାଜ୍ୟର ଜଣେ ଜଣାଶୁଣା ଶିକ୍ଷକ ନେତା ଭାବେ ସେ ପରିଚିତ।

# କାଶୀ ବିଶ୍ୱନାଥଙ୍କ ଶୀତଳ ଷଷ୍ଠୀ



ଶୈବ ପୀଠରେ ପୂଜାର୍ଚ୍ଚନା କରାଯାଉଛି।

ଗଞ୍ଜାମ,୧୦।୬(ବିଦ୍ୟାଧର ସାହୁ)

ଗଞ୍ଜାମ ସହର କାଶୀବିଶ୍ୱନାଥ ଶୈବପୀଠ ଦେବ ଦେବ ମହାଦେବ ଓ ଦେବୀ ପାର୍ବତୀ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ସେବକ ଉଦୟ ରାଉଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଦେବ ଉତ୍ସବରେ କର୍ତ୍ତା ସେବକ ଅରୁଣ କୁମାର ରାଉଳ କାର୍ଯ୍ୟ ସମ୍ପାଦନ କରିଥିଲେ। ସହଯୋଗୀ ମନ୍ଦିର ସେବକ ନରସିଂହ ରାଉଳ କର୍ତାଙ୍କ ମଙ୍ଗ ଧରି କାର୍ଯ୍ୟ ସୂଚାରୁ ରୂପେ କରିବା ପାଇଁ ଉଦ୍ୟମ କରିଥିଲେ। ପଣ୍ଡିତ ପ୍ରକାଶ ଶତପଥିଙ୍କ ଦେବ ମନ୍ତ୍ରଧ୍ୱନିରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଥିଲା। ବିଜୟ ପାଣିଗ୍ରାହୀ ଓ ପ୍ରେମାନନ୍ଦ ସାହୁ ବର ଓ କନ୍ୟାପିତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଖଣ୍ଡେଶ୍ୱର, ରାମେଶ୍ୱର, ବାଲିଲୋକାନାଥ, ବଟେଶ୍ୱର, ଆଳେଶ୍ୱର ଆଦି ଶୈବପୀଠ ମାନଙ୍କରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଥିଲା।

# ବସରେ ପିଟି ହେଲା ବାଇକ୍, ବୃଦ୍ଧ ଗୁରୁତର

ମୋହନା,୧୦।୪(ମନ୍ମଥ ମିଶ୍ର):

ଗଜପତି ଜିଲା ଅଡବା ଥାନା ଅଡାପଙ୍କାରେ ବସ ଓ ବାଇକ୍‌ର ମୁହାଁମୁହିଁ ଧକ୍କାରେ ବୃଦ୍ଧ ଗୁରୁତର ହୋଇଛନ୍ତି । ସେ ହେଲେ ଖ୍ରୀଷ୍ଟପୁର୍ ଗ୍ରାମର ସମ୍ଭା ରଇତ । ବ୍ରହ୍ମପୁରରୁ ରାୟଗଡ଼ା ଯାଉଥିବା ସରକାରୀ ବସ ଆଡାପଙ୍କାରେ ଯାତ୍ରୀ ଓହ୍ଲାଇବା ପାଇଁ ରଖିଥିଲା। ସେହି ସମୟରେ ଅଡବା ଅଭିମୁଖେ ବାଇକ୍‌ରେ ପରିବା ନେଇ ଯାଉଥିବା ସମ୍ଭା ରଇତ ବସ୍‌କୁ ସାମ୍ନା ପଟୁ ଧକ୍କା ଦେଇ ଚକ ତଳେ ଫସି ଯାଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଅଡବା ମେଡ଼ିକାଲରେ ଭର୍ତ୍ତି କରିଛନ୍ତି। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ବସ ଓ ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ କରୁଛି।

# ମଲାଡ଼ରେ ପରଳ ଚକ୍ଷୁ ପରୀକ୍ଷା ଶିବିର

ଗଞ୍ଜାମ,୧୦।୬(ବିଦ୍ୟାଧର ସାହୁ):

ଗଞ୍ଜାମ ବ୍ଲକ ମଲାଡ଼ ଠାରେ ପରଳ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶଙ୍କର ଚକ୍ଷୁ ଚିକିତ୍ସାଳୟ ଆନୁକୂଲ୍ୟରେ ପରଳ ଚକ୍ଷୁ ପରୀକ୍ଷା କରାଯାଇଥିଲା। ମଲାଡ଼ ପଞ୍ଚାୟତ ସରପଞ୍ଚ ମମତା ବେହେରା ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟର କ୍ୟାମ୍ପ ମ୍ୟାନେଜର ନଳିନୀ କାନ୍ତ ରାଉତ, ଚିଫ ଅପଟୋମେଟ୍ରିଷ୍ଟ ଶୁଭଶ୍ରୀ ସେଠି, ଚକ୍ଷୁ ଟେକ୍ନିସିଆନ ଗାୟତ୍ରି ସେଠି ଓ ରଘୁନାଥ ପାଢି ଉପସ୍ଥିତ ରହି ଦ୍ୱୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ମୋଟ ୫୫ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ମୋଟ ୧୫ ଜଣଙ୍କୁ ପରଳ ବା ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା । ୭ ଜଣଙ୍କ ରେଟିନା ଚେକଅପ ହୋଇଥିଲା। ସେହିଭଳି ୧୫ ଜଣଙ୍କୁ ଅସ୍ତ୍ରୋପଚାର ଚିକିତ୍ସା ନିମନ୍ତେ ହସ୍ପିଟାଲ୍‌କୁ ପଠାଯିବ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବି ସୁଦାମ ବେହେରା, ଗ୍ରାମ୍ୟ କମିଟି ସଭାପତି ରାମୁଡୁ ପଦ୍ମନାଭ, ଗ୍ରାମ୍ୟ କମିଟି ସମ୍ପାଦକ ମୁନା ମହାରଣା ଓ ଏସ୍‌ଏଚଜି, ସିଆରପି କର୍ମଚାରୀମାନେ ସହଯୋଗ କରିଥିଲେ।

# ଅନୁପୁରରେ ହୀରକ ଜୟନ୍ତୀ ଉତ୍ସବ



ନୂଆଗଡ଼,୧୦।୬(ଯଜ୍ଞବନ୍ତ ପରିଚ୍ଛା):

ଗଜପତି ଜିଲାର ଆଟିଲିମା ଧର୍ମାଞ୍ଚଳର ଅନୁପୁର ଗ୍ରାମର କାଥଲିକ ମଣ୍ଡଳୀ ବିଶ୍ୱାସୀମାନଙ୍କର ୭୫ବର୍ଷ ପୂର୍ତ୍ତି ଅବସରରେ ହୀରକ ଜୟନ୍ତୀ ଉତ୍ସବ ଆଡ଼ମ୍ବର ସହକାରେ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଧର୍ମ ପ୍ରଦେଶର ଧର୍ମାଧ୍ୟକ୍ଷ ବିଶପ ଡ.ଶରତ ଚନ୍ଦ୍ର ନାୟକ, ଆଟଲିମା ଧର୍ମାଞ୍ଚଳର ମୁଖ୍ୟ ଯାଜକ ଫାଦର ପ୍ରତାପ ନାୟକ, ସହକାରୀ ଯାଜକ ଫାଦର ରାଜୀବ ନାୟକ ଏବଂ କାନସିୟାନ ସେବଭଗ୍ନିଗଣ ପ୍ରମୁଖ ଯୋଗ ଦେଇଥିଲେ। ଅନୁପୁର ମଣ୍ଡଳୀର ପ୍ରଚାରକ ଶିରେଲ ନାୟକ, ବେହେରା ଆଲୋକ କରାଡ଼, ଉପ ବେହେରା ରଚନା ପଲ୍ଲା ସିଂ, ସମ୍ପାଦକ ସୁକାନ୍ତ ବିର, ଅଧିକାରୀ ମାନଜ ମଣ୍ଡଳ ନାୟକ, କୋଷାଧ୍ୟକ୍ଷ ଜ୍ୟୋତି ଦଳାଇ, ମାସଭ୍ୟା ମଧୁମିତା କରଡ଼, ଯୁବସଭାପତି ମିତୁଲ କରାଡ଼ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଜନସେବା କେନ୍ଦ୍ର ପରିଚାଳକଙ୍କ ବୈଠକ

ଧରାକୋଟ,୧୦।୬(ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ଅନ୍‌ଲାଇନ ଜରିଆରେ ଧରାକୋଟ ତହସିଲ ଅଧୀନରେ ଥିବା ହିତାଧିକାରୀଙ୍କୁ ସୁବିଧାରେ ରାଜସ୍ୱ ସେବା ଯୋଗାଇ ଦେବାପାଇଁ ସୋମବାର ତହସିଲ କାର୍ଯ୍ୟାଳୟ ତରଫରୁ ୧୪ଟି ଜନସେବା କେନ୍ଦ୍ର ପରିଚାଳକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ଜନସେବା କେନ୍ଦ୍ର ପରିଚାଳକ, ବିଭାଗୀୟ ଅଧିକାରୀ କାଳନ୍ଦୀ ବେହେରା, ପରିଦର୍ଶକ ସୁଜ୍ଞାନୀ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ସଂପ୍ରତି ଶିକ୍ଷାବର୍ଷ ଆରମ୍ଭ ହୋଇଥିବାରୁ ଉଚ୍ଚଶିକ୍ଷା ପାଇଁ ଛାତ୍ରୀଛାତ୍ରମାନେ ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ବାସସ୍ଥାନ ପ୍ରମାଣ ପତ୍ର, ଅର୍ଥ ସମ୍ବନ୍ଧୀୟ ପ୍ରମାଣ ପତ୍ର ପାଇଁ ବିଭିନ୍ନ ଜନସେବା କେନ୍ଦ୍ର ମାଧ୍ୟମରେ ଆବେଦନ କରୁଛନ୍ତି। ନିର୍ଦ୍ଦିଷ୍ଟ ସମୟ ସୀମାରେ ସୁବିଧାରେ ଯେପରି ସମସ୍ତଙ୍କୁ ଏହି ପ୍ରମାଣ ପତ୍ର ମିଳିପାରିବ ସେଥିପ୍ରତି ସମସ୍ତ ପରିଚାଳକ ଓ ବିଭାଗୀୟ କର୍ମଚାରୀ ତତ୍ପରତା ପ୍ରକାଶ କରିବା ପାଇଁ ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି।

# ଶୀତଳଷଷ୍ଠୀ ଓ ଶିବ ବିବାହ ଉତ୍ସବ



ପୁଡୁଗେଶ୍ୱର ମହାଦେବଙ୍କ ନଗର ପରିକ୍ରମା।

ଆସିକା ୧୦।୬ (ସୁରେନ୍ଦ୍ର ନାଥ ସାହୁ):

ଆସିକାର ବିଭିନ୍ନ ଶିବ ମନ୍ଦିରରେ ଶୀତଳ ଷଷ୍ଠୀ ଯାତ୍ରା ସାଙ୍ଗକୁ ସୋମବାର ଦିନ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏତଦ ଅବସରରେ ଶ୍ରଦ୍ଧାଳୁଙ୍କ ପକ୍ଷରୁ ମାତା ପାର୍ବତୀ ଓ ଭଗବାନ ଶିବଙ୍କ ଲାଗି କନ୍ୟାପିତା ଓ ବରପିତା ଭାବେ ଶ୍ରଦ୍ଧାଳୁ ସାମିଲ ହୋଇ ପଟୁଆର କରିଥିଲେ । ବାଦ ବାଜଣା ପଟୁଆରରେ ବରଯାତ୍ରୀ ନଗର ପରିକ୍ରମା ପରେ ବିଧି ମୁତାବକ ବାଟବରଣ ଓ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଆସିକା ସହରର ପୁଡୁଗେଶ୍ୱର ମନ୍ଦିର, ତ୍ରିବିଦ୍ଧେଶ୍ୱର ମନ୍ଦିର ଓ ତାଲୁକା ଛକସ୍ଥିତ ବାଲୁଙ୍କେଶ୍ୱର ମନ୍ଦିରରେ ଏହି କାର୍ଯ୍ୟକ୍ରମ ଭରପୁର ଶ୍ରଦ୍ଧାଳୁଙ୍କ ଗହଣରେ ଅନୁଷ୍ଠିତ ହୋଇଥିଲା ।


**JAN SHIKSHAN SANSTHAN CUTTACK**

Skill India

**Sponsored by MSDE, Govt. of India**

**Expression of Interest**

Jan Shikshan Sansthan, Cuttack invites application for **"Expression of Interest"** from the Govt. Technical Institution of Cuttack district for the Post of **Chairman of JSS, Cuttack** for the period of 3 years. Apply within 15 days of the publication of the advertisement in our E-mail : jss_ctc@yahoo.co.in. For detail information please visit District Portal website i.e.cuttack.odisha.gov.in.

**Sd./- Member Secretary**

**Govt. of Jharkhand**
**OFFICE OF THE EXECUTIVE ENGINEER**
**Field Survey Division, Advance Planning, Road Construction Department,**
**Nirupan Bhawan, 4th floor, 56-Set Chowk, Doranda,**
**Ranchi-834002 e-mail--- eercdapfsdran-jhr@nic.in**

**e-Procurement Very Short Notice**

**e-Tender Reference No .-RCD/FSD /AP/ RAN/01/24-25 Dated 08.06.2024**

| | | |
|---|---|---|
| 1- | Name of Work | Consultancy services for preparation of Detailed project report for Development of Marine Drive along the bank of Kharkai River, at Saraikela in the state of Jharkhand. from Consultants empanelled in Category-I with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Work completion time | 60 Days |
| 3- | Cost of Tender Document & Earnest Money Deposit (EMD) | **Cost of Tender Document**: - Rs 5,000/- (Rupees Five Thousand) (Non-Refundable) through online mode only. **EMD :**- Rs- 1,00,000/- (Rupees One Lac) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 4- | Date and Time of Publishing of Tender on official website | 11.06.2024, 05.00 PM |
| 5- | Last date and Time of submission of Tender (With Tender Fee and EMD) | 19.06.2024, 12.30 PM |
| 6- | Date and Timing of Bid opening | 20.06.2024, 12.30 PM |
| 7- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-9431591027 |
| 8- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in

**Executive Engineer**
**Field Survey Division,A.P**
**Road Construction Department,Ranchi**

**PR 325789 Road(24-25).D**

**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ.eT-M-CD-BBS-PWL-AMC-10-24

**କାର୍ଯ୍ୟର ନାମ :** ପାଞ୍ଚ ବର୍ଷ ଅବଧି ନିମନ୍ତେ କୋଚିଙ୍ଗ୍ ଡିପୋ, ଭୁବନେଶ୍ୱର ଠାରେ ହାଇଡ୍ରୋଲିକ୍ ଏବଂ ନ୍ୟୁମେଟିକ୍ (Pneumatic) ସିଷ୍ଟମ୍ (ମେନ୍ ଇଂଜିନ୍, ଅଗ୍ଜିଲିଆରି ଇଂଜିନ୍ ବ୍ୟତୀତ ସମସ୍ତ ସିଷ୍ଟମ୍)ର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (AMC) ଏବଂ CNC ଅଣ୍ଡର ଫ୍ଲୋର ହ୍ୱିଲ୍ ଲେଥ୍, (NGUF-93), ମଡେଲ ନଂ.YUL-08,(OEM : HYT ଇଂଜିନିୟରିଙ୍ଗ୍ କମ୍ପାନୀ ଲିମିଟେଡ୍, ପୁନେ) ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (CAMC) ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 2,13,08,781.84, EMD (ଟଙ୍କାରେ): 2,56,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି: 60 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.10.06.2024ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.24.06.2024 ରିଖ 1530 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ ।

ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ ଖୋର୍ଦ୍ଧା ରୋଡ୍

PR-193/P/24-25

**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-10-24

**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର କୋଚିଙ୍ଗ୍ ଡିପୋଗୁଡ଼ିକ ଠାରେ ପାୱାର କାରଗୁଡ଼ିକରେ OMS/RA ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣକୁ ସକ୍ଷମ କରିବା ପାଇଁ ବାଇପାସିଙ୍ଗ୍ ଆଇସୋଲେଟିଙ୍ଗ୍ କଣ୍ଟାକ୍ଟର ଦ୍ୱାରା ରୂପାନ୍ତରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 39,99,672.81, EMD (ଟଙ୍କାରେ): 80,000/- ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-11-24

**କାର୍ଯ୍ୟର ବିବରଣୀ :** ମହାବାତ୍ୟା ଫନି ଦ୍ୱାରା ବ୍ୟାପକ କ୍ଷତିଗ୍ରସ୍ତ ହେବା କାରଣରୁ ପୁରୀ ଠାରେ 55 ୟୁନିଟ୍ (3 ଗୋଟି ଟାଇପ୍-IV, 20 ଗୋଟି ଟାଇପ୍-III ଏବଂ 32 ଗୋଟି ଟାଇପ୍-II) ଷ୍ଟାଫ୍ କ୍ୱାର୍ଟର ଏବଂ ଖୋର୍ଦ୍ଧା ରୋଡ୍ ଠାରେ 70 ୟୁନିଟ୍ (45 ଗୋଟି ଟାଇପ୍-III ଏବଂ 25 ଗୋଟି ଟାଇପ୍-II)ଷ୍ଟାଫ୍ କ୍ୱାର୍ଟରଗୁଡ଼ିକର ନିର୍ମାଣ ସମ୍ବନ୍ଧୀୟ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 90,46,930.20, EMD (ଟଙ୍କାରେ): 1,80,900/- ।

(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-12-24

**କାର୍ଯ୍ୟର ବିବରଣୀ :** କଟକ ଷ୍ଟେସନର ଇଷ୍ଟ ସାଇଡ୍ ପ୍ରବେଶ ପଥ ଠାରେ ଅବଶିଷ୍ଟ ବିଦ୍ୟୁତୀକରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 13,54,162.35, EMD (ଟଙ୍କାରେ): 27,100/- ।

(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-13-24

**କାର୍ଯ୍ୟର ବିବରଣୀ :** ଦୁଇ ବର୍ଷ ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସ୍ୱତନ୍ତ୍ର ଅବସର (Special Occasion) ସମୟରେ ଗୁରୁତ୍ୱପୂର୍ଣ୍ଣ ସେବା ଭବନ ଏବଂ ଷ୍ଟେସନଗୁଡ଼ିକ ଠାରେ ଅସ୍ଥାୟୀ ଆଲୋକ, ଫ୍ୟାନ୍, ମୋବାଇଲ୍ ଚାର୍ଜିଙ୍ଗ୍ ପଏଣ୍ଟ, ଟାୱାର ଏସି, ବୈକଳ୍ପିକ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଏବଂ ସାଜସଜ୍ଜା ତଥା ନନ୍ ଇଣ୍ଟରଲକିଙ୍ଗ୍ (NI) କାର୍ଯ୍ୟ ନିମନ୍ତେ ଅତିରିକ୍ତ(Standby)ବିଦ୍ୟୁତ୍ ଯୋଗାଣ ସହିତ ଷ୍ଟେସନ ୟାର୍ଡଗୁଡ଼ିକରେ ଆଲୋକ ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 48,32,221.27, EMD (ଟଙ୍କାରେ): 96,700/- ।

(5)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-14-24

**କାର୍ଯ୍ୟର ବିବରଣୀ :** ଡିପୋଜିଟ୍ ସ୍କିମ୍ ଅଧୀନରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଜଖପୁରା ରେଳ ଷ୍ଟେସନଠାରୁ ପ୍ରାରମ୍ଭ ହେବାକୁ ଥିବା ମେସର୍ସ ଟାଟା ଷ୍ଟିଲ୍ ଲିମିଟେଡ୍‌ର ପ୍ରସ୍ତାବିତ କନେକ୍ଟିଭିଟି ସମ୍ବନ୍ଧୀୟ ବିଦ୍ୟୁତୀକରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 65,18,099.93, EMD (ଟଙ୍କାରେ): 1,30,400/- ।

ଶେଷ ହେବା ଅବଧି : 06 ମାସ (କ୍ରମ ସଂ.1,2,3 ଏବଂ 5 ନିମନ୍ତେ) ଏବଂ 24 ମାସ (କ୍ରମ ସଂ.4 ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.26.06.2024 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(G), ଖୋର୍ଦ୍ଧା ରୋଡ୍

PR-191/P/24-25

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ODISHA**
**C-71, SECTOR-7, C.D.A, CUTTACK, ODISHA**
**O.A. NO. 562/2023**

**HDFC Bank Limited** .............Applicant

-Vrs.-

**Smruti Diagnostic & Research Centre & Another** ............... Defendants

To,

1. Smruti Diagnostic & Research Centre, represented through its Sole Proprietor, Mr. Udaya Kumar Prusty, Red Cross Road, Badasankha, Puri-752002.
2. Udaya Kumar Prusty, At-Indipur, PO/PS-Dhenkanal, Nr Indipur Chowk, Dist-Dhenkanal-759025 **[PAN-AWWPP6029N]**

............Defendants

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A No. 562/2023** in the Court of the Debts Recovery Tribunal at Cuttack for the recovery of **Rs.68,70,771.01 (Rupees Sixty Eight Lakhs Seventy Thousand Seven Hundred Seventy One and One Paisa Only)** together with current and future interest, costs and the other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorized agent in support of their defence to show cause within 30 days from the publication or on **28.06.2024** at **10.30 a.m.** as to why reliefs prayed for should not granted.

Take notice that in case of default, the applicant will be heard and determined in their absence.

Given under my hand and seal of this Tribunal on this **02nd** day of **May, 2024.**

**(Nikhila Ranjan Pati)**
**Sd/- Registrar**

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ODISHA**
**C-71, SECTOR-7, C.D.A, CUTTACK, ODISHA**
**O.A. NO. 263/2023**

**HDFC Bank Limited** .............Applicant

-Vrs.-

**Bhimaraja Reddy** ...........Defendant

To,

**M/s. AB Enterprises represented through its Proprietor, Bhimaraja Reddy, At-Karana Sahi, Ganjam, Dist-Berhampur-761026 [PAN-APXPR2811I].**
**Also At:- Bhimaraja Reddy, Proprietor-M/s AB Enterprises, S/o-Simadri Reddy, At-Karana Sahi, Ganjam, Dist-Berhampur-761026.** ...........Defendants

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A No. 263/2023** in the Court of the Debts Recovery Tribunal at Cuttack for the recovery of **Rs.21,86,410.66 (Rupees Twenty One Lakhs Eighty Six Thousand Four Hundred Ten and Sixty Six Paisa Only)** together with current and future interest, costs and the other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorized agent in support of their defence to show cause within 30 days from the publication or on **28.06.2024** at **10.30 a.m.** as to why reliefs prayed for should not granted.

Take notice that in case of default, the applicant will be heard and determined in their absence.

Given under my hand and seal of this Tribunal on this **03rd** day of **May, 2024.**

**(Nikhila Ranjan Pati)**
**Sd/- Registrar**

**Govt. of Jharkhand**
**ROAD CONSTRUCTION DEPARTMENT**
**Road Divison , Seraikella-Kharsawan**

**Short-Term e-Procurement Notice**


**Tender Reference No. RCD/SERAIKELLA/03**
**Date :- 07.06.2024**

| | | |
|---|---|---|
| 1. | Name of the work | (A) Construction of Bituminous Road from S Type to Kharkai River in Ward Number 15 under AMC (B) Construction of Bituminous Road from Hari Mandir to H/O Manoj Singh and Vikash Nadan to Santosh in Ward Number 15 under AMC (C) Construction of RCC Drain from Hari Mandir to H/O Manoj Singh and Vikash Nadan to Santosh in Ward Number 15 under AMC (D) Construction of Bituminous Road from Akashvani Chowk to HIG 208, Siddesh Hospital to Prabhat Park, Prabhat Park Boundary to High Mast Light and MP Tower to Medinova nursing Hospital in Ward Number 17 under AMC (E) Construction of Bituminous Road from Narheet Sadan to Aditya Green (H-251) HIG 209 to HIG 216, Kalimandir to SKY Residency, Kalimandir to Yamha Service Centre, Prabhat Park to Shri Mati Hari Sadan or Severage Pumping Station and Shri Mati Hari Sadan or Severage Pumping Station to MP Tower in Ward Number 17 under AMC (F) Construction of Bituminous Road and RCC Drain from Meditrina Hospital to Road No. 5 and Road No. 5 to Tun Tun Roy (Vinay Gupta) in Ward Number 17 under AMC (G) Construction of Bituminous Road from 1. Tata Kandra Main Road to Sanskar Play School (Bhatia Main Road) 2. Aditya Garden Gate to Road No. 11 Pashse 1 and 3 Road No. 11 Pashse 1 to Road No. 06 Pashse-2 in Ward No. 11 under AMC (H) Provision of Street Light 90 watt with 7 mtr. Octagonal pole One Side of Road (Total Length 6744 m) for the year 2024-25 |
| 2. | Estimated Cost (Rs.) | **Rs. 10,22,92,721.72 (Rupees Ten Crore Twenty Two lakh Ninety Two thousand Seven Hundred Twenty One and Paise Seventy Two only)** |
| 3. | Time of Completion | 05 (Five) Months |
| 4. | Last Date /Time for receipt of bids | 25.06.2024 (12.00 Noon) |
| 5. | Date of Publication of Tender on website | 12.06.2024 (10.30 AM) |
| 6. | Name & Address of office Inviting tender | Ganesh Ram Hembrom O/o Executive Engineer , Road Construction Department , Road Division , Seraikella-Kharsawan |
| 7. | Contact no. of Procurement Officer | 8809347906 |
| 8. | Helpline number of e-Procurement cell | 0651-2401010 |

Further details can be seen on website http://jharkhandtenders.gov.in

**Executive Engineer**
**RCD , Road Division Seraikella-harsawan**

**PR.NO.325700 Road(24-25):D**



ନୂଆଦିଲ୍ଲୀଠାରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସହ କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଏଆଇସିସି ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଆଲୋଚନାରତ।

# ୫ ବର୍ଷ ପରେ କ୍ୟାବିନେଟ୍‌କୁ ଫେରିଲେ ଜୁଏଲ

ଭୁବନେଶ୍ୱର, ୧୦।୬(ସୁନିତ୍ ମିଶ୍ର)

■ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶିକ୍ଷା
■ଅଶ୍ୱିନୀଙ୍କୁ ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି
■ଜୁଏଲ ଓରାମଙ୍କୁ ଆଦିବାସୀ ବ୍ୟାପାର

କେନ୍ଦ୍ରରେ ଗଠନ ହୋଇଥିବା ନୂଆ ଏନ୍‌ଡିଏ ସରକାରରେ ଓଡ଼ିଶାରୁ ୩ ଜଣଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପଦ ମିଳିଛି। ଗତ ମନ୍ତ୍ରିମଣ୍ଡଳରେ ପୂର୍ବରୁ ରହିଆସିଥିବା ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ ପୁଣିଥରେ ସାମିଲ ହୋଇଥିବା ବେଳେ ଜୁଏଲ ଓରାମଙ୍କୁ ୫ ବର୍ଷ ପରେ ପୁଣି ସୁଯୋଗ ମିଳିଛି। ସେ ତାଙ୍କର ପୁରୁଣା ମନ୍ତ୍ରଣାଳୟ ଆଦିବାସୀ ବ୍ୟାପାର ପାଇଛନ୍ତି।

ସୁନ୍ଦରଗଡ଼ ଲୋକ ସଭା ଆସନରୁ କ୍ରମାଗତ ବିଜୟୀ ହୋଇଆସୁଥିବା ଜୁଏଲଙ୍କୁ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ମନ୍ତ୍ରୀ ପଦ ମିଳି ନ ଥିଲା। ସେହି ସମୟରେ ଅର୍ଜୁନ ମୁଣ୍ଡାଙ୍କୁ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଥିଲା। କେନ୍ଦ୍ରମନ୍ତ୍ରୀ ଭାବେ ଶପଥ ନେଇଥିବା ଜୁଏଲ ୧୯୯୮ରେ ପ୍ରଥମ କରି ସୁନ୍ଦରଗଡ଼ ଲୋକ ସଭା କ୍ଷେତ୍ରରୁ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ଅଟଳ ବିହାରୀ ବାଜପେୟୀଙ୍କ ସରକାର ଦ୍ୱାରା ନୂଆକରି ଗଢ଼ା ଯାଇଥିବା ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟରେ ତାଙ୍କୁ ମନ୍ତ୍ରୀ ପଦ ମିଳିଥିଲା। ୨୦୦୪ରେ ସେ ତୃତୀୟ ଥର ଲାଗି ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୯ରେ ସେ ହାରିଯାଇଥିଲେ। ୨୦୧୪, ୨୦୧୯ ଏବଂ ୨୦୨୪ରେ ସେ ସୁନ୍ଦରଗଡ଼ ଲୋକ ସଭା କ୍ଷେତ୍ରରୁ ନିର୍ବାଚିତ ହୋଇଛନ୍ତି। ୨୦୧୪ରେ ମୋଦି ସରକାରଙ୍କ ପ୍ରଥମ ପାଳିରେ ଜୁଏଲ ଆଦିବାସୀ ବ୍ୟାପାର ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ତେବେ ସମ୍ବଲପୁର ଲୋକ ସଭା ଆସନରୁ ବିଜୟୀ ହୋଇଥିବା ଧର୍ମେନ୍ଦ୍ରଙ୍କୁ ପୂର୍ବ ଭଳି ଶିକ୍ଷା ମନ୍ତ୍ରଣାଳୟ ଦିଆଯାଇଛି। ଧର୍ମେନ୍ଦ୍ର ୨୦୧୪ରୁ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୧୭ରେ ତାଙ୍କୁ ରାଷ୍ଟ୍ର ପାହ୍ୟାରୁ କ୍ୟାବିନେଟ୍ ମନ୍ତ୍ରୀ ଭାବେ ପଦୋନ୍ନତି ମିଳିଥିଲା। ୨୦୧୯ରେ ସେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିରେ ପୁଣିଥରେ ସମାନ ମନ୍ତ୍ରଣାଳୟ ସହିତ ଇସ୍ପାତ ମନ୍ତ୍ରଣାଳୟର ମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ଭାଳିଥିଲେ। ୨୦୨୧ରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ଅଦଳବଦଳ ବେଳେ ତାଙ୍କୁ ଶିକ୍ଷା ମନ୍ତ୍ରଣାଳୟ ଦାୟିତ୍ୱ ଦିଆଯାଇଥିଲା। ଏହାପରେ ୨୦୨୪ରେ ସେ ପୁନର୍ବାର ସମାନ ମନ୍ତ୍ରଣାଳୟ ଦାୟିତ୍ୱ ପାଇଛନ୍ତି। ଅନୁରୂପ ଭାବେ ରାଜ୍ୟ ସଭା ସଦସ୍ୟ ଅଶ୍ୱିନୀଙ୍କୁ ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଛି। ସେ ଦୁଇଥର ରାଜ୍ୟ ସଭାକୁ ମନୋନୀତ ହୋଇଛନ୍ତି। ସେ ପ୍ରଥମ ଥର ୨୦୨୧ରେ ମୋଦି ସରକାରଙ୍କ ମନ୍ତ୍ରିମଣ୍ଡଳରେ ରେଳମନ୍ତ୍ରୀ ହୋଇଥିଲେ। ଏହାପରେ ସେ ପୁଣିଥରେ ନୂଆ ମନ୍ତ୍ରିମଣ୍ଡଳରେ ସମାନ ଦାୟିତ୍ୱ ସହିତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ପାଇଛନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶାରୁ ମନ୍ତ୍ରୀ ଦାୟିତ୍ୱରେ ଥିବା ବିଶ୍ୱେଶ୍ୱର ଟୁଡୁଙ୍କୁ ଦଳ ସଦ୍ୟ ସମାପ୍ତ ନିର୍ବାଚନରେ ଟିକେଟ ଦେଇ ନ ଥିଲା।

# ବିଧାୟକ ସାରଦାଙ୍କ ନାଁରେ ନିର୍ବାଚନୀ ଅନିୟମିତତା ମାମଲା

କଟକ,୧୦।୬ (କାର୍ତ୍ତିକ ସାହୁ)

ରାଉରକେଲା ବିଧାୟକ ସାରଦା ନାୟକଙ୍କ ବିରୋଧରେ ହାଇକୋର୍ଟରେ ନିର୍ବାଚନୀ ଅନିୟମିତତା ପିଟିଶନ୍ ଦାଏର ହୋଇଛି। ପରାଜିତ ଏନ୍‌ସିପି ପ୍ରାର୍ଥୀ ରାଜ କୁମାର ଯାଦବ ଏହି ପିଟିଶନ୍ ଦାଏର କରିଛନ୍ତି। ବିଧାୟକ ନାୟକ ପ୍ରାର୍ଥିପତ୍ର ଦାଖଲବେଳେ ମିଥ୍ୟା ସତ୍ୟପାଠ ଦେଇଥିବା ଯାଦବ ପିଟିଶନ୍‌ରେ ଦର୍ଶାଇଛନ୍ତି। ସାରଦାଙ୍କ ସଭ୍ୟପଦ ରଦ୍ଦ କରାଯିବା ପାଇଁ ସେ ଦାବି ଉଠାଇଛନ୍ତି। ଫଳରେ ସାରଦାଙ୍କ ପାଇଁ ଏବେ ନିର୍ବାଚନୀ ଅଡୁଆ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ଚଳିତ ନିର୍ବାଚନରେ ପ୍ରାର୍ଥିପତ୍ର ଦାଖଲବେଳେ ସାରଦା ମିଥ୍ୟା ସତ୍ୟପାଠ ଦେଇଛନ୍ତି। ସେଥିରେ ସେ ନିଜ ସମ୍ପତ୍ତି ସଂକ୍ରାନ୍ତୀୟ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିନାହାନ୍ତି। ଏଥିସହ ତାଙ୍କ ନାମରେ ରହିଥିବା ବିଭିନ୍ନ ଆପରାଧିକ ମାମଲାର ଠିକ୍ ତଥ୍ୟ ମଧ୍ୟ ସେ ଦେଇନାହାନ୍ତି। ହାଇକୋର୍ଟ ଏହି ଆବେଦନକୁ ବିଚାର ପାଇଁ ଗ୍ରହଣ କରିବା ସହ ସାରଦାଙ୍କ ସଭ୍ୟପଦ ରଦ୍ଦ କରିବାକୁ ଆବେଦନକାରୀ ନିଜର ଯୁକ୍ତି ଦର୍ଶାଇଛନ୍ତି।

# ପ୍ରଚାର କମିଟି ଅଧ୍ୟକ୍ଷ ପଦ ଛାଡ଼ିଲେ ଭକ୍ତ ଦାସ

ଭୁବନେଶ୍ୱର, ୧୦।୬
(ସୁନିତ୍ ମିଶ୍ର)

**ଦଳର ବିପର୍ଯ୍ୟୟ ପାଇଁ ନିଜକୁ ଦାୟୀ କଲେ**

ଚଳିତ ନିର୍ବାଚନରେ ରାଜ୍ୟରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ନିଜ ଉପରକୁ ନୈତିକ ଦାୟିତ୍ୱ ନେଇ ସେ ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ପ୍ରଚାର କମିଟି ଅଧ୍ୟକ୍ଷ ପଦରୁ ସୋମବାର ଇସ୍ତଫା ଦେଇଛନ୍ତି। ରାଜ୍ୟରେ ଉଭୟ ବିଧାନସଭା ଓ ଲୋକ ସଭା ଆସନରେ ଦଳର ଖରାପ ପ୍ରଦର୍ଶନ ପରେ ସେ ଏହି ଦାୟିତ୍ୱରୁ ନିଜଆଡୁ ହଟିଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ପଠାଇଛନ୍ତି। କଂଗ୍ରେସର ପ୍ରଚାର କମିଟି ଅଧ୍ୟକ୍ଷ ପଦରୁ ବିଜୟ ପଟ୍ଟନାୟକଙ୍କୁ ହଟାଇ ତାଙ୍କ ସ୍ଥାନରେ ଭକ୍ତ ଦାସଙ୍କୁ ନିର୍ବାଚନର କିଛିଦିନ ପୂର୍ବରୁ ନିଯୁକ୍ତ କରାଯାଇଥିଲା। ମାତ୍ର ଏବେ ସେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏନେଇ ଭକ୍ତ ଦାସ କହିଛନ୍ତି ଯେ, ଆମେ ଅତି କମ୍‌ରେ ୪୦ରୁ ୪୫ ଆସନରେ ବିଜୟ ହାସଲ କରିପାରିଥାଆନ୍ତୁ। ମାତ୍ର ଦଳ ସେପରି ପ୍ରଦର୍ଶନ କରିପାରିଲାନି। କ୍ୟାମ୍ପେନ କମିଟି ପକ୍ଷରୁ ତତ୍ପରତା ପ୍ରକାଶ ପାଇପାରିଲାନି। ଆମେ ଯେଉଁ ହିସାବରେ ସଭା ସମିତି କରିବା କଥା କରିପାରିଲୁ ନାହିଁ। ସେ ନିଜେ ନିର୍ବାଚନ ନ ଲଢ଼ିଥିଲେ ହୁଏତ ପ୍ରଚାରକୁ ଅଧିକ ତ୍ୱରାନ୍ୱିତ କରିପାରିଥାଆନ୍ତେ। ନିର୍ବାଚନ ସମୟରେ ବରିଷ୍ଠ ନେତାଙ୍କ ବୈଠକ ହୋଇପାରିଲାନି। ତାଙ୍କ ପଦ ହିସାବରେ ଆହୁରି ଅଧିକ ପ୍ରଦର୍ଶନ କରିବାର ଥିଲା, ଯାହା କରିପାରିଲେ ନାହିଁ। ତେଣୁ ନୈତିକ ଦାୟିତ୍ୱ ସ୍ୱରୂପ ତାଙ୍କୁ ମିଳିଥିବା ପଦକୁ ସେ ତ୍ୟାଗ କରିଛନ୍ତି। ପ୍ରତି ଲୋକ ସଭା ଓ ବିଧାନସଭା ନିର୍ବାଚନ ପରେ ସାଙ୍ଗଠନିକ କାର୍ଯ୍ୟର ସମୀକ୍ଷା ହେବା ଉଚିତ। ଏହାଦ୍ୱାରା ଦଳର ଖରାପ ପ୍ରଦର୍ଶନ ପଛର କାରଣ ଜଣାପଡ଼ିପାରିବ ବୋଲି ଭକ୍ତ କହିଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତ ନିର୍ବାଚନରେ ଭକ୍ତ ଚରଣ ଦାସ ନର୍ଲା ବିଧାନସଭା ଆସନରୁ କଂଗ୍ରେସ ଟିକେଟରେ ଲଢୁଥିଲେ। ଏଥିସହ ସେ ତାଙ୍କ ପୁଅ ସାଗର ଦାସଙ୍କୁ ଭବାନୀପାଟଣାରୁ ପ୍ରାର୍ଥୀ କରିଥିଲେ। ସେ ନିଜେ ହାରି ଯାଇଥିବା ବେଳେ ସାଗର କିନ୍ତୁ ପ୍ରଥମ ନିର୍ବାଚନରେ ହିଁ ବିଜୟ ହାସଲ କରିପାରିଛନ୍ତି।

# ବିକଶିତ ଭାରତ ଲାଗି କାମ ଆରମ୍ଭ ହୋଇଛି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୦।୬
(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏର ୩ୟ ପାଳି ସରକାରରେ ଶପଥ ଗ୍ରହଣ କରିବା ପରେ ସୋମବାର ସମ୍ବଲପୁର ଲୋକ ସଭା ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀସ୍ଥିତ ହଜଖାସ୍ ଶ୍ରୀଜଗନ୍ନାଥ ମନ୍ଦିରରେ ଦର୍ଶନ କରିଛନ୍ତି। ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଦେଶର ଦାୟିତ୍ୱ ପୁଣିଥରେ ମୋଦିଙ୍କ ହାତରେ ରହିଛି। ଓଡ଼ିଶା ସମେତ ସମଗ୍ର ଭାରତବର୍ଷରେ ପ୍ରଗତିର ଗତିକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଉପରେ ଲୋକମାନେ ଭରସା କରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଉପରେ ଆସ୍ଥା ପ୍ରକଟ କରି କ୍ୟାବିନେଟରେ ସାମିଲ କରିଥିବାରୁ ସାଢ଼େ ୪ କୋଟି ଓଡ଼ିଆ ଲୋକଙ୍କ ତରଫରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମା’ ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ମୋଦି ସରକାରରେ ଜଣେ ସହଯୋଗୀ ଭାବେ ଓଡ଼ିଶା ସମେତ ଦେଶବାସୀଙ୍କ ସେବା କରିବା ପାଇଁ ପୁଣିଥରେ ସୁଯୋଗ ମିଳିବା ତାଙ୍କ ପାଇଁ ସୌଭାଗ୍ୟର ବିଷୟ। ୨୦୪୭ ସୁଦ୍ଧା ଭାରତକୁ ‘ବିକଶିତ ଭାରତ’ରେ ପରିଣତ କରିବା ପାଇଁ ବର୍ତ୍ତମାନଠାରୁ କାମ ଆରମ୍ଭ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ମହାପ୍ରଭୁଙ୍କ ପାଖରେ ସମସ୍ତଙ୍କ କଲ୍ୟାଣ କାମନା କରୁଛି ବୋଲି ସେ କହିଛନ୍ତି।



ମୋଦିଙ୍କ ମନ୍ତ୍ରିମଣ୍ଡଳରେ ପୁଣି ଶିକ୍ଷାମନ୍ତ୍ରୀ ହେବା ପରେ ସୋମବାର
ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀସ୍ଥିତ ହଜଖାସ୍ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରୁଛନ୍ତି।

# ରାଜନୈତିକ ଆକ୍ରୋଶରୁ ଘର ପୋଡ଼ିଦେଲେ

ଭଦ୍ରକ(ସନାତନ ରାଉତ)/ବନ୍ତ
(ହରିନାରାୟଣ ମହାନ୍ତି), ୧୦।୬

■ଆକ୍ରମଣ, ଗାଡ଼ି ଭଙ୍ଗାରୁଜା
■୩ ଜଣଙ୍କୁ ଅଟକ ରଖିଛି ପୋଲିସ



ଘଟଣାସ୍ଥଳରେ ପୋଲିସ।

ଭଦ୍ରକ ଜିଲା ବନ୍ତ ବ୍ଲକର ଗୋବିନ୍ଦପୁର ଗ୍ରାମରେ ରାଜନୈତିକ ହିଂସା ଘଟିଛି। ଗୋବିନ୍ଦପୁର ବଜାରସ୍ଥିତ ସତ୍ୟବ୍ରତ ସାହୁଙ୍କ ଘରେ ରବିବାର ରାତିରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଥିବା ବେଳେ ଏହାକୁ ନେଇ ତୁମୁଳକାଣ୍ଡ ସୃଷ୍ଟି ହୋଇଛି। ଆକ୍ରମଣ ସହ ଗାଡ଼ି ଭଙ୍ଗାରୁଜା କରାଯାଇଛି। ରାଜନୈତିକ ଆକ୍ରୋଶରୁ ତାଙ୍କ ଘର ପୋଡ଼ି ଦିଆଯାଇଥିବା ନେଇ ସତ୍ୟବ୍ରତ ସୋମବାର ସକାଳେ କେନ୍ଦୁଆପଦା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ପଡ଼ୋଶୀ ଶରତ ପଣ୍ଡାଙ୍କ ପୁଅ ଦୀପକ ରାତିରେ ବାହାରକୁ ଉଠିଥିବା ବେଳେ ସତ୍ୟବ୍ରତଙ୍କ ଘର ଜଳୁଥିବା ଦେଖିଥିଲେ। ସେ ସତ୍ୟବ୍ରତଙ୍କୁ ଡାକ ପକାଇବାରୁ ପରିବାର ଲୋକେ ବାହାରକୁ ପଳାଇ ଆସି ଜୀବନ ବଞ୍ଚାଇଥିଲେ। ନିଆଁ ଲଗାଇଥିବା ଦୁର୍ବୃତ୍ତମାନେ ନିକଟସ୍ଥ ବାରମାଣିଆ ଗ୍ରାମର ଦାଶରଥି ନାୟକଙ୍କ ଘରେ ଲୁଚିଥିବା ସନ୍ଦେହ କରି ବହୁ ଲୋକ ସେଠାରେ ରାତିରୁ ନଜର ରଖିଥିବା ସହ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ତାଙ୍କ ଘରେ ଥିବା ୨ଟି ବାଇକ୍ ଓ ଚାରିଚକିଆ ଗାଡ଼ିକୁ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଲୋକେ ହୋହଲ୍ଲା କରିଥିଲେ। ପରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ମହିଳା ପୋଲିସ ସହ ଘର ଭିତରେ ଲୁଚି ରହିଥିବା ୩ଜଣଙ୍କୁ ଧରି ଫାଣ୍ଡିକୁ ନେଇ ଅଟକ ରଖିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। ଉତ୍ତ୍ୟକ୍ତ ଲୋକେ ଗାଡ଼ି ଭାଙ୍ଗିବା ସହ ଗାଳିଗୁଲଜ ଓ ଆକ୍ରମଣ କରିଥିବା ନେଇ ଦାଶରଥିଙ୍କ ସ୍ତ୍ରୀ ପୁଷ୍ପଲତା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଆକ୍ରମଣରେ ତାଙ୍କ ଝିଅ ଆହତ ହୋଇ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସେ ଏତଲାରେ ଦର୍ଶାଇଛନ୍ତି। ଉଭୟ ପକ୍ଷର ଅଭିଯୋଗକ୍ରମେ ଥାନାରେ ୨ଟି ମାମଲା ରୁଜୁ କରାଯାଇଛି।

# ପିସିସି ସଭାପତି, ପ୍ରଭାରୀଙ୍କ ବିରୋଧରେ ପ୍ରତିବାଦ

କଣିହାଁ,୧୦।୬
(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ କଂଗ୍ରେସ ଯୁବ ସଙ୍ଗଠନର ଯୁବନେତା ବାବୁଲା ବେହେରା ଓ ଛବିନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ସୋମବାର ଏନ୍‌ଟିପିସି ଥାନା ବିଜିଗୋଳ ପଞ୍ଚାୟତ ଆମ୍ବପାଳ ଛକଠାରେ ରାଜ୍ୟ ପିସିସି ସଭାପତି ଶରତ ପଟ୍ଟନାୟକ ଓ ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କ କାର୍ଯ୍ୟକଳାପ ବିରୋଧରେ ପ୍ରତିବାଦ କରିଥିଲେ। କଂଗ୍ରେସ ଦଳକୁ ବଦନାମ ଲକ୍ଷ୍ୟରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନେତୃତ୍ୱ ନେଇଥିବା କାର୍ଯ୍ୟକର୍ତ୍ତାଙ୍କ ଅବହେଳା, ଯୋଗ୍ୟ ପ୍ରାର୍ଥୀଙ୍କୁ ଟିକେଟ୍ ନ ମିଳିବା ଏବଂ ଷ୍ଟାର୍ ନେତାଙ୍କ ପ୍ରଚାର ଅଭାବ ପରାଜୟର କାରଣ ବୋଲି କଂଗ୍ରେସ ଯୁବ ସଙ୍ଗଠନ କର୍ମୀମାନେ ଅଭିଯୋଗ କରିଥିଲେ। ଏହି ପ୍ରତିବାଦ ସଭାରେ ସୁଶୀଲ ବେହେରା, ମାର୍କଣ୍ଡ, ବୁବୁ, ବବି ବେହେରାଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।



ବିଜିଗୋଳ ପଞ୍ଚାୟତ ଆମ୍ବପାଳ ଛକଠାରେ କଂଗ୍ରେସ କର୍ମକର୍ତ୍ତା ଦଳୀୟ ନେତୃତ୍ୱ ବିରୋଧରେ ପ୍ରତିବାଦ କରୁଛନ୍ତି।

**ଖସିଲା ଶେୟାର ବଜାର**

**ନୂଆଦିଲ୍ଲୀ:** କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ ଦିନ (କାର୍ଯ୍ୟ ଦିବସ)ର ବଜାର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୨୦୩.୨୮ ପଏଣ୍ଟ କମି ୭୬,୪୯୦.୦୮ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ ୩୦.୯୫ ପଏଣ୍ଟ ହ୍ରାସ ଘଟି ୨୩,୨୫୯.୨୦ ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଭୋକ ମାରିଦେଉଛି ଚଢ଼ାଦର




**ଭୁବନେଶ୍ୱର,୧୦ା୬(ଅନୁରାଧା ମହାରଣା)**

ଦିନକୁ ଦିନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ବଢ଼ିବାରେ ଲାଗିଛି। ତେବେ ଚାଉଳ, ଡାଲି, ପରିବା ଓ ତେଲ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦର ବଢ଼ିବା ଗରିବ ଓ ମଧ୍ୟବିତ୍ତଙ୍କୁ ଚିନ୍ତାରେ ପକାଇଲାଣି। ଉଭୟ ଉଷୁନା ଓ ଅରୁଆ ଚାଉଳ ଦର ଖୁଚୁରା ବଜାରରେ ବଢ଼ିଛି। ଗତ ୭ ତାରିଖରେ କୁଇଣ୍ଟାଲ ପ୍ରତି ୨୧୦୦ଟଙ୍କାରେ ବିକ୍ରି ହେଉଥିବା ଚାଉଳ ସୋମବାର ୩୨୦୦ ଟଙ୍କାରେ ପହଞ୍ଚିଛି। ଖୁଚୁରା ବଜାରରେ ୩୧ଟଙ୍କାରେ ବିକ୍ରି ହେଉଥିବା ଚାଉଳ ୩୪ ଟଙ୍କାରେ ବିକ୍ରି ହେଉଛି। ସେହପିରି ହରଡ଼, ମୁଗ, ମସୁରି ଆଦି ଡାଲି ଦର ସପ୍ତାହକ ମଧରେ ୪ରୁ ୭ ଟଙ୍କା ବୃଦ୍ଧି ପାଇଛି । ଅନ୍ୟପଟେ ଗତ ସପ୍ତାହରେ ଲିଟର ପ୍ରତି ୧୨୮ ଟଙ୍କାରେ ବିକ୍ରି ହେଉଥିବା ଖାଇବା ତେଲ ଦର ୧୩୫ ଟଙ୍କା ଛୁଇଁଛି। ସେହିପରି କଞ୍ଚା ପରିବା ଦର ମଧ ଆକାଶଛୁଆଁ ହୋଇଛି। ଅଧିକାଂଶ କଞ୍ଚା ପରିବାର କିଲୋଗ୍ରାମ ପ୍ରତି ୫୦ଟଙ୍କାରେ ପହଞ୍ଚିଛି। କିଲୋଗ୍ରାମ ପ୍ରତି କଲରା ୬୦, ଭେଣ୍ଡି ୫୦ଟଙ୍କା, ଟମାଟୋ ୪୦, ଜହ୍ନି ୬୦ ଟଙ୍କା, ପୋଟଳ ୪୦ଟଙ୍କା, କଖାରୁ ୬୦ ଟଙ୍କା ଆଦି ଦରରେ ବିକ୍ରି ହେଉଛି। ତେବେ ଅଦା, ରସୁଣ ଓ ପିଆଜ ଦର ଖାଉଟିଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ରସୁଣ ପ୍ରକାର ଅନୁସାରେ ୨୬୦ରୁ ଆରମ୍ଭ କରି ୩୦୦ ଟଙ୍କା ଦରରେ ବିକ୍ରି ହେଉଛି। ସେହିପରି ପିଆଜ ଆକାର ଅନୁସାରେ ୪୦ରୁ ୫୦ ଟଙ୍କାରେ ବିକ୍ରି ହେଉଛି। ଚଢ଼ାଦର ଏବେ ଲୋକଙ୍କ ଭୋକ ମାରିଦେଉଥିବା ସବୁଠି ଚର୍ଚ୍ଚାର ବିଷୟ ପାଲଟିଛି।



"ଖାଇବା ଜିନିଷର ଦରଦାମ ଯେମିତି ବଢୁଛି ଆଉ କିଛି କିଣି ହେବନି। କିଛି ନହେଲେ ପିଲା ଭାତ ଡାଲି ସହ କ'ଣ ଟିକେ ଭଜାଭଜି କରିଦେଲେ ବି ଖାଇଦିଅନ୍ତି। ମାତ୍ର ପନିପରିବା ଦର ଏତେ ବଢ଼ିଗଲାଣି ଯେ, କ'ଣ ପରିବା କିଣିବୁ କ'ଣ ନାହିଁ ଚିନ୍ତା କରିହେଉନି ଯାହାକୁ ଛୁଇଁଲେ ୪୦ ଟଙ୍କା– ୫୦ଟଙ୍କା। ଡାଲି ତେଲ ଦାମ ଏମିତି ଯଦି ସବୁଦିନ ବଢ଼ିବ ଯେତେ ରୋଜଗାର କଲେ ବି ଅଣ୍ଟିବନି।

**– ନିରୁପମା ପଣ୍ଡା, ଗୃହିଣୀ**



"ଭାଜପା ସରକାର ଦରବୃଦ୍ଧି ନିୟନ୍ତ୍ରଣରେ ଫେଲ୍ ମାରିବେ ଜଣାପଡୁଛି। ଦରଦାମ ବୃଦ୍ଧି ମତଦାତାଙ୍କ ପାଇଁ ନବନିର୍ବାଚିତ ସରକାରଙ୍କ ଭେଟି। ଯେଉଁ ମାନେ ସରକାରରେ ପରିବର୍ତ୍ତନ ଚାହୁଁଥିଲେ ବୋଧ ହୁଏ ସେମାନେ ବହୁ ଖୁସି ହେଉଥିବେ। ସରକାର ଭୁଲି ଯାଉଛନ୍ତି ମଧବିତ୍ତ ଓ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଅତିକମରେ ଡାଲି, ଚାଉଳ ନିହାତି ଆବଶ୍ୟକ ବଞ୍ଚିବା ଲାଗି କିନ୍ତୁ ଲୋକଙ୍କଠାରୁ ମିଠା କଥା କହି ଭୋଟ ନେଇ ସରିଲା ପରେ ନିଜର ସ୍ୱାର୍ଥ ହାସଲ କଲା ପରେ ଏବେ ଅସଲ ଚେହେରା ଦେଖେଇବା ଆରମ୍ଭ କରିସାରିଲାଣି।

**– ଇପ୍ସିତା ଗୋସ୍ୱାମୀ, ଭୁବନେଶ୍ୱର**



"ତେଲ ଲୁଣ ସଂସାରରେ ବଞ୍ଚିବା ବଡ଼ ଦୁର୍ବିଷହ ହୋଇ ପଡ଼ିଲାଣି। ପାଞ୍ଚ ବର୍ଷ ମଧରେ ଦର ବୃଦ୍ଧି ପରିବାର ପ୍ରତିପୋଷଣରେ ବାଧକ ସାଜୁଛି। ମୁଖ୍ୟତଃ ଡାଲି,ଖାଇବା ତେଲ ଏବଂ ଦୁଇ ଚକିଆ ଗାଡ଼ିର ଇନ୍ଧନ ସାଧାରଣ ଜୀବନରେ କଷ୍ଟ ଦେଉଛି । ୫ ବର୍ଷ ମଧରେ ଶତକଡା ୩୦ ରୁ ୪୦ ପ୍ରତିଶତ ମୂଲ୍ୟ ବୃଦ୍ଧି ପାଇଛି ।

**– ରତ୍ନାକର ମହାନ୍ତ, ଖାଉଟି**



"ବାରମ୍ବାର ମୂଲ୍ୟ ବୃଦ୍ଧି ଜୀବନଧାରଣରେ ପ୍ରତିରୋଧ ସାଜିଛି। ଦଶନ୍ଧି ମଧରେ ରୋଜଗାରରେ ଲାଭ ଦଶ ପ୍ରତିଶତ ବୃଦ୍ଧି ପାଇ ନ ଥିବା ବେଳେ ଖର୍ଚ୍ଚ ଦୁଇ ଗୁଣା ହୋଇ ଯାଉଛି । ବିଳାସକୁ ତ୍ୟାଗ କରି ଖର୍ଚ୍ଚ କିପରି ବଞ୍ଚିବ ଏବଂ ପରିବାର କିପରି ପ୍ରତିପୋଷଣ ହୋଇ ପାରିବ ଏହାକୁ ନେଇ ସବୁ କ୍ଷେତ୍ରରେ ହିସାବୀ ହେବାକୁ ପଡୁଛି। ଆନ୍ତର୍ଜାତିକ କ୍ଷେତ୍ରରେ ତୈଳ ଦର ବୃଦ୍ଧି,ଖାଦ୍ୟ ସାମଗ୍ରୀ ଉପରେ ମଧସ୍ଥମାନଙ୍କର ପ୍ରଭାବ, ଫଳରେ ଖାଉଟି ହନ୍ତସନ୍ତ। ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ସାଧାରଣ ଜୀବନକୁ ବ୍ୟଥିତ କରୁଛି ।

**– ଗୌତମ ସେନାପତି, ଖାଉଟି**

## ଇମ୍ଫାକୁ କଳିଙ୍ଗ ଏକ୍ସଲେନ୍ସ ଆୱାର୍ଡ



**କାଳିଆପାଣି,୧୦ା୬(ଅସିତ ମହାନ୍ତ )**

ଯାଜପୁର ଜିଲାର ସୁକିନ୍ଦା କ୍ରୋମାଇଟ ଖଣି ଅଞ୍ଚଳରେ କାର୍ଯ୍ୟରତ ଇମ୍ଫା କମ୍ପାନୀକୁ କଳିଙ୍ଗ ଏନଭାଇରର୍ମେଣ୍ଟ ଏକ୍ସଲେନ୍ସ ଆୱାର୍ଡ ମିଳିଛି। ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଋତୁ ପରିବର୍ତ୍ତନ, ଶକ୍ତି ଓ ପ୍ରଦୂଷଣ ସମ୍ପର୍କିତ ଜାତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। କ୍ୱାଲିଟି ଆଣ୍ଡ ଏନଭାଇରର୍ମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ ଭୁବନେଶ୍ୱର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଇନ୍ସଚ୍ୟୁଟ ଅଫ୍ ପବ୍ଲିକ ଏଣ୍ଟର ପ୍ରାଇଜେସ ମିଳିତ ଆନୁକୁଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଇମ୍ଫା କମ୍ପାନୀର ମହାଗିରି ଓ ସୁକିନ୍ଦା ଖଣିକୁ ସମ୍ପୃକ୍ତ ଆୱାର୍ଡ ପାଇଁ ବିବେଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ଡ. ମୁରୁଗାସେନ ମୁଖ୍ୟଅତିଥି ଓ ମିସେସ ଲେବୋହଙ୍ଗ ଭାଲେନ୍ତିନାର ମିସାବା ହାଇ କମିଶନର ଅଫ ରିସୋବୋ, ଅଣ୍ଡାଲିବ ଏଲିଆସ ଡେପୁଟି ହାଇ କମିଶନର ଅଫ ବାଂଲାଦେଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମନୋନୀତ କମ୍ପାନୀ ପ୍ରତିନିଧିଙ୍କୁ ଆୱାର୍ଡ ପ୍ରଦାନ କରିଥିଲେ। ଇମ୍ଫା କମ୍ପାନୀର ବରିଷ୍ଠ ଖଣି ପରିଚାଳକ ସରୋଜ ମହାନ୍ତ, ପରିବେଶ ବିଭାଗ ପ୍ରବନ୍ଧକ ସତ୍ୟ କୈବଲ୍ୟ ଦାସ ଯୋଗଦେଇ ଆୱାର୍ଡ ଗ୍ରହଣ କରିଥିଲେ।

## ସୋନାଲିକାର ନୂଆ ମାଇଲଖୁଣ୍ଟ

**ଭୁବନେଶ୍ୱର,୧୦ା୬**

ଦେଶର ପ୍ରମୁଖ ଟ୍ରାକ୍ଟର ବ୍ରାଣ୍ଡ 'ସୋନାଲିକା' ଏକ ନୂଆ ମାଇଲଖୁଣ୍ଟ ସହ ଚଳିତ ବର୍ଷ ମେ' ମାସର ଶିଳ୍ପ ଅଭିବୃଦ୍ଧିକୁ ପଛରେ ପକାଇ ଘରୋଇ ବଜାରରେ ୫.୨% ଅଭିବୃଦ୍ଧି ହାସଲ କରିବା ସହିତ ମୋଟ ୧୩,୩୩୮ ୟୁନିଟ ଟ୍ରାକ୍ଟର ବିକ୍ରି କରିଛି। ଏପରିକି କୃଷି କ୍ଷେତ୍ରରେ କୃଷକମାନଙ୍କ ଉନ୍ନତି ସୋନାଲିକାର ଶୀର୍ଷ ପ୍ରାଥମିକତା ଭାବେ ବଜାୟ ରହିଛି ଏବଂ କମ୍ପାନୀର ୨୦-୧୨୦ ଏଚ୍‌ପି ମଧରେ ହେଭି ଡ୍ୟୁଟି ଟ୍ରାକ୍ଟରଗୁଡିକର ସମଗ୍ର ରେଞ୍ଜକୁ ସମସ୍ତ ଦିଗରୁ ଉତ୍କୃଷ୍ଟ ଗ୍ରାହକ ସନ୍ତୁଷ୍ଟି ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଭାରତରେ ମୌସୁମୀ ପହଞ୍ଚି ସାରିଥିବା ବେଳେ ଚଳିତ ବର୍ଷ ସ୍ୱାଭାବିକଠାରୁ ଅଧିକ ବୃଷ୍ଟିପାତ ହେବାର ଆକଳନ କରାଯାଇଛି, ଯାହା କୃଷି ପରିଚାଳିତ ଅର୍ଥନୀତି ଓ କୃଷକଙ୍କ ପାଇଁ ବର୍ଦ୍ଧିତ କୃଷି ଫଳାଫଳର ଆଶାକୁ ଉଜ୍ଜୀବିତ କରିଛି। ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ତା'ର ରଣନୀତିକୁ ଉନ୍ନତ କରିଛି ଏବଂ ଭାରତୀୟ କୃଷକଙ୍କ ପାଇଁ ନୂତନ ଯୁଗର ଟେକ୍ନୋଲୋଜିଗୁଡିକୁ କଷ୍ଟୋମାଇଜ୍ କରିବା ଦିଗରେ ତତ୍ପର ହୋଇଛି। ସୋନାଲିକା ହେଭି ଡ୍ୟୁଟି ଟ୍ରାକ୍ଟରଗୁଡିକୁ କୃଷକମାନେ ଯେପରି ଏକ ଉନ୍ନତ ମୂଲ୍ୟରେ କ୍ରୟ କରିପାରିବେ ଓ କୃଷି ଯାନ୍ତ୍ରିକୀକରଣ ହାସଲ କରିବା ସୁନିଶ୍ଚିତ କରିବା ଲାଗି କମ୍ପାନୀ ଏହାର ନୂତନ 'ଜୁନ୍ ଜ୍ୟାକ୍‌ପଟ' ଅଫର୍‌ର ଶୁଭାରମ୍ଭ କରିଛି।

ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଆମେ ୨୦୨୪ ମେ ମାସରେ ରେକର୍ଡ ସଂଖ୍ୟକ ୧୩,୩୩୮ଟି ଟ୍ରାକ୍ଟର ବିକ୍ରି ଏବଂ ଘରୋଇ ଶିଳ୍ପ ପ୍ରଦର୍ଶନକୁ ପରାଜିତ କରିବା ବଜାୟ ରଖି ଉତ୍ସାହିତ ରହିଛୁ। ଆମେ ଆଗକୁ ନୂଆ ଆଡ୍‌ଭାନ୍ସଡ ହେଭି ଡ୍ୟୁଟି ଟ୍ରାକ୍ଟରଗୁଡିକୁ ଶୁଭାରମ୍ଭ କରିବା ଜାରି ରଖିବୁ।

## ଜେଏସ୍‌ପିକୁ କଳିଙ୍ଗ ଏକ୍ସଲେନ୍ସ ଆୱାର୍ଡ

**ଭୁବନେଶ୍ୱର,୧୦ା୬ (ଅଭୟ ଦାଶ)**




ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର(ଜେଏସପି)କୁ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ସମ୍ମାନ ଓ ସ୍ୱୀକୃତି ଦିଆଯାଇଛି। ଏପରିକି କମ୍ପାନୀର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଅଧୀନରେ/ପଦକ୍ଷେପ ମାଧ୍ୟମରେ ଅନେକପ୍ରକାର ଜନମଙ୍ଗଳକାରୀ କାର୍ଯ୍ୟ କରାଯାଉଛି, ଜନସାଧାରଣଙ୍କ ବିକାଶ ଦିଗରେ କମ୍ପାନୀର ଉଲ୍ଲେଖନୀୟ ଅବଦାନ ପାଇଁ ଜେଏସ୍‌ପିକୁ ଗୋଲ୍ଡ ବର୍ଗରେ 'କଳିଙ୍ଗ ସିଏସ୍ଆର୍ ଆଣ୍ଡ ସଷ୍ଟେନେବିଲିଟି ଏକ୍ସଲେନ୍ସ ଆୱାର୍ଡ-୨୦୨୪' ସମ୍ମାନରେ ସମ୍ମାନିତ କରାଯାଇଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀକୁ ଏହି ପୁରସ୍କାର ଲେସୋଥୋ ସାମ୍ରାଜ୍ୟର ଉଚ୍ଚାୟୁକ୍ତ ମହାମହିମ ଲେବୋହାଙ୍ଗ ଭାଲେଣ୍ଟାଇନ୍ ମୋଚାବା ଏବଂ ବାଂଲାଦେଶର ଉପ-ଉଚ୍ଚାୟୁକ୍ତ ମହାମହିମ ଅନ୍ଦଲିବ ଇଲିୟାସ ପ୍ରଦାନ କରିଥିଲେ। ଜେଏସ୍‌ପି ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ଏହି ପୁରସ୍କାର ପାଇଁ ଜେଏସ୍‌ପିକୁ ଚୟନ କରାଯାଇଥିବାରୁ ଆମେ ଜୁରି ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଉଛୁ। ଏପରିକି ଆମେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ଅଭିବୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି ସ୍ୱୀକୃତି ଆମକୁ ଆମର ପଦକ୍ଷେପଗୁଡିକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ପ୍ରେରଣା ଦେବ। ଜେଏସପିର ପ୍ରେସିଡେଣ୍ଟ ତଥା ଗ୍ରୁପ ହେଡ୍ (ସିଏସ୍ଆର୍) ପ୍ରଶାନ୍ତ କୁମାର ହୋତା କହିଛନ୍ତି, ଜେଏସ୍‌ପି ଓଡ଼ିଶା ଏବଂ ଭାରତର ବିଭିନ୍ନ ସ୍ଥାନରେ ବହୁମୁଖୀ ବିକାଶ ପ୍ରକଳ୍ପ କାର୍ଯ୍ୟକାରୀ କରୁଛି। ଏହି ପୁରସ୍କାର ସମାଜର ଅବହେଳିତ ବର୍ଗର ଲୋକମାନଙ୍କ ଜୀବନଧାରଣ ମାନରେ ଗୁଣାତ୍ମକ ଉନ୍ନତି ଆଣିବା ପାଇଁ ଆମର ପ୍ରଚେଷ୍ଟାର ଏକ ସ୍ୱୀକୃତି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ବିସ୍କ ଫାର୍ମର ନୂତନ ଅଭିଯାନ

**ଭୁବନେଶ୍ୱର,୧୦ା୬**




ସାଜ ଫୁଡ୍ ପ୍ରଡକ୍ଟସ ପ୍ରାଇଭେଟ ଲିମିଟେଡର ପ୍ରମୁଖ ବିସ୍କୁଟ ଓ ବେକରି ବ୍ରାଣ୍ଡ 'ବିସ୍କ ଫାର୍ମ'ର ନୂତନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ରାଣ୍ଡର ଲୋକପ୍ରିୟ ରିଚ୍ ମାରି ବିସ୍କୁଟ ବର୍ଗମାଳା କ୍ରୟ ଉପରେ କମ୍ପାନୀ ଗ୍ରାହକମାନଙ୍କୁ କ୍ୟାଶବ୍ୟାକ୍ ରିୱାର୍ଡ ଓ ସୁନା କଏନ ଜିତିବାର ସୁଯୋଗ ପ୍ରଦାନ କରୁଛି। ସେହିଭଳି ଏହି ଅଭିଯାନ ଜରିଆରେ ବିସ୍କ ଫାର୍ମର ଭାଗ୍ୟଶାଳୀ ଗ୍ରାହକମାନେ 'ବିସ୍କ ଫାର୍ମ ରିଚ୍ ମେରି ବିସ୍କୁଟ'ର ୩୦୦ ଗ୍ରାମ୍ ବିସ୍କୁଟ ପ୍ୟାକ୍ କିଣିଲେ ୧୦ ଗ୍ରାମ ସୁନା ମୁଦ୍ରା କିମ୍ବା ୧୦୦୦ ଟଙ୍କା ପର୍ଯ୍ୟନ୍ତ ଭାଉଚର ଜିତିବାର ସୁଯୋଗ ପାଇବେ।

ଉଲ୍ଲେଖଯୋଗ୍ୟ, ଏହି ଅଭିଯାନରେ ସାମିଲ ହେବା ପାଇଁ ଗ୍ରାହକଙ୍କୁ କେବଳ ବିସ୍କ ଫାର୍ମ ରିଚ ମେରି ବିସ୍କୁଟର ୩୦୦ଗ୍ରାମ ପ୍ୟାକ୍ କିଣିବାକୁ ପଡିବ ଏବଂ ସୁନା ମୁଦ୍ରା କିମ୍ବା କ୍ୟାଶବ୍ୟାକ୍ ଜିତିବାର ସୁଯୋଗ ପାଇଁ ୯୯୦୨୩୯୧୨୦୦କୁ ଆରଏମ ଲଟ୍ ନମ୍ବର ଟେକ୍ସଟ୍ କରିବାକୁ ପଡିବ।

ସେହିପରି ୧୦ଗ୍ରାମ ସୁନା ମୁଦ୍ରା ଏବଂ କ୍ୟାଶବ୍ୟାକ୍‌ର ବିଜେତାଙ୍କ ନାମ ବିସ୍କ ଫାର୍ମର ସୋସିଆଲ ମିଡିଆ ପୃଷ୍ଠାରେ ଘୋଷଣା କରାଯିବ। ଏପରିକି ପଶ୍ଚିମବଙ୍ଗ, ଆସାମ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ଅରୁଣାଚଳ ପ୍ରଦେଶ, ମିଜୋରାମ, ନାଗାଲାଣ୍ଡ, ମେଘାଳୟ ଓ ତ୍ରିପୁରା ଭଳି ରାଜ୍ୟରେ ଏହି ଅଭିଯାନ ଲାଗୁ ହେବ।

ଏ ସମ୍ପର୍କରେ ସାଜ୍ ଫୁଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ କୁମାର ସିଂହ କହିଛନ୍ତି, ରିଚ୍ ମେରି ବିସ୍କୁଟ୍ ପ୍ୟାକ୍ ଉପରେ ଆମେ ସୁନା ମୁଦ୍ରା ଏବଂ କ୍ୟାଶ ବ୍ୟାକ୍ ପୁରସ୍କାର ଜିତିବାର ଲୋଭନୀୟ ସୁଯୋଗ ପ୍ରଦାନ କରିବା ସହିତ ବ୍ରାଣ୍ଡର ଅତ୍ୟନ୍ତ ଲୋକପ୍ରିୟ ରିଚ ମେରି ରେଞ୍ଜ ବିସ୍କୁଟର ସ୍ୱାଦ ଉପଭୋଗ କରାଉଛୁ। ଏହା ବ୍ୟତୀତ ପୁରସ୍କାର ଜିତିବା ପାଇଁ ମଧ ଆମର ଭାଗ୍ୟବାନ ଗ୍ରାହକଙ୍କ ପାଇଁ ଏକ ଉତ୍ତମ ସୁଯୋଗ ପ୍ରଦାନ କରୁଛୁ।

**ଫୁର୍‌ସତ୍**

## ଦର୍ଶକଙ୍କ ପ୍ରଶଂସା ସାଉଁଟୁଛି 'ପଞ୍ଚାୟତ ୩'



**ମୁମ୍ବାଇ:** ୨୦୨୪ ମେ ମାସରେ ମୁକ୍ତିଲାଭ କରିଥିବା ବହୁ ପ୍ରତୀକ୍ଷିତ 'ପଞ୍ଚାୟତ ୩' ୱେବ୍ ସିରିଜକୁ ଦର୍ଶକଙ୍କର ବେଶ୍ ଭଲପାଇବା ମିଳିଛି। ଏହି ସିରିଜରେ ଜିତେନ୍ଦ୍ର କୁମାର, ରଘୁବୀର ଯାଦବ, ନୀନା ଗୁପ୍ତା, ଚନ୍ଦନ ରାୟଙ୍କ ଭଳି ଅଭିନେତାମାନେ ଦର୍ଶକଙ୍କୁ ନିଜ ଅଭିନୟର ଜଲୱା ଦେଖାଇ ସଫଳତା ପାଇଛନ୍ତି। ଫିଲ୍ମ ସମୀକ୍ଷକଙ୍କ ମତରେ 'ପଞ୍ଚାୟତ' ସିରିଜର ଏହି ତୃତୀୟ ପାର୍ଟ ଲୋକପ୍ରିୟତାରେ ଏହାର ପୂର୍ବ ୨ଟି ପାର୍ଟକୁ ଟପିଯାଇଛି ।

ପ୍ରାୟ ୬୦ରୁ ୮୦ କୋଟିର ବଜେଟରେ 'ପଞ୍ଚାୟତ ୩' ସିରିଜ ନିର୍ମିତ ହୋଇଛି। ଏହି ସିରିଜରେ ଅଭିନେତା ଜିତେନ୍ଦ୍ର କୁମାରଙ୍କ ଫିସ୍ ସମୁଦାୟ ୫ ଲକ୍ଷ ୬୦ ହଜାର ଟଙ୍କା ଥିବା ରିପୋର୍ଟ ପ୍ରକାଶ ପାଇଛି। ସେହିପରି ଅଭିନେତ୍ରୀ ନୀନା ଗୁପ୍ତାଙ୍କ ମୋଟ ପାରିଶ୍ରମିକ ୪ ଲକ୍ଷ ଟଙ୍କା ରହିଛି। ଅଭିନେତା ରଘୁବୀର ଯାଦବଙ୍କ ଫିସ୍ ୩ ଲକ୍ଷ ୨୦ ହଜାର ଟଙ୍କା ରହିଛି।

ସୂଚନାଯୋଗ୍ୟ, ୨୦୨୦ରେ 'ପଞ୍ଚାୟତ' ୱେବ ସିରିଜର ପ୍ରଥମ ସିଜନ ମୁକ୍ତିଲାଭ କରିଥିଲା। ୨୦୨୨ରେ ଏହାର ଦ୍ୱିତୀୟ ପାର୍ଟ 'ପଞ୍ଚାୟତ ୨' ରିଲିଜ୍ ହୋଇଥିଲା।

## ଜୁନ୍ ୨୩ରେ ସୋନାକ୍ଷୀ-ଜାହିର ବିବାହ



**ମୁମ୍ବାଇ:** ନେଟ୍‌ଫ୍ଲିକ୍ସ'ର ଚର୍ଚ୍ଚିତ ସିରିଜ୍ 'ହୀରାମଣ୍ଡି'କୁ ନେଇ ଏବେ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଚର୍ଚ୍ଚାରେ ରହିଛନ୍ତି । ସେ ଏହି ସିରିଜରେ ଫରିଦିନ ଭୂମିକାରେ ନଜର ଆସି ଦର୍ଶକଙ୍କ ମନ ଜିଣିବାରେ ସଫଳ ହୋଇ ପାରିଛନ୍ତି। ତେବେ ଏଥିମଧ୍ୟରେ ସୋନାକ୍ଷୀଙ୍କୁ ନେଇ ଏକ ବଡ଼ ଅପଡେଟ୍ ଆସିଛି। ସେ ଆସନ୍ତା ୨୩ରେ ନିଜ ପ୍ରେମିକ ଜାହିର ଇକ୍‌ବାଲଙ୍କୁ ମୁମ୍ବାଇରେ ବିବାହ କରିବେ ବୋଲି ବିଭିନ୍ନ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଉଭୟଙ୍କ ପରିବାରର ସହମତି ପରେ ଏହି ବିବାହ ତାରିଖ ସ୍ଥିର ହୋଇଛି। ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଏହି ବିବାହରେ ସୋନାକ୍ଷୀ ଓ ଜାହିରଙ୍କ ଘନିଷ୍ଠ ବନ୍ଧୁ ଏବଂ ପରିବାର ସଦସ୍ୟଙ୍କ ବ୍ୟତୀତ 'ହୀରାମଣ୍ଡି' ସିରିଜର ସମସ୍ତ କଳାକାରଙ୍କୁ ନିମନ୍ତ୍ରଣ କରାଯାଇଛି।

କିଛିଦିନ ପୂର୍ବେ 'ହୀରାମାଣ୍ଡି' ଡ୍ରାମା ସିରିଜ୍‌ର ପ୍ରମୋଶନ୍ କରୁଥିବା ସମୟରେ ସେ ଖୁବ୍‌ଶୀଘ୍ର ବିବାହ କରିବାକୁ ଯାଉଛନ୍ତି ବୋଲି ସୋନାକ୍ଷୀ ଏକ ସାକ୍ଷାତ୍‌କାର ଦେଇ କହିଥିଲେ। ଉଭୟ ସୋନାକ୍ଷୀ ଓ ତାଙ୍କ ପ୍ରେମିକ ଜାହିର ଦୀର୍ଘଦିନ ଧରି ରିଲେଶନଶିପରେ ଥିବା ସହ ପରସ୍ପରକୁ ଡେଟିଂ କରିଆସୁଥିଲେ। ଯଦିଓ ଦୁହେଁ ଆନୁଷ୍ଠାନିକ ଭାବେ ସେମାନଙ୍କ ସମ୍ପର୍କକୁ ପ୍ରକାଶ କରିନାହାନ୍ତି ତଥାପି ଅନେକ ସ୍ଥାନରେ ଉଭୟଙ୍କୁ ଏକାଠି ଦେଖିବାକୁ ମିଳିଛି। ସେହିପରି ସୋନାକ୍ଷୀଙ୍କ ଜନ୍ମଦିନ ଅବସରରେ ଜାହିର ଏକ ରୋମାଣ୍ଟିକ ପୋଷ୍ଟ ଶେୟାର କରି ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।

ବଲିଉଡ୍ ସୁପରଷ୍ଟାର ସଲମାନ୍ ଖାନ୍‌ଙ୍କ ଏକ ପାର୍ଟିରେ ଉଭୟ ସୋନାକ୍ଷୀ ଓ ଜାହିର ପ୍ରଥମଥର ପାଇଁ ପରସ୍ପରକୁ ଭେଟିଥିଲେ। ପ୍ରଥମେ ସେମାନେ ଭଲ ବନ୍ଧୁ ଭାବେ ସମ୍ପର୍କ ସ୍ଥାପନ କରିଥିବାବେଳେ ପରେ ଉଭୟେ ପରସ୍ପରକୁ ଭଲ ପାଇ ବସିଥିଲେ। ତେବେ ବିବାହ ନେଇ ବର୍ତ୍ତମାନ ସୁଦ୍ଧା ଉଭୟ ସୋନାକ୍ଷୀ ଓ ଜାହିରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଟ୍ରେନ୍ ଖାଦ୍ୟରେ ଅସରପା

**ନୂଆଦିଲ୍ଲୀ:** ଟ୍ରେନ୍ ଯାତ୍ରା ସମୟରେ ଭାରତୀୟ ରେଳ ପକ୍ଷରୁ ଦିଆଯାଉଥିବା ଖାଦ୍ୟକୁ ନେଇ ବିଭିନ୍ନ ସମୟରେ ଅନେକ ପ୍ରକାରର ସମାଲୋଚନା କରାଯାଇଥାଏ। ସାଧାରଣତଃ ଯାତ୍ରୀମାନେ ଟ୍ରେନରେ ଦିଆଯାଉଥିବା ଖାଦ୍ୟର ଗୁଣବତ୍ତା ଉପରେ ପ୍ରଶ୍ନ ଉଠାଇଥାନ୍ତି। ସମ୍ପ୍ରତି ଏକ ସମାନ ଘଟଣା ସାମ୍ନାକୁ ଆସିଛି, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଜଣେ ଯାତ୍ରୀ ଏକ ଭେଜିଟେବଲ ଥାଳି ପାଇଁ ଇଣ୍ଡିଆନ୍ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜମ କର୍ପୋରେଶନ(ଆଇଆର୍‌ସିଟିସି)ରେ ଅର୍ଡର ଦେଇଥିଲେ। ସେ ତାଙ୍କ ପାଇଁ ଏକ ସରଳ ଭୋଜନ ଥାଳି ଆସିବ ବୋଲି ଭାବି ଅପେକ୍ଷା କରି ରହିଥିଲେ, କିନ୍ତୁ ତାଙ୍କ ପାଇଁ ଆସିଥିବା ଭୋଜନରେ ଥିବା ଗୁଲାବ ଜାମୁନ ମିଠା ଉପରେ ଏକ ଜୀଅନ୍ତା ଅସରପା ପଡ଼ି ରହିଥିଲା। ନିଜ ଖାଦ୍ୟରେ ଅସରପା ପଡ଼ି ରହିଥିବା ଦେଖି ଖାଇବାକୁ ନେଇ ତାଙ୍କର ଥିବା ଉତ୍ସାହ ଘୃଣାରେ ପରିଣତ ହୋଇଥିଲା।




ସମ୍ପୃକ୍ତ ବ୍ୟକ୍ତି ଜଣକ ଏନେଇ ଏକ ଭିଡିଓ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ରେଡ୍ଡିଟ୍‌ରେ ଶେୟାର କରିଛନ୍ତି ଓ ଏହାର କ୍ୟାପଶନରେ ସେ ଲେଖିଛନ୍ତି ''ପ୍ରଥମ ଥର ପାଇଁ ମୁଁ ଆଇଆର୍‌ସିଟିସି'ରୁ ରାତ୍ରି ଭୋଜନ ଅର୍ଡର କଲି ଏବଂ ଏବେ ଏହି ଭୋଜନରେ ମୁଁ ଏକ ଜୀବନ୍ତ ଅସରପା ପାଇଛି''। ଏହି ଭିଡିଓ ସୋସିଆଲ ମିଡିଆରେ ବହୁତ ଭାଇରାଲ ହୋଇଥିବାବେଳେ ଲୋକମାନେ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଟ୍ରେନ୍‌ରେ ମିଳୁଥିବା ଖାଦ୍ୟର ପରିଷ୍କାର ପରିଚ୍ଛନ୍ନତାକୁ ନେଇ ଏହି ଭିଡିଓ ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ଅନେକ ୟୁଜର୍ସ କହିଛନ୍ତି। ସେହିପରି ଏହି ଭିଡିଓ ଦେଖିବା ପରେ ଅନେକ ରେଡ୍ଡିଟ୍ ବ୍ୟବହାରକାରୀ କମେଣ୍ଟ ବକ୍ସରେ ମଜାଳିଆ ମନ୍ତବ୍ୟ ଦେଇଛନ୍ତି। ରେଲୱେ ପକ୍ଷରୁ ଦିଆଯାଉଥିବା ଖାଦ୍ୟ ଖାଇବାଯୋଗ୍ୟ ହୋଇ ନ ଥିବା ନେଇ କେତେଜଣ ୟୁଜର୍ସ ମତ ପ୍ରକାଶ କରିଛନ୍ତି। ସେହିପରି ଟ୍ରେନ୍ ଯାତ୍ରା ସମୟରେ ନିଜ ଖାଦ୍ୟ ନିଜେ ବହନ କରିବା ଉଚିତ୍ ବୋଲି ଅନେକ ୟୁଜର୍ସ ପରାମର୍ଶ ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଚିରଞ୍ଜିବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦକ୍ଷିଣ ଆଫ୍ରିକାର ସଂଘର୍ଷପୂର୍ଣ୍ଣ ବିଜୟ

**ନ୍ୟୁୟର୍କ,୧୦।୬(ପି.ଟି.)**

ଟି୨୦ ବିଶ୍ୱକପରେ ସୋମବାର ଲୋ ସ୍କୋରିଂ ମ୍ୟାଚ୍‌ରେ ବାଂଲାଦେଶକୁ ୪ ରନ୍‌ରେ ହରାଇଛି ଦକ୍ଷିଣ ଆଫ୍ରିକା। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୬ ଉଇକେଟ ହରାଇ ମାତ୍ର ୧୧୩ ରନ୍ କରିଥିଲା। ଜବାବରେ ବାଂଲାଦେଶ ୨୦ ଓଭରରେ ୭ ଉଇକେଟ ହରାଇ ୧୦୯ ରନ୍ କରିପାରିଥିଲା। ଦକ୍ଷିଣ ଆଫ୍ରିକା ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୩ ରନ୍‌ରେ ୪ ଉଇକେଟ ହରାଇଥିଲା। ତେବେ ହେନରିଚ୍ କ୍ଲାସେନ(୪୬) ଓ ଡେଭିଡ୍ ମିଲର(୨୯) ଲଢୁଆ ବ୍ୟାଟିଂ କରି ପଞ୍ଚମ ଉଇକେଟରେ ୭୯ ରନ୍ ଯୋଡିଥିଲେ। କ୍ଲାସେନ୍ ୪୪ ବଲ୍ ଖେଳି ୨ ଚୌକା ଓ ୩ ଛକା ସହାୟତାରେ ୪୬ ରନ କରିଥିଲେ। ବାଂଲାଦେଶ ପକ୍ଷରୁ ତାଞ୍ଜିମ ହସନ ଶାକିବ ୩, ଟାସ୍କିନ ଅହମଦ ୨ ଓ ରିଶଦ ହୋସେନ ଗୋଟିଏ ଉଇକେଟ ନେଇଥିଲେ। ୧୧୪ ରନ୍‌ର ପିଛା କରି ବାଂଲାଦେଶ ୯ ରନ୍‌ରେ ପ୍ରଥମ ଉଇକେଟ ହରାଇଥିଲା। ୫୦ ରନ୍‌ରେ ୪ ଉଇକେଟର ପତନ ପରେ ତୋହିଦ୍ ହ୍ରିଦୟ(୩୭) ଓ ମହମ୍ମଦୁଲ୍ଲା(୨୦) ପଞ୍ଚମ ଉଇକେଟରେ ୪୪ ରନ୍ ଯୋଡିଥିଲେ। କାଗିସୋ ରାବାଡା ୧୮ ତମ ଓଭରରେ ତୋହିଦ ହ୍ରିଦୟଙ୍କୁ ଆଉଟ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କେଶବ ମହରାଜ ୩, ରାବାଡା ଓ ଆନରିଚ୍ ନର୍ଜେ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୧୩/୬ (କ୍ଲାସେନ୍-୪୬, ମିଲର-୨୯, ଡିକକ୍-୧୮, ତାଞ୍ଜିମ ହସନ ଶାକିବ-୩/୧୮, ଟାସ୍କିନ ଅହମଦ-୨/୧୯, ରିଶଦ ହୋସେନ-୧/୩୨)। ବାଂଲାଦେଶ ୨୦ ଓଭରରେ ୧୦୯/୭ (ତୋହିଦ୍ ହ୍ରିଦୟ-୩୭, ମହମ୍ମଦୁଲ୍ଲା-୨୦, ନଜମୋଲ ହୋସେନ୍ ଶାନ୍ତୋ-୧୪, କେଶବ ମହାରାଜ-୩/୨୭, ଆନରିଚ୍ ନର୍ଜେ-୨/୧୭, କାଗିସୋ ରାବାଡା-୨/୧୯)।

# 'ପାକିସ୍ତାନ ଦଳରେ ପରିବର୍ତ୍ତନ ଆବଶ୍ୟକ'

**କରାଚୀ,୧୦।୬(ପି.ଟି.)**

ଟି୨୦ ବିଶ୍ୱକପ୍‌ରେ ରବିବାର ଭାରତ ବିପକ୍ଷ ମ୍ୟାଚ୍ ପରାଜୟ ପରେ ପାକିସ୍ତାନ କ୍ରିକେଟ ଦଳରେ ବଡ଼ ପରିବର୍ତ୍ତନ ଆବଶ୍ୟକ ବୋଲି କହିଛନ୍ତି ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ମୁଖ୍ୟ ମହସିନ୍ ନକ୍‌ଭି। ଭାରତ ବିପକ୍ଷରେ ୧୨୦ ରନ୍‌ର ଛୋଟ ଟାର୍ଗେଟ୍‌ର ପିଛା କରୁଥିବା ବେଳେ ପାକିସ୍ତାନ ୭ ଉଇକେଟ ହରାଇ ମାତ୍ର ୧୧୩ ରନ୍ କରିଥିଲା। ପାକିସ୍ତାନ ଇନିଂସ୍‌ରେ ମୋଟ ୫୯ ଡଟ୍ ବଲ୍ ଦେଖିବାକୁ ମିଳିଥିଲା। ଦଳକୁ ଜିତିବା ପାଇଁ ହେଲେ ସାମାନ୍ୟ ପରିବର୍ତ୍ତନ ଆବଶ୍ୟକ ବୋଲି ପ୍ରଥମରୁ ମନେହେଉଥିଲା। ତେବେ ଆମେରିକା ଓ ଭାରତ ବିପକ୍ଷରେ କ୍ରମାଗତ ପରାଜୟ ପରେ ଏକ ବଡ଼ ପରିବର୍ତ୍ତନ ଆବଶ୍ୟକ ବୋଲି କହିଛନ୍ତି ନକ୍‌ଭି। ନ୍ୟୁୟର୍କରେ ଏଭଳି ବୟାନ ଦେବା ସହ ଟିମ୍ ବାହାରେ ରହିଥିବା ଖେଳାଳିଙ୍କ ଉପରେ ଫୋକସ୍ ରଖିବାକୁ ପଡ଼ିବ। ପ୍ରଥମ ମ୍ୟାଚ୍‌ରେ ଆମେରିକାଠାରୁ ହାରିବା ଅତ୍ୟନ୍ତ ନିରାଶାଜନକ ଥିଲା। ବର୍ତ୍ତମାନ ଭାରତ ନିକଟରୁ ପରାଜୟ ଦଳର ଆତ୍ମବିଶ୍ୱାସକୁ ଆହୁରି ଦୁର୍ବଳ କରିଦେଇଛି। ପାକିସ୍ତାନ ଗୃହମନ୍ତ୍ରୀ ଥିବା ନକ୍‌ଭି ଜାନୁୟାରୀ ମାସରେ ବୋର୍ଡର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ପିସିବି ପକ୍ଷରୁ ଏହାର ଖେଳାଳିଙ୍କ ପାଇଁ ସମସ୍ତ ସୁବିଧା କରାଯାଇଛି। ଦଳ କାହିଁକି ଖରାପ ପ୍ରଦର୍ଶନ କରୁଛି ବୋଲି ସମସ୍ତେ ପଚାରୁଛନ୍ତି। ତେବେ ବିଶ୍ୱକପ୍ ସମ୍ଭାବନା ଶେଷ ହୋଇନାହିଁ ବୋଲି ସେ କହିଛନ୍ତି।


CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 3,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

LED LIGHT INDUSTRY



MAKE YOUR DREAM LED PROJECT
ଘରେବସି LED BULB ତିଆରି କରି ଆମ Company କୁ ଦେଇ ମାସିକ ଉତ୍ତମ ରୋଜଗାର କରନ୍ତୁ। ଆମେ ଆପଣଙ୍କୁ ସମସ୍ତ ପ୍ରକାର କଞ୍ଚାମାଲ, ଟ୍ରେନିଙ୍ଗ, ମେସିନାରୀ, ଟୁଲ, ପ୍ରୋଜେକ୍ଟ ରିପୋଟ ଯୋଗାଇ ଦେବୁ। ଦିନକୁ ୧୦୦ଟି LED BULB's ତିଆରି କରି 2000/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ଆପଣଙ୍କ ସ୍ୱପ୍ନର LED BULB ଶିଳ୍ପ ବସାଇବା ପାଇଁ ଆମ ସହିତ ଯୋଗାଯୋଗ କରନ୍ତୁ।
7377703658


ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରଥମ ଦିବସରେ ଓଡ଼ିଶାକୁ ୫ ପଦକ





କଳିଙ୍ଗ ଷ୍ଟାଡିୟମର ଆକ୍ୱାଟିକ୍ ସେଣ୍ଟରରେ ସୋମବାର ଆରମ୍ଭ ହୋଇଥିବା ନ୍ୟାଶନାଲ ସୁଇମିଂ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍ ଅବସରରେ ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୧୦।୬ (ତପନ ସ୍ୱାଇଁ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମର ଆକ୍ୱାଟିକ୍ ସେଣ୍ଟରରେ ସୋମବାର ୨ୟ ନ୍ୟାଶନାଲ ସୁଇମିଂ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ମୋଟ ୨୪ଟି ଇଭେଣ୍ଟ ହୋଇଥିବାବେଳେ ଓଡ଼ିଶାକୁ ୫ ପଦକ ମିଳିଛି। ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ୨୦୦ ମିଟର ବଟରଫ୍ଲାଏରେ ଓଡ଼ିଶାର ସୃଷ୍ଟି ଉପାଧ୍ୟାୟ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ୨:୧୬.୧୮ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। କର୍ଣାଟକର ଜେଦିଦା ଅଜିଥ ୨:୨୮.୭୯ ଓ ଦିଲ୍ଲୀର ହେମା ୨:୩୮.୦୬ ସେକେଣ୍ଡ ସହ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ୧୮ ବର୍ଷରୁ କମ୍ ବାଳିକା ୨୦୦ ମିଟର ବଟରଫ୍ଲାଏରେ ଓଡ଼ିଶାର ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ରୌପ୍ୟ ପାଇଛନ୍ତି। ସେ ୨:୨୯.୪୫ ସେକେଣ୍ଡ ସମୟ ନେଇଥିବାବେଳେ ତେଲେଙ୍ଗାନାର ଭ୍ରିତି ଅଗ୍ରୱାଲ ୨:୨୫.୬୦ ସେକେଣ୍ଡ ନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ହରିୟାଣାର ସ୍ମୃତି ଚାଟାର୍ଜୀ (୨:୩୩.୭୮)ଙ୍କୁ ବ୍ରୋଞ୍ଜ

## କଳିଙ୍ଗରେ ନ୍ୟାଶନାଲ ସୁଇମିଂ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍

### ସୃଷ୍ଟିଙ୍କୁ ସ୍ୱର୍ଣ୍ଣ, ମନ୍ନତା ଓ ପ୍ରତ୍ୟାଶାଙ୍କୁ ରୌପ୍ୟ, ଦିବ୍ୟଙ୍କାଙ୍କୁ ରୌପ୍ୟ ଓ ବ୍ରୋଞ୍ଜ

ପଦକ ମିଳିଛି। ୫୦ ମିଟର ବାଳିକା ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ମନ୍ନତା ମିଶ୍ର ରୌପ୍ୟ ଓ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ୩୪.୬୫ ସେକେଣ୍ଡ ସମୟ ନେଇଥିଲେ। ପଞ୍ଜାବର ଅବନି ଛାବ୍ରା ୩୪.୧୯ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ଦିବ୍ୟଙ୍କା ୩୫.୦୯ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ପାଇଛନ୍ତି। ଏଥିସହ ଦିବ୍ୟଙ୍କା ପ୍ରତିଯୋଗିତାରେ ୨ ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି। ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ୨୦୦ ମିଟର ଫ୍ରି ଷ୍ଟାଇଲରେ ଓଡ଼ିଶାର ପ୍ରତ୍ୟାଶା ରାୟ ରୌପ୍ୟ ପଦକ ଜିତିଛନ୍ତି। ସେ ୧:୧୪.୫୯ ସେକେଣ୍ଡ ସମୟ ନେଇଛନ୍ତି। କର୍ଣାଟକର ଅସ୍ମିତା ଚନ୍ଦ୍ରା ୨:୧୩.୩୭ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ତାମିଲନାଡୁର ମାନ୍ୟା ମୁକ୍ତା ମହେଶ ୨:୧୫.୮୯ ସେକେଣ୍ଡ ସହିତ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହି ଇଭେଣ୍ଟରେ ଭାଗ ନେଇଥିବା ଅନ୍ୟତମ ଓଡ଼ିଆ ପ୍ରତିଯୋଗୀ ସୋନିଆ ପଟେଲ (୨:୧୬.୦୪)ଙ୍କୁ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

# ଯାଜପୁର, ବଲାଙ୍ଗୀର, ଗଞ୍ଜାମ ବିଜୟୀ

**ଭୁବନେଶ୍ୱର, ୧୦।୬ (ତପନ ସ୍ୱାଇଁ)**


ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ଦିନିକିଆ ଆନ୍ତଃ ଜିଲା କ୍ରିକେଟ ପ୍ରତିଯୋଗିତା ଅନ୍ତର୍ଗତ ଗ୍ରୁପ୍-ଏ'ର ୩ଟି ମ୍ୟାଚ ସୋମବାର କଟକର ବିଭିନ୍ନ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର, ବଲାଙ୍ଗୀର, ଗଞ୍ଜାମ ଦଳ ବିଜୟ ହାସଲ କରିଛି। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ଏକ ଲୋ ସ୍କୋରିଂ ମ୍ୟାଚରେ ଯାଜପୁର ୬୦ ରନରେ ମାଲକାନଗିରିକୁ ପରାସ୍ତ କରିଛି। ଯାଜପୁର ୯୮ ରନ୍‌ରେ ସମସ୍ତ ଉଇକେଟ ହରାଇଥିବାବେଳେ ମାଲକାନଗିରି ୩୮ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ମାଲକାନଗିରିର ଜାମି ତନୟଙ୍କୁ ୬ ଓ ଭକ୍ତ ରାଣାଙ୍କୁ ୪ ଉଇକେଟ ଏବଂ ଯାଜପୁରର ବିଭୂତି ଭୂଷଣ ଭୂୟାଁ ୫ ଉଇକେଟ ସଫଳତା ପାଇଛନ୍ତି। ନିମପୁର ପଡ଼ିଆରେ ବଲାଙ୍ଗୀର ୧୫୬ ରନରେ ଗଜପତିକୁ ହରାଇ ଦେଇଛି। ସକ୍ଷମ ଅଗ୍ରୱାଲ (୧୧୦ ରନ)ଙ୍କ ଶତକ ଏବଂ ଯୋଗେଶ୍ୱର ବାଗ୍(୬୮)ଙ୍କ ଅର୍ଦ୍ଧଶତକ ସହାୟତାରେ ବଲାଙ୍ଗୀର ୫୦ ଓଭରରେ ୬ ଉଇକେଟ ହରାଇ ୩୩୫ ରନ କରିଥିଲା। ବିପକ୍ଷ ଦଳର ଜି. ସନ୍ମୁଖ ରାଓ ୩ଟି ଉଇକେଟ ନେଇଥିଲେ। ଜବାବରେ ବ୍ରାଏନ୍ ସିଂ (୫୦)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଗଜପତି ୧୭୯ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ବଲାଙ୍ଗୀରର ଭବ୍ୟ ପଧାରିଆ ୩ଟି ଉଇକେଟ ନେଇଥିଲେ। ବିଡ଼ାନାସୀ ଗ୍ରାଉଣ୍ଡରେ ଗଞ୍ଜାମ ୮ ଉଇକେଟରେ କଳାହାଣ୍ଡିକୁ ପରାସ୍ତ କରିଛି। କଳାହାଣ୍ଡି ଦଳ ୧୪୧ ରନକରି ସମସ୍ତ ଉଇକେଟ ହରାଇଥିଲା। ଗଞ୍ଜାମ ପକ୍ଷରୁ ଆର୍. ସମର୍ଥ ୪ଟି ଓ ଶିବୁନ ନନ୍ଦ ୩ଟି ଉଇକେଟ ନେଇଥିଲେ। ୧୪୨ ରନର ବିଜୟ ଲକ୍ଷ୍ୟକୁ ଗଞ୍ଜାମ ୧୮.୩ ଓଭରରେ ୩ ଉଇକେଟ ହରାଇ ହାସଲକରି ନେଇଥିଲା।

# ମନସୁଖ୍ ମାଣ୍ଡବ୍ୟ ନୂଆ କ୍ରୀଡ଼ାମନ୍ତ୍ରୀ

## ରକ୍ଷା ଖଡ୍‌ସେ ରାଷ୍ଟ୍ରମନ୍ତ୍ରୀ

**ନୂଆଦିଲ୍ଲୀ,୧୦।୬(ପି.ଟି.)**

ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳି ସରକାରରେ ରବିବାର ୭୨ ଜଣ ମନ୍ତ୍ରୀ ଶପଥ ଗ୍ରହଣ କରିଥିବା ବେଳେ ସୋମବାର ବିଭାଗ ବଣ୍ଟନ ହୋଇଛି। ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ୍ ମାଣ୍ଡବ୍ୟଙ୍କୁ କେନ୍ଦ୍ର ସରକାରରେ ନୂତନ କ୍ରୀଡ଼ାମନ୍ତ୍ରୀ ଦାୟିତ୍ୱ ମିଳିଛି। ଏହାସହିତ ରକ୍ଷା ଖଡ୍‌ସେଙ୍କୁ କ୍ରୀଡ଼ା ବିଭାଗର ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ଦିଆଯାଇଛି। ପୂର୍ବତନ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କ ସ୍ଥାନ ନେଇଛନ୍ତି ମାଣ୍ଡବ୍ୟ। ୫୨ ବର୍ଷୀୟ ମାଣ୍ଡବ୍ୟ ଗୁଜରାଟର ପୋରବନ୍ଦର ଆସନରୁ ଲଢ଼ି କଂଗ୍ରେସର ଲଳିତ ବାସୋୟାଙ୍କୁ ୩.୮୩ ଲକ୍ଷ ଭୋଟରେ ପରାସ୍ତ କରିଥିଲେ। ସୋମବାର ବିଭାଗ ବଣ୍ଟନରେ ମାଣ୍ଡବ୍ୟଙ୍କୁ ସାର ଓ ରସାୟନ ବିଭାଗର ଅତିରିକ୍ତ ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇଛି। ଲୋକ



ମନସୁଖ୍ ମାଣ୍ଡବ୍ୟ



ରକ୍ଷା ଖଡ୍‌ସେ

ସଭା ନିର୍ବାଚନ ଲଢ଼ିବା ପୂର୍ବରୁ ମାଣ୍ଡବ୍ୟ ପଲିଟାନାରୁ ବିଧାୟକ ରହିଥିଲେ। ପରେ ଭାଜପା ପକ୍ଷରୁ ତାଙ୍କୁ ରାଜ୍ୟ ସଭା ପାଇଁ ମନୋନୀତ କରାଯାଇଥିଲା। ଅନ୍ୟପକ୍ଷରେ ରାଷ୍ଟ୍ରମନ୍ତ୍ରୀ ଭାବେ ନିଯୁକ୍ତ ପାଇଥିବା ୩୭ ବର୍ଷୀୟା ରକ୍ଷା ମହାରାଷ୍ଟ୍ରର ରାଭେରରୁ ତୃତୀୟଥର ପାଇଁ ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି। ସେ ଏନ୍‌ସିପିର ବରିଷ୍ଠ ନେତା ଏକନାଥ ଖଡ୍‌ସେଙ୍କ ବୋହୂ।


# Classified Everyday
0674-2580101, 2549949



REAL ESTATE
SALE

Plot for sale at Puri-Konark Marine Drive (550/- per sqft.). Contact: 6371703010. D-483

Developed Gharabari, Electric, Boundary ପ୍ଲଟ୍ ବାଲକାଟି ଏବଂ ଗୁଡ଼ିଆପୋଖରୀରେ କିଣନ୍ତୁ। 7008492511. D-484

Duplex sale at Bhubaneswar @ 57,00,000/-. Only contact- 9777433701, 9090545126. D-75964

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar NH-16 ଏବଂ Sum-2 ହସ୍‌ପିଟାଲ୍‌ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 7008175202. D-75963

Plot for sale near Trisulia, CISF Campus CDA, RERA Approved. (RP/07/2023/01069), (www.rera.odisha.gov.in). Contact- 7008513309. D-472




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75750

Relax, Refresh your body, mind at Saikrupa Spa with best therapies. 8984068077. D-416

ବିନା ଔଷଧରେ ମଧୁମେହ, ରକ୍ତଚାପ, ଗ୍ୟାସଟ୍ରିକ୍, ଗଣ୍ଠିଯନ୍ତ୍ରଣା, ହୃଦରୋଗ, ଗୁପ୍ତରୋଗ ଭଲ ହେବାକୁ ଚାହୁଁଥିଲେ। 9439493164. D-75962

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Monalisa massage Club: All types body massage with hiprofile smart lady rooms service available. 9708545108. D-481

Newly open health benefits SPA special offer @ 999 Bapujinagar. 8018429809. D-76126

AFFIDAVIT

I Santosh kumar Nayak (50 Yrs), Vill/P.O.- Chadheya, P.S.-Bhadrak (R), Dist.- Bhadrak. That my son's name mentioned as Animesh Nayak in his Birth Certificate. But wrongly mentioned his name M.S. Jai Jagreet Nayak and Address Barttana, Badakamari, Baleshwar in his Aadhaar Card No.- XXXX XXXX 2221. Now I want to change name and address in his Aadhaar Card. I declare that Animesh Nayak and M.S. Jai Jagreet Nayak same and one person. D-485

By virtue of this affidavit sworn before the Notary Public, Titilagarh that my maiden name as Kousalya Bhoi, D/o- Shyama Bhoi but accordingly in-law house my name and title is Kousalya Majhi, W/o- Late Bisikeshan Majhi.Henceforth, I known as Kousalya Bhoi, D/o- Shyama Bhoi and Bhagya Bhoi for all purpose. D-482


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୧୨୦ ରନ ଡିଫେଣ୍ଡ ଭାରତ ପାଇଁ ପ୍ରଥମ

ନ୍ୟୁୟର୍କରେ ରବିବାର ଅନୁଷ୍ଠିତ ଟି୨୦ କ୍ରିକେଟ ବିଶ୍ୱକପ ଗ୍ରୁପ୍ 'ଏ'ର ଏକ ଲୋ ସ୍କୋରିଂ ମ୍ୟାଚରେ ଭାରତ ୬ ରନରେ ପାକିସ୍ତାନକୁ ପରାସ୍ତ କରିଛି। ଭାରତ ୧୯ ଓଭରରେ ୧୧୯ ରନରେ ଅଲ୍‌ଆଉଟ ହୋଇଥିବାବେଳେ ପାକିସ୍ତାନ ୨୦ ଓଭରରେ ୭ ଉଇକେଟ ହରାଇ ୧୧୩ ରନ କରିବାକୁ ସକ୍ଷମ ହୋଇଥିଲା। ୪ ଓଭରରେ ମାତ୍ର ୧୪ ରନ ଦେଇ ୩ଟି ଉଇକେଟ ନେଇଥିବା ଯଶପ୍ରୀତ୍ ବୁମ୍‌ରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**୧୧୯:** ଭାରତ ୧୧୯ ରନ କରିଥିଲେ ମଧ୍ୟ ସଫଳତାର ସହ ଡିଫେଣ୍ଡ କରିଥିଲା। ଟି୨୦ କ୍ରିକେଟ ବିଶ୍ୱକପରେ ଏହା ଯୁଗ୍ମ ସର୍ବନିମ୍ନ ସ୍କୋର ଡିଫେଣ୍ଡ। ୨୦୧୪ ବିଶ୍ୱକପରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଶ୍ରୀଲଙ୍କା ୧୧୯ ରନ କରିଥିଲେ ହେଁ ଡିଫେଣ୍ଡ କରିବାକୁ ସକ୍ଷମ ହୋଇଥିଲା।

**୧:** ୧୨୦ ରନର ଟାର୍ଗେଟ ଥିଲେ ହେଁ ଭାରତ ସଫଳତାର ସହ ଡିଫେଣ୍ଡ କରିବା ଏହା ପ୍ରଥମ। ପୂର୍ବରୁ ୨୦୧୬ରେ ହରାରେଠାରେ ଜିମ୍ବାୱେ ବିପକ୍ଷରେ ୧୩୯ ରନ ଡିଫେଣ୍ଡ କରିଥିଲା। ୧୨୦ ରନ ଟାର୍ଗେଟକୁ ଚେଜ୍ କରି ନ ପାରିବା ପାକିସ୍ତାନ ପାଇଁ ଦ୍ୱିତୀୟ ଦୃଷ୍ଟାନ୍ତ। ୨୦୨୧ରେ ଜିମ୍ବାୱେ ବିପକ୍ଷରେ ମଧ୍ୟ ଦଳ ସମଦଶା ଭୋଗିଥିଲା।

**୭-୧:** ପୁରୁଷ ଟି୨୦ ବିଶ୍ୱକପରେ ପାକିସ୍ତାନ ବିପକ୍ଷରେ ଭାରତର ହେଡ୍-ଟୁ-ହେଡ୍ ରେକର୍ଡ ହେଲା ୭-୧। ଏହା ମଧ୍ୟରେ ୨୦୦୭ରେ ବୋଲଆଉଟ ମାଧ୍ୟମରେ ବିଜୟ ମଧ୍ୟ ସାମିଲ। ମ୍ୟାଚ ଟାଇ ରହିବାରୁ ବୋଲ୍‌ଆଉଟ ମାଧ୍ୟମରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା। ପାକିସ୍ତାନର ଏକମାତ୍ର ବିଜୟ ଦୁବାଇରେ ୨୦୨୧ରେ ଆସିଥିଲା। ଟି୨୦ ବିଶ୍ୱକପରେ ଭାରତର ଏହି ରେକର୍ଡ ଅନ୍ୟ ସବୁ ଦଳଠାରୁ ଶ୍ରେଷ୍ଠ। କାରଣ ଅନ୍ୟ କୌଣସି ଦଳ ଏକ ନିର୍ଦ୍ଦିଷ୍ଟ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ୭-୧ ରେକର୍ଡ ହାସଲ କରିନାହିଁ। ପାକିସ୍ତାନ କିନ୍ତୁ ବାଂଲାଦେଶ ବିପକ୍ଷରେ ଖେଳିଥିବା ୬ଟି ଯାକ ମ୍ୟାଚ ଜିତିଛି। ସେହିପରି ୱେଷ୍ଟଇଣ୍ଡିଜ ବିପକ୍ଷରେ ଶ୍ରୀଲଙ୍କା ୮ ମ୍ୟାଚରୁ ୬ ବିଜୟ ରେକର୍ଡ ବହନ କରୁଛି।

**୪୮:** ହାତରେ ୮ ଉଇକେଟ ସୁରକ୍ଷିତ ଥାଇ ମଧ୍ୟ ପାକିସ୍ତାନ ଶେଷ ୮ ଓଭର

**ଟି୨୦ ବିଶ୍ୱକପ**




(୧୩ରୁ ୨୦)ରେ ୪୮ ରନ ଚେଜ୍ କରିବାରେ ବିଫଳ ହେଲା। ପୁରୁଷ ଟି୨୦ ଅନ୍ତର୍ଜାତୀୟରେ ୮ କିମ୍ବା ତଦୁର୍ଦ୍ଧ୍ୱ ଉଇକେଟ ଥାଇ ଏତେ କମ୍ ରନ ୮ ଓଭରରେ ଚେଜ୍ କରି ନ ପାରିବା ଆଇସିସିର କୌଣସି ପୂର୍ଣ୍ଣ ସଦସ୍ୟ ବିଶିଷ୍ଟ ଦେଶପାଇଁ ପ୍ରଥମ। ପୂର୍ବରୁ ଅଷ୍ଟ୍ରେଲିଆ ଏପରି ଏକ ଅଲୋଡ଼ା ରେକର୍ଡର ଅଧିକାରୀ ଥିଲା। ୨୦୨୦ରେ ଇଂଲଣ୍ଡ ବିପକ୍ଷରେ ଏକଦା ୧ ଉଇକେଟ ହରାଇ ୧୧୧ ରନ କରିଥିଲେ ହେଁ ୧୬୩ ରନ ବିଜୟ ଲକ୍ଷ୍ୟରେ ପହଞ୍ଚି ପାରି ନ ଥିଲା। ଅର୍ଥାତ୍ ଦଳ ୮ ଓଭରରେ ୫୨ ରନ ଚେଜ୍ କରିପାରି ନ ଥିଲା। ସେହିପରି ୨୦୨୦ରେ ଆୟର୍ଲାଣ୍ଡ ବିପକ୍ଷରେ ଆଫଗାନିସ୍ତାନ ଏକଦା ୨ ଉଇକେଟରେ ୯୧ ରନ କରିଥିଲେ ମଧ୍ୟ ୧୪୩ ରନ ବିଜୟ ଲକ୍ଷ୍ୟ ହାସଲ କରିପାରି ନ ଥିଲା। ଅର୍ଥାତ୍ ୫୨ ରନ ଚେଜ୍ କରିବାକୁ ଯାଇ ଦଳର ସ୍କୋର ୧୪୨ରେ ସୀମିତ ରହି ଯାଇଥିଲା। ସୁପର ଓଭରରେ ଦଳକୁ ପରାଜୟ ମୁହଁ ଦେଖିବାକୁ ପଡ଼ିଥିଲା।

**୬:** ପୁରୁଷ ଟି୨୦ ବିଶ୍ୱକପରେ କୌଣସି ଦଳ ପ୍ରଥମେ ବ୍ୟାଟିଂ କରି ଅଲ୍‌ଆଉଟ ହୋଇଥିଲେ ହେଁ ବିଜୟ ହାସଲ କରିବା ଏହା ୬ଷ୍ଠ ଦୃଷ୍ଟାନ୍ତ। ପାକିସ୍ତାନ ବିପକ୍ଷରେ ଭାରତ ୧୯ ଓଭରରେ ଅଲ୍‌ଆଉଟ ହୋଇ ଯାଇଥିଲା। ୬ ଦୃଷ୍ଟାନ୍ତ ମଧ୍ୟରୁ ସବୁଠାରୁ କମ୍ ଓଭର ଥିଲା। ପ୍ରଥମେ ବ୍ୟାଟିଂ କରି ଅଲ୍‌ଆଉଟ ହୋଇ ମ୍ୟାଚ ଜିତିବା ଭାରତ ପାଇଁ ଏହା ପ୍ରଥମ।

**୩୮:** ପାକିସ୍ତାନ ବିପକ୍ଷରେ ଭାରତ ପ୍ରଥମ ୧୦ ଓଭରରେ ୮୧/୩ ରନ କରିଥିଲେ ହେଁ ପରବର୍ତ୍ତୀ ୯ ଓଭରରେ ମାତ୍ର ୩୮ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ପ୍ରଥମ ୧୦ ଓଭରରେ ୨ କିମ୍ବା ୩ ଉଇକେଟ ହରାଇ ୮୦ରୁ ଊର୍ଦ୍ଧ୍ୱ ରନ କରି ପରବର୍ତ୍ତୀ ଭାଗରେ ଏତେ କମ୍ ରନକରି ଅଲ୍‌ଆଉଟ ହେବା ଆଇସିସି ପୂର୍ଣ୍ଣ ସଦସ୍ୟ ଦେଶଙ୍କ ମଧ୍ୟରେ ଏହା ଦ୍ୱିତୀୟ ସର୍ବନିମ୍ନ। ୨୦୧୪ ଟି୨୦ ବିଶ୍ୱକପରେ ହଂକଂ ବିପକ୍ଷରେ ବାଂଲାଦେଶ ପ୍ରଥମ ୧୦ ଓଭରରେ ୮୦/୩ ରନ କରିଥିଲେ ହେଁ ୧୦୮ରେ ଅଲ୍‌ଆଉଟ ହୋଇ ଯାଇଥିଲା। ଅର୍ଥାତ୍ ଇନିଂସର ପରବର୍ତ୍ତୀ ୧୦ ଓଭରରେ ଦଳ ମାତ୍ର ୨୮ ରନକରି ସମସ୍ତ ଉଇକେଟ ହରାଇଥିଲା।

# ଟାଇଲ୍ସ କିପରି ସଫା କରିବେ

**ଘର ହେଉ କି ବାଥ୍‌ରୁମ୍‌ର ଚଟାଣକୁ ଆକର୍ଷଣୀୟ କରିବା ପାଇଁ ଆଜିକାଲି ଟାଇଲ୍ସ ବ୍ୟବହାର କରାଯାଉଛି। ତେବେ ଏହାକୁ କିପରି ସଫାକରିବେ କେତୋଟି ଟିପ୍ସ...**

**ଭିନେଗାର**
ଚଟାଣରେ ଲାଗିଥିବା ଟାଇଲ୍ସକୁ ସଫା କରିବାକୁ ହେଲେ ଭିନେଗାର ବ୍ୟବହାର କରନ୍ତୁ। ଏହାକୁ ନଖ ଉଷୁମ ପାଣିରେ ମିଶାଇ ୩ରୁ ୪ ଲିଟର ପାଣି କରିନିଅନ୍ତୁ। ଏହାପରେ ଟାଇଲ୍ସକୁ ସହଜରେ ସଫା କରିପାରିବେ। ଏଥିରେ ଅଳ୍ପ ଡିଟରଜେଣ୍ଟ ମିଶାଇ ସଫା କରନ୍ତୁ।
**ଟାଇଲ୍ସରୁ ଛଡ଼ାନ୍ତୁ ଦାଗ:** ଟାଇଲ୍ସରୁ ଦାଗ ଦୂରକରିବାକୁ ହେଲେ ଅଧା କପ୍ ପାଣିରେ ସ୍କରିଂ ପାଉଡରର ପେଷ୍ଟ ପ୍ରସ୍ତୁତ କରିନିଅନ୍ତୁ। ଏହାପରେ ୧୦-୧୫ ମିନିଟ୍ ଲଗାଇଦେଇ ଛଡ଼ାଇ ନିଅନ୍ତୁ। ଏହାପରେ ନଖ ଉଷୁମ ପାଣିରେ ଟାଇଲ୍ସକୁ ସଫା କରନ୍ତୁ।

**ବେକିଂ ସୋଡ଼ା**
ଟାଇଲ୍ସକୁ ସଫା କରିବାକୁ ହେଲେ ବେକିଂ ସୋଡ଼ାର ବ୍ୟବହାର କରନ୍ତୁ। ଗୋଟେ ଖରାପ ଟୁଥ୍‌ବ୍ରଶ୍ ନିଅନ୍ତୁ। ଏହା ସାହାଯ୍ୟରେ ଅପରିଷ୍କାର ଟାଇଲ୍ସକୁ ସହଜରେ ସଫା କରିଦିଅନ୍ତୁ।
**ବ୍ଲିଚ୍:** ଅପରିଷ୍କାର ଟାଇଲ୍ସକୁ ସଫା କରିବାକୁ ହେଲେ ବ୍ଲିଚ୍ ପାଉଡର ବ୍ୟବହାର କରିପାରିବେ। ବ୍ଲିଚିଂ ପାଉଡର ଅପରିଷ୍କାରକୁ ସଫା କରିବାକୁ ହେଲେ ଏକ ଭଲ ଅପ୍ସନ ହୋଇପାରିବ। ଏହାକୁ ବ୍ରଶ୍ ସାହାଯ୍ୟରେ ରଗଡ଼ନ୍ତୁ ଏବଂ ପାଣି ସାହାଯ୍ୟରେ ସଫା କରନ୍ତୁ।



# ଖରାଦିନ ଫ୍ୟାଶନ



**ଖ**ରାଦିନରେ କ'ଣ ପିନ୍ଧିଲେ ତାହା ଆରାମ ଲାଗିବ, ସେହି ଫାବ୍ରିକ୍‌ର ଡ୍ରେସ୍ ପିନ୍ଧନ୍ତୁ। ସମର ସିଜନରେ ଏହିପରି କିଛି ଆଉଟ୍ ଫିଟ୍ ପିନ୍ଧିବା ଆବଶ୍ୟକ ଯାହା ସାରା ଦିନ ଆରାମଦାୟକ ହେବ। ଏହି ସିଜନରେ କିଛି ଏହିପରି ଆଉଟ୍‌ଫିଟ୍ ପିନ୍ଧିବା ଆବଶ୍ୟକ। ଯାହାକୁ ପିନ୍ଧିବା ଦ୍ୱାରା ଆମେ ସାରା ଦିନ ଏହାକୁ କ୍ୟାରି କରିବା ସହ କମ୍ଫର୍ଟେବଲ୍ ହେବା ଆବଶ୍ୟକ। ବଜାରରେ ଖରାଦିନ ଲାଗି ବିଭିନ୍ନ ପ୍ରକାର ଡ୍ରେସ୍ ମିଳୁଛି ଯାହାକୁ ପିନ୍ଧି ଆପଣ ଲାଗିବେ ସୁପରକୁଲ୍।

**କଟନ:** ଖରାଦିନ ସିଜନ୍‌ରେ ସମସ୍ତେ କଟନ କପଡ଼ା ପିନ୍ଧିବାକୁ ପସନ୍ଦ କରନ୍ତି। କାରଣ ଏହା କମ୍ଫର୍ଟେବଲ୍ ହେବା ସହ ଅଧିକ ଗରମ ଲାଗେ ନାହିଁ। ମାର୍କେଟରେ ଶପିଂ ପାଇଁ ଏହି ସମୟରେ କଟନ୍‌ର ବିଭିନ୍ନ ପ୍ରକାର ଡ୍ରେସ୍ ମିଳୁଛି। ମହିଳାମାନେ ଯଦି ଶପିଂ କରୁଛନ୍ତି ତେବେ କଟନ୍ ଫାବ୍ରିକ୍‌ର ଡ୍ରେସ୍ କିଣି ପିନ୍ଧନ୍ତୁ।
**ଲାଇଲନ୍:** ଲାଇଲନ୍ କପଡ଼ା ଖରାଦିନରେ ଆରାମଦାୟକ ହୋଇଥାଏ। ଯଦି ଆପଣ ପରିବାର ସଦସ୍ୟଙ୍କ ଲାଗି ଶପିଂ କରୁଛନ୍ତି ତେବେ ଏହି ପରି କପଡ଼ାର ଧ୍ୟାନରଖନ୍ତୁ । ଏହି ଫାବ୍ରିକ୍‌ର କପଡ଼ା ଆପଣଙ୍କୁ ବିଭିନ୍ନ ଡିଜାଇନ୍‌ର ମିଳିଯିବ।
**ରେୟନ:** ଖରାଦିନରେ ଏହି ରେୟନ ଫାବ୍ରିକ୍‌ର ଟିକେ ଆରାମଦାୟକ ହୋଇ ଥାଏ। ଯଦି ଆପଣ ଚାହୁଁଛନ୍ତି ଅନ୍‌ଲାଇନ, ଅଫ୍‌ଲାଇନରେ ମଧ୍ୟ ନିଜର ଶପିଂ କରିପାରିବେ। ଆପଣ ଖରାଦିନରେ କମ୍ଫର୍ଟେବଲ୍ ଲାଗିବାକୁ ଚାହୁଁଛନ୍ତି ତେବେ ରେୟନ୍ କପଡ଼ାର ଡ୍ରେସ୍ ପିନ୍ଧନ୍ତୁ।

# ଯୌଥ ପରିବାର

**ଯୌଥ ପରିବାରକୁ ଚଳାଇବା ପାଇଁ କେବଳ ଏହାର ବୟସ୍କ ସଦସ୍ୟ ନୁହନ୍ତି, ଗୃହିଣୀଙ୍କର ମଧ୍ୟ ଭୂମିକା ରହିଛି। ଜାଣନ୍ତୁ ସେ ସମ୍ପର୍କରେ...**






**ବି**ବାହ ପରେ ଜଣେ ଗୃହିଣୀକୁ ନିଜ ଶାଶୁଘରର ଦାୟିତ୍ୱ ତୁଲାଇବାକୁ ପଡ଼ିଥାଏ। ଯଦି ଏହି ପରିବାର ଛୋଟ ହୋଇଥାଏ, ତେବେ ତାହାକୁ ପରିଚାଳନା କରିବା ହୁଏତ ସହଜ ହୋଇପାରେ। ଯୌଥ ପରିବାର ହେଲେ ସମସ୍ତଙ୍କ କଥା ବୁଝିବାକୁ ପଡ଼େ। ତେଣୁ ଏହି ସମୟରେ ଗୃହିଣୀକୁ ବେଶ୍ ସତର୍କତାର ସହ ଚାଲିବାକୁ ହୁଏ। ଛୋଟ ପରିବାର କଥା ଆସିଲେ ମାତାପିତା ଏବଂ ତାଙ୍କର ପିଲା ଦୁଇଟି କିମ୍ବା ଗୋଟିଏକୁ ବୁଝାଏ। କିନ୍ତୁ ଯୌଥ ପରିବାରରେ ଦାଦା, ଖୁଡ଼ୀ, ବଡ଼ବାପା, ବଡ଼ମା, ମାମୁ, ମାଇଁ ଏବଂ ତାଙ୍କ ପିଲା ବି ଆପଣଙ୍କ ପରିବାରରେ ସାମିଲ ଥାଆନ୍ତି। ଯୌଥ ପରିବାରକୁ ଚଳାଇବାକୁ କେତୋଟି ଦିଗ ପ୍ରତି ସ୍ୱତନ୍ତ୍ର ଭାବରେ ଦୃଷ୍ଟିଦେବାକୁ ପଡ଼ିଥାଏ। ସେ ବିଷୟରେ ନିମ୍ନଲିଖିତ ଟିପ୍ସ ଆପଣେଇ ପାରନ୍ତି..

**ସମ୍ପର୍କ**
ଗୋଟିଏ ପରିବାରକୁ ସୁଚାରୁରୂପେ ଚଳାଇବାକୁ ହେଲେ ପରସ୍ପର ଭିତରେ ସୁସମ୍ପର୍କ ରହିବା ନିହାତି ଜରୁରୀ। ଏହାଦ୍ୱାରା ନିବିଡ଼ତା ଆହୁରି ଦୃଢ଼ ହୋଇଥାଏ। ଏହି ସମୟରେ ଯଦି ଗୁରୁଜନମାନେ କିଛି ପରାମର୍ଶ ଦେଉଛନ୍ତି ତେବେ ତାହାକୁ ଥଣ୍ଡା ମିଜାଜ୍‌ରେ ତର୍ଜମା କରନ୍ତୁ। କାରଣ ଗୋଟିଏ ବଡ଼ ପରିବାରକୁ ଚଳାଇବାକୁ ହେଲେ ସମସ୍ତଙ୍କ ମନ ନେଇ ଚଳିବାକୁ ପଡ଼ିଥାଏ। ଏପରି କି ନିଜର ଭୁଲ୍ ନିଷ୍ପତ୍ତି ଯୋଗୁ ପରସ୍ପର ଭିତରେ ଥିବା ମଧୁର ସମ୍ପର୍କରେ ତିକ୍ତତାର ଛିଟା ଲାଗିବା ସମ୍ଭାବନା ରହିଛି। ତେଣୁ ଏଭଳି ପରିବାରକୁ ଚଳାଇବା ସମୟରେ ଜଣେ ଗୃହିଣୀ ସମ୍ପର୍କ ପ୍ରତି ଧ୍ୟାନଦେବା ଦରକାର।

**ଦାୟିତ୍ୱ ପ୍ରତି ସଚେତନ ରୁହନ୍ତୁ**
ଗୋଟିଏ ଯୌଥ ପରିବାରରେ ପ୍ରାୟ ପ୍ରତ୍ୟେକ ବଡ଼ ସଦସ୍ୟ କିଛି ନା କିଛି ଦାୟିତ୍ୱ ତୁଲାଇଥାଆନ୍ତି। ଘର କିପରି ଭଲ ଭାବରେ ଚଳିବ ସେ ନେଇ ପୂର୍ବ ପ୍ରସ୍ତୁତ ଯୋଜନା ଅନୁସାରେ ଆଗେଇବାକୁ ପଡ଼େ। ଏହି ସମୟରେ ଜଣେ ଗୃହିଣୀ ନିଜର ମତ ରଖିବା ଦରକାର। ସେ ନିଜେ କେଉଁ କାମ ତୁଲାଇପାରିବେ ଏବଂ ତା' ସହ ଆଉ କେଉଁ ଦାୟିତ୍ୱକୁ ତଦାରଖ କରିପାରିବେ ସେନେଇ ସ୍ପଷ୍ଟଭାବରେ ମତ ରଖନ୍ତୁ। ଯଦି ବା ଜଣେ ଗୃହିଣୀ ଚାହୁଁଥିବା ଦାୟିତ୍ୱ ବଦଳରେ ଆଉ କିଛି କରିବାକୁ କୁହାଯାଏ, ତେବେ ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି କିଛି ଅସୁବିଧା ରହୁଛି ତେବେ ସମସ୍ତଙ୍କ ସାମ୍‌ନାରେ ସେ ନେଇ ସୂଚନା ଦିଅନ୍ତୁ। କାରଣ ଏହାକୁ ଆଲୋଚନା ମାଧ୍ୟମରେ ସମାଧାନ କରାଯାଇପାରିବ। ଯଦି ଆପଣ କିଛି ନ କହି ଚୁପ୍ ରହିଗଲେ ଏବଂ ପରବର୍ତ୍ତୀ ସମୟରେ ସେହି ଦାୟିତ୍ୱ ଆପଣଙ୍କୁ ବୋଝ ପରି ଲାଗିବ। ସେହି ସମୟରେ ଆପଣଙ୍କ ମାନସିକ ସ୍ଥିତ ଏଥିଯୋଗୁ ପ୍ରଭାବିତ ହେବା ସମ୍ଭାବନା ରହିଛି। ଫଳରେ ଏହାବ୍ୟତୀତ ଆପଣ ତୁଲାଉଥିବା ଅନ୍ୟ ଦାୟିତ୍ୱ ମଧ୍ୟ ପ୍ରଭାବିତ ହେବ। ତେଣୁ ନିଜର ଦାୟିତ୍ୱ ପ୍ରତି ଜଣେ ଗୃହିଣୀ ଆରମ୍ଭରୁ ସତର୍କ ରହିବା ଦରକାର। ଯଦି କିଛି କାମ ଆପଣ ମିଳିତ ଭାବରେ ସମ୍ପାଦନ କରିବାକୁ ଚାହୁଁଛନ୍ତି ତେବେ ନିଜର ଅଭିପ୍ରାୟ ପ୍ରକାଶ କରନ୍ତୁ। କାରଣ କେତେକ କାମକୁ ମିଳିମିଶି ବେଶ୍ ଭଲ ଭାବରେ କରାଯାଇପାରିବ।







**ଆର୍ଥିକ ସ୍ଥିତି**
ଗୋଟିଏ ପରିବାରକୁ ଚଳାଇବା ଲାଗି ଆର୍ଥିକ ସ୍ଥିତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ମାର୍କେଟିଂ, ପିଲାମାନଙ୍କର ପାଠପଢ଼ା ଖର୍ଚ୍ଚ, ସ୍ୱାସ୍ଥ୍ୟ ଆଦି ଲାଗି ଟଙ୍କାର ଆବଶ୍ୟକତା ପଡ଼ିଥାଏ। କଥାରେ ଅଛି-ଆୟ ଦେଖି ବ୍ୟୟ କର। ତେଣୁ ଏକ ଯୌଥ ପରିବାରକୁ ଚଳାଇବାକୁ ଏହାର ଆର୍ଥିକ ସ୍ଥିତିକୁ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିଥାଏ। କେଉଁ କ୍ଷେତ୍ରରେ କେତେ ଖର୍ଚ୍ଚ ହେବ ତାହା ପ୍ରଥମେ ନିର୍ଦ୍ଧାରଣ କରନ୍ତୁ। ଘରର ଆୟ ଯଦି ଭଲ ଅଛି ତେବେ ଘରକୁ ଚଳାଇବା କଷ୍ଟକର ହୋଇ ନ ଥାଏ। ଯଦି ଘରର ଆର୍ଥିକ ସ୍ଥିତି ଏତେ ସ୍ୱଚ୍ଛଳ ନ ଥାଏ ତେବେ ବେଶ୍ ମାପିଚୁପି ବାଟ ଚାଲିବାକୁ ପଡ଼େ। ପ୍ରଥମ କଥା ହେଲା ଅଯଥା ଖର୍ଚ୍ଚ ପ୍ରତି ଦୃଷ୍ଟିଦିଅନ୍ତୁ। କାରଣ ବେଳେବେଳେ ଏଥିପାଇଁ ନିର୍ଦ୍ଧାରିତ ବଜେଟ ସୀମା ଟପିଯାଇଥାଏ। ପୁଣି ତାହାକୁ ଭରଣା କରିବାକୁ ଅଧିକ ଟଙ୍କାର ଆବଶ୍ୟକତା ପଡ଼େ। ତେଣୁ ଜଣେ ଗୃହିଣୀ ଯେତେବେଳେ ଏକ ଯୌଥ ପରିବାର ପରିଚାଳନା କରୁଛନ୍ତି, ସେତେବେଳେ ଏହି ଦିଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବା ଦରକାର। ପରିବାରର ବୟସ୍କ ତଥା ଯୁବ ସଦସ୍ୟ ଏ ନେଇ ମଧ୍ୟ ଧ୍ୟାନଦେବା ଆବଶ୍ୟକ। ନିଜ ନିଜ ଖର୍ଚ୍ଚ ପ୍ରତି ଯଦି ସେମାନେ ସତର୍କ ରୁହନ୍ତି ତେବେ ଘରଟି ସୁଚାରୁ ରୂପେ ଚଳିଥାଏ। ତେଣୁ ଜଣେ ଗୃହିଣୀ ଯୌଥ ପରିବାର ଆର୍ଥିକ ସ୍ଥିତିକୁ ଭଲ ଭାବରେ ତର୍ଜମାକରିବା ଦରକାର। ଏନେଇ ପରିବାର ସମ୍ମୁଖରେ ନିଜର ସ୍ପଷ୍ଟ ମତ ରଖନ୍ତୁ। ଅନ୍ୟପକ୍ଷରେ ଏହି ବିଷୟରେ ଯଦି ଅନ୍ୟ କେହି କିଛି କହୁଛନ୍ତି ତାହାକୁ ମଧ୍ୟ ତର୍ଜମା କରନ୍ତୁ।

**କର୍ମଜୀବୀ ହୋଇଥିଲେ..**
ଆଜିକାଲି ଅଧିକାଂଶ ମହିଳା ନିଜକୁ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ରଖିବାକୁ ଚାହୁଁନାହାନ୍ତି। ନିଜେ ସ୍ୱାବଲମ୍ବୀ ହୋଇ କିଛି ରୋଜଗାର କରିବା, ନିଜ ଗୋଡ଼ରେ ନିଜେ ଠିଆହେବା ଲାଗି ସେମାନେ ପ୍ରାୟ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି। ଏବେ ଅନେକ କ୍ଷେତ୍ରରେ ମହିଳାମାନେ ନିଜର ପାରଦର୍ଶିତା ପ୍ରଦର୍ଶନ କରିବାକୁ ପଛାଉନାହାନ୍ତି। ଆପଣ ଯଦି କର୍ମଜୀବୀ ଏବଂ ଏକ ଯୌଥ ପରିବାରରେ ରହୁଛନ୍ତି ତେବେ ଆପଣଙ୍କୁ ମାପିଚୁପି ପାଦ ପକାଇବାକୁ ପଡ଼ିଥାଏ। କାରଣ ଆପଣଙ୍କୁ ସମାନ୍ତରାଳ ଭାବରେ ଦୁଇଟି ଜିନିଷ-ଏପଟେ ଚାକିରି ସେପଟେ ପରିବାରକୁ ଦେଖିବାକୁ ହୋଇଥାଏ। ତେଣୁ ଯଦି ଆପଣ କର୍ମଜୀବୀ ଆଉ ଏକ ଯୌଥ ପରିବାରର ସଦସ୍ୟ ତେବେ ଏହି ଦୁଇଟି ଦାୟିତ୍ୱକୁ କିପରି ଠିକ୍ ଭାବରେ ତୁଲାଇବେ ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ। ଏ ନେଇ ସ୍ୱାମୀ ଏବଂ ପରିବାରର ଅନ୍ୟ ସଦସ୍ୟଙ୍କ ସହଯୋଗ ଲୋଡ଼ିପାରନ୍ତି। କାରଣ ଅଫିସ୍‌ରେ ସିନା ନିଜ କାମ ନିଜେ କରିଦେବେ, ଏପଟେ ପରିବାର ଚଳାଇବାକୁ ପରିବାରର ଅନ୍ୟ ସଦସ୍ୟଙ୍କ ସହ ମନ ମିଳାଇ ଏବଂ ସେମାନଙ୍କ ସହଯୋଗିତାରେ ଆଗେଇବାକୁ ପଡ଼ିବ। ତେଣୁ ଏ ନେଇ ଯୋଜନା ପ୍ରସ୍ତୁତକରି ତାହାକୁ ଠିକ୍ ଭାବରେ ଅନୁସରଣ କରନ୍ତୁ।

**ପିଲାମାନଙ୍କର ଦାୟିତ୍ୱ**
ଜଣେ ଗୃହିଣୀକୁ ପରିବାର ସହ ନିଜ ପିଲାମାନଙ୍କର ଦାୟିତ୍ୱ ନେବାକୁ ପଡ଼ିଥାଏ। ପୁଣି ଯୌଥ ପରିବାର କଥା ଉଠିଲେ ତାହା ବେଶ୍ ଗୁରୁତ୍ୱପୂର୍ଣ୍ଣ ପାଲଟିଯାଇଥାଏ। ପିଲାମାନେ ଯଦି ଛୋଟ ସେମାନଙ୍କର ଖାଇବା, ପିଇବା, ସ୍ୱାସ୍ଥ୍ୟ, ପାଠପଢ଼ା ବ୍ୟତୀତ ପରିବାରକୁ କିପରି ଚଳାଇବେ ସେନେଇ ନଜର ରଖିବାକୁ ପଡ଼େ। ଏହି ସମୟରେ ଜଣେ ଗୃହିଣୀର ମାନସିକ ସ୍ଥିତି ସନ୍ତୁଳିତ ରହିବା ନିହାତି ଜରୁରୀ। ପରିବାର ପ୍ରତି ନିଜ ଦାୟିତ୍ୱ ତୁଲାଇବା ସହ ପିଲାମାନଙ୍କର ପାଠପଢ଼ା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ। କାରଣ ଏହି ସମୟରେ ମା'ବାପାଙ୍କର ସହାୟତା ହେଉଛି ସବୁଠାରୁ ବଡ଼ କଥା। ସେମାନଙ୍କର ଅଭାବ ଅସୁବିଧା ପ୍ରତି ଦୃଷ୍ଟିଦିଅନ୍ତୁ। ଯେହେତୁ ଯୌଥ ପରିବାର ତେଣୁ ସବୁ କ୍ଷେତ୍ରକୁ ସମାନ ଦୃଷ୍ଟିଦେବା ଦରକାର।

ସୌନ୍ଦର୍ଯ୍ୟ

# ରୂପଚର୍ଯ୍ୟା ପାଇଁ ଖରଭୁଜ



**ଋତୁ ଅନୁସାରେ ନିଜ ସୌନ୍ଦର୍ଯ୍ୟ ପ୍ରତି ମହିଳାଙ୍କୁ ସଚେତନ ରହିବାକୁ ପଡ଼ିଥାଏ। ବିଶେଷଭାବରେ ଗ୍ରୀଷ୍ମଋତୁରେ ଖରଭୁଜକୁ ଫେସ୍‌ପ୍ୟାକ୍ ଭାବରେ ବ୍ୟବହାର କରିପାରନ୍ତି। ଜାଣନ୍ତୁ ଏ ସମ୍ପର୍କରେ..**

-ଖରଭୁଜ ତ୍ୱଚାର ଶୁଷ୍କତା ଦୂରକରିଥାଏ। ଏହା ତ୍ୱଚାକୁ ହାଇଡ୍ରେଟ୍ କରିଥାଏ। ଏତଦ୍‌ବ୍ୟତୀତ ଏହା ବୟସ ବଢ଼ିବାକୁ ରୋକିଥାଏ। ଖରଭୁଜ ଝୁରିଆଁ ,କଳା ଦାଗ,ଡାର୍କ ସର୍କଲ ଦୂରକରିଥାଏ। ଖରାଦିନରେ କେତେକ ଫଳ ରହିଛି ସ୍ୱାସ୍ଥ୍ୟ ଲାଗି ଉପଯୋଗୀ ହୋଇଥିବା ବେଳେ ଏହା ମଧ୍ୟ ତ୍ୱଚା ଲାଗି ଲାଭପ୍ରଦ ହୋଇଥାଏ।

-ଏହା ତ୍ୱଚାକୁ ସୁସ୍ଥ ରଖିବା ସହ ଶୁଷ୍କତା ଦୂରକରିଥାଏ। ଏହା ତ୍ୱଚାକୁ ହାଇଡ୍ରେଟ୍ କରି ରଖିଥାଏ, କାରଣ ଏଥିରେ ପ୍ରଚୁର ପରିମାଣରେ ପାଣି ଭରିହୋଇ ରହିଛି। ଏହା ବ୍ୟତୀତ ତ୍ୱଚାରେ ଚର୍ମ କୁଞ୍ଚନ ବଢ଼ିବାକୁ ରୋକିଥାଏ। କଳାଦାଗ,ବ୍ଲାକ୍ ସର୍କଲ ଦୂର କରିବାରେ ସାହାଯ୍ୟକରେ। ଏଥିରେ ଫଲିକ୍ ଏସିଡ୍ ରହିଛି ଯାହା ତ୍ୱଚାର କୋଶିକାକୁ ପୁନର୍ଜୀବିତ କରିବା ସହ ତ୍ୱଚାକୁ ସୁସ୍ଥ ଏବଂ ୟଙ୍ଗ୍ ରଖିଥାଏ। ଏଥିରେ ଥିବା ଭିଟାମିନ୍ ଏ' ଏବଂ ସି'କୋଲେଜନ ଉତ୍ପାଦନକୁ ବଢ଼ାଇଥାଏ। ଫଳରେ ଏହାଦ୍ୱାରା ତ୍ୱଚାରେ ଚମକ ବଜାୟ ରହିଥାଏ।

-ଏହାକୁ କ୍ଲିଞ୍ଜର ରୂପେ ବ୍ୟବହାର କରନ୍ତୁ। ଖରଭୁଜର ଏକ ଖଣ୍ଡ ନିଅନ୍ତୁ ଏହାକୁ ପୂରା ମୁହଁରେ ଧୀରେ ଧୀରେ ଲଗାନ୍ତୁ। ପୁଣି ଏହାକୁ ୧୫ରୁ ୨୦ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏହା ଶୁଖିଗଲା ପରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ। ଏହା ମୁହଁକୁ ସଫା ରଖିବାରେ ସାହାଯ୍ୟ କରିବା ସହ ମୁହଁ ଫ୍ରେଶ୍ ଲାଗିଥାଏ।

**ଫେସ୍ ପ୍ୟାକ୍**
-ଖରଭୁଜକୁ ଫେସ୍‌ପ୍ୟାକ୍ କରିବା ପାଇଁ ପ୍ରଥମେ ଗୋଟିଏ ଖରଭୁଜ ଖଣ୍ଡ ନିଅନ୍ତୁ। ଏହାକୁ ଭଲଭାବେ ଚକଟି ଦିଅନ୍ତୁ। ପୁଣି ଏଥିରେ କଫି ପାଉଡର ପକାଇ ଭଲଭାବେ ମିଶାନ୍ତୁ । ପୁଣି ହାଲ୍‌କା ହାତରେ ମସାଜ୍ କରନ୍ତୁ। ପ୍ରଥମେ ମୁହଁରୁ ବେକ ପର୍ଯ୍ୟନ୍ତ ଧୀରେ ଧୀରେ ମସାଜ୍ କରନ୍ତୁ। କିଛି ସମୟ ଏହାକୁ ରହିବାକୁ ଦିଅନ୍ତୁ। ପୁଣି ଯେତେବେଳେ ଏହା ଶୁଖିଯିବ ପାଣି ଲଗାଇ ପୁଣି ଥରେ ସ୍କ୍ରବ୍ କରନ୍ତୁ। ପୁଣି ଏହାକୁ ପାଣିରେ ଧୋଇଦିଅନ୍ତୁ। ଦେଖନ୍ତୁ ଆପଣଙ୍କ ତ୍ୱଚା କିପରି ଚମକୁଛି।



ଖାଦ୍ୟରୁଚି

# ପୋଡ଼ପିଠା



**ଆବଶ୍ୟକ ସାମଗ୍ରୀ:** ଅରୁଆ ଚାଉଳ, କାଜୁ, କିସ୍‌ମିସ୍, ଗୁଆଘିଅ, ଲୁଣ, ଗୁଜୁରାତି, ଖାଇବାସୋଡା, ନଡ଼ିଆ ଖଣ୍ଡ ଏବଂ ନଡ଼ିଆ କୋରା।

**ପ୍ରସ୍ତୁତି ପ୍ରଣାଳୀ**
ପ୍ରଥମେ ଅରୁଆ ଚାଉଳକୁ ୪-୫ଘଣ୍ଟା ବତୁରାଇ ରଖିଦିଅନ୍ତୁ। ଆପଣ ଯେତିକି ଅରୁଆ ଚାଉଳ ନେଉଛନ୍ତି ସେହି ଅନୁଯାୟୀ ଗୁଡ଼ ନିଅନ୍ତୁ। ଚାଉଳରୁ ଏବେ ପାଣି ନିଗାଡ଼ି ଦିଅନ୍ତୁ ତାକୁ ନଡ଼ିଆ କୋରା, ଗୁଜୁରାତି, ଲୁଣ ଏବଂ ପାଣି ଦେଇ ଗ୍ରାଇଣ୍ଡ କରନ୍ତୁ। ବାଟିବା ସମୟରେ ଏହା ପୂରା ଚିକ୍କଣହେବା ଆବଶ୍ୟକ। ଏବେ ଏହି ବଟାକୁ ଏକ ପାତ୍ରରେ କାଢ଼ି ଦିଅନ୍ତୁ। ଏବେ ଗୁଡକୁ ପାଣିରେ ପକାଇ ଭଲଭାବେ ମିଶିଗଲା ପରେ ଗ୍ୟାସ୍ ଚୁଲା ବନ୍ଦକରି ଦିଅନ୍ତୁ। ଏହି ଗୁଡ଼ ପାଣିକୁ ଚାଉଳ ନଡ଼ିଆ ବଟାରେ ପକାଇବା ସହ ସଙ୍ଗେ ସଙ୍ଗେ ଏହାକୁ ଭଲଭାବେ ଗୋଳାନ୍ତୁ ନ ହେଲେ ତଳେ ଚାଉଳ ବସିଯିବ। ଏବେ ଏକ ପ୍ରେସର କୁକର ନିଅନ୍ତୁ ତାହା ଗରମ ହୋଇଗଲା ପରେ ସେଥିରେ ୩ ଚାମଚ ଗୁଆଘିଅ ପକାନ୍ତୁ। ଆଗରୁ କଟାହୋଇଥିବା ନଡ଼ିଆକୁ ଘିଅରେ ଭାଜିବା ପରେ ଦୁଇ ଚାମଚ ଚାମଚ କାଜୁ କିସ୍‌ମିସ୍‌କୁ ଭାଜନ୍ତୁ। ଭଜା ହୋଇଥିବା ନଡିଆ, କାଜୁ କିସ୍‌ମିସ୍‌କୁ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। କୁକରରେ ଥିବା ଘିଅରେ ଆଉ ୧ ଚାମଚ ଘିଅ ପକାଇ ତାକୁ ଚାରିଆଡ଼େ ବୁଲାଇ ଦିଅନ୍ତୁ। ଏବେ ଘୋଳରେ ଅଧା ଚାମଚ ଖାଇବାସୋଡ଼ା ପକାଇବା ଦ୍ୱାରା ପିଠା ଭଲଭାବେ ଫୁଲିବ। ଘିଅ ଭଲଭାବେ ତାତିଲା ପରେ ସେତେବେଳେ ଏହି ବେଟରଟି ପକାନ୍ତୁ ଏବଂ ତା' ସହ ଆଗରୁ ଭଜାହୋଇଥିବା ନଡ଼ିଆ, କାଜୁ କିସ୍‌ମିସ୍ ଆଦି ପକାଇ ପ୍ରେସରକୁକରର ଲିଡ୍‌କୁ କାଢ଼ି ଦିଅନ୍ତୁ। ପ୍ରଥମେ ଗ୍ୟାସ୍‌ର ଫ୍ଲେମ୍‌କୁ ହାଇ ରଖନ୍ତୁ। ୧-୨ ମିନିଟ୍ ପର୍ଯ୍ୟନ୍ତ ରହିବା ପରେ ଗ୍ୟାସ ଫ୍ଲେମ୍‌କୁ ମିଡିୟମକରି ୧୫ମିନିଟ୍ ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ। ବେଟର ଯଦି ଚାମଚ୍ କିମ୍ବା ଟୁଥ୍‌ପିକ୍ ନ ଲାଗିଲା ତେବେ ଆପଣ ଜାଣିବେ ଯେ ପିଠା ସମ୍ପୂର୍ଣ୍ଣ ରୂପେ ହୋଇଗଲା। ଏବେ ଏହାକୁ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ଏହା ଥଣ୍ଡା ହୋଇଗଲା ପରେ ତାକୁ ପ୍ରେସର କୁକରରୁ କାଢ଼ି ଦିଅନ୍ତୁ। ଏବେ ଏହାକୁ ଛୋଟ ଛୋଟ ଖଣ୍ଡ କରି କାଟନ୍ତୁ। ଏବେ ଆପଣଙ୍କ ପୋଡ଼ପିଠା ପ୍ରସ୍ତୁତ।

# ଭର୍ଷ୍ଟାପେନ୍‌ଙ୍କୁ କାନାଡିଆନ ଗ୍ରାଁ ପ୍ରି ଟାଇଟଲ

ମଣ୍ଟ୍ରିଲ, ୧୦।୬(ଏପି)

ରେଡ୍‌ବୁଲ୍ ଷ୍ଟାର ମାକ୍ସ ଭର୍ଷ୍ଟାପେନ କ୍ରମାଗତ ତୃତୀୟ ଥର କାନାଡିଆନ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଏହା ତାଙ୍କ କ୍ୟାରିୟରର ୬୦ତମ ଫର୍ମୁଲା-୧ ବିଜୟ ହୋଇଥିବା ବେଳେ ଚଳିତ ସିଜନରେ ଏପର୍ଯ୍ୟନ୍ତ ହୋଇଥିବା ୯ଟି ରେସ୍‌ରେ ୬ଷ୍ଠ ବିଜୟ। ବର୍ଷାରେ ପୋଲ୍ ସିଟର ଜର୍ଜ ରସେଲଙ୍କ ସହ ଦ୍ୱିତୀୟରୁ ରେସ୍ ଆରମ୍ଭ କରିଥିବା ଭର୍ଷ୍ଟାପେନ୍ ୭୦ ଲାପ୍ (୪.୩୬ କିଲୋମିଟର) ବିଶିଷ୍ଟ ଏହି ରେସ୍‌ରେ ମ୍ୟାକ୍‌ଲରେନ୍‌ର ଲାଣ୍ଡୋ ନୋରିସ୍‌ଙ୍କଠାରୁ ୩.୮୭୯ ସେକେଣ୍ଡ ଆଗରେ ରହି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଭର୍ଷ୍ଟାପେନ୍ ଗତବର୍ଷ ପୋଲ୍ ପୋଜିଶନରୁ ଆରମ୍ଭକରି ପ୍ରତ୍ୟେକଟି ଲାପ୍‌ରେ ଅଗ୍ରଣୀ ରହିଥିଲେ। ମର୍ସିଡିଜ୍ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ରସେଲ ତୃତୀୟ ହୋଇଥିବା ବେଳେ ୭ଥର ମଣ୍ଟ୍ରିଲ ବିଜେତା ଲୁଇସ୍ ହାମିଲଟନ ଚତୁର୍ଥ ସ୍ଥାନରେ ରହିଥିଲେ। ମ୍ୟାକ୍‌ଲରେନ ପାଇଁ ଓସ୍କାର ପିଆଷ୍ଟ୍ରି ୫ମ ସ୍ଥାନରେ ରହିଥିବା ବେଳେ ତାଙ୍କ ପଛକୁ ପଛ ଯଥାକ୍ରମେ ଆଷ୍ଟନ ମାର୍ଟିନ୍ ଡ୍ରାଇଭର ଫର୍ନାଣ୍ଡୋ ଆଲୋଁସୋ ଓ ରେସ୍‌ରେ ଭାଗନେଇଥିବା କାନାଡାର ଏକମାତ୍ର ଡ୍ରାଇଭର ଲାନ୍ସ ଷ୍ଟ୍ରୋଲ ରହିଥିଲେ। ରେସ୍‌ରେ ଯଥାକ୍ରମେ ୮ମରୁ ୧୦ମ ସ୍ଥାନ ଅଧିକାର କରିଥିଲେ ଡାନିଏଲ ରିକାର୍ଡୋ (ଆରବି), ପିଏର୍ ଗାସ୍‌ଲି (ଅଲପାଇନ୍) ଓ ନିକୋ ହକେନ୍‌ବର୍ଗ (ହାସ୍)। ସିଜନର ପରବର୍ତ୍ତୀ ରେସ୍ ସ୍ପାନିସ୍ ଗ୍ରାଁ ପ୍ରି ଜୁନ୍ ୨୩ରେ ବାର୍ସିଲୋନାଠାରେ ହେବ।



ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ।

## ନେପାଳ ଦଳରେ ଯୋଗ ଦେବେ ଲାମିଚାନେ

କିଙ୍ଗ୍‌ସଟାଉନ୍ (ସେଣ୍ଟ ଭିନ୍‌ସେଣ୍ଟ), ୧୦।୬ (ପି.ଟି.): ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଖେଳିବା ଲାଗି ଖୁବ୍ ଶୀଘ୍ର ନେପାଳ ଦଳରେ ଯୋଗ ଦେବେ ଦେଶର ହାଇପ୍ରୋଫାଇଲ କ୍ରିକେଟର ସନ୍ଦୀପ ଲାମିଚାନେ। ଆମେରିକା ଭିଜା ଦେବାକୁ ମନା କରି ଦେବାରୁ ସେ ଦଳ ସହିତ ଯାଇ ପାରି ନ ଥିଲେ। ଇତିମଧ୍ୟରେ ତାଙ୍କୁ ଭିଜା ମିଳିଯାଇଛି। ବର୍ତ୍ତମାନ ସେ କିନ୍ତୁ ୱେଷ୍ଟଇଣ୍ଡିଜ ପର୍ଯ୍ୟାୟ ନେପାଳର ଶେଷ ଦୁଇ ଲିଗ୍ ମ୍ୟାଚ ଖେଳିପାରିବେ। ନେପାଳ କ୍ରିକେଟ ଆସୋସିଏଶନ ତରଫରୁ ସୋମବାର ଏହି ସୂଚନା ଦିଆଯାଇଛି। ଏକ ବଳାତ୍କାର ମାମଲାରେ ଲାମିଚାନେଙ୍କୁ ୮ବର୍ଷ ଜେଲ ହୋଇଥିଲା। ପରେ ପ୍ରମାଣ ଅଭାବରୁ ସେ ଏହି ମାମଲାରୁ ଦୋଷମୁକ୍ତ ହୋଇଥିଲେ। ଗତ ମାସରେ ନେପାଳ ସରକାରଙ୍କ ହସ୍ତକ୍ଷେପ ସତ୍ତ୍ୱେ ଆମେରିକା ଲାମିଚାନେଙ୍କ ଭିଜା ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲା।

# ସିନର ପ୍ରଥମଥର ନମ୍ବର ୱାନ୍

ପ୍ୟାରିସ, ୧୦।୬ (ଏପି)

ଇଟାଲୀର ଜାନିକ ସିନର ସୋମବାର ପ୍ରକାଶିତ ଏଟିପି ର୍ୟାଙ୍କିଙ୍ଗ ତାଲିକାରେ ପ୍ରଥମ ଥର ନମ୍ବର-୧ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଗୋଟିଏ ସ୍ଥାନ ପଦୋନ୍ନତି ଘଟିଛି। ଆଘାତପ୍ରାପ୍ତ ନୋଭାକ ଜୋକୋଭିଚ୍‌ଙ୍କୁ ସେ ପ୍ରଥମ ସ୍ଥାନରୁ ହଟାଇ ଦେଇଛନ୍ତି। ୧୯୭୩ରେ ର୍ୟାଙ୍କିଙ୍ଗ ବ୍ୟବସ୍ଥା ପ୍ରଚଳନ ପରଠାରୁ ୨୨ବର୍ଷୀୟ ସିନର ଇଟାଲୀର ପ୍ରଥମ ଖେଳାଳିଭାବେ ନମ୍ବର ୱାନ ହେବାର ଗୌରବ ଅର୍ଜନ କରିଛନ୍ତି। ଚଳିତ ସିଜନରେ ସିନରଙ୍କର ୩ଟି ଟାଇଟଲ ସହ ବିଜୟ ପରାଜୟ ରେକର୍ଡ ୩୩-୩ ରହିଛି। ଜାନୁଆରୀରେ ଅଷ୍ଟ୍ରେଲିଆନ ଓପନରେ ସେ ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିଛନ୍ତି। ତିନୋଟି ପରାଜୟ ମଧ୍ୟରେ ଦୁଇଟି କାର୍ଲୋସ ଅଲ୍‌କାରାଜଙ୍କ ବିପକ୍ଷରେ ହୋଇଛି। ତନ୍ମଧ୍ୟରୁ ଗୋଟିଏ ଶୁକ୍ରବାର ଫ୍ରେଞ୍ଚ ଓପନର ୫ ସେଟ୍ ବିଶିଷ୍ଟ ସେମିଫାଇନାଲ ରହିଛି। ରବିବାର ଫାଇନାଲରେ ଆଲେକ୍‌ଜାଣ୍ଡର ଜେଭରେଭଙ୍କୁ ହରାଇ ଅଲକାରାଜ ଟାଇଟଲ ବିଜୟୀ ହୋଇଛନ୍ତି। ଅଲ୍‌କାରାଙ୍କ ତୃତୀୟ ପ୍ରମୁଖ ଟାଇଟଲ ଯୋଗୁ ର୍ୟାଙ୍କିଙ୍ଗ ତାଲିକାରେ ଗୋଟିଏ ସ୍ଥାନ ଉପରକୁ ଉଠି ୨ନମ୍ବର ଖେଳାଳି ହୋଇଛନ୍ତି। ଜୋକୋଭିଚ୍ ୩ୟ ଏବଂ ଜେଭେରେଜଙ୍କୁ ୪ର୍ଥ ସ୍ଥାନ ମିଳିଛି। ଜୋକୋଭିଚ୍ ହେଉଛନ୍ତି ଗତବର୍ଷର ଫ୍ରେଞ୍ଚ ଓପନ ଚାମ୍ପିୟନ। ସେ ଫାଇନାଲରେ ପ୍ରବେଶ କରିପାରିଥିଲେ ନମ୍ବର ୱାନ ସ୍ଥାନ ବଜାୟ ରଖିବାରେ ସମର୍ଥ ହୋଇପାରିଥାନ୍ତେ। ଚଳିତବର୍ଷ ସେ କୌଣସି ଟୁର୍ନାମେଣ୍ଟରେ ଟାଇଟଲ ମଧ୍ୟ ଜିତିପାରି ନାହାନ୍ତି।



ଜାନିକ ସିନର

### କୋକୋ ଗଫ୍‌ଙ୍କୁ କ୍ୟାରିୟରର ଶ୍ରେଷ୍ଠ ମାନ୍ୟତା

ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରେ ଇଗା ସ୍ୱିଟେକ୍ ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗରେ ନମ୍ବର ୱାନ ସ୍ଥାନ ବଜାୟ ରଖିପାରିଛନ୍ତି। ରୋଲାଣ୍ଡ ଗାରୋସଠାରେ ଗତ ୫ବର୍ଷରେ ସେ କ୍ରମାଗତ ତୃତୀୟ ଓ ମୋଟ ଉପରେ ଚତୁର୍ଥ ଏବଂ ଓଭର ଅଲ ୫ମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତ। ସ୍ୱିଟେକଙ୍କ ର୍ୟାଙ୍କିଙ୍ଗ ପଏଣ୍ଟ ଯଥେଷ୍ଟ ଅଧିକ ରହିଥିବାରୁ

**ଏଟିପି ର୍ୟାଙ୍କିଙ୍ଗ**

ଯଦି ସେ ଫ୍ରେଞ୍ଚ ଓପନର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥାନ୍ତେ ତଥାପି ସେ ନମ୍ବର ୱାନ ସ୍ଥାନ ବଜାୟ ରଖିପାରିଥାନ୍ତେ। ଗତବର୍ଷ ୟୁଏସ୍ ଚାମ୍ପିୟନ ୨୦ବର୍ଷୀୟା କୋକୋ ଗଫ୍ ୩ନମ୍ବର ସ୍ଥାନରୁ ଉଠି ତାଙ୍କ କ୍ୟାରିୟର ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଫ୍ରେଞ୍ଚ ଓପନ ସିଙ୍ଗଲ୍ସ ଫାଇନାଲରେ ସେ ସ୍ୱିଟେକଙ୍କଠାରୁ ହାରିଯାଇଥିଲେ। ସେ କିନ୍ତୁ କାଟରିନା ସିନିଆକୋଭାଙ୍କୁ ପାର୍ଟନର କରି ତାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଡବଲ୍ସ ଟାଇଟଲ ଜିତିପାରିଛନ୍ତି। ଦୁଇ ଥର ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ଆରିନା ସାବାଲେଙ୍କା ୨ୟ ସ୍ଥାନରୁ ୩ୟ ସ୍ଥାନକୁ ଖସି ଆସିଛନ୍ତି। ତାଙ୍କ ପଛକୁ ରହିଛନ୍ତି ୨୦୨୨ ୱିମ୍ବଲଡନ ଚାମ୍ପିୟନ ଏଲିନା ରିବାକିନା।

## ସୁମିତ ନାଗାଲଙ୍କୁ ଶ୍ରେଷ୍ଠ ର୍ୟାଙ୍କିଙ୍ଗ

ନୂଆଦିଲ୍ଲୀ, ୧୦।୬ (ପି.ଟି.): ସଦ୍ୟ ପ୍ରକାଶିତ ଏଟିପି ର୍ୟାଙ୍କିଙ୍ଗ ତାଲିକାରେ ଭାରତର ସୁମିତ ନାଗାଲ ୧୮ ସ୍ଥାନ ପଦୋନ୍ନତି ସହ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୭୭ତମ ସ୍ଥାନ ଅଧିକାର କରିଛନ୍ତି। କେବଳ ସେତକି ନୁହେଁ ସେ ପ୍ୟାରିସ ଅଲିମ୍ପିକ୍ସ ପୁରୁଷ ସିଙ୍ଗଲ୍ସ ଡ୍ର ପାଇଁ ଯୋଗ୍ୟତା ହାସଲ କରିପାରିଛନ୍ତି। ନାଗାଲଙ୍କ ଏଟିପି ପଏଣ୍ଟ ସଂଖ୍ୟା ବର୍ତ୍ତମାନ ୭୧୩ ରହିଛି। ରବିବାର ଜର୍ମାନୀରେ ଅନୁଷ୍ଠିତ ହିଲବ୍ରନ ନେକାରକପ୍ ୨୦୨୪ରେ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିବା ପରେ ର୍ୟାଙ୍କିଙ୍ଗ ତାଲିକାରେ ତାଙ୍କର ଉନ୍ନତି ପରିଲକ୍ଷିତ ହୋଇଛି। ଅଲିମ୍ପିକ୍ସ ପାଇଁ ରହିଥିବା ମାନଦଣ୍ଡ ଅନୁସାରେ ଉଭୟ ପୁରୁଷ ଓ ମହିଳା ର୍ୟାଙ୍କିଙ୍ଗର ଟପ୍ ୫୬ଜଣ ଖେଳାଳି ଆପେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ମାତ୍ର ଗେମ୍ସ ପାଇଁ ଗୋଟିଏ ଦେଶରୁ ସର୍ବାଧିକ ୪ ଖେଳାଳି ପ୍ରତିନିଧିତ୍ୱ କରିପାରିବେ। ଏଥିଯୋଗୁ ନିମ୍ନ ର୍ୟାଙ୍କିଙ୍ଗ ପ୍ରାପ୍ତ ଖେଳାଳିମାନେ ମଧ୍ୟ ମୁଖ୍ୟ ଡ୍ର'ରେ ସୁଯୋଗ ପାଇପାରିବେ। ର୍ୟାଙ୍କିଙ୍ଗ ତାଲିକାରେ ସେ ଯେଉଁ ସ୍ଥାନରେ ରହିଛନ୍ତି ତାଙ୍କ ସ୍ଥାନ ପକ୍କା ବୋଲି ମନେ କରାଯାଉଛି। ଶେଷ ଥର ପାଇଁ ଅଲିମ୍ପିକ୍ସ ମୁଖ୍ୟ ଡ୍ର'ରେ ସ୍ଥାନ ପାଇଥିବା ଭାରତୀୟ ଖେଳାଳି ହେଲେ ସୋମଦେବ ଦେବବର୍ମନ। ୨୦୧୨ ଗେମ୍ସରେ ତାଙ୍କୁ ଏକ ୱାଇଲ୍ଡ କାର୍ଡ ମିଳିଥିଲା।

# ୩ ଭାଲେନ୍ସିଆ ସମର୍ଥକଙ୍କୁ ୮ ମାସ ଜେଲ୍



ଭିନିସିୟସ୍ ଜୁନିୟର

ମାଡ୍ରିଡ୍, ୧୦।୬(ପି.ଟି.)

ସ୍ପାନିସ୍ ଲିଗ୍ ଫୁଟ୍‌ବଲରେ ବ୍ରାଜିଲର ଭିନିସିୟସ୍ ଜୁନିୟରଙ୍କୁ ଜାତିଆଣ ଆକ୍ଷେପ ମାମଲାରେ ୩ ଜଣ ଭାଲେନ୍ସିଆ ସମର୍ଥକଙ୍କୁ ୮ ମାସ ଜେଲ ଦଣ୍ଡାଦେଶ ପ୍ରଦାନ କରାଯାଇଛି। ଏହାସହ ଏହି ୩ ଜଣଙ୍କୁ ଦୁଇବର୍ଷ ଯାଏ କୌଣସି ଷ୍ଟାଡିୟମରେ ପ୍ରବେଶ ପାଇଁ ଅନୁମତି ମିଳିବନାହିଁ। ମେ' ୨୦୨୩ରେ ପୋଲିସ ୪ ଜଣଙ୍କୁ ଗିରଫ କରିଥିଲା। ମଷ୍ଟାଲ୍ଲା ଷ୍ଟାଡିୟମରେ ଭାଲେନ୍ସିଆ ବିପକ୍ଷ ମ୍ୟାଚ୍‌କୁ ରିୟଲ ମାଡ୍ରିଡ୍ ୧-୦ରେ ହାରିଥିବା ବେଳେ ଏହି ଘଟଣା ଘଟିଥିଲା। ଜାତିଆଣ ଆକ୍ଷେପ ହେବାପରେ ଇନ୍‌ଷ୍ଟାଗ୍ରାମ୍ ଓ ଟୁଇଟରରେ ଭିନିସିୟସ ଏକ

**ଭିନିସିୟସ୍‌ଙ୍କୁ ଜାତିଆଣ ଆକ୍ଷେପ**

ଭିଡିଓ ମଧ୍ୟ ପୋଷ୍ଟ କରିଥିଲେ। ୪ ବର୍ଷ ମଧ୍ୟରେ ୯ ଥର ତାଙ୍କୁ ଏମିତି ଜାତିଆଣ ଆକ୍ଷେପର ଶିକାର ହେବାକୁ ପଡ଼ିଥିବା ସେ ଉଲ୍ଲେଖ କରିଥିଲେ। ଏହି ଘଟଣା ପରେ ଭିଡିଓ ଫୁଟେଜ୍ ସମୀକ୍ଷା କରି ପୋଲିସ ୪ ଜଣଙ୍କୁ ଗିରଫ କରିଥିଲା। କୋପା ଡେଲ୍‌ରେ ଟୁର୍ନାମେଣ୍ଟରେ ରିୟଲ ମାଡ୍ରିଡ୍ ଓ ଆଟ୍‌ଲେଟିକୋ ମାଡ୍ରିଡ୍ ମ୍ୟାଚ୍ ପୂର୍ବରୁ ଏକ କଣ୍ଢେଇ ଉପରେ ଭିନିସିୟସ୍ ଲେଖି ଏହାକୁ ବ୍ରିଜ୍‌ରେ ଝୁଲାଇଥିଲେ। ରିୟଲ ମାଡ୍ରିଡ୍ କୋଚ୍ କାର୍ଲୋ ଆନ୍ସେଲୋଟି ଅସନ୍ତୋଷ ପ୍ରକାଶ କରିବା ସହ ଭିନିସିୟସ୍‌ଙ୍କୁ ପଡ଼ିଆରୁ ବାହାରକୁ ନେଇଥିଲେ। ଏହି ଘଟଣା ପରେ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାଇକୋ ଲୁଲା ଡି ସିଲ୍‌ଭା ଓ ଫିଫା ବିଶ୍ୱକପ୍‌ର ଗୋଲ୍ଡେନ୍ ବୁଟ୍ ବିଜେତା ତଥା ପ୍ୟାରିସ୍ ସେଣ୍ଟ ଜର୍ମେନ୍ ଷ୍ଟ୍ରାଇକର କିଲିଆନ୍ ଏମ୍‌ବାପେ ଖୋଲାଖୋଲି ଭାବେ ଭିନିସିୟସ୍‌ଙ୍କ ପ୍ରତି ସମର୍ଥନ ଜାହିର କରିଥିଲେ। ଉଲ୍ଲେଖଯୋଗ୍ୟ, ୫ ବର୍ଷ ହେଲାଣି ସ୍ପାନିସ୍ ଲିଗ୍ ଖେଳୁଥିବା ବ୍ରାଜିଲ ଫରୱାର୍ଡଙ୍କୁ ସବୁବେଳେ ଜାତିଆଣ ଆକ୍ଷେପର ଶିକାର ହେବାକୁ ପଡ଼ିଥାଏ। ତେବେ ଭିନିସିୟସ୍ ପ୍ରତ୍ୟେକ ଗୋଲକୁ ଡ୍ୟାନ୍ସ କରି ସେଲିବ୍ରେଟ୍ କରୁଥିବାରୁ ଏଭଳି ଆକ୍ଷେପ ବଢ଼ିବାରେ ଲାଗିଛି।

## ଏମ୍‌ସିଏ ସଭାପତିଙ୍କ ହୃଦ୍‌ଘାତରେ ମୃତ୍ୟୁ

ମୁମ୍ବାଇ, ୧୦।୬ (ପି.ଟି.): ନ୍ୟୁୟର୍କରେ ଭାରତ-ପାକିସ୍ତାନ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚ୍ ଦେଖିସାରିବା ପରେ ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ସଭାପତି ଅମୋଲ କାଲେଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ନାସାଉ କାଉଣ୍ଟି କ୍ରିକେଟ ଷ୍ଟାଡିୟମରେ କାଲେ ରବିବାର ଭାରତ-ପାକିସ୍ତାନ ମ୍ୟାଚ ଦେଖିବା ଲାଗି ଅଜିଙ୍କ୍ୟ ନାୟକଙ୍କ ସମେତ ଅନ୍ୟ ଏମ୍‌ସିଏ ଅଫିସିଆଲ ଏବଂ ଆପେକ୍ସ କାଉନ୍‌ସିଲ ସଦସ୍ୟ ସୂରଜ ସମତଙ୍କ ସହ ଉପସ୍ଥିତ ଥିଲେ। ୨୦୨୨ ଅକ୍ଟୋବରରେ ଅନୁଷ୍ଠିତ ନିର୍ବାଚନରେ ୪୭ ବର୍ଷୀୟ କାଲେ ମୁମ୍ବାଇ କ୍ରିକେଟର ସନ୍ଦୀପ ପାଟିଲଙ୍କୁ ହରାଇ ଏମ୍‌ସିଏ ସଭାପତି ହୋଇଥିଲେ। ଏମ୍‌ସିଏରେ ସେ ତାଙ୍କ କାର୍ଯ୍ୟକାଳ ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ତନ୍ମଧ୍ୟରେ ଆଗାମୀ ୨୦୨୪-୨୫ ସିଜନ ପାଇଁ ଏମ୍‌ସିଏର ରେଡ୍ ବଲ୍ ଖେଳାଳିଙ୍କ ମ୍ୟାଚ୍ ଫି' ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମ୍ୟାଚ୍ ଫି' ସହ ସମାନ କରିବା ନିଷ୍ପତ୍ତି ଅନ୍ୟତମ ଥିଲା।

# ଭିନେଶଙ୍କ ଅନୁରୋଧ ରକ୍ଷାକଲା ଆଇଓଏ

ନୂଆଦିଲ୍ଲୀ, ୧୦।୬ (ପି.ଟି.)

ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ଅଲିମ୍ପିକରେ ଅଂଶଗ୍ରହଣ କରୁଥିବା ୬ ରେସ୍‌ଲରଙ୍କ ପ୍ରତି ଅକୁଣ୍ଠ ସମର୍ଥନ ଜାହିର କରିଛି। ଆଇଓଏ ଓ ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ପକ୍ଷରୁ ଭିନେଶ ଫୋଗଟଙ୍କ ଅନୁରୋଧକୁ ମଧ୍ୟ ମଞ୍ଜୁରୀ ମିଳିଛି। ବର୍ତ୍ତମାନ ସୁଦ୍ଧା ୬ ଜଣ ଭାରତୀୟ ଭିନେଶ ଫୋଗଟ(୫୦ କି.ଗ୍ରା.), ଅନ୍ତିମ ପଙ୍ଘାଲ(୫୩ କି.ଗ୍ରା.), ଅଂଶୁ ମଲିକ(୫୭ କି.ଗ୍ରା.), ନିଶା ଦହିୟା(୬୮ କି.ଗ୍ରା.), ରୀତିକା ହୁଡା (୭୬ କି.ଗ୍ରା.) ମହିଳା ବର୍ଗରେ ଓ ଅମନ ଶେରାୱତ (୫୭ କି.ଗ୍ରା.) ଓଜନ ବର୍ଗରେ ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ରେସ୍‌ଲରମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସୋମବାର ଆଇଓଏ ସଭାପତି ପି.ଟି. ଉଷା କହିଛନ୍ତି। ସମସ୍ତ ଅଲିମ୍ପିକ୍ ବାଉଣ୍ଡ ରେସ୍‌ଲରଙ୍କୁ ସମସ୍ତ ପ୍ରକାର ସମର୍ଥନ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଉଷା କହିଛନ୍ତି। ଖେଳାଳିଙ୍କ ପାଇଁ ସମସ୍ତ ଆବଶ୍ୟକ ସମର୍ଥନ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସମସ୍ତ ଖେଳାଳିଙ୍କୁ ଅଭ୍ୟାସ ପାଇଁ ସେମାନଙ୍କ ପସନ୍ଦର ସ୍ଥାନ ପ୍ରଦାନ କରାଯିବ। ସେହିପରି କୋଚ୍, ଫିଜିଓ, ନ୍ୟୁଟ୍ରିଶନିଷ୍ଟ ଓ ମେଣ୍ଟାଲ କଣ୍ଡିସନିଂ କୋଚ୍ ମଧ୍ୟ ଦଳ ସହ ଯାତ୍ରା କରିବେ ବୋଲି ଡବ୍ଲ୍ୟୁଏଫ୍‌ଆଇ ସଭାପତି ସଞ୍ଜୟ ସିଂ କହିଛନ୍ତି।

ଭାରତୀୟ କ୍ରୀଡ଼ା ମନ୍ତ୍ରଣାଳୟର ମିଶନ ଅଲିମ୍ପିକ୍ସ ସେଲ୍ ପକ୍ଷରୁ ଏକାଧିକ ଖେଳାଳିଙ୍କ ଅନୁରୋଧକୁ ମଞ୍ଜୁରୀ ମିଳିଛି। ଭିନେଶ ଫୋଗଟ ବିଭିନ୍ନ ପ୍ରତିଯୋଗିତା ପାଇଁ ଆର୍ଥିକ ସହାୟତା ଦାବି କରିଥିବା ବେଳେ ଏହାକୁ ମଞ୍ଜୁରୀ ମିଳିଛି। ଅଲିମ୍ପିକ୍ସ ପୂର୍ବରୁ ଭିନେଶ ମାଡ୍ରିଡ୍ ଓ ଫ୍ରାନ୍ସର ବୋଲୋନ୍ ସର୍ ମରରେ ଏକ ଅଭ୍ୟାସ କ୍ୟାମ୍ପ କରିବେ।







# ଛେତ୍ରୀଙ୍କ ବିନା ଖେଳିବ ଭାରତ

ଦୋହା, ୧୦।୬(ପି.ଟି.)

ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ-୨ରେ ମଙ୍ଗଳବାର କାତାର ବିପକ୍ଷରେ ଖେଳିବ ଭାରତ। ଭାରତୀୟ କିମ୍ବଦନ୍ତୀ ସୁନୀଲ ଛେତ୍ରୀ ଅବସର ନେଇଥିବା ବେଳେ ତାଙ୍କ ବିନା ଭାରତ ପ୍ରଥମଥର ଖେଳିବ। ଛେତ୍ରୀଙ୍କ ପରେ ୩୨ ବର୍ଷୀୟ ଗୋଲ୍‌କିପର ଗୁରପ୍ରୀତ ସିଂ ସାନ୍ଧୁ ପ୍ରଥମଥର ଦଳର ନେତୃତ୍ୱ ନେଉଛନ୍ତି। ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ଭାରତ ୫ ମ୍ୟାଚ୍‌ରୁ ଗୋଟିଏ ବିଜୟ ସହ ଦୁଇଟି ଲେଖାଏ ମ୍ୟାଚ୍ ଡ୍ର ଓ ପରାଜିତରେ ଶେଷ ହୋଇଛି। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଭାରତ ପ୍ରଥମଥର ପାଇଁ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ-୩କୁ ଉତ୍ତୀର୍ଣ୍ଣ ହେବ। ତେବେ ସୁନୀଲ ଛେତ୍ରୀଙ୍କ ଅନୁପସ୍ଥିତିରେ ଭାରତ ପାଇଁ ଏହା ଏସିଡ୍ ଟେଷ୍ଟ ହେବ।


ଅଭ୍ୟାସ ଅବସରରେ ବିକ୍ରମ ପ୍ରତାପ ସିଂ।

**ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ-୨**

କାତାର ପୂର୍ବରୁ ଯୋଗ୍ୟତା ଅର୍ଜନ କରିସାରିଥିବା ବେଳେ ଏହାର ୨୯ ଜଣିଆ ଦଳରେ ୨୧ ଜଣ ୨୪ ବର୍ଷରୁ କମ୍ ବୟସର ଖେଳାଳି ରହିଛନ୍ତି। କାତାର ଅନଭିଜ୍ଞ ଦଳ ଓହ୍ଲାଉଥିବା ବେଳେ ଭାରତ ପାଇଁ ବିଜୟୀ ହେବାର ଏହା ଏକ ଭଲ ସୁଯୋଗ ରହିବ। ଆଫଗାନିସ୍ତାନ ଓ କୁଏତ୍ ମ୍ୟାଚ୍ ଡ୍ର ରହିବ ତେବେ ଭାରତ ପ୍ରଥମଥର ପରବର୍ତ୍ତୀ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିବ।

## ଜାତୀୟ ରେକର୍ଡ ଭାଙ୍ଗିଲେ ଗୁଲବୀର

ପୋର୍ଟଲାଣ୍ଡ, ୧୦।୬ (ପି.ଟି.)

ଏସିଆନ ଗେମ୍ସ ବ୍ରୋଞ୍ଜ ପଦକ ବିଜେତା ଆଥଲେଟ୍ ଗୁଲ୍‌ବୀର ସିଂ ଏଠାରେ ଅନୁଷ୍ଠିତ ପୋର୍ଟଲାଣ୍ଡ ଟ୍ରାକ୍ ଫେଷ୍ଟିଭାଲ ହାଇ ପରଫର୍ମାନ୍ସ ମିଟ୍‌ର ପୁରୁଷ ୫,୦୦୦ ମିଟର ରେସ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ଜାତୀୟ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ୨୬ବର୍ଷୀୟ ଆଥଲେଟ ୧୩:୧୮.୯୨ ଟାଇମିଂରେ ଗତବର୍ଷ ଲସ୍‌ଆଞ୍ଜେଲ୍ସର ସାଉଣ୍ଡ ରନିଂ ଅନ୍ ଟ୍ରାକ୍ ଫେଷ୍ଟରେ ଅବିନାଶ ସାବ୍‌ଲେ (୧୩:୧୯.୩୦)ଙ୍କ ଦ୍ୱାରା ପ୍ରତିଷ୍ଠିତ ଜାତୀୟ ରେକର୍ଡକୁ ଭଙ୍ଗ କରିଦେଇଥିଲେ। ଉତ୍ତରପ୍ରଦେଶର ଗୁଲ୍‌ବୀରଙ୍କ ବର୍ତ୍ତମାନ ଉଭୟ ୧୦,୦୦୦ ମିଟର ଓ ୫,୦୦୦ ମିଟର ଜାତୀୟ ରେକର୍ଡଧାରୀ ହୋଇପାରିଛନ୍ତି। ଗତବର୍ଷ ହାଙ୍ଗ୍‌ଝୋ ଏସିଆନ ଗେମ୍ସରେ ସେ ୨୮:୧୭.୨୧ ସେକେଣ୍ଡ ଟାଇମିଂରେ ୧୦,୦୦୦ ମିଟର ରେସ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ। ୩ଥର ଏନ୍‌ସିଏଏ ଚାମ୍ପିୟନ ଆମେରିକାର ଡିଷ୍ଟାନ୍ସ ରନର ଡିଲାନ ଜାକବ୍ସ ୧୩:୧୮.୧୮ ସେକେଣ୍ଡ ଟାଇମିଂରେ ଇଭେଣ୍ଟରେ ପ୍ରଥମ ହୋଇଥିଲେ। ଭାରତର କାର୍ତ୍ତିକ କୁମାର ୧୩:୪୧.୦୭ ଟାଇମିଂରେ ୧୭ତମ ସ୍ଥାନରେ ରହିଥିଲେ। ସାବ୍‌ଲେଙ୍କ ସିଜ୍‌ନ ଶ୍ରେଷ୍ଠ ପ୍ରଦର୍ଶନ ଟାଇମିଂ ୧୩:୨୦.୩୭ ରହିଥିବା ବେଳେ ସେ ରେସ୍ ଶେଷ କରିପାରି ନ ଥିଲେ। ପୁରୁଷ ୫,୦୦୦ମିଟର ହାଇପରଫର୍ମାନ୍ସ ଇଭେଣ୍ଟରେ ଅଭିଷେକ ପାଲ୍ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୧୩:୪୧.୫୭ ଟାଇମିଂ ସହ ତୃତୀୟ ହୋଇଛନ୍ତି। ସୂଚନାଯୋଗ୍ୟ, ପୋର୍ଟଲାଣ୍ଡ ଟ୍ରାକ୍ ଫେଷ୍ଟିଭାଲ ହେଉଛି ଯୁକ୍ତରାଷ୍ଟ୍ର ଆମେରିକାର ଅନ୍ୟତମ ପ୍ରିମିୟର ଟ୍ରାକ୍ ମିଟ୍। ବର୍ଷସାରା ଏହି ଇଭେଣ୍ଟଗୁଡ଼ିକରେ ବହୁ ଅଲିମ୍ପିକ ଚାମ୍ପିୟନ, ବିଶ୍ୱ ରେକର୍ଡଧାରୀ, ଜାତୀୟ ରେକର୍ଡଧାରୀ ଏବଂ ବହୁ ସଂଖ୍ୟାରେ ଅଲିମ୍ପିଆନ ଅଂଶଗ୍ରହଣ କରିଥାନ୍ତି।


ଗୁଲ୍‌ବୀର ସିଂ

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ